

ମହାକାଶରୁ ଫେରିବେ ସୁନୀତା ଓ ସାଥୀ | ୬


# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ଟ୍ରୋଲର୍ସଙ୍କୁ କଡ଼ା ଜବାବ ଦେଲେ ହିନା | ୮


RNI Regd. No.ORI ORI 2004/12956  Postal Regd. No. BN/294/21-232  Published Simultaneously from Bhubaneswar, Angul & Berhampur.  www.odishabhaskar.com

ଏକବିଂଶତମ ବର୍ଷ  ସଂଖ୍ୟା-୩୪୬  Vol. 21  No-346  18 MARCH 2025 TUESDAY BHUBANESWAR  ମଙ୍ଗଳବାର, ୧୮ ମାର୍ଚ୍ଚ ୨୦୨୫  ପୃଷ୍ଠା-୮  ମୂଲ୍ୟ: ୭.୦୦


# ପରଲୋକରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନ







- ଆଜି ସ୍ୱର୍ଗଦ୍ୱାରରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ
- ଶେଷ ଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଦେଲେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି
- ଗଭୀର ଶୋକବ୍ୟକ୍ତ କଲେ ମହାମହିମ ରାଷ୍ଟ୍ରପତି
- ଭୁବନେଶ୍ୱରରେ ପହଞ୍ଚିଲା ପାର୍ଥିବ ଶରୀର
- ବିମାନ ବନ୍ଦରରେ ଦିଆଗଲା ଗାର୍ଡ ଅଫ୍ ଅନର୍
- ବିମାନବନ୍ଦରରେ ଶେଷ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ
- ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀଙ୍କ ସମେତ ଶୁଭେଚ୍ଛୁଙ୍କ ଭିଡ଼

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୭।୩ (ବ୍ୟୁରୋ): ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ଦେବେନ୍ଦ୍ର ପ୍ରଧାନଙ୍କର ସୋମବାର ପରଲୋକ ଘଟିଛି। ଦିଲ୍ଲୀସ୍ଥିତ ଅଖିଳ ଭାରତୀୟ ଆୟୁର୍ବେଦ ସଂସ୍ଥାନରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ବରିଷ୍ଠ ରାଜନୀତିଜ୍ଞ ସ୍ୱର୍ଗତଃ ଦେବେନ୍ଦ୍ର ପ୍ରଧାନ ହେଉଛନ୍ତି ବର୍ତ୍ତମାନର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପିତା। ଦୁଇ ଦୁଇଥର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନ ଗତ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଅତ୍ୟଧିକ ଅସୁସ୍ଥତା କାରଣରୁ ତାଙ୍କୁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିଲା। ୧୯୪୧ ମସିହା ଜୁଲାଇ ୧୬ ତାରିଖରେ ଢେଙ୍କାନାଳରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତଃ ପ୍ରଧାନ • ପୃଷ୍ଠା ୫ ଦେଖନ୍ତୁ

### ସ୍ୱର୍ଗତଃ ଦେବେନ୍ଦ୍ର ପ୍ରଧାନଙ୍କ ରାଜନୈତିକ କ୍ୟାରିୟର

| | |
|---|---|
| ୧୯୮୦ ଜାନୁଆରୀ | ଭାରତୀୟ ଜନତାପାର୍ଟିରେ ଯୋଗଦାନ |
| ୧୯୮୦-୧୦୮୩ | ତାଳଚେର ମଣ୍ଡଳ ବିଜେପି ସଭାପତି ମନୋନୀତ |
| ୧୯୮୩-୧୯୮୫ | ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର ବିଜେପି ସଭାପତି |
| ୧୯୮୫-୧୯୮୮ | ଢେଙ୍କାନାଳ ଜିଲ୍ଲା ବିଜେପି ସଭାପତି |
| ୧୯୮୮-୧୯୯୦ | ବିଜେପି ରାଜ୍ୟ ସଭାପତି |
| ୧୯୯୦-୧୯୯୩ | ପୁନର୍ବାର ରାଜ୍ୟ ସଭାପତି ନିର୍ବାଚିତ |
| ୧୯୯୧ | ଦେବଗଡ଼ ଲୋକସଭା କ୍ଷେତ୍ରରୁ ଦଳୀୟ ପ୍ରାର୍ଥୀ |
| ୧୯୯୩-୧୯୯୫ | ରାଜ୍ୟ ବିଜେପିର ସାଧାରଣ ସଂପାଦକ |
| ୧୯୯୫-୧୯୯୭ | ଭାରତୀୟ ଜନତାପାର୍ଟିର ରାଜ୍ୟ ସଭାପତି ଭାବେ ପୁନଃ ନିର୍ବାଚିତ |
| ୧୯୯୭-୧୯୯୮ | ଭାରତୀୟ ଜନତାପାର୍ଟିର ଜାତୀୟ କାର୍ଯ୍ୟକାରୀ ସଦସ୍ୟ |
| ୧୯୯୮ | ଦେବଗଡ଼ ଲୋକସଭା ଆସନରୁ ସାଂସଦ ଓ ମନ୍ତ୍ରୀ |
| ୧୯୯୮-୧୯୯୯ | କେନ୍ଦ୍ର ଭୂପୃଷ୍ଠ ପରିବହନ ରାଷ୍ଟ୍ରମନ୍ତ୍ରୀ |
| ୧୯୯୯-୨୦୦୪ | ଦେବଗଡ଼ ଲୋକସଭା ଆସନରୁ ପୁନଃ ନିର୍ବାଚିତ |
| ୧୯୯୯-୨୦୦୧ | କେନ୍ଦ୍ର ଭୂପୃଷ୍ଠ ପରିବହନ ଏବଂ କୃଷି ରାଷ୍ଟ୍ରମନ୍ତ୍ରୀ |
| ୨୦୦୧-୨୦୦୨ | ବିଜେପିର ଜାତୀୟ ଉପସଭାପତି |

## ୯ଦଫା ଦାବିରେ ବ୍ୟାଙ୍କ ଧର୍ମଘଟ ଡାକରା
# ୪ ଦିନ ବନ୍ଦ ରହିବ ସେବା

ଭୁବନେଶ୍ୱର, ୧୭।୩ (ଭାସ୍କର ନ୍ୟୁଜ): ୯ ଦଫା ଦାବି ପୂରଣ ପାଇଁ ଆସନ୍ତା ୨୪ ଓ ୨୫ ତାରିଖରେ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ଡାକରା ଦେଇଛି ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ

**୨୨ ଓ ୨୩ ସାପ୍ତାହିକ ଛୁଟି**
**୨୪ ଓ ୨୫ ଧର୍ମଘଟ**

ୟୁନିୟନ। ଇଣ୍ଡିଆନ ବ୍ୟାଙ୍କ ଆସୋସିଏସନ ସହିତ ଆଲୋଚନା ବିଫଳ ହେବା ପରେ ଏହି ଧର୍ମଘଟ ଡାକରା ଦିଆଯାଇଛି। ୯ ଦଫା ଦାବିଗୁଡ଼ିକ ମଧ୍ୟରେ ସମସ୍ତ କ୍ୟାଡରରେ ପର୍ଯ୍ୟାପ୍ତ ନିଯୁକ୍ତି, ଅସ୍ଥାୟୀ କର୍ମଚାରୀଙ୍କୁ ନିୟମିତ କରିବା ଏବଂ ବ୍ୟାଙ୍କିଙ୍ଗ୍ ଶିଳ୍ପରେ ୫ ଦିନିଆ କାର୍ଯ୍ୟସପ୍ତାହ ଅନ୍ତର୍ଭୁକ୍ତ। ମିଳିଥିବା ସୂଚନା ଅନୁଯାୟୀ ଏହି ପ୍ରମୁଖ ଦାବିଗୁଡ଼ିକ ଉପରେ ଆଇବିଏ ସହ ଆଲୋଚନା କରାଯାଇଥିଲେ ମଧ୍ୟ କୌଣସି ସକାରାତ୍ମକ ଫଳାଫଳ ମିଳିପାରି ନାହିଁ। ଫଳରେ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ ଆନ୍ଦୋଳନକୁ ଆଗକୁ ନେବାପାଇଁ ଯୋଜନା କରିଛି। ଧର୍ମଘଟରେ ଓଡ଼ିଶାର ୬ ହଜାର ବ୍ୟାଙ୍କ ଶାଖାର ୩୭ହଜାର କର୍ମଚାରୀ ସାମିଲ ହେବେ। ଧର୍ମଘଟ ପୂର୍ବରୁ ୨୨ ଓ ୨୩ ତାରିଖ ଦିନ ସାପ୍ତାହିକ ଛୁଟି ଥିବାରୁ ଲଗାତାର ୪ ଦିନ ବ୍ୟାଙ୍କ ବନ୍ଦ ରହିବାର ସମ୍ଭାବନା ଦେଖାଦେଇଛି। ଏ ନେଇ ୟୁଏଫବିୟୁ ଓଡ଼ିଶା ଶାଖାର ଆବାହକ ଅରୁଣ ବିଶୋୟୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ୯ଟି ବ୍ୟାଙ୍କ କର୍ମଚାରୀ ସଂଘର ସଂଗଠନ ୟୁଏଫବିୟୁ ପୂର୍ବରୁ ଏହି ଦାବିଗୁଡ଼ିକ ପାଇଁ ଧର୍ମଘଟ ଘୋଷଣା କରିଥିଲା। ସେହିପରି ୟୁଏଫବିୟୁ ପକ୍ଷରୁ କୁହାଯାଇଛି ଯେ ଅନ୍ୟ ଦାବିଗୁଡ଼ିକ ହେଉଛି ପିଏଲଆଇ ନେଇ ବିଏଫଏସ୍‌ଙ୍କ ନିର୍ଦ୍ଦେଶାବଳୀ ପ୍ରତ୍ୟାହାର, ବ୍ୟାଙ୍କ କର୍ମଚାରୀଙ୍କୁ ସୁରକ୍ଷା, ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ନିର୍ଦ୍ଦେଶକ ପଦବୀ ପୂରଣ, ଗ୍ରାଚ୍ୟୁଇଟି ଆଇନରେ ସଂଶୋଧନ ଆଦି ରହିଛି। ଅନ୍ୟପକ୍ଷରେ ୪ ଦିନ ବ୍ୟାଙ୍କ ବନ୍ଦ ରହୁଥିବାରୁ ଗ୍ରାହକମାନେ ଅସୁବିଧାର ସମ୍ମୁଖୀନ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ତେଣୁ ଯେଉଁ ଗ୍ରାହକମାନଙ୍କର ବ୍ୟାଙ୍କରେ ଆବଶ୍ୟକତା ରହିଛି, ସେମାନେ ପୂର୍ବରୁ ବ୍ୟାଙ୍କ ଯାଇ କାମ ସାରିବାକୁ କୁହାଯାଇଛି।

## ସଂକ୍ଷେପରେ...

### ଜଙ୍ଗଲ ନିଆଁରେ ମହିଳା ଜୀବନ୍ତ ଦଗ୍ଧ

କାମାକ୍ଷାନଗର, ୧୭।୩ (ଭାସ୍କର ନ୍ୟୁଜ): ଜଙ୍ଗଲ ନିଆଁରେ ଜଳିଗଲେ ମହିଳା। ଏପରି ଏକ ଅଘଟଣ ସୋମବାର କାମାକ୍ଷାନଗର ମହାବିରୋଡ଼ ଥାନା ଗୋବରୀ ଗାଁରେ ଘଟିଛି। ଜଙ୍ଗଲ ନିଆଁ ଘର ଆଡକୁ ମାଡ଼ି ଆସୁଥିବାବେଳେ ତାକୁ ଲିଭାଇବା ପାଇଁ ମହିଳାଜଣକ କେନାଲ ହୁଡ଼ାରେ ଛିଡା ହୋଇ ପାଣି ଢାଳୁଥିବାବେଳେ ଗଳି ପଡ଼ିଥିଲେ। ଫଳରେ ଜଙ୍ଗଲ ନିଆଁ ତାଙ୍କୁ ଗ୍ରାସ କରିଥିଲା।

### ଅଜଣା ଗାଡ଼ି ଧକ୍କାରେ ବାପ-ପୁଅ ମୃତ

ବାରିପଦା, ୧୭।୩ (ଭାସ୍କର ନ୍ୟୁଜ): ସୋମବାର ଅପରାହ୍ନରେ ବାଇକରେ ବହଳଦାରୁ ବାରିପଦାକୁ ଫେରୁଥିବା ବାପ-ପୁଅ ଏକ ଅଜଣା ଗାଡ଼ି ଧକ୍କାରେ ପ୍ରାଣ ହରାଇଛନ୍ତି। ବାଙ୍ଗିରିପୋଷି ଘାଟି ଏନଏଚ୍-୪୯ରେ ଏହି ଅଘଟଣ ଘଟିଛି। ଦୁର୍ଘଟଣା ପରେ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ତଦନ୍ତ ଚଳାଇଛି।

### ୨୦ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୭।୩ (ଭାସ୍କର ନ୍ୟୁଜ): ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁରରେ ୨୦ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଗତ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ମୋଟ ୮୫ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ ଛତିଶଗଡ଼ର ଦାନ୍ତେୱାଡ଼ା, ବିଜାପୁର ଆଦି ଅଞ୍ଚଳ ମାଓପ୍ରବଣ ଅଞ୍ଚଳଭାବେ ବେଶ୍ ପରିଚିତ।

ସେନ୍‌ସେକ୍ସ: ୭୪,୧୬୯.୯୫
ସର୍ବାଧିକ: ୩୬.୮ ଡିଗ୍ରୀ
ସର୍ବନିମ୍ନ: ୨୩.୨ ଡିଗ୍ରୀ

### ୧୭।୩।୨୦୨୫ ର ମତାମତ

ଦୁର୍ଦ୍ଦାନ୍ତ ଅପରାଧିଙ୍କୁ କରାଯାଉଥିବା ଏନକାଉଣ୍ଟର ଠିକ୍ ନୁହେଁ କି ?




### ଆଜିର ପ୍ରସଙ୍ଗ

ଲଘୁ ଖଣିଜର ଚୋରା କାରବାର ରୋକିବାରେ ସରକାର ସମର୍ଥ ହେବେ କି ?

ମତାମତ ଦେବା ପାଇଁ ଲଗ୍ଅନ୍ କରନ୍ତୁ
www.odishabhaskar.com

## ୧୯ ପ୍ରକଳ୍ପକୁ ସିଙ୍ଗଲ ୱିଣ୍ଡୋ ମଞ୍ଜୁରି
# ସୃଷ୍ଟି ହେବ ୧୭,୨୮୬ ନିଯୁକ୍ତି ସୁଯୋଗ




ଭୁବନେଶ୍ୱର, ୧୭।୩ (ଭାସ୍କର ନ୍ୟୁଜ): ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍‌ର ସଫଳତା ପରେ ୧୩୫ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍ଏଲ୍ଏସଡବ୍ଲ୍ୟୁସିଏ) ବୈଠକରେ ୬,୧୧୭ କୋଟି ଟଙ୍କାର ଉଲ୍ଲେଖନୀୟ ପୁଞ୍ଜିନିବେଶ ହୋଇଥିବା ଜଣାଯାଇଛି, ଯାହା ଏକ ପ୍ରମୁଖ ପୁଞ୍ଜିନିବେଶ ସ୍ଥଳ ଭାବେ ଓଡ଼ିଶାର ସ୍ଥିତିକୁ ଆହୁରି ସୁଦୃଢ଼ କରିଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୧୯ଟି ପ୍ରମୁଖ ପ୍ରକଳ୍ପକୁ ଅନୁମୋଦନ ମିଳିଛି ଯାହା, ରାଜ୍ୟର ଶିଳ୍ପ ଓ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବା ସହ ୧୭,୨୮୬ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହି ରାଜ୍ୟସ୍ତରୀୟ ଏକକ ବାତାୟନ କମିଟି ବୈଠକରେ ଜୈବ ଇନ୍ଧନ, ବାୟୋଟେକ୍ନୋଲୋଜି, ଜାହାଜ ନିର୍ମାଣ, ଆଲୁମିନିୟମ, ଖାଦ୍ୟ ପ୍ରକ୍ରିୟାକରଣ, ରସାୟନ, ପୋଷାକ ଏବଂ ସବୁଜ ଶକ୍ତି ଉପକରଣ ସମେତ ୧୦ଟି ଉଚ୍ଚ ପ୍ରଭାବୀ କ୍ଷେତ୍ରର ପ୍ରକଳ୍ପକୁ ଅନୁମୋଦନ ମିଳିଛି। ବଲାଙ୍ଗିର, କଟକ, ଗଞ୍ଜାମ, ଯାଜପୁର, ଜଗତସିଂହପୁର, ଝାରସୁଗୁଡ଼ା, କଳାହାଣ୍ଡି, ଖୋର୍ଦ୍ଧା, କନ୍ଧମାଳ, ରାୟଗଡ଼ା ଓ ସମ୍ବଲପୁର ସମେତ ଓଡ଼ିଶାର ୧୧ଟି ଜିଲ୍ଲାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏହି ପୁଞ୍ଜିନିବେଶ ଫଳରେ ଓଡ଼ିଶା ଦ୍ରୁତ ଶିଳ୍ପ ସମ୍ପ୍ରସାରଣ ଏବଂ ନିଯୁକ୍ତି ସୃଷ୍ଟି ଜାରି ରଖିଛି ଏବଂ ବ୍ୟବସାୟ ପାଇଁ ଏକ ଶୀର୍ଷ ଗନ୍ତବ୍ୟସ୍ଥଳ ଭାବରେ ନିଜକୁ ସ୍ଥାନିତ କରିଛି। ବୈଠକରୁ ଜଣାଯାଇଛି ଯେ, ଜୈବ ଇନ୍ଧନ ଓ ସବୁଜ ଶକ୍ତି କ୍ଷେତ୍ରରେ ଟ୍ରାନ୍ସପେସିଫିକ୍ ଇଞ୍ଜିନିୟରିଂ ପ୍ରାଇଭେଟ୍ ଲିମିଟେଡ୍ ସମ୍ବଲପୁରର ଏକ ବାୟୋକୋଲ କାରଖାନାରେ ୯୦୦ କୋଟି ଟଙ୍କା ବିନିଯୋଗ କରି ୬୩୦ ନିଯୁକ୍ତି ସୃଷ୍ଟି କରିବ ଏବଂ ସାଇସୁଧା ମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍ • ପୃଷ୍ଠା ୫ ଦେଖନ୍ତୁ

## ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ସୂଚନା
# ଓଡ଼ିଶାରେ ଅଫିସର ମରୁଡ଼ି





- ୬୭ ଆଇଏଏସ୍, ୬୯ ଆଇପିଏସ୍ ପଦବୀ ଖାଲି
- ୭୨ ଆଇଏଫଏସ୍ ପଦବୀ ହୋଇନି ପୂରଣ
- ୨୫୩ଟି ଓଏଏସ୍ ପଦବୀ ରହିଛି ଫାଙ୍କା

ଭୁବନେଶ୍ୱର, ୧୭।୩ (ଭାସ୍କର ନ୍ୟୁଜ): ରାଜ୍ୟ ପ୍ରଶାସନରେ ଏକାଧିକ ଅଫିସର ପଦବୀ ଦୀର୍ଘଦିନ ହେବ ଖାଲି ପଡ଼ିଛି। ଆଇଏଏସ୍‌ରୁ ଆରମ୍ଭ କରି ଆଇପିଏସ୍, ଆଇଏଫଏସ୍ ଭଳି ସର୍ବଭାରତୀୟ ସେବା ପଦବୀ ସହ ଓଏଏସ୍, ଓପିଏସ୍ ଭଳି ରାଜ୍ୟ ପଦବୀ ବି ସଂପୂର୍ଣ୍ଣ ପୂରଣ ହୋଇପାରି ନାହିଁ। ସୋମବାର ବିଧାନସଭାରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଓଡ଼ିଶାରେ ୨୪୮ଟି ମଞ୍ଜୁରିପ୍ରାପ୍ତ ଆଇଏଏସ୍ ପଦବୀ ରହିଥିବାବେଳେ ବର୍ତ୍ତମାନ ୧୮୧ଜଣ କାର୍ଯ୍ୟରତ ଅଧିକାରୀ ରହିଛନ୍ତି। ୬୭ଟି ଆଇଏଏସ୍ ପଦବୀ ଖାଲି ରହିଛି। ସେହିଭଳି ୧୯୫ଟି ଆଇପିଏସ୍ ପଦବୀକୁ ମଞ୍ଜୁରି ଦିଆଯାଇଥିବାବେଳେ ୧୨୬ଜଣଙ୍କୁ ନିଯୁକ୍ତି ମିଳିଛି। ଖାଲି ପଡ଼ିଛି ୬୯ଟି ଆଇପିଏସ୍ ପଦବୀ। ସେହିଭଳି ମଞ୍ଜୁରିପ୍ରାପ୍ତ ୧୪୧ଟି ଆଇଏସଏଫ ପଦବୀରୁ ୭୨ଟି ପଦବୀ ପୂରଣ ହୋଇଥିବାବେଳେ ୬୯ଟି ପଦବୀ ଖାଲି ପଡ଼ିଛି। ସେହିପରି ଓଡ଼ିଶା ପ୍ରଶାସନିକ ସେବାରେ ମଧ୍ୟ ଏକା ଅବସ୍ଥା ଦେଖା ଦେଇଛି। ମଞ୍ଜୁରିପ୍ରାପ୍ତ ୨୨୪୮ ଓଏଏସ୍ ପଦବୀ ମଧ୍ୟରୁ ୧୯୯୫ ଅଧିକାରୀ କାର୍ଯ୍ୟରତ ଥିବାବେଳେ ୨୫୩ଟି ପଦବୀ ଖାଲି ପଡ଼ିଛି। ୮୨୯ ଓପିଏଏସ୍ ପଦବୀକୁ ମଞ୍ଜୁରି ମିଳିଥିବାବେଳେ ସେଥିମଧ୍ୟରୁ ୫୭୬ଜଣଙ୍କୁ ନିଯୁକ୍ତି ମିଳିଛି। ୨୫୩ଟି ପଦବୀ ଖାଲି ପଡ଼ିଛି। ଅନ୍ୟପକ୍ଷରେ ଓଡ଼ିଶା ଅର୍ଥସେବାରେ ୧୧୭୨ଟି ମଞ୍ଜୁରିପ୍ରାପ୍ତ ପଦବୀ ରହିଥିବାବେଳେ ୮୯୮ଜଣ ଅଧିକାରୀ କାର୍ଯ୍ୟରତ ରହିଛନ୍ତି। ୨୭୪ଟି ପଦବୀ ଖାଲି ରହିଛି। ସେହିପରି ଓଡ଼ିଶା ବନସେବାରେ ମଞ୍ଜୁରିପ୍ରାପ୍ତ ୧୦୫୮ ପଦବୀ ମଧ୍ୟରୁ ୪୪୭ଜଣ ନିଯୁକ୍ତି ପାଇଥିବାବେଳେ ୬୧୧ଟି ପଦବୀ ଖାଲି ରହିଛି। ଅନ୍ୟପକ୍ଷରେ ଓଆରଏସ୍‌ରେ ୧୨୯୦ ମଞ୍ଜୁରିପ୍ରାପ୍ତ ପଦବୀରୁ ୧୦୨୭ଜଣ କାର୍ଯ୍ୟରତ ଥିବାବେଳେ ୨୬୩ଟି ପଦବୀ ଖାଲି ପଡ଼ିଛି। ତେବେ ଏହି ପଦବୀଗୁଡ଼ିକୁ ପୂରଣ ପାଇଁ ପ୍ରୟାସ ଆରମ୍ଭ ହୋଇଛି ବୋଲି ସୂଚନା ଦେଇଥିଲେ ମୁଖ୍ୟମନ୍ତ୍ରୀ। ଅନ୍ୟପକ୍ଷରେ ବିଜେଡି • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

### ଅର୍ଚ୍ଚିତ ଅନିର୍ବାଣ



ଚଇତି ମାସର ତାତି ଅସମ୍ଭାଳ
ଦିହରୁ ବହୁଛି ଝାଳ,
ଆଗକୁ ରହିଛି ବଇଶାଖ, ଜ୍ୟେଷ୍ଠ
ସ୍ଥିତି ହେବ ଅସମ୍ଭାଳ।
ପ୍ରକୃତିର ଇଏ ଖେଳ,
ପରିବେଶ ନଷ୍ଟ କରି ଏ ମଣିଷ
ନିଜେ ଡାକେ ନିଜ କାଳ !!

## ପାଣିପାଗ ବିଭାଗର ସୂଚନା
# ୬ ଜିଲ୍ଲାରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ

**୪ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ**

**୪୩.୫ ଡିଗ୍ରୀ ସହ ବୌଦ୍ଧ ସବୁଠୁ ଉତ୍ତପ୍ତ**

**ଗତ ଦୁଇଦିନ ଧରି ଥିଲା ସର୍ବାଧିକ ଉତ୍ତପ୍ତ**

ଭୁବନେଶ୍ୱର, ୧୭।୩ (ଭାସ୍କର ନ୍ୟୁଜ): ସାରା ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଲାଗି ରହିଥିବାବେଳେ ପଶ୍ଚିମ ଓଡ଼ିଶାର ସ୍ଥିତି ଅସମ୍ଭାଳ ରୂପ ଧାରଣ କରିଛି। ରବିବାର ୪୩.୬ ଡିଗ୍ରୀ ସହ ବୌଦ୍ଧ ସବୁଠୁ ଉତ୍ତପ୍ତ ସହର ହୋଇଥିବାବେଳେ ସୋମବାର ମଧ୍ୟ ପଶ୍ଚିମ ଓଡ଼ିଶାରେ ତାତିର ପ୍ରଭାବ ଜାରି ରହିଛି। ତେବେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇ କୁହାଯାଇଛି ଯେ ଆଗାମୀ ଦୁଇଦିନ ଓଡ଼ିଶାର ୬ଟି ଜିଲ୍ଲାରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଲାଗି ରହିବ। ତେଣୁ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଝାରସୁଗୁଡ଼ା, ବୌଦ୍ଧ, ବଲାଙ୍ଗୀର, ସୁନ୍ଦରଗଡ଼, ଅନୁଗୋଳ ଓ କଳାହାଣ୍ଡି ପାଇଁ ଏହି ସତର୍କ ସୂଚନା ଜାରି କରାଯାଇଛି। ଝାରସୁଗୁଡ଼ା ଏବଂ ବୌଦ୍ଧ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରଚଣ୍ଡ ହିଟ୍‌ୱେଭ୍ ନେଇ ପୂର୍ବାନୁମାନ କରାଯାଇଛି। ତେଣୁ ଏହି ଦୁଇଟି ଜିଲ୍ଲାପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିଭଳି ବଲାଙ୍ଗୀର, ସୁନ୍ଦରଗଡ଼, ଅନୁଗୋଳ ଏବଂ କଳାହାଣ୍ଡି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଏହିସବୁ ଜିଲ୍ଲାର ବାସିନ୍ଦାଙ୍କୁ ଗ୍ରୀଷ୍ମଲହରୀ • ପୃଷ୍ଠା ୫ ଦେଖନ୍ତୁ

## ପଞ୍ଚଭୂତରେ ବିଲୀନ ହେଲା ରମାକାନ୍ତଙ୍କ ପାର୍ଥିବ ଶରୀର
# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ



ଭୁବନେଶ୍ୱର/ପୁରୀ, ୧୭।୩ (ଭାସ୍କର ନ୍ୟୁଜ): ପଞ୍ଚଭୂତରେ ବିଲୀନ ହେଲା ବିଶିଷ୍ଟ କବି ତଥା ଅବସରପ୍ରାପ୍ତ ପ୍ରଶାସକ ରମାକାନ୍ତ ରଥଙ୍କ ପାର୍ଥିବ ଶରୀର। ସୋମବାର ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ପିନାକୀ ରଥ ମୁଖାଗ୍ନି ଦେଇଥିଲେ। ଶେଷକୃତ୍ୟରେ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ମଧ୍ୟ ହୋଇଥିଲେ। ସ୍ୱର୍ଗତଃ ରଥ ଦୀର୍ଘଦିନ ହେବ ଅସୁସ୍ଥ ଥାଇ ଚିକିତ୍ସିତ ହେଉଥିଲେ। ରବିବାର ସେ ତାଙ୍କର ଖାରବେଳନଗର ସ୍ଥିତ ବାସଭବନରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ସୋମବାର ସକାଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗତ ୫ମାସ ହେବ ସ୍ୱର୍ଗତଃ ରଥଙ୍କ • ପୃଷ୍ଠା ୫ ଦେଖନ୍ତୁ

## ଶ୍ରୀମନ୍ଦିରରୁ ବଡ଼ ସଙ୍କେତ
# ପତିତପାବନ ବାନାରେ ପଡ଼ିଲା ଶୂନ୍ୟ ଗଣ୍ଠି



ପୁରୀ, ୧୭।୩ (ଭାସ୍କର ନ୍ୟୁଜ): ପୁରୀ ଶ୍ରୀମନ୍ଦିରରେ ସୋମବାର ସକାଳେ ଏକ ଦୁର୍ଲ୍ଲଭ ଦୃଶ୍ୟ ଦେଖିବାକୁ ମିଳିଛି। ଏହି ଅଲୌକିକ ଦୃଶ୍ୟ ଦେଖି ସେବାୟତ ଓ ଭକ୍ତମାନେ ମଧ୍ୟ ଚକିତ ହୋଇଯାଇଛନ୍ତି। ଶ୍ରୀମନ୍ଦିର ପତିତପାବନ ବାନାରେ ପଡ଼ିଲା ଶୂନ୍ୟଗଣ୍ଠି। ନୀଳଚକ୍ରରେ ଲାଗିଥିବା ବାନାରେ ଏହି ଶୂନ୍ୟଗଣ୍ଠି ପଡ଼ିଥିବା ସୋମବାର ସକାଳେ ଦେଖିବାକୁ ମିଳିଥିଲା। ତେବେ ଶୂନ୍ୟଗଣ୍ଠି ପଡ଼ିବା ପରେ ଏହାକୁ ଅତ୍ୟନ୍ତ ଶୁଭଦାୟକ ବୋଲି କହିଛନ୍ତି ଶ୍ରୀମନ୍ଦିର ସେବାୟତ। ସେମାନେ କହିଛନ୍ତି ଯେ ବିଶ୍ୱାସ ରହିଛି ଶୂନ୍ୟଗଣ୍ଠି ଘରେ ରଖିଲେ ସମସ୍ତ ପ୍ରକାର ବ୍ୟାଧିରୁ ମୁକ୍ତି ମିଳିଥାଏ। ସେହିପରି ଚୁନରା ସେବକ କହିଛନ୍ତି, ଏହି ଗଣ୍ଠି ଘରେ ରଖିଲେ ବିପଦ ଆପଦ ଦୂର ହୋଇଥାଏ। ଶୂନ୍ୟ ଶୂନ୍ୟରେ ପତିତପାବନ ବାନାରେ ଗଣ୍ଠି ପଡ଼ିଲେ ତାହାକୁ ଶୂନ୍ୟଗଣ୍ଠି କୁହାଯାଇଥାଏ। ତେବେ ରବିବାର ପ୍ରବଳ ପବନ ବୋହିଥିବା ଯୋଗୁ ପତିତପାବନରେ ଶୂନ୍ୟଗଣ୍ଠି ପଡ଼ି ଯାଇଥିବା କୁହାଯାଉଛି। ତେବେ ଯାହାହେଲେ ବି ଏହା ଏକ ଶୁଭ ସଂକେତ ବୋଲି ସେବାୟତ କହିଛନ୍ତି। ତେବେ ଏହି ଶୂନ୍ୟଗଣ୍ଠି ବାନାକୁ ସୋମବାର ସନ୍ଧ୍ୟାରେ ସେବାୟତମାନେ ଓହ୍ଲାଇ ନୂଆବାନା ଲଗାଇଛନ୍ତି।



ଏରସମା (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ବଳେଇପୁର ପଞ୍ଚାୟତର ଚକୁଳିଆ ଗ୍ରାମରେ ବଜରଙ୍ଗ ବାଲିଙ୍କ ୫ମ ବାର୍ଷିକ ଜନ୍ମ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଘଣ୍ଟଘଣ୍ଟା, ଝାଞ୍ଜ ମୃଦଙ୍ଗ, କୀର୍ତ୍ତନ, ଶଙ୍ଖ, ହୁଳହୁଳୀ, ହରିବୋଲ ସାଙ୍ଗକୁ ଗୋପାଳ ପୁଅଙ୍କ ନଉଡି ଖେଳରେ ପ୍ରକମ୍ପିତ ହୋଇ ଉଠୁଛି ଗାଁ ଦାଣ୍ଡ ଓ ବଜରଙ୍ଗ ବାଲିଙ୍କ ଭକ୍ତି ପୀଠ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଚକୁଳିଆ ଗ୍ରାମର ଲୋକମାନେ ମହାଆଡମ୍ବର ସହକାରେ ୫ମ ବାର୍ଷିକ ବଜରଙ୍ଗ ବାଲିଙ୍କ ଜନ୍ମ ଉତ୍ସବ ପାଳନ କରିଛନ୍ତି। ବଜରଙ୍ଗ ବାଲିଙ୍କ ଜନ୍ମ ଉତ୍ସବ ନିମନ୍ତେ ଗ୍ରାମର ପୁରୁଷ ଓ ମହିଳାମାନେ ୧୦୮ କଳସୀ ନେଇ ମନ୍ଦିର ପ୍ରାଙ୍ଗଣରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ହାଡୁଆ ନଦୀରୁ ଜଳ ଉଠାଇ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ। ପ୍ରତିବର୍ଷ ଏହି ଜନ୍ମ ଉତ୍ସବ ଚୈତ୍ର ମାସ କୃଷ୍ଣପକ୍ଷ ଦ୍ୱିତୀୟା ତିଥିରେ କରାଯାଉଥିବା ବେଳେ କର୍ତ୍ତା ଭାବେ ନିରଞ୍ଜନ ସ୍ୱାଇଁ ଓ କର୍ତ୍ତି ଭାବେ ରିନଖି ମହାପାତ୍ର ପୂଜାର୍ଚ୍ଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଚିତ୍ରା ନନ୍ଦ ବିଶ୍ୱାଳ, ରାଜକିଶୋର ଭୋଳ, ରାଜନ ଜେନା, ମାଳି ଚରଣ ଭୋଳ, ଭାଗ୍ୟଜିତ୍ ଜେନା, ଧୀର ରାଉତ, ବିଶ୍ୱନାଥ ଭୋଳ, ନିଶାକର ଭୋଳ, କାଶୀନାଥ ଭୋଳ, ଶିବ ପ୍ରସାଦ ଭୋଳ, ଚୈତନ୍ୟ ମହାନ୍ତି, ସୁଶିଲ ଭୋଳ, ନିର୍ଭୟ ମହାନ୍ତି, ଶଶୀ ଭୂଷଣ ଭୋଳ ଓ ସୁକାନ୍ତ ଭୋଳ ପ୍ରମୁଖଙ୍କ ସମେତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

## ସୁଭଶ୍ରୀଙ୍କୁ ମିଳିଲା ବୋଲଗଡ ନୋଟାରୀ ଦାୟିତ୍ୱ



ବୋଲଗଡ (ଭାସ୍କର ନ୍ୟୁଜ): ବୋଲଗଡ଼ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ଆଇନଜୀବୀ ଶୁଭଶ୍ରୀ ବେବର୍ତ୍ତା ପଟ୍ଟନାୟକ (ଝିଲି)ଙ୍କୁ ନୋଟାରୀ ଦାୟୀତ୍ୱ ମିଳିଛି। ଭାରତ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା ତଥା ବୋଲଗଡ଼ ତହସିଲ ଅଂଚଳରେ ସୁଶ୍ରୀ ବେବର୍ତ୍ତା ପଟ୍ଟନାୟକ ନୋଟାରୀ କାର୍ଯ୍ୟ ସୁଚାରୁ ରୁପେ ସମ୍ପାଦନ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଅଛି। ସୁଶ୍ରୀ ବେବର୍ତ୍ତା ପଟ୍ଟନାୟକଙ୍କୁ ଏହି ଗୁରୁ ଦାୟୀତ୍ୱ ମିଳିବା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି। ପୂର୍ବରୁ ଏହି ଦାୟିତ୍ୱରେ ଥିବା ନବକିଶୋର ରାଉତରାୟଙ୍କ ଦେହାନ୍ତ ପରେ ଦୀର୍ଘଦିନ ହେଲା ତହସିଲ ଅଞ୍ଚଳର ନୋଟାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିଲା। ତେବେ ସୁଶ୍ରୀ ଶୁଭଶ୍ରୀ ନୋଟରୀ ଦାୟୀତ୍ୱ ପାଇବା ପରେ ଅଞ୍ଚଳର ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତି ବିଶେଷ ସମେତ ବହୁ ବୁଦ୍ଧିଜୀବୀ ପ୍ରମୁଖ ଫୁଲତୋଡା ଦେଇ ଅଭିନନ୍ଦନ ଜଣାଇଛନ୍ତି।

## ମାଲୁଦ ୨୪ମୌଜା ପଞ୍ଚୁଦୋଳ ମେଳଣ ପାଇଁ ପ୍ରସ୍ତୁତି



କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦର ଐତିହାସିକ ମାଲୁଦ ୨୪ମୌଜା ମେଳଣ ଯାତ୍ରାର ପ୍ରସ୍ତୁତି ବୈଠକ ମାଲୁଦ ୯ମୌଜା ଓ ବଜ୍ରକୋଟ ୧୫ମୌଜାର ମିଳିତ ବୈଠକ ପଞ୍ଚୁଦୋଳ ସଦର ମଣ୍ଡପ ଠାରେ ୨୪ମୌଜାର ୩୫ଖଣ୍ଡ ଗ୍ରାମର ପଞ୍ଚୁଦୋଳ ପରିଚାଳନା କମିଟିର ସମସ୍ତ ସଭ୍ୟ ଓ ଯୁବସଂଗଠନ ସଭ୍ୟଙ୍କ ଉପସ୍ଥିତରେ ୨୪ମୌଜା ମାର୍ଫାତଦାର ତଥା ସଭାପତି ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଐତିହାସିକ ପଞ୍ଚୁଦୋଳକୁ କିପରି ପରମ୍ପରା ରୀତିନୀତି ଅନୁଯାୟୀ ଚଳିତ ବର୍ଷ ଶାନ୍ତିଶୃଙ୍ଖଳାର ସହିତ ପରିଚାଳନା କରାଯିବ, ସେନେଇ ଆଲୋଚନା କରାଯାଇଥିଲା। ଏଥିସହିତ ମାର୍ଚ୍ଚ ମାସ ୧୯ତାରିଖରେ ମାଲୁଦ ୯ମୌଜା ତରଫ ଓ ବଜ୍ରକୋଟ, ନନ୍ଦଳା ୧୫ମୌଜା ତରଫ ଶୁଭଲଗ୍ନ ଅପରାହ୍ଣ ୪ଘଣ୍ଟା ସମୟରେ ବହୁ ଆଡମ୍ବର ସହକାରେ ପଟୁଆର ସହିତ ଶାନ୍ତିଶୃଙ୍ଖଳା ସହ ସ୍ଥାପନ କରାଯିବ। ୨୦ତାରିଖ ଦିନ ସକାଳ ୯ଘଣ୍ଟା ସମୟରେ ୨୪ ମୌଜାର ସମସ୍ତ ଶ୍ରୀଜୀଉ ଓ ଗଞ୍ଜାମ ଜିଲ୍ଲା ପ୍ରୟାଗି ଗ୍ରାମର ଶ୍ରୀଜୀଉମାନେ ଆଡମ୍ବର ସହକାରେ ପଟୁଆର ସଂକୀର୍ତ୍ତନ ଓ ସମରକଳା ପାଇକ ଖେଳ ପ୍ରଦର୍ଶନ ପୂର୍ବକ ସୁସଜ୍ଜିତ ବିମାନରେ ବିରାଜିତ ଶ୍ରୀଜୀଉମାନଙ୍କୁ ନେଇ ପଞ୍ଚୁ ଦୋଳ ମେଳଣ ପଡିଆରେ ଥିବା ନିଜ ନିଜ ଆସ୍ଥାନ ଉପରେ ବିଜେ କରାଇବେ। ଶ୍ରୀ ଶ୍ରୀ ଠାକୁରମାନେ ଏଠାରେ ୩ଦିନ ରହିବା ପରେ ୨୩ତାରିଖ ଦିନ ସକାଳ ୭ଘଣ୍ଟା ସମୟରେ ୨୩ ଠାକୁରଙ୍କ ମହାମେଳଣ ଅନୁଷ୍ଠିତ ହେବ। ୨୦ତାରିଖ ଠାରୁ ୨୨ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ଅପରାହ୍ଣ ୪ସମୟରେ ସମର କ୍ରୀଡା ପାଇକ ସନ୍ଧ୍ୟା ୬ଘଣ୍ଟାରେ ଓଡ଼ିଶାରେ ପ୍ରସିଦ୍ଧ ଲାଭ କରିଥିବା ଭାରତ ଲୀଳା ସନ୍ଧ୍ୟା ୭ଘଣ୍ଟା ସମୟରେ ଆମ ପୁସ୍ତକ ମେଳାରେ ଆଞ୍ଚଳିକ କବି ଲେଖକ ପ୍ରାବନ୍ଧିକ ଓ ଗାଳ୍ପିକଙ୍କ ପୁସ୍ତକ ଉନ୍ମୋଚନ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ ଓ କବିଙ୍କ ସ୍ୱରଚିତ କବିତା ଆସର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରାତ୍ରି ୧୧ ଘଟିକା ସମୟରେ ଓଡ଼ିଶାରେ ଚହଳ ସୃଷ୍ଟି କରିଥିବା ଦୁଇଟି ଗଣନାଟ୍ୟ ତିନିଦିନ ଧରି ଖୋଲାମଞ୍ଚରେ ପରିବେଷଣ କରିବେ। ଏହି ମେଳଣ ଯାତ୍ରାରେ ଲକ୍ଷାଧିକ ଜନସମାଗମକୁ ଦୃଷ୍ଟିରେ ରଖି ୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ। ଏହି ପଞ୍ଚୁଦୋଳ ମେଳଣ ଯାତ୍ରା ଶୃଙ୍ଖଳା ସହ ଉପଭୋଗ କରିବା ପାଇଁ ୨୪ମୌଜା ପଞ୍ଚୁଦୋଳ ଯାତ୍ରା ପରିଚାଳନା କମିଟି ସଭାପତି ସଂଗ୍ରାମ କେଶରୀ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ରାମଚନ୍ଦ୍ର ବୈରୀଗଞ୍ଜନ, ସମ୍ପାଦକ ଶରତ ଚନ୍ଦ୍ର ମହାପାତ୍ର, ମାରଫତଦାର ସମ୍ବିତ କୁମାର ରାଉତରାୟ, ଯୁବ ସଂଗଠନ ସଭାପତି ଅଜୟ କୁମାର ବିଶ୍ୱାଳ, ସମ୍ପାଦକ ସୁରେଶ ପଲେଇ ପ୍ରମୁଖ ସୂଚନା ଦେଇଛନ୍ତି।

## ଟାଟା ଷ୍ଟିଲ ଫାଉଣ୍ଡେସନ ଏବଂ ଟିଏମ୍ଆଇଏଲ୍ ପକ୍ଷରୁ ଉନ୍ନତ ରୋଷେଇ ଚୁଲ୍ଲା ବଣ୍ଟନ

# ୧୦୦ ଆଦିବାସୀ ମହିଳା ଉପକୃତ, ଖୁବଶୀଘ୍ର ପାଇବେ ଆଉ ୫୫୦ଜଣ



ବ୍ୟାସନଗର (ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା ଦାନଗଦୀ ଓ ସୁକିନ୍ଦା ବ୍ଲକର ଆଦିବାସୀ ପରିବାରର ୧୦୦ଜଣ ମହିଳାଙ୍କୁ ଉନ୍ନତ ରୋଷେଇ ଚୁଲ୍ଲା ପ୍ରଦାନ କରାଯାଇଛି। ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସଏଫ) ଏବଂ ଟିଏମ ଇଣ୍ଟରନ୍ୟାସନାଲ ଲଜିଷ୍ଟିକ୍ସ ଲିମିଟେଡ (ଟିଏମଆଇଏଲ) ମଧ୍ୟରେ ମିଳିତ ଉଦ୍ୟମରେ ସ୍ଥାନୀୟ ଜନସାଧାରଣଙ୍କ ଜୀବନଧାରଣ ମାନରେ ଉଲ୍ଲେଖନୀୟ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟରେ ଆଗାମୀ ସପ୍ତାହରେ ଆଉ ୫୫୦ଜଣ ମହିଳାଙ୍କୁ ରୋଷେଇ ଚୁଲ୍ଲା ପ୍ରଦାନ କରାଯିବ, ଯାହା ପ୍ରକଳ୍ପର ବ୍ୟାପକତା ଏବଂ ପ୍ରଭାବକୁ ବଢ଼ାଇବ। ଇନ୍ଧନ ବ୍ୟବହାର ଏବଂ ଧୂଆଁ ନିର୍ଗମନ ହ୍ରାସ କରିବ। ଘର ଭିତରେ ବାୟୁ ପ୍ରଦୂଷଣକୁ ହ୍ରାସ କରି ସ୍ୱାସ୍ଥ୍ୟକ୍ଷେତ୍ରରେ ଉନ୍ନତି ଆଣିବ। କାଠ ସଂଗ୍ରହ ପାଇଁ ଆବଶ୍ୟକ ସମୟ ହ୍ରାସ କରିବ, ଜଙ୍ଗଲ ନଷ୍ଟ ଏବଂ କାର୍ବନ ନିର୍ଗମନକୁ ହ୍ରାସ କରି ପରିବେଶର ଦୀର୍ଘସ୍ଥାୟୀତାକୁ ପ୍ରୋତ୍ସାହିତ କରିବା ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ। କଳିଙ୍ଗନଗର ନିକଟସ୍ଥ ୨୪ଟି ପଞ୍ଚାୟତର ଆଦିବାସୀ ପରିବାର, ଯେଉଁମାନେ ମୁଖ୍ୟତଃ ରୋଷେଇ ପାଇଁ ଜାଳେଣି କାଠ ଓ ବାୟୋମାସ୍ ବ୍ୟବହାର କରନ୍ତି, ସେମାନଙ୍କୁ ଉନ୍ନତ ରୋଷେଇ ଚୁଲ୍ଲା ବଣ୍ଟନ ପାଇଁ ଲକ୍ଷ୍ୟ ରଖାଯାଇଥିଲା। କମ୍ପାନୀ ଦ୍ୱାରା ଘରକୁ ଘର ବୁଲି ଗୋଟିଏ ସର୍ବେକ୍ଷଣ କରାଯାଇ ଶ୍ୱାସକ୍ରିୟା ଜନିତ ସମସ୍ୟାରେ ପୀଡ଼ିତ ସଦସ୍ୟଥିବା ପରିବାରଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ଉନ୍ନତ ରୋଷେଇ ଚୁଲ୍ଲା ବଣ୍ଟନ ନିମନ୍ତେ ଚୟନ କରାଯାଇଥିଲା। ଟିଏମ୍ଆଇଏଲର (ମୁଖ୍ୟ ଆଇଡବ୍ଲ୍ୟୁଏମ୍ଏଲ୍, ସିଏସ୍ଆର୍ ଆଣ୍ଡ ସଷ୍ଟେନେବିଲିଟି) ଅତନୁ ବସୁଙ୍କ କହିବା ମୁତାବକ, 'ସାମାଜିକ ଦାୟିତ୍ୱ ପ୍ରତି ଟାଟା ଗ୍ରୁପର ପ୍ରତିବଦ୍ଧତା ସହିତ ସଂଯୁକ୍ତ ଏହି ପ୍ରକଳ୍ପ ଦକ୍ଷ ରୋଷେଇ ଚୁଲ୍ଲା ମାଧ୍ୟମରେ ଅନେକ ମାତ୍ରାରେ ସ୍ୱାସ୍ଥ୍ୟ ଏବଂ ପରିବେଶ ସମସ୍ୟାର ମୁକାବିଲା କରାଯାଇ ପାରିବ। ଇନ୍ଧନ ଖର୍ଚ୍ଚ ହ୍ରାସ କରି ଆର୍ଥିକ ସମସ୍ୟା ଦୂର କରିବାରେ ସାହାଯ୍ୟ କରିବ। ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ଦିଗରେ ଟାଟା ଷ୍ଟିଲ ଫାଉଣ୍ଡେସନର ସହଯୋଗ ପାଇଁ ଆମେ କୃତଜ୍ଞ। କଳିଙ୍ଗନଗରସ୍ଥିତ ଟାଟା ଷ୍ଟିଲ୍ ଫାଉଣ୍ଡେସନର କ୍ଲଷ୍ଟର ମୁଖ୍ୟ ଦେବାଞ୍ଜନ ମୁଖାର୍ଜୀ କହିଛନ୍ତି ଯେ, କଳିଙ୍ଗନଗର ଇକୋସିଷ୍ଟମରେ ଆମର ପ୍ରୟାସ ହେଉଛି ସ୍ଥାନୀୟ ଜନସାଧାରଣ, ବିଶେଷକରି ଆଦିବାସୀ ଲୋକମାନଙ୍କ ପାଇଁ ସମାନତା ଆଣିବ। ଉନ୍ନତ ରୋଷେଇ ଚୁଲ୍ଲା ଯୋଗାଇବା ଦ୍ୱାରା କେବଳ ଜଳବାୟୁ ସହନଶୀଳ ରୋଷେଇର ସମାଧାନ ମିଳିପାରିବ ନାହିଁ ବରଂ ଆଦିବାସୀ ମହିଳାଙ୍କ ପାଇଁ ସମ୍ମାନର ଭାବନା ମଧ୍ୟ ସୃଷ୍ଟି ହେବ। ଯାଜପୁରର ଆଦିବାସୀ ଲୋକମାନଙ୍କର ସୁସ୍ଥ ଓ ଦୀର୍ଘସ୍ଥାୟୀ ଭବିଷ୍ୟତ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

## ଜୈବିକ ପନିପରିବା ଓ ବିହନ ମେଳା



ଭଞ୍ଜନଗର (ଭାସ୍କର ନ୍ୟୁଜ) : ଭଞ୍ଜନଗର ପାର୍କ ସ୍ଥିତ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ପରିଷଦ ସମ୍ମିଳନୀ କକ୍ଷରେ ଜୈବିକ ପନିପରିବା ଓ ବିହନ ମେଳା ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଇନା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗ ଦେଇ ବିହନ ମେଳାକୁ ଉଦ୍‌ଘାଟନ କରିବା ସହ ବୁଲି ଦେଖିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବ୍ଲକ ସାଂସଦ ପ୍ରତିନିଧି ରବୀନ୍ଦ୍ର କୁମାର ଗୌଡ଼, ଗୋଳା ପଡ଼ା ସରପଞ୍ଚ ସୁକାନ୍ତ କୁମାର ମଲିକ, ଦଦରା ଲୁଣ୍ଡା ସରପଞ୍ଚ ନିରଞ୍ଜନ ସେଠୀ, ବାଉଁଶ ଲୁଣ୍ଡି ସରପଞ୍ଚ ଉଦ୍ଧବ ମିଶ୍ର, ଡୁମାକୁମ୍ପା ସରପଞ୍ଚ ପ୍ରତିନିଧି ହୃଷିକେଶ ପ୍ରଧାନ, ସିଡ଼ିପିଓ ମିଲିମା କୁମାରୀ ପଣ୍ଡା, ଆଇନାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ବିଶ୍ୱାଳ ଉପସ୍ଥିତ ଥିଲେ। ରାସାୟନିକ ସାର ଠାରୁ ଦୂରେଇ ଜୈବିକ ପ୍ରଣାଳୀରେ ପାରମ୍ପରିକ ଦେଶୀ ବିହନ ବ୍ୟବହାର ଉପରେ ଆଲୋଚନା ହୋଇଥିଲା। ତେଣୁ ଜୈବିକ ଚାଷ ଦ୍ୱାରା କମ ଖର୍ଚ୍ଚରେ ଚାଷୀ ଅଧିକ ଲାଭବାନ ହୋଇପାରିବ ବୋଲି ବିଧାୟକ ଶ୍ରୀ ନାୟକ କହିଥିଲେ। ଏଥିରେ ଭଞ୍ଜନଗର ବ୍ଲକର ୩୦ଟି ଗ୍ରାମରୁ ୨୦୮ଜଣ ମହିଳା ଚାଷୀ ଯୋଗ ଦେଇଥିଲେ। ପ୍ରକଳ୍ପ ସଂଯୋଜକ କରୁଣାକର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଶ୍ୱନାଥ ଗୌଡ଼, ଟୁକୁନା ଖଟେଇ, ଅସିତ କୁମାର ସାବତ, ନବାନି ନାୟକ, ପ୍ରାଚୀରାଣୀ ସେଠୀ ସହଯୋଗ କରିଥିଲେ।

## ବିନା ସେଫ୍ଟିବେଲ୍ଟରେ ଚାଲିଛି ପାଣିଟାଙ୍କି କାମ

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ବକ୍ସିବାରିଗାଁ ପଞ୍ଚାୟତର ବାଇଜାପଡ଼ା ଓ ଶାଳବେଡ଼ା ମଝିରେ ଥିବା ଜଙ୍ଗଲରେ ଏବେ ନିର୍ମାଣ ହେଉଛି ଏକ ଓଭର ହେଡ ପାଣି ଟାଙ୍କି। ନିର୍ମାଣ ସ୍ଥଳରେ ଇଞ୍ଜିନିୟର ଉପସ୍ଥିତ ରହି କାମ ତଦାରଖ କରୁଛନ୍ତି। ଶ୍ରମିକମାନେ କାମ କିପରି ଜଲଦି ସାରିବେ ଜୋରସୋର୍ କାମରେ ଲାଗି ପଡିଛନ୍ତି। ତେବେ ଦେଖାଯାଉଛି ଏଠାରେ କାମ କରୁଥିବା ଶ୍ରମିକଙ୍କ ମୁଣ୍ଡରେ ହେଲମେଟ ଅଛି ନା ପାଦରେ ଜୋତା ରହିଛି। ଏପରିକି ପାଣି ଟାଙ୍କି ଉପରକୁ ଚଢ଼ିବାବେଳେ ସେମାନେ ସେଫ୍ଟି ବେଲ୍ଟ ବ୍ୟବହାର କରୁନାହାନ୍ତି। ଏବେ ଠିକ୍ ଚାଲିଛି ତ ଠିକ୍ ତେବେ କେତେବେଳେ କିଛି ଅଘଟଣ ହେଲେ ବହୁତ କଥା ଉଠିପାରେ, ଏପରିକି ସେତେବେଳେ ଶ୍ରମିକ ମାନେ କ୍ଷତିପୂରଣ ବୀମା ଟଙ୍କା ମଧ୍ୟ ପାଇ ନପାରନ୍ତି। ତେଣୁ ପ୍ରଶାସନ ଏହି କଥା ଜାଣି ପଦକ୍ଷେପ ନେବାକୁ ଆଲୋଚନା ହେଉଛି।

## ଦାବି ପୂରଣ ନହେଲେ ୨୪ରୁ ଆନ୍ଦୋଳନ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ସ୍ଥାୟୀ ନିଯୁକ୍ତି ଓ ସ୍ଥାୟୀ ହେବା ପର୍ଯ୍ୟନ୍ତ ଚାକିରୀ ନିରାପତ୍ତା, ଛଟେଇ ବନ୍ଦ ଓ ଛଟେଇ କର୍ମଚାରୀଙ୍କ ପୁନଃ ନିଯୁକ୍ତି, ନିୟମିତ ଦରମା ପ୍ରଦାନ ତଥା ଆଉଟ ସୋରସିଂ କର୍ମଚାରୀଙ୍କ ସମାନ ସୁବିଧା ସୁଯୋଗ ପ୍ରଦାନ ଦାବିରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର କାର୍ଯ୍ୟରତ ସରକାରୀ ଆଉଟ ସୋରସିଂ କର୍ମଚାରୀ ତରଫରୁ ୧୦ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ ପରେ ସୋମବାର କଳାବ୍ୟାଜ ପରିଧାନ କରି ନିଜ କାର୍ଯ୍ୟ ଶାନ୍ତି ଶୃଙ୍ଖଳା ସହ କରିଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ମନରେଗା କର୍ମଚାରୀ, ରୁରାଲ ହାଉସିଂ, ମହିଳା ଓ ଶିଶୁ ବିକାଶ, ଯୋଗାଣ ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ କର୍ମଚାରୀ କଳା ବ୍ୟାଜ ପିନ୍ଧି କାମ କରିଥିଲେ। ୧୭ତାରିଖରୁ ୨୧ତାରିଖ ଯାଏଁ କଳାବ୍ୟାଜ ପିନ୍ଧି ନିଜ କାର୍ଯ୍ୟ କରିବେ। ସରକାରଙ୍କ ତରଫରୁ ସକାରାତ୍ମକ ପଦକ୍ଷେପ ନିଆ ନଗଲେ ଅବା ଦାବୀ ପୂରଣ ନହେଲେ ୨୪ତାରିଖ ଭୁବନେଶ୍ୱରସ୍ଥିତ ଲୋୟର ପିଏମଜିରେ ଅନିର୍ଦ୍ଦିଷ୍ଟ କାଳ ପାଇ ଆନ୍ଦୋଳନ ଜାରୀ ରହିବ ବୋଲି ସୂଚନା ଦେଇଛନ୍ତି।

## ଡିଲରଙ୍କ ପାଖରୁ ବିପୁଳ ପରିମାଣର ବିଦେଶୀ ମଦ ଜବତ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍) : ନିଶ୍ଚିନ୍ତକୋଇଲି ବ୍ଲକ ବରାଦୋ ଗ୍ରାମପଂଚାୟତର ଜଣେ ସରକାରୀ ଡିଲରଙ୍କ ଘରୁ ଅବକାରୀ ବିଭାଗ ତରଫରୁ ଚଢାଉ କରାଯାଇ ବିପୁଳ ପରିମାଣର ବିଦେଶୀ ମଦ ଜବତ କରାଯାଇଥିବାର ଜଣାଯାଇଛି। ଦୀର୍ଘଦିନ ହେଲା ସମ୍ପୃକ୍ତ ଡିଲର ଜଣକ ପୋଲିସ ପ୍ରଶାସନ ସର୍ବୋପରି ଅବକାରୀ ବିଭାଗର ଜ୍ଞାତସାରରେ ଦେଶୀ ବିଦେଶୀ ମଦ ଅବାଧରେ ବିକ୍ରୟ କରିଆସୁଥିଲେ। ଗତକାଲି ଅବକାରୀ ବିଭାଗ ତରଫରୁ ତାଙ୍କ ଘର ଉପରେ ଚଢାଉ କରାଯାଇ ବିପୁଳ ପରିମାଣର ବିଦେଶୀ ମଦ ଜବତ କରାଯାଇଥିବାର ଜଣାଯାଇଛି। ତେବେ ରାଜନୈତିକ ଚାପରେ ତାଙ୍କୁ ଅବକାରୀ ବିଭାଗ ଛାଡି ଦେଇଥିବାର ଅଭିଯୋଗ ହୋଇଛି।

## ବାଲି ଚାଲାଣ ବେଳେ ତହସିଲଦାରଙ୍କ ଚଢାଉ, ଟ୍ରାକ୍ଟର ଜବତ



ଖପ୍ରାଖୋଲ (ଭାସ୍କର ନ୍ୟୁଜ) : ଏହି ବ୍ଲକର ଜୁରିଆ ସୁକତେଲ ନଦୀରୁ ବେଆଇନ ବାଲି ଚାଲାଣ ବେଳେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଚଢ଼ାଉ କରି ଏକ ବାଲି ବୋଝେଇ ଗାଡ଼ି ଜବତ କରି ପୋଲିସକୁ ହସ୍ତାନ୍ତର କରିଥିବା ଜଣାଯାଇଛି। ଏହି ଚଢ଼ାଉ ବେଳେ ଅତିରିକ୍ତ ତହସିଲଦାର ସତ୍ୟ ପ୍ରକାଶ ରାଉତରାୟ, ଲରମ୍ବା ଥାନା ଅଧିକାରୀ ଭାନୁ ଶଙ୍କର ଯାଦବ, ଲୁହାସିଂହ ରାଜସ୍ୱ ନିରୀକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। ବେଆଇନ ଭାବରେ ବାଲି ଚାଲାଣ ହେଉଥିବାରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଛି ବୋଲି ତହସିଲଦାର ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି।

## ଜାତିଆଣ ଭେଦଭାବ ଦୂର ପାଇଁ ସ୍ୱାଭିମାନୀ ମଞ୍ଚର ବୈଠକ



ରାଜନଗର, (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ କେରଡାଗଡ ଠାରେ ୨୦ବର୍ଷ ହେବ ବହୁ ପୁରାତନ ଶ୍ରୀ ଜଗନ୍ନାଥ ମନ୍ଦିରକୁ ଜାତିଆଣ ଭେଦଭାବକୁ ନେଇ ଭକ୍ତ ଓ ଭଗବାନଙ୍କ ମିଳନ ବନ୍ଦ କରି ମନ୍ଦିର ପ୍ରବେଶରେ ଅଙ୍କୁଶ ଲାଗି ବାଡ ଦିଆଯାଇଛି। ଯାହାକୁ ନେଇ ସମଗ୍ର କେରଡା ଅଞ୍ଚଳର ଜଗନ୍ନାଥ ପ୍ରେମୀ ତଥା ଭକ୍ତଙ୍କ ମନରେ ଆଘାତ ଲାଗିଛି। ଭକ୍ତଙ୍କ ଦର୍ଶନ ନିମନ୍ତେ ସ୍ୱାଭିମାନୀ ରାଜନଗର ମଞ୍ଚ ଅଣ୍ଟା ଭିଡିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ୱାଭିମାନୀ ରାଜନଗର ମଞ୍ଚର ସଭାପତି ସଂଗ୍ରାମ କେଶରୀ ବେହେରାଙ୍କ ପୌରୋହିତ୍ୟରେ ରାଜନଗର ଘାଟରୋଡ ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରବିବାର ଦିନ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ମତ ରଖିଥିଲେ ଦୀର୍ଘବର୍ଷ ହେବ ଜଗନ୍ନାଥଙ୍କ ଭକ୍ତ ମନ୍ଦିର ପ୍ରବେଶ କରି ନପାରି ତାଙ୍କର ଆରାଧ୍ୟ ଦେବତା ଜଗନ୍ନାଥଙ୍କୁ ଦାଣ୍ଡରୁ ଦର୍ଶନ କରୁଛନ୍ତି। କିନ୍ତୁ ଭୋଟ କଟିବା ଆଶାରେ ସମାଧାନ କରିନଥିବା ବିଧାୟକ ଶ୍ରୀଧ୍ରୁବ ସାହୁ ଜନଗଣଙ୍କ ଉର୍ଦ୍ଧ୍ୱରେ ଥାଇ କେବଳ ବିଧାୟକ ଭିତରେ ଦର୍ଶନ କରିବା ପରେ ଅଞ୍ଚଳର ଅସନ୍ତୋଷର ବହ୍ନି ଜଳିଥିଲା। ହେଲେ ବିଧାୟକ ନିଜ ସ୍ୱାର୍ଥ ହାସଲ କରି ହଜାର ହଜାର ଭକ୍ତ ମହାପ୍ରଭୁଙ୍କ ଦର୍ଶନ କରିବାରୁ ବଞ୍ଚିତ ହେଉଥିବା ବେଳେ ଏହାର ସୁଧାର ଆଣିବାକୁ କୌଣସି ବିଧାୟକ ଓ ନେତାଙ୍କର ଭୋଟକୁ ଆଗକୁ ରଖି ଆନ୍ତରିକତା ଅଭାବ ଦେଖାଦେଇଛି। ସେଥିପାଇଁ ସ୍ୱାଭିମାନୀ ରାଜନଗର ମଞ୍ଚ ଆଗକୁ ଆସି ମନ୍ଦିର ଖୋଲି ଭକ୍ତଙ୍କ ପ୍ରବେଶ ପାଇଁ ସମସ୍ତ ପ୍ରସ୍ତୁତି ସହ ଖସଡା ପ୍ରସ୍ତୁତ କରାଯାଇଛି। ତେଣୁ ଏହାର ଆସୁ ସମାଧାନ ପାଇଁ ପ୍ରଶାସନ ସହଯୋଗ କରିବାକୁ ଧାଇଁ ଆସିବ ବୋଲି ବିଶ୍ୱାସ ରଖିଛି ଏହି ମଞ୍ଚ।

## ଶ୍ରୀ ଶ୍ରୀ ରାଧାକୃଷ୍ଣ ସାଂସ୍କୃତିକ ପରିଷଦ ପକ୍ଷରୁ ବଧୂ ମହୋତ୍ସବ



ଗରଦପୁର, (ଭାସ୍କର ନ୍ୟୁଜ୍) : ଗରଦପୁର ବ୍ଲକ୍ ଅଧିନ ତଳକୁସୁମା ଗ୍ରାମରେ ଶ୍ରୀ ରାଧାକୃଷ୍ଣ ସାଂସ୍କୃତିକ ପରିଷଦ ପକ୍ଷରୁ ଭିନ୍ନ ଏକ ମହୋତ୍ସବ 'ବଧୂ ମହୋତ୍ସବ' ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ତଳକୁସୁମା ଗ୍ରାମର ବୋହୁ ମାନେ ଏକତ୍ରିତ ହୋଇ ଗ୍ରାମର ବରିଷ୍ଠ ନାଗରିକ ମାନଙ୍କ ପାଦ ଧୋଇ ଫୁଲ ଚନ୍ଦନ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହିତ ଆଶୀର୍ବାଦ କାମନା କରିଥିଲେ। ସମାଜ ଓ ପରିବାରକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବାର ଗୁରୁ ଦାୟୀତ୍ୱ ବୋହୁ ମାନଙ୍କର। ତେଣୁ ସମସ୍ତ ବୋହୁ ମାନେ ନିଜର ଗୁରୁ ଦାୟୀତ୍ୱ ସୁଚାରୁ ରୁପେ ତୁଲାଇ ପାରିଲେ ଏକ ସୁସ୍ଥ ଓ ସଂସ୍କାର ସମାଜ ଗଠନ ହୋଇପାରିବ ବୋଲି ବକ୍ତାମାନେ ମତ ପୋଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ତଳକୁସୁମାର ପୂର୍ବତନ ସରପଞ୍ଚ ଅଜୟ ଦାଶ୍ ପରିଚାଳନା କରିଥିବା ବେଳେ ସାଂସ୍କୃତିକ ପରିଷଦର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ। ଅନୁଷ୍ଠାନର ମୁରବି କୂଳମଣୀ ଦାଶ୍ ଏପରି ଏକ ଭିନ୍ନ ଧରଣର କାର୍ଯ୍ୟକ୍ରମର ଆୟୋଜନ କରିଥିବା ପରିଷଦର ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଗୁରୁକୂଳ ଆବସିକ ବିଦ୍ୟାଳୟରେ ସ୍ମାର୍ଟ ଶ୍ରେଣୀ ଉଦ୍‌ଘାଟିତ



ଭଞ୍ଜନଗର, (ଭାସ୍କର ନ୍ୟୁଜ୍) : ନୂଆଁ ଶିକ୍ଷା ନୀତିକୁ ଆଖି ଆଗରେ ରଖି ଭଞ୍ଜନଗର ସ୍ଥିତ ସାଇଗୁରୁକୁଳ ଆବାସିକ ବିଦ୍ୟାଳୟରେ ରବିବାର ଏକ ସ୍ମାର୍ଟ ଶ୍ରେଣୀ କକ୍ଷର ଉଦ୍‌ଘାଟନ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧକ୍ଷ ଶ୍ରୀ ଅଜିତ କୁମାର ଶତପଥିଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ କରାଯାଇଥିଲା ପ୍ରେସ କ୍ଲବର ସଭାପତି ଶ୍ରୀ ଲୋକନାଥ କର ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ସାମ୍ବାଦିକ ବିଶ୍ୱମ୍ଭର ଜେନା, ରବୀନ୍ଦ୍ର କୁମାର ଗୌଡ଼, ରତ୍ନାକର ସାହୁ ପ୍ରମୁଖ ଯୋଗଦେଇ ଆଜିର ଶିକ୍ଷା ପାଇଁ ସ୍ମାର୍ଟ ଶ୍ରେଣୀର ଆବଶ୍ୟକତା ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଯୁଗୋପଯୋଗୀ ଶିକ୍ଷା ପାଇଁ ସାଇଗୁରୁକୁଳରେ ସ୍ମାର୍ଟ କକ୍ଷ ସ୍ଥାପନା ଯୋଗୁଁ ବକ୍ତାମାନେ ସନ୍ତୋଷ ପ୍ରକାଶ କରିଥିଲେ। ଶିକ୍ଷକ ଶ୍ରୀ ରୋଶନ ଗୌଡ଼, ଶିକ୍ଷୟତ୍ରୀ ସାଲୁ ବିଶ୍ୱାଳ, ବିଷ୍ଣୁ ପ୍ରିୟା ନାୟକ ଉପସ୍ଥିତ ଥିଲେ, ଆଶା ରାଣୀ ସାହୁ ଧନ୍ୟବାଦ ଦେଇଥିଲେ, ଉପଦେଷ୍ଟା ଶୁଳପାଣି ଶତପଥି ସଭାକୁ ପରିଚାଳନା କରିଥିଲେ।

## ଉତ୍କର୍ଷ ବିଦ୍ୟୁତ ସେବା କ୍ଷେତ୍ରରେ ଗ୍ରାମ ପଞ୍ଚାୟତ ହେବ ଆଦର୍ଶ

- ମଡେଲ ପଞ୍ଚାୟତରେ ଗୁଣାତ୍ମକ ବିଜୁଳି ସେବାକୁ ଦିଆଯିବ ଅଗ୍ରାଧିକାର
- ପ୍ରାଥମିକ ପର୍ଯ୍ୟାୟରେ ଚିହ୍ନଟ ହୋଇଛି ୫ଜିଲ୍ଲାରେ ୨୧ ପଞ୍ଚାୟତ

ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍‌ଯୋଗ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ) ବିଦ୍ୟୁତ ବିତରଣ କ୍ଷେତ୍ରରେ ସଂସ୍କାର ପାଇଁ ଗ୍ରାମାଞ୍ଚଳକୁ ଅଧିକ ଗୁରୁତ୍ୱ ଦେଉଛି। ଗ୍ରାମାଞ୍ଚଳର ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ବିଜୁଳି ପ୍ରଦାନ ତଥା ଆବଶ୍ୟକ ସେବା ପ୍ରଣାଳୀକୁ ଆହୁରି ସୁଦୃଢ କରିବା ଲକ୍ଷ୍ୟରେ ଟିପିଏନଓଡିଏଲ ପକ୍ଷରୁ ଗ୍ରାମ ପଞ୍ଚାୟତଗୁଡିକୁ ଆଦର୍ଶ ଗ୍ରାମ ପଞ୍ଚାୟତ (ମଡେଲ ଜିପି)ରେ ପରିଣତ କରିବା ପାଇଁ ଅଭିଯାନ ଆରମ୍ଭ ହୋଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ ଓ ଯାଜପୁର ଜିଲ୍ଲାର ୨୧ଟି ଗ୍ରାମ ପଞ୍ଚାୟତରେ ଆଦର୍ଶ ଗ୍ରାମ ପଞ୍ଚାୟତ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ଅଭିନବ ପଦକ୍ଷେପ ଦ୍ୱାରା ବିଦ୍ୟୁତ ଦେୟ ପଇଠର ବିଭିନ୍ନ ଡିଜିଟାଲ ଏବଂ ଅଫଲାଇନ ପଦ୍ଧତି, ସଠିକ ସମୟରେ ବିଲ୍ ପଇଠର ଗୁରୁତ୍ୱ, ବିଦ୍ୟୁତ ଚୋରି ସମ୍ପର୍କିତ ଜାଗରୁକତା, ବିଭିନ୍ନ ଗ୍ରାହକ ସେବା ଅନୁଷ୍ଠାନ ଏବଂ ବିଦ୍ୟୁତ ସୁରକ୍ଷା ବିଷୟରେ କର୍ମଶାଳା ମାଧ୍ୟମରେ ଉପଭୋକ୍ତାଙ୍କୁ ସଚେତନ କରିବାକୁ ଟିପିଏନଓଡ଼ିଏଲ ପ୍ରୟାସ ଜାରି ରଖିଛି। ପ୍ରତ୍ୟେକ ଡିଭିଜନ ସ୍ତରରେ ଆଦର୍ଶ ଗ୍ରାମ ପଞ୍ଚାୟତ ଚିହ୍ନଟ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବାବେଳେ ଏଥିରେ ସ୍ଥାନୀୟ ଜନସାଧାରଣ ଓ ସରପଞ୍ଚ, ସମିତି ସଭ୍ୟଙ୍କ ଭଳି ଜନପ୍ରତିନିଧିମାନେ ଯୋଗ ଦେଇ ସେମାନଙ୍କର ବହୁମୂଲ୍ୟ ମତାମତ ପ୍ରଦାନ କରିଥାନ୍ତି। ବୈଦ୍ୟୁତିକ ସେବା କ୍ଷେତ୍ରରେ ସେମାନଙ୍କ ସମସ୍ୟା ଓ ଏହାର ସମାଧାନ ପାଇଁ ମଧ୍ୟ କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଏ। ମୁଖ୍ୟତଃ ପଞ୍ଚାୟତ ଅଫିସ ଗୁଡିକରେ ଏହି କାର୍ଯ୍ୟକ୍ରମ ଆୟୋଜନ କରଯାଉଛି। ଆଦର୍ଶ ପଞ୍ଚାୟତରେ ଶତ ପ୍ରତିଶତ ବକେୟା ସଂଗ୍ରହ, ବିଦ୍ୟୁତ ବିଭ୍ରାଟର ତ୍ୱରିତ ସମାଧାନ, ସମ୍ପୃକ୍ତ ପଞ୍ଚାୟତରେ ଗୁଣାତ୍ମକ ବିଜୁଳି ସେବା ଯୋଗାଣକୁ ଅଗ୍ରାଧିକାର ଆଦି କ୍ଷେତ୍ରକୁ ଗୁରୁତ୍ୱ ଦିଆଯିବାର ବ୍ୟବସ୍ଥା କରାଯାଉଛି। ସୂଚନା ମୁତାବକ ଉପଭୋକ୍ତାମାନଙ୍କ ହାତ ପାଆନ୍ତାରେ ସମସ୍ତ ସୁବିଧା ସୁଯୋଗ ପହଞ୍ଚାଇବାକୁ ଟିପିଏନଓଡିଏଲ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳିଛି। ଉପଭୋକ୍ତାମାନଙ୍କ ବିଦ୍ୟୁତ ସେବା ସମ୍ପର୍କିତ ଯେ କୌଣସି ସମସ୍ୟାର ସମାଧାନ ପାଇଁ ୨୪ଘଣ୍ଟିଆ ଦେୟ ମୁକ୍ତ ଗ୍ରାହକ ସେବା ନମ୍ବର ୧୮୦୦୩୪୫୬୭୧୮/ ୧୯୧୨ ସୁବିଧା କରାଇବା ସହ ୧୬ଟି ଗ୍ରାହକ ସେବା କେନ୍ଦ୍ର ଓ ୧୩୯ଟି ଅନୁଭବ କେନ୍ଦ୍ର ମଧ୍ୟ ଖୋଲିଛି। ଗ୍ରାହକ ସେବା କେନ୍ଦ୍ରଗୁଡ଼ିକ ଟିପିଏନଓଡିଏଲର ସମସ୍ତ ଡିଭିଜନରେ ଖୋଲିଥିବା ବେଳେ ଅନୁଭବ କେନ୍ଦ୍ରଗୁଡ଼ିକ ଗ୍ରାମାଞ୍ଚଳର ଉପଭୋକ୍ତାମାନଙ୍କୁ ଉତ୍ତମ ସେବା ଯୋଗାଇବା ପାଇଁ ଖୋଲିଛି।

## ମାନପୁର ବ୍ୟାଙ୍କ ଆଗରେ ବିକ୍ଷୋଭ କଲେ ଗ୍ରାହକ



ଆଳି, (ଭାସ୍କର ନ୍ୟୁଜ୍) : ଆଳି ମାନପୁର ଶାଖା ପରିଚାଳକ ପାର୍ଥସାରଥୀ ନାୟକଙ୍କ ନାମରେ ଆସିଲା ସାଙ୍ଘାତିକ ଅଭିଯୋଗ। ଅଭିଯୋଗ ଆଣିଛନ୍ତି ମାନପୁର ଷ୍ଟେଟ ବ୍ୟାଙ୍କର ଶତାଧିକ ଖାତାଧାରୀ ଗ୍ରାହକ। ଅଭିଯୋଗ ଅନୁଯାୟୀ ପ୍ରତ୍ୟେକ ଗୁରୁବାର ବିନା ନୋଟିସରେ ନିୟମିତ ଭାବେ ବ୍ୟାଙ୍କ ସେବା ବନ୍ଦ ରହିବ। ବ୍ୟାଙ୍କରେ ଗ୍ରାହକ ମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ କର୍ମଚାରୀଠୁ ଆରମ୍ଭ କରି ପିଅନ ମାନଙ୍କ ମନମୁଖୀ କାର୍ଯ୍ୟରେ ଅତିଷ୍ଠ ହେଲେଣି ଗ୍ରାହକ। ମାନପୁର ଷ୍ଟେଟ ବ୍ୟାଙ୍କରେ ସଠିକ ସମୟରେ ଗ୍ରାହକ ମାନେ ଟଙ୍କା ନ ଉଠାଇପାରି ବିଭିନ୍ନ ସମୟରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଉଭୟ ପୁରୁଷ ଓ ମହିଳା ଖାତାଧାରୀ। ବ୍ୟାଙ୍କକୁ ଆସୁଥିବା ବରିଷ୍ଠ ନାଗରିକ ମାନଙ୍କୁ ବ୍ୟାଙ୍କ ମ୍ୟାନେଜର ଦୁର୍ବ୍ୟବହାର କରିବା ସହିତ ମହିଳା ମାନେ ସୁଭଦ୍ରା ଟଙ୍କା ଉଠାଇବାକୁ ଆସି ସଠିକ ସମୟରେ ଟଙ୍କା ଉଠାଇନପାରି ହଇରାଣ ହରକତ ହେଉଛନ୍ତି। ଫଳରେ ଅପରାହ୍ଣ ୩ଟା ସମୟରେ ୫୦ରୁ ଅଧିକ ଗ୍ରାହକ ବ୍ୟାଙ୍କ ଆଗରେ ବିକ୍ଷୋଭ କରିବା ସହିତ ତୁରନ୍ତ ଉପରିସ୍ଥ ଆଞ୍ଚଳିକ ପ୍ରବନ୍ଧକ ଅଧିକାରୀ ଏହାର ପ୍ରକୃତ ତଦନ୍ତ କରି ବ୍ୟାଙ୍କ ଶାଖା ପରିଚାଳକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହିତ ଅନ୍ୟତ୍ର ବଦଳି ଦାବି କରିଥିଲେ। ଆଗାମୀ ଦିନରେ ଯଦି ଉପରିସ୍ଥ ଅଧିକାରୀ ସେମାନଙ୍କ ଦାବି ପୂରଣ ନ ହୁଏ ତେବେ ବାଧ୍ୟ ହୋଇ ସେମାନେ ସମ୍ପୂର୍ଣ୍ଣ ବ୍ୟାଙ୍କ ସେବାକୁ ଅଚଳ କରିଦେବା ପାଇଁ ଚେତାବନୀ ଦେଇଛନ୍ତି। ଘଟଣା ସମ୍ବନ୍ଧରେ ଆଞ୍ଚଳିକ ପ୍ରବନ୍ଧକଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବପର ହୋଇପାରିନଥିଲା।

## ଗୋରୁ ମୁଗ ଫସଲ ଖାଇବାକୁ ନେଇ ଗୋଷ୍ଠୀ ସଂଘର୍ଷ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍) : ନିଶ୍ଚିନ୍ତକୋଇଲି ବ୍ଲକ ବରାଦୋ ଗ୍ରାମପଞ୍ଚାୟତରେ ଗୋରୁ ମୁଗଫସଲ ଖାଇବାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ରକ୍ତାକ୍ତ ସଙ୍ଘର୍ଷ ହୋଇଛି। ଏହି ସଙ୍ଘର୍ଷରେ ଉଭୟ ପକ୍ଷର ୩-୪ଜଣ ଗୁରୁତର ଭାବେ ଆହତ ହୋଇଥିଲା ବେଳେ ଏକ ବାଇକ୍‌କୁ ଭାଙ୍ଗି ଦିଆଯାଇଛି। ଏସମ୍ପର୍କରେ ଉଭୟ ଗୋଷ୍ଠୀ ତରଫରୁ ସାଲେପୁର ଥାନାରେ ପୃଥକ ପୃଥକ ଭାବେ ୨ଟି ଅଭିଯୋଗ କରାଯାଇଛି। ସାଲେପୁର ଥାନା ପୋଲିସ ଏହି ଘଟଣାରେ ୨ଜଣଙ୍କୁ ଧରିନେଇ ଥାନାରେ ଅଟକ ରଖିଥିବାର ଜଣାଯାଇଛି।



କଟକ(ଭାସ୍କର ନ୍ୟୁଜ୍): ସରକାରୀ କର୍ମଚାରୀଙ୍କ ବିରୋଧରେ ଭିଜିଲାନ୍ସ ମାମଲା ବିଚାରାଧିନ ଥିଲେ ବା କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲେ ବି ତାଙ୍କୁ ଅବସର ପରେ ବକେୟା ଛୁଟିର ଦରମା ମିଳିବ। ବକେୟା ଛୁଟିର ଦରମା ପାଇବା ପାଇଁ ତାଙ୍କ ଆବେଦନକୁ ମାମଲା ଆଳରେ ଅଗ୍ରାହ୍ୟ କରିପାରିବେ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ହାଇକୋର୍ଟର ବିଚାରପତି ଆଦିତ୍ୟ କୁମାର ମହାପାତ୍ର ମାମଲାର ବିଚାର କରି କୋର୍ଟ ରାୟ ପାଇବାର ୨ ମାସ ମଧ୍ୟରେ ଆବେଦନକାରୀଙ୍କୁ ତାଙ୍କ ବକେୟା ୩୦୦ ଦିନର ଦରମା ପ୍ରଦାନ ନିମନ୍ତେ ଆଦେଶ ଦେଇଛନ୍ତି। ଓଡ଼ିଶା ଟ୍ରାନ୍ସପୋର୍ଟ ଇଞ୍ଜିନିୟରିଂ ସର୍ଭିସରୁ ମୋଟର ଯାନ ଇନ୍‌ସପେକ୍ଟର ଭାବେ ୨୦୨୪ ଏପ୍ରିଲ ୩୦ରେ ଅବସର ନେଇଥିବା ଚିତରଞ୍ଜନ ସେନାପତି ହାଇକୋର୍ଟରେ ଏହି ଆବେଦନ କରିଥିଲେ। ସେ ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ, ଅବସର ପରେ ସେ ତାଙ୍କ ବକେୟା ଛୁଟି ନିମନ୍ତେ ଦରମା ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ। ମାତ୍ର ତାଙ୍କ ବିରୋଧରେ ଭିଜିଲାନ୍ସ ମାମଲା ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଚାଲିଥିବା ଦର୍ଶାଇ ତାଙ୍କ ଆବେଦନକୁ ଅଗ୍ରାହ୍ୟ କରିଦିଆଯାଇଥିଲା। ଫଳରେ ସେ ତାଙ୍କର ସେହି ବକେୟା ଛୁଟିର ଦରମା ପାଇବା ନିମନ୍ତେ ହାଇକୋର୍ଟରେ ଆବେଦନ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପ୍ରଶାନ୍ତ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲେ।



# ଜଙ୍ଗଲ ନିଆଁ ଲିଭାଇବାକୁ ଓଡ୍ରାଫ୍‌ର ସହାୟତା ନେବ ବନ ବିଭାଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜଙ୍ଗଲରେ ନିଆଁ ଲିଭାଇବାକୁ ଓଡ୍ରାଫ୍‌ର ସହାୟତା ନେବ ବନ ବିଭାଗ। ଏନେଇ ସୂଚନା ଦେଇଛନ୍ତି ପିସିସିଏଫ୍ ସୁରେଶ ପନ୍ତ । ସେ କହିଛନ୍ତି ଜଙ୍ଗଲ ନିଆଁ ଲିଭାଇବାରେ ବନ ବିଭାଗ ୯୯.୯୯% ସଫଳ ହେଉଛି । ଅଧିକ ନିଆଁ ଲାଗିଲେ ଗୃହ ବିଭାଗ ଜରିଆରେ ଓଡ୍ରାଫ୍ ସହାୟତା ନେବୁ। ଦେଶର ପ୍ରଥମ ରାଜ୍ୟ ଭାବେ ଓଏଫଏମଏସ୍ ଫରେଷ୍ଟ ଫାୟାର ଆପ୍ଲିକେସନ୍ ବ୍ୟବହାର କରୁଛନ୍ତି ।ଆମ ରାଜ୍ୟର ବନ କର୍ମଚାରୀ, ଯାହା ଜଙ୍ଗଲ ନିଆଁ ଅନୁସନ୍ଧାନ ଏବଂ ରିପୋର୍ଟିଂ ପାଇଁ ବେଶ ଉପଯୋଗୀ। ଏହି ଆପ୍ ୧୦୦ ମିଟର ଦୂରତ୍ୱ ଭିତରେ ଜଙ୍ଗଲ ନିଆଁ ନେଇ ରେସ୍ପନ୍ସ ଧରିଥାଏ ଏବଂ ଯେତେବେଳେ ଅଗ୍ନି ନିର୍ବାପନ



ହୋଇଯାଏ, ଫାୟାର ଆଇକନ୍ ହଳଦିଆରୁ ସବୁଜରେ ପରିବର୍ତ୍ତିତ ହୋଇଯାଏ । ତେବେ ଜଙ୍ଗଲ ନିଆଁକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ୧୫,୭୨୩ କିଲୋମିଟର ନୂଆ ଫାୟାର ଲାଇନ ସୃଷ୍ଟି କରାଯାଇଛି । ୧୬,୬୩୦ କିଲୋମିଟର ପୁରୁଣା ଫାୟାର ଲାଇନର ମରାମତି କରାଯାଇଛି। ୩୩୪ ଟି ଅଗ୍ନି ସୁରକ୍ଷା ସ୍କ୍ୱାଡ୍ ଏବଂ ଯାନବାହନ ମୁତୟନ କରାଯାଇଛି । ୪,୬୬୩ଟି ଲିଫ ବ୍ଲୋୟର , ରେକ୍ ଏବଂ ଅଗ୍ନି ନିର୍ବାପନ ସୁରକ୍ଷା କିଟ୍ ଦିଆଯାଇଛି। ଜଙ୍ଗଲ ନିଆଁ ଆଲର୍ଟ ପାଇବାକୁ ପ୍ରାୟ ୬,୭୦୦ ଫରେଷ୍ଟ ଗାର୍ଡ ଓ ଫରେଷ୍ଟରଙ୍କ ମୋବାଇଲ୍ ନମ୍ବର ଏଫଏସଆଇ ୱେବସାଇଟରେ ରେଜିଷ୍ଟର୍ କରାଯାଇଛି। ରାଜ୍ୟ ଏବଂ ବିଭାଗୀୟ ମୁଖ୍ୟାଳୟରେ ୨୪ଘଣ୍ଟା ଅଗ୍ନିନିୟନ୍ତ୍ରଣ କକ୍ଷ କାର୍ଯ୍ୟରତ । ୫୨୦ଟି ଗ୍ରାମକୁ ଅଗ୍ନି ରକ୍ଷା ପ୍ରୋତ୍ସାହନ ଦିଆଯାଇଛି। ୨୮୩ ଟି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ୭୪ ଟି ପ୍ରି ଫାୟାର କର୍ମଶାଳା କରାଯାଇଛି। ଫରେଷ୍ଟ ଫ୍ରଂଟଲାଇନ୍ କର୍ମଚାରୀମାନଙ୍କ ନିମନ୍ତେ ୩୩୫ ଟି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ।

## ଜାଭିୟର୍ସ ସ୍କୁଲ ସ୍ଥାନାନ୍ତରଣ ପ୍ରସଙ୍ଗ

# ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକୁ କାଏମ୍ ରଖିଲେ ହାଇକୋର୍ଟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସତ୍ୟନଗର ସ୍ଥିତ ଜାଭିୟର୍ସ ସ୍କୁଲ କର୍ତ୍ତୃପକ୍ଷ ବେଆଇନ୍ ଭାବେ ସ୍କୁଲ୍‌କୁ ବନ୍ଦ କରି ଖଣ୍ଡଗିରି ସ୍ଥିତ ଅନ୍ୟ ଏକ ଶାଖାକୁ ସ୍ଥାନାନ୍ତରଣ କରିବାକୁ ନିଷ୍ପତ୍ତି ନେଇ ଅଭିଭାବକଙ୍କ ଉପରେ ଅଗଣତାନ୍ତ୍ରିକ ଭାବରେ ଚାପ ପ୍ରୟୋଗ



କରୁଥିଲେ ଫଳରେ ଅଭିଭାବଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା ଏବଂ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଷ୍ଟ୍ରୀୟ ଅଭିଭାବକ ମହାସଂଘ ତରଫରୁ ଏକ ଘଟଣା ସମ୍ବନ୍ଧରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଶିକ୍ଷା ବିଭାଗ ତରଫରୁ ବିସ୍ତୃତ ତଦନ୍ତ କରାଯିବା ପରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଶିକ୍ଷା ଅଧିକାର ଆଇନ୍ ଅନୁଯାୟୀ ବିଦ୍ୟାଳୟ ସ୍ଥାନାନ୍ତରଣ ହୋଇପାରିବ ନାହିଁ ଏବଂ ସେଠାରେ ପଢୁଥିବା ପିଲାମାନଙ୍କର ପ୍ରାଥମିକ ଶିକ୍ଷା ସମାପ୍ତ ହେବା ପର୍ଯ୍ୟନ୍ତ ବିଦ୍ୟାଳୟ ସତ୍ୟନଗରରେ ଚାଲିବ ବୋଲି ନିର୍ଦ୍ଦେଶାନାମା ଜାରି କରିଥିଲେ । ଯାହାକୁ ଖାରଜ କରିବା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ହାଇକୋର୍ଟଙ୍କ ନିକଟରେ ମାମଲା ରୁଜୁ କରାଯାଇଥିଲା, ଯାହାର ଶୁଣାଣୀ କରି ହାଇକୋର୍ଟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକୁ କାଏମ ରଖି ଯାହା ଜଣାଇବାର ଅଛି । ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଜଣାଅ, ସେ ଯାହା ନିଷ୍ପତ୍ତି ନେବେ ବୋଲି ନିର୍ଦ୍ଦେଶ ଦେଇ ମାମଲାକୁ ଖାରଜ କରିଦେଇଛନ୍ତି । ଅପରପକ୍ଷରେ ଅଭିଭାବକଙ୍କ ତରଫରୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକୁ କାଏମ ରଖିବା ପାଇଁ ମଧ୍ୟ ଏକ ମାମଲା ହାଇକୋର୍ଟଙ୍କ ନିକଟରେ ଦାଖଲ କରାଯାଇଥିଲା, ଯାହାର ଶୁଣାଣି କରି ହାଇକୋର୍ଟ ଅଭିଭାବକଙ୍କୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଶୁଣାଣି ସମୟରେ ପକ୍ଷଭୁକ୍ତ କରିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି।



ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତଃ ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବାଚସ୍ପତି ଓ ମନ୍ତ୍ରିମଣ୍ଡଳର ସଦସ୍ୟବୃନ୍ଦ

## ରାଜ୍ୟରେ ସରକାରଙ୍କ ପ୍ରୋତ୍ସାହନରେ ଲଘୁ ଖଣିଜ ପଦାର୍ଥ ଲୁଟ୍ ଚାଲିଛି: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ସମଗ୍ର ଓଡ଼ିଶାରେ ଲଘୁ ଖଣିଜ ପଦାର୍ଥ ବ୍ୟାପକ ଭାବେ ଲୁଟ୍ ଚାଲିଛି । ଏହି ଲୁଟ୍ର ସିଂହଭାଗ ଶାସକ ଦଳର ବିଧାୟକ, ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ପକେଟକୁ ଯାଉଛି ବୋଲି ଅଭିଯୋଗ ଆଣି ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି । ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଡ଼ ବ୍ୟୋମକେଶ ରାୟ, ଗୌତମବୁଦ୍ଧ ଦାସ ଓ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଏହି ଲୁଟ୍ ସମ୍ପର୍କରେ ଓ ଏଥିରେ ରାଜ୍ୟ ସରକାରଙ୍କ ସମ୍ପୃକ୍ତି ସମ୍ପର୍କରେ ଅଭିଯୋଗମାନ ବାଢ଼ିଥିଲେ । ପ୍ରାରମ୍ଭରେ ବିଜୁ ଜନତା ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି ରାଜ୍ୟରେ ବିଜେପି ସରକାରଙ୍କ ପ୍ରୋତ୍ସାହନରେ ଲଘୁ ଖଣିଜ ପଦାର୍ଥର ଚୋରାଚାଲାଣ ବୃଦ୍ଧି ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଜିର ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହେଉଛି ବୋଲି କହିବା ସହିତ ଏହି ସମ୍ବନ୍ଧରେ ବିଭିନ୍ନ ଖବରକାଗଜରେ ପ୍ରକାଶିତ ସମ୍ବାଦ ଗୁଡ଼ିକ ଏଲଇଡି ପରଦାରେ ପ୍ରଦର୍ଶିତ କରିଥିଲେ । ରାଜ୍ୟରେ ବିଜେପି ସରକାର ଆସିବା ପରଠାରୁ ଅଧିକ ସଂଖ୍ୟାରେ ବେଆଇନ ଖଣି ଗୁଡ଼ିକ କାର୍ଯ୍ୟକ୍ଷମ ହୋଇଛି । ନିକଟରେ ଯାଜପୁର ଜିଲ୍ଲାର ଆରୁଆ ଗ୍ରାମରେ ଜନସାଧାରଣ ବେଆଇନ ଖଣି କାମକୁ ବିରୋଧ କରି ଏହି କାର୍ଯ୍ୟରେ ଲାଗିଥିବା ୭୦ରୁ ଊର୍ଦ୍ଧ୍ୱ ଜେସିବି ପୋଲିସକୁ ହସ୍ତାନ୍ତର କରିଥିଲେ । ପୋଲିସ ସ୍ଥାନୀୟ ବାସିନ୍ଦାଙ୍କୁ ସହଯୋଗ କରିବା ପରିବର୍ତ୍ତେ ସେମାନଙ୍କୁ ଧମକ ଚମକ ଦେଇଥିଲା । ରାଜ୍ୟରେ ଲଘୁ ଖଣିଜ ପଦାର୍ଥ ଚୋରାଚାଲାଣ ବନ୍ଦ କରିବାକୁ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ବିଜୁ ଜନତା ଦଳ ଦାବି କରୁଛି ।

# ୧୧୨ ଗୃହରକ୍ଷୀ ପଦବୀ ଚୟନ ନିମନ୍ତେ ଦରଖାସ୍ତ ଆହ୍ୱାନ

କଟକ(ଭାସ୍କର ନ୍ୟୁଜ୍): କଟକ ଗ୍ରାମାଞ୍ଚଳରେ ଖାଲି ପଡିଥିବା ୧୧୨ ଗୃହରକ୍ଷୀ ପଦବୀ ଚୟନ ନିମନ୍ତେ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଛି । ଆବେଦନକାରୀ କଟକ ଗ୍ରାମାଞ୍ଚଳ ପୋଲିସ ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବେ । ଆବେଦନକାରୀଙ୍କ ବୟସ ୦୧.୦୧.୨୦୨୫ ରିଖ ସୁଦ୍ଧା ୨୦ ବର୍ଷରୁ କମ୍ ଓ ୬୦ ବର୍ଷରୁ ଅଧିକ ହୋଇନଥିବ ଏବଂ ସେ ପଞ୍ଚମ ଶ୍ରେଣୀ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ଆବଶ୍ୟକ। ସେ ଓଡ଼ିଆ ଭାଷାରେ କହିବା, ପଢିବା ଲେଖିବା ଜାଣିଥିବା ଆବଶ୍ୟକ। ଆବେଦନକାରୀଙ୍କ ନାମରେ କୌଣସି ଫୌଜଦାରୀ ମକଦ୍ଦମାରେ ସଂପୃକ୍ତ ନଥିବେ ଏବଂ ତାଙ୍କର କୌଣସି ଜଟିଳ ସ୍ୱାସ୍ଥ୍ୟଗତ ସମସ୍ୟା ନଥିବ । ଗାଡିଚାଳନା, କମ୍ପ୍ୟୁଟର ଜ୍ଞାନ, ମୋଟର ଯାନ ମରାମତି, ଭଣ୍ଡାରୀ, ପାଣିପାଇପ ମେକାନିକ ଆଦି ଯାହା ପୋଲିସ୍ ସେବା ପାଇଁ ଉପଯୋଗୀ ସେହିସବୁ କ୍ଷେତ୍ରରେ ଅଭିଜ୍ଞତା ଥିବା ଆବେଦନକାରୀମାନଙ୍କୁ ଅଗ୍ରାଧିକାର ଦିଆଯିବ । ପଦବୀରେ ଆବେଦନ କରିବା ନିମନ୍ତେ ଆବେଦନ ଫର୍ମ କଟକ ଗ୍ରାମାଞ୍ଚଳ ପୋଲିସ ଜିଲ୍ଲାର ସମସ୍ତ ସମସ୍ତ ପୋଲିସ ଷ୍ଟେସନ, ଆଉଟ ପୋଷ୍ଟ ଏବଂ ସମଦେଷ୍ଟା ଗୃହରକ୍ଷୀଙ୍କ କାର୍ଯ୍ୟାଳ କଟକରେ ଉପଲବ୍ଧ । ଆବେଦନକାରୀ ଫର୍ମ ଏ ପୂରଣ କରି ସମଦେଷ୍ଟା ଗୃହରକ୍ଷୀ କାର୍ଯ୍ୟାଳୟ କଟକ ବକ୍ସିବଜାର, ରିଜର୍ଭ ଲାଇନରେ ମାର୍ଚ୍ଚ ୩୧ ତାରିଖ ସଂଧ୍ୟା ୫ ଘଟିକା ସୁଦ୍ଧା ଦାଖଲ କରିବାକୁ କୁହାଯାଇଛି । ଏଠାରେ ସୂଚନାଯୋଗ୍ୟ ଗୃହରକ୍ଷୀ ସେବା ସ୍ଥାୟୀ ଚାକିରୀ ନୁହେଁ । ଏହା ଏକ ସ୍ୱେଚ୍ଛାକୃତ ସେବା ଏବଂ ଏହାର ଅବଧି ୩ ବର୍ଷ ସମୟସୀମା ମଧ୍ୟରେ ସୀମିତ ଅଟେ ।

# ଜୀବନରେ ଶୃଙ୍ଖଳା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ: ଜଷ୍ଟିସ୍ ଷଡ଼ଙ୍ଗୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରତ୍ୟେକ ଦିନ, ପ୍ରତ୍ୟେକ ମୁହୂର୍ତ୍ତ ଏବଂ ପ୍ରତ୍ୟେକ କ୍ଷଣରୁ ଶିକ୍ଷା ଗ୍ରହଣ କରାଯାଇପାରିବ। ଶିକ୍ଷା ଗ୍ରହଣ ପ୍ରକ୍ରିୟା ସବୁବେଳେ ଜାରି ରଖିବା ଜରୁରୀ। ଏଥି ସହିତ ଜୀବନରେ ଶୃଙ୍ଖଳା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ବ୍ୟକ୍ତ କରିଛନ୍ତି ଜାତୀୟ ମାନବାଧିକାରୀ କମିଶନର ସଦସ୍ୟ ଡକ୍ଟର ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ। ସୋମବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ (ଏସ୍‌ଏନ୍‌ଆଇଏଲ୍)ର ୯ମ ବାର୍ଷିକ ଉତ୍ସବ ‘ଜଷ୍ଟିସିଆ ୩.୦-୨୦୨୫’ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡକ୍ଟର ଜଷ୍ଟିସ୍ ଷଡ଼ଙ୍ଗୀ ଆଇନ୍ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଉପଦେଶ ଦେଇଛନ୍ତି। ଝାଡ଼ଖଣ୍ଡ ହାଇକୋର୍ଟରେ ପୂର୍ବତନ ମୁଖ୍ୟ ବିଚାରପତି ତଥା ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଥିବା ଜଷ୍ଟିସ୍ ଷଡ଼ଙ୍ଗୀ ଛାତ୍ରଛାତ୍ରୀମାନଙ୍କୁ ନିଜ ଆଇନ୍ ପେସାର ଅନୁଭୂତି ବଖାଣିବା ସହ ଏହି ବୃତିରେ ଧୈର୍ଯ୍ୟର ଯଥେଷ୍ଟ ଗୁରୁତ୍ୱ ରହିଛି ବୋଲି କହିଥିଲେ। ବୃତିଗତ ଯାତ୍ରା ବେଶ ଜଟିଳ। ତେଣୁ ନିଜକୁ ବଞ୍ଚାଇ ରଖିବାର କଳା ଆହରଣ କରିବା ଉଚିତ୍ ବୋଲି ସେ ଛାତ୍ରଛାତ୍ରୀଙ୍କୁ କହିଥିଲେ। ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କାର୍ଯ୍ୟକ୍ରମରେ ଅଧକ୍ଷତା କରି ନିଜ ବୃତି ପ୍ରତି ଏକାଗ୍ରତା ଓ ଭଲ ପାଇବା ରହିଲେ ଛାତ୍ରଛାତ୍ରୀମାନେ ଆଗକୁ ଯାଇପାରିବେ ବୋଲି କହିଥିଲେ। ନିଜର ବୃତିଗତ ଯାତ୍ରା ବିଶ୍ୱବିଦ୍ୟାଳୟରୁ ହିଁ ଆରମ୍ଭ ହୋଇଥାଏ ବୋଲି ପ୍ରଫେସର ନନ୍ଦ କହିଥିଲେ। କାର୍ଯ୍ୟକ୍ରମରେ ଏସ୍‌ଏନ୍‌ଆଇଏଲ୍‌ର ଡିନ୍ ପ୍ରଫେସର ଏସ୍.ଏ.କେ. ଆଜାଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ମଧ୍ୟ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଶେଷରେ ଏସ୍‌ଏନ୍‌ଆଇଏଲ୍‌ର ଆସିଷ୍ଟାଣ୍ଟ ପ୍ରଫେସର ଆକାଶ ତ୍ରୀଖା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଧାନସଭାରେ ବିରୋଧୀ ବିଧାୟକଙ୍କ ହଟ୍ଟଗୋଳ

# ଚାଲିପାରିଲା ନାହିଁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିରୋଧୀ ବିଜେଡି ଓ କଂଗ୍ରେସ ଦଳର ବିଧାୟକ ମାନଙ୍କର ହଟ୍ଟଗୋଳ କାରଣରୁ ସୋମବାର ପ୍ରଥମାର୍ଦ୍ଧ ବୈଠକ ବାଧାପ୍ରାପ୍ତ ହୋଇଛି । ବିରୋଧୀ ବିଧାୟକ ମାନେ ଗୃହର ମଧ୍ୟଭାଗରେ ଆସି ହଟ୍ଟଗୋଳ କରିବା କାରଣରୁ ପ୍ରଶ୍ନକାଳ କାର୍ଯ୍ୟକ୍ରମ ହୋଇ ପାରି ନାହିଁ । ବାଚସ୍ପତି ସୁରମା ପାଢୀ ଗୃହକୁ ୧୨.୧୫ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଛନ୍ତି । ଆଜି ଗୃହର କାର୍ଯ୍ୟ ନିର୍ଦ୍ଧାରିତ ୧୦.୩୦ ମିନିଟରେ ଆରମ୍ଭ ହୋଇଥିଲା । ବାଚସ୍ପତି ସୁରମା ପାଢୀ ନିର୍ଧାରିତ କାର୍ଯ୍ୟ ସୂଚୀ ଅନୁସାରେ ପ୍ରଶ୍ନକାଳ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଚାହିଁଥିଲେ । ସେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ପ୍ରଶ୍ନର ଉତ୍ତର ଦେବାକୁ ଡାକିଥିଲେ । ତଦନୁଯାୟୀ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଉତର ପଢିବା ଆରମ୍ଭ କରିଥିଲେ । ହେଲେ ଅନ୍ୟ ପକ୍ଷରେ କଂଗ୍ରେସ ବିଧାୟକ ମାନେ ରାଜ୍ୟରେ ମହିଳା ମାନଙ୍କ ପ୍ରତି ବଢୁଥିବା ଅତ୍ୟାଚାର ପ୍ରସଙ୍ଗକୁ ନେଇ ହଟ୍ଟଗୋଳ କରିଥିଲେ । ସେହିପରି ବିଜେଡି ବିଧାୟକ ମାନେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା ଅଭିଯୋଗ କରି ନାରାବାଜୀ କରିଥିବା ଦେଖିବାକୁ ମିଳିଥିଲା । କଂଗ୍ରେସ ବିଧାୟକ ମାନେ ହାତରେ ପ୍ଲାକାର୍ଡ ଧରି ଗୃହର ମଧ୍ୟ ଭାଗକୁ ଆସି ନାରାବାଜି କରିଥିଲେ ଓ ବିଜେଡି ବିଧାୟକ ମାନେ ମଧ୍ୟ ଗୃହର ମଧ୍ୟଭାଗକୁ ଆସି ସରକାର ବିରୋଧୀ ସ୍ଲୋଗାନ ମାନ ଦେଇଥିଲେ । ଏହି କାରଣରୁ ବାଚସ୍ପତି ସୁରମା ପାଢୀ ଗୃହକୁ ୧୨.୧୫ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।

# ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡ଼କ୍ଟର ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେହିପରି ପଞ୍ଚାୟତିରାଜ ଓ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ, ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଗୋକୁଳାନନ୍ଦ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସାଂସଦ ଅନନ୍ତ ନାୟକ, ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପିସିସି ସଭାପତି ଭକ୍ତ ଚରଣ ଦାସ ପ୍ରମୁଖ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

## ଦେବେନ୍ଦ୍ର ପ୍ରଧାନଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଶିଷ୍ଟ ରାଜନେତା, ବିଜେପିର ପୂର୍ବତନ ରାଜ୍ୟ ସଭାପତି, ରାଷ୍ଟ୍ରୀୟ ଉପସଭାପତି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡକ୍ଟର ଦେବେନ୍ଦ୍ର ପ୍ରଧାନଙ୍କ ୮୩ ବର୍ଷ ବୟସରେ ଦିଲ୍ଲୀଠାରେ ପରଲୋକ ଘଟିଛି। ଡକ୍ଟର ପ୍ରଧାନ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ପରଲୋକରେ ଦେଶ ଓ ଦଳ ପାଇଁ ଅପୂରଣୀୟ କ୍ଷତି ହୋଇଛି। ତାଙ୍କ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଏଭଳି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗ ଏବଂ ବନ୍ଧୁଜନଙ୍କୁ ଅସୀମ ଧୈର୍ଯ୍ୟ ପ୍ରଦାନ କରିବା ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ରାଜ୍ୟ ସାଧାରଣ ସମ୍ପାଦକ (ସଙ୍ଗଠନ) ମାନସ କୁମାର ମହାନ୍ତି ପ୍ରାର୍ଥନା କରିଛନ୍ତି।

# ଓଷ୍ଟାର ୧୫ତମ ସାମ୍ବିଧାନିକ ସମ୍ମିଳନୀ

କଟକ(ଭାସ୍କର ନ୍ୟୁଜ୍): ଓଡ଼ିଶା ମାଧ୍ୟମିକ ସ୍କୁଲ୍ ଶିକ୍ଷକ ସଂଘ(ଓଷ୍ଟା) କଟକ ଜିଲ୍ଲାର ୧୫ ତମ ସାମ୍ବିଧାନିକ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଓଷ୍ଟାର କର୍ମକର୍ତା ଚୟନ ପ୍ରକ୍ରିୟା ଶେଷ ହୋଇଛି ବୋଲି କଟକ ଜିଲ୍ଲା ସମ୍ପାଦକ ବିଜୟ କୁମାର ଛତ୍ର ସୂଚନା ଦେଇଛନ୍ତି । ଜିଲ୍ଲା ପକ୍ଷରୁ ସଭାପତି, କାର୍ଯ୍ୟକାରୀ ସଭାପତି, ଉପସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ, କାର୍ଯ୍ୟକାରୀ କମିଟି ସଭ୍ୟ ଏହିପରି ମୋଟ୍ ୧୩ଟି ପଦବୀ ନିମନ୍ତେ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏଥିରେ କଟକ ଜିଲ୍ଲାର ସଭାପତି ଭାବେ ତ୍ରିଲୋଚନ ଜେନା, ସମ୍ପାଦକ ଭାବେ ବିଜୟ କୁମାର ଛତ୍ର ନିର୍ବାଚିତ ହୋଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ କଳିଙ୍ଗ କେଶରୀ ପ୍ରଧାନ, ଉପସଭାପତି ଭାବେ ତପନ କୁମାର ଆଚାର୍ଯ୍ୟ, ଦୟାନିଧି ସାହୁ, ସ୍ୱପ୍ନାଶ୍ରୀ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଭାବେ ପ୍ରମୋଦ କୁମାର ସିଂ, ଲକ୍ଷ୍ମୀନାରାୟଣ ବରାଳ, କଲ୍ୟାଣୀ ରାଉତ ଏବଂ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ଅନୀତା ମଣ୍ଡଳ, ଶାରଦା ପ୍ରସାଦ ଦାସ, ମିହିର କୁମାର ଆଚାର୍ଯ୍ୟ, ଶେଖ୍ ଜହିରୁଦ୍ଦିନ୍ ନିର୍ବାଚିତ ହୋଇଛନ୍ତି । ଏହି ସାମ୍ବିଧାନିକ ସମ୍ମିଳନୀକୁ ଓଷ୍ଟାର ସଭାପତି ଅକ୍ଷୟ କୁମାର ମିଶ୍ର, ସାଧାରଣ ସମ୍ପାଦକ ରନ କୁମାର ଦାଶ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଶିକ୍ଷାପ୍ରଦୀପ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧିଙ୍କ ସମେତ ରାଜ୍ୟ ଉପସଭାପତି ଶ୍ରୀକାନ୍ତ ସାହୁ, ପ୍ରମୋଦ କୁମାର ସ୍ୱାଇଁ, ରାଜ୍ୟ ସମ୍ପାଦକ ମାଣିକେଶ୍ୱର ସ୍ୱାଇଁ, ପ୍ରଣବ କୁମାର ଜେନା, ରମାକାନ୍ତ ମହାପାତ୍ର, ଆଶୁତୋଷ ପ୍ରସାଦ ରଥ, ଜିଲ୍ଲା ସମ୍ପାଦକ ନାରାୟଣ ଚନ୍ଦ୍ର ବାରିକ, ତ୍ରିଲୋଚନ ଦାଶ, ସୟ କୁମାର ସିଂ, ସୁଧାକର ମହାପାତ୍ର, ପ୍ରଭାତ କୁମାର ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ ।

# ହଂସିତା ଅଭିଲିପ୍ସା ଓ ଅନୀଲ୍‌ଙ୍କୁ ଜାମିନ

କଟକ(ଭାସ୍କର ନ୍ୟୁଜ୍): ବହୁଚର୍ଚ୍ଚିତ ହାଇପ୍ରୋଫାଇଲ୍ ଠକେଇର ସମ୍ପୃକ୍ତ ବିଷ୍ଣୁପ୍ରିୟା ଚାନ୍ଦ ଓରଫ ହଂସିତା ଅଭିଲିପ୍ସା ଓ ତାଙ୍କ ସହଯୋଗୀ ଅନୀଲ କୁମାର ମହାନ୍ତିଙ୍କୁ ସୋମବାର ହାଇକୋର୍ଟରୁ ଜାମିନ ମିଳିଛି । ହାଇକୋର୍ଟ ଉଭୟଙ୍କ ଆବେଦନର ଏକତ୍ର ଶୁଣାଣି କରି ସେମାନେ ନିମ୍ନକୋର୍ଟରେ ଆବେଦନ କରି କେତେକ ସର୍ତ୍ତରେ ଜାମିନରେ ଯାଇପାରିବେ ବୋଲି ଆଦେଶ ଦେଇଛନ୍ତି। ପ୍ରତ୍ୟେକ ୫୦ ହଜାର ଟଙ୍କାର ବେଲ୍ ବଣ୍ଡ ଦାଖଲ କରିବା ସହ ଭୁବନେଶ୍ୱର ଜେଏମ୍‌ଏଫସି-୨ ଅଦାଲତ ତାଙ୍କ ସନ୍ତୁଷ୍ଟି ଅନୁଯାୟୀ ଅନ୍ୟାନ୍ୟ ସର୍ତ୍ତ ମଧ୍ୟ ଲଗାଇ ପାରିବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏଥିସହ ଦୁହେଁ ଅଦାଲତଙ୍କ ଅନୁମତି ବିନା ବାହାରକୁ ଯାଇପାରିବେ ନାହିଁ। ସେମାନଙ୍କ ପାସ୍‌ପୋର୍ଟ ଅଦାଲତରେ ଦାଖଲ କରିବେ। ତଦନ୍ତକାରୀ ଅଧିକାରୀଙ୍କୁ ତଦନ୍ତରେ ସହଯୋଗ କରିବେ। ଜାମିନରେ ଯିବା ପରେ ପୂର୍ବ ଭଳି କୌଣସି ସମାନ କାର୍ଯ୍ୟରେ ଜଡ଼ିତ ହେବେ ନାହିଁ। ଉପରୋକ୍ତ କୌଣସି ସର୍ତ ଖିଲାପ କଲେ ଆବେଦନକାରୀଙ୍କ ଜାମିନକୁ ଖାରଜ କରିଦେବେ ବୋଲି ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ଠକେଇ ଘଟଣାରେ ଇନ୍‌ଫୋସିଟି ଥାନାରେ ଅନୀଲ୍ ମହାନ୍ତି ଓ ହଂସିତାଙ୍କ ବିରୋଧରେ ଗତ ୨୦୨୪ ମସିହାରେ ହୋଇଥିବା ଅଭିଯୋଗ ମାମଲାରେ ହାଇକୋର୍ଟ ଉଭୟଙ୍କ ଜାମିନ ଆବେଦନର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ । ଆଜି ହାଇକୋର୍ଟରେ ମାମଲଶର ରାୟ ପ୍ରକାଶ ପାଇଛି ।

# ବିଧାନସଭା ଘେରାଉ ପାଇଁ ତାରା, ଅଶୋକ ସଂଯୋଜକ ନିଯୁକ୍ତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ୨୭ ତାରିଖ ବିଧାନସଭା ଘେରାଉ ପରିପ୍ରେକ୍ଷୀରେ ରାଜ୍ୟ ଛାମୁଆ ସଂଗଠନ, ବିଭାଗ ଓ ପ୍ରକୋଷ୍ଠ ମାନଙ୍କ ସହ ସମନ୍ୱୟ ରକ୍ଷାକରି ଏହି କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ସଂଯୋଜକ ଭାବରେ ନିଯୁକ୍ତି ଦେଇଛନ୍ତି। ସେହିପରି ସମସ୍ତ ଜିଲ୍ଲା ପର୍ଯ୍ୟବେକ୍ଷକ, ଜିଲ୍ଲା ସଭାପତି ଓ ଗଣମାଧ୍ୟମ ନିମନ୍ତେ ନିଯୁକ୍ତ ପ୍ରବକ୍ତାମାନଙ୍କ ସହ ସମନ୍ୱୟ ରକ୍ଷାକରି ଏହି ବିଧାନସଭା ଘେରାଉ କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ପିସିସି ସଭାପତି ଶ୍ରୀ ଦାସ ବିଧାୟକ ଅଶୋକ ଦାସଙ୍କୁ ସଂଯୋଜକ ଭାବରେ ନିଯୁକ୍ତି ଦେଇଛନ୍ତି।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

କଟକ(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ହଲଠାରେ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ଆରକ୍ଷୀ ଅଧୀକ୍ଷକ ଗ୍ରାମାଞ୍ଚଳ ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ,ଅତିରିକ୍ତ ଉପ-ଆୟୁକ୍ତ, ପୋଲିସ କମିଶନରେଟ, କଟକ ଅମରେନ୍ଦ୍ର ପଣ୍ଡା, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, କଟକ ସଦର ତହସିଲଦାର ସୁଜୟ କୁମାର ପତି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୭୦ ଅଭିଯୋଗ ହସ୍ତଗତ ହୋଇଥିବା ବେଳେ ତନ୍ମଧ୍ୟରେ ୬୫ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୫ଗୋଟି ସାମୁହିକ ଅଭିଯୋଗ ରହିଛି । ଅଭିଯୋଗ ଶୁଣାଣି ଶିବିରରେ ୨୦ଗୋଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତା, ଭିନ୍ନକ୍ଷମ ଭତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଜନ ଅଭିଯୋଗ ଶୁଣାଣିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ,ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲ୍ଲା କୃଷି ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଅବକାରୀ ସୁପରିଟେଣ୍ଡେଣ୍ଟ, ଅଧିକ୍ଷଣ ଯନ୍ତ୍ରୀ, ଜିଲ୍ଲା ନିୟୋଜନ ଅଧିକାରୀ, ଜିଲ୍ଲା ଜନମଙ୍ଗଳ ଅଧିକାରୀ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରମୁଖ ଅଭିଯୋଗ ଶୁଣାଣି ଶିବିରରେ ଯୋଗ ଦେଇଥିଲେ ।

## ସମୀର ରାଉତରାୟଙ୍କୁ କଂଗ୍ରେସ କମିଟିର ପ୍ରଶାସନିକ ଦାୟିତ୍ୱ ପ୍ରଦାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଦୈନନ୍ଦିନ କାର୍ଯ୍ୟର ସୁପରିଚାଳନା ନିମନ୍ତେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ସମୀର କୁମାର ରାଉତରାୟଙ୍କୁ ପ୍ରଦେଶ କଂଗ୍ରେସ କମିଟିର ପ୍ରଶାସନିକ ଦାୟିତ୍ୱ ଦେଇଛନ୍ତି ବୋଲି ପିସିସି କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

## ନିର୍ବାଚନରେ ଗାଡ଼ି, ଟେଣ୍ଟ ଖର୍ଚ୍ଚ ୧୧୬ କୋଟି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୨୦୨୪ ସାଧାରଣ ନିର୍ବାଚନରେ ଗାଡ଼ି, ଟେଣ୍ଟ, ସାଉଣ୍ଡ ଓ ବ୍ୟାରିକେଡ଼ ବାବଦକୁ ୧୧୫ କୋଟି ୯୪ ଲକ୍ଷ ୨୬ ହଜାର ଟଙ୍କା ଖର୍ଚ୍ଚ ହୋଇଛି। କେବଳ ଗାଡ଼ି ବାବଦକୁ ୮୦ କୋଟି ୯୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଟେଣ୍ଟ ସାଉଣ୍ଡ ଓ ବ୍ୟାରିକେଡ଼ ବାବଦକୁ ୩୫ କୋଟି ୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ବିଧାନସଭାରେ ଉତ୍ତର ରଖିଛନ୍ତି।

# ଗୁରୁ ପଙ୍କଜ ଉତ୍ସବ ଓ ମାହାରୀ ସମ୍ମାନ ସମାରୋହ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୩୧ତମ ଗୁରୁ ପଙ୍କଜ ଚରଣ ଓଡିଶୀ ଗବେଷଣା ପ୍ରତିଷ୍ଠାନ ତରଫରୁ ପ୍ରତିବର୍ଷ ଆୟୋଜନ କରାଯାଉଥିବା ସୋମବାର ଠାରୁ ୩ ଦିନ ବ୍ୟାପି ଅନୁଷ୍ଠିତ ହୋଇଛି ଗୁରୁ ପଙ୍କଜ ଉତ୍ସବ ଓ ମାହାରୀ ସମ୍ମାନ ସମାରୋହ । ଏହା ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି । ଗୁରୁ ପଙ୍କଜ ଚରଣ ଦାସଙ୍କ ୧୦୬ତମ ଜନ୍ମ ଜୟନ୍ତୀ ଓଡିଶା ସରକାରଙ୍କ ଓଡିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଗୁରୁ କେଳୁଚରଣ ମହାପାତ୍ର ଗବେଷଣା କେନ୍ଦ୍ର ମିଳିତ ସହଯୋଗରେ ପାଳନ କରାଯାଇଛି । ଏହି ଅବସରରେ ଶ୍ରୀମନ୍ଦିରରେ ପ୍ରଚଳିତ ନୃତ୍ୟ ସଙ୍ଗୀତ ସେବକ ସେବିକାମାନଙ୍କ ଅବଦାନକୁ ସମ୍ମାନ ଜଣାଇ ଓ ସେମାନଙ୍କ



ସ୍ମୃତିରେ ୪ଜଣ ଶିଳ୍ପୀଙ୍କୁ ଜୀବନବ୍ୟାପି ସାଧନା ଓ ଓଡିଶାର କଳା ସଂସ୍କୃତି ବିଶେଷ ଅବଦାନ ପାଇଁ ଡ଼ ଧୀରଜ କୁମାର ମହାପାତ୍ରଙ୍କୁ ବୀଣା କାର ସମ୍ମାନ, ବିଶିଷ୍ଟ ଗାୟନ କ୍ଷେତ୍ର ରେ ମିତାଲି ଚିନେରାଙ୍କୁ ଗାଉଣି ସମ୍ପ୍ରଦା ସମ୍ମାନ, ବିଶିଷ୍ଟ ଓଡିଶୀ ମର୍ଦ୍ଦଳ କ୍ଷେତ୍ରରେ ଗୁରୁ ବୁଦ୍ଧା ନାଥ ସ୍ୱାଇଁଙ୍କୁ ମାଦେଳି ସମ୍ମାନ, କଲିକତାର ବିଶିଷ୍ଟ ନୃତ୍ୟ ଶିଳ୍ପୀ ଶ୍ରୀପର୍ଣ୍ଣା ବୋଷଙ୍କୁ ନାଚୁଣୀ ସମ୍ପ୍ରଦାୟ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଉଦ୍‌ଘାଟନୀ ସଂଧ୍ୟାରେ ଅତିଥି ମାନେ ଥିଲେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିବା ଦୁର୍ଗାଚରଣ ରଣବୀର, ବିଶିଷ୍ଟ ସମାଜ ସେବୀ ତଥା ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପରିଚୟ ଫାଉଣ୍ଡେସନର ନିର୍ଦ୍ଦେଶିକା ରୋଜାଲିନ ପାଟ୍ଟଶାଣୀ ପ୍ରଶାନିକ ଅଧିକାରୀ ଗୁରୁକେଳୁ ଚରଣ ମହାପାତ୍ର, ଅନୁଜା ତରଣୀ ମିଶ, ଅନୁଷ୍ଠାନର ନିର୍ଦ୍ଦେଶକ ସଂପାଦକ ଶରତ ଦାସ ଅନୁଷ୍ଠାନର ସଭାପତି ବଟକୃଷ୍ଣ ତ୍ରିପାଠୀ, ଅଧକ୍ଷା ସ୍ମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମେ ନୃତ୍ୟଶିଳ୍ପୀ ମାନେ ସମବେତ ଭାବରେ ଗୁରୁଙ୍କ ପ୍ରତିକୃତିରେ ଶ୍ରଦ୍ଧାସୁମନ ପୁଷ୍ପ ପ୍ରଦାନ ପୂର୍ବକ ଗୁରୁ ବ୍ରହ୍ମା ଶ୍ଳୋକରେ ଗୁରୁଙ୍କ ପ୍ରତି ନୃତ୍ୟ ନିବେଦନ କରିଥିଲେ । ପରେ ପ୍ରଥମେ ନୃତ୍ୟ ଶିଳ୍ପୀ ଭାବରେ ଆଦ୍ୟାସା ମିଶ୍ରଙ୍କ ଦ୍ୱାରା ଯାଜ୍ଞସେନୀ ନୃତ୍ୟାଭିନୟ କରି ଦର୍ଶକଙ୍କୁ ବିମୋହିତ କରିଥିଲେ । ନୃତ୍ୟ ସଂଯୋଜନା କରିଥିଲେ ଗୁରୁ ପୁଷ୍ପିତା ମିଶ୍ର । ଶେଷରେ ଅରୁଣା ମହାନ୍ତିଙ୍କ ସରଞ୍ଜନାରେ ରୁଦ୍ରମଙ୍ଗଳା ପ୍ରସ୍ତୁତି କରିଥିଲେ ନୃତ୍ୟ ଶିଳ୍ପୀ ଚିନ୍ମୟ ବେହେରା । ମଞ୍ଚ ପରିଚାଳନା କରିଥିଲେ ମୃତ୍ୟୁଞ୍ଜୟ ରଥ ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ଧନ, ଜନ, ଯୌବନରେ ତିଳେ ମାତ୍ର ଗର୍ବ କର ନାହିଁ। କାରଣ କାଳ ଏହାକୁ ହରଣ କରିନିଏ।"

-ଆଦି ଶଙ୍କରାଚାର୍ଯ୍ୟ



"ସମାନତା ଏକ କଳ୍ପନା ହୋଇପାରେ କିନ୍ତୁ ତଥାପି ତାକୁ ଏକ ଶାସକୀୟ ସିଦ୍ଧାନ୍ତ ରୂପେ ସ୍ୱୀକାର କରିବା ଉଚିତ୍।"

-ବି.ଆର୍ ଆମ୍ବେଦକର



# ଓଡ଼ିଶାରେ ବନାଗ୍ନିର ବିଭୀଷିକା

## ପ୍ରଶାସନର ତତ୍ପରତା ଲୋଡ଼ା

ଓଡ଼ିଶାରେ ଦିନର ତାତି ବଢ଼ିଚାଲିବା ସହ ମୂଲ୍ୟବାନ୍ ଜଙ୍ଗଲଗୁଡ଼ିକ ହୁ ହୁ ହୋଇ ଜଳିବାକୁ ଆରମ୍ଭ କରିଛି। ବହୁ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ଏବେ ୪୦ ଡିଗ୍ରୀ ଟପିଥିବା ବେଳେ ଟାଣ ଖରା ଓ ଅସହ୍ୟ ଗୁଳୁଗୁଳି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଏହାରି ଭିତରେ ଜଙ୍ଗଲ ନିଆଁ ବା ବନାଗ୍ନିର କରାଳ ରୂପ ରାଜ୍ୟ ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। ମିଳିଥିବା ସୂଚନା ଅନୁଯାୟୀ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରକୋପ ଯୋଗୁଁ ଜଙ୍ଗଲ ଭିତରେ ଡାଳପତ୍ର ଶୁଖିଲା ଅବସ୍ଥାରେ ରହିଛି। କୌଣସି କାରଣରୁ ସେଥିରେ ନିଆଁ ଲାଗିଲେ ସମଗ୍ର ଜଙ୍ଗଲକୁ ତାହା ମୁହୂର୍ତ୍ତକ ମଧ୍ୟରେ ପୋଡ଼ିଜାଳି ପାଉଁଶ କରିଦେଉଛି। କେତେକ କ୍ଷେତ୍ରରେ ବନାଗ୍ନିର ବିଭୀଷିକାକୁ ରୋକିବା ବନ ବିଭାଗ କର୍ମଚାରୀଙ୍କ ପକ୍ଷରେ ସମ୍ଭବପର ହେଉନାହିଁ ଏବଂ ଏହା ସେମାନଙ୍କ ଆୟତ୍ତ ବାହାରକୁ ଚାଲିଯାଉଛି। ଚଳିତ ବର୍ଷ ଜାନୁଆରୀ-ଫେବୃଆରୀ ମାସରୁ ଓଡ଼ିଶାରେ ବର୍ଷା ଉଭାନ୍ ହୋଇଛି ଏବଂ ଦିନ ଓ ରାତିର ଉତ୍ତାପ ବଢ଼ିଚାଲିଛି। ତେଣୁ ମାର୍ଚ୍ଚ ମାସ ମଧ୍ୟଭାଗ ସୁଦ୍ଧା ବନାଗ୍ନି ଉଗ୍ରରୂପ ଧାରଣ କରିଛି। ଗତ ୨୦୨୧ ମସିହାରେ ଓଡ଼ିଶାରେ ବନାଗ୍ନି ସଂଖ୍ୟା ରେକର୍ଡସ୍ତର ଛୁଇଁଥିବା ସ୍ଥଳେ ଏଥର ସେହି ରେକର୍ଡ ଟପି ଯାଇପାରେ ବୋଲି ବିଶେଷଜ୍ଞମାନେ ଆକଳନ କରୁଛନ୍ତି। ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ୱେବ୍‌ସାଇଟ୍‌ରୁ ହସ୍ତଗତ ହୋଇଥିବା ତଥ୍ୟ ଅନୁଯାୟୀ ଗତ ସପ୍ତାହକ ମଧ୍ୟରେ ମଧ୍ୟପ୍ରଦେଶର ୩୧୨ଟି, ମହାରାଷ୍ଟ୍ରର ୨୯୫ଟି, ଓଡ଼ିଶାର ୨୬୧ଟି ଏବଂ ଛତିଶଗଡ଼ରେ ୨୧୦ଟି ସ୍ଥାନରେ ଜଙ୍ଗଲରେ ନିଆଁ ଲାଗିଥିଲା। ରବିବାର କେବଳ ଗୋଟିଏ ଦିନରେ ଓଡ଼ିଶାର ୫୫ଟି ସର୍କଲରେ ଜଙ୍ଗଲ ଜଳୁଥିବା ବେଳେ ଆନ୍ଧ୍ର ପ୍ରଦେଶର ୫୩ଟି, ମଧ୍ୟପ୍ରଦେଶର ୫୪ଟି ଓ ଛତିଶଗଡ଼ର ୬୭ଟି ସର୍କଲରେ ବନାଗ୍ନି ମୁଣ୍ଡ ଟେକିଥିଲା। ପରିବେଶ ସୁରକ୍ଷା ପାଇଁ ଅଧିକ ବୃକ୍ଷରୋପଣ ଓ ନୂତନ ଜଙ୍ଗଲ ସୃଷ୍ଟି ଉପରେ ଏବେ ଅଧିକ ଗୁରୁତ୍ୱ ଦିଆଯାଉଥିବା ସ୍ଥଳେ ବନାଗ୍ନି ଯୋଗୁଁ ଅସଂଖ୍ୟ ମୂଲ୍ୟବାନ୍ ଗଛପୋଡ଼ି ପାଉଁଶ ହେବା ନିଶ୍ଚିତ ଭାବରେ ଯେ ଚିନ୍ତାଜନକ ଏଥିରେ ସନ୍ଦେହ ନାହିଁ। ସେହିପରି ଦିନରାତି ଜଳୁଥିବା ଜଙ୍ଗଲ ନିଆଁର ଧାସରେ ଆଖପାଖ ଜନବସତିଗୁଡ଼ିକରେ ଭୀଷଣ ଗରମ ଅନୁଭୂତ ହେଉଛି ଏବଂ ଜନସାଧାରଣ କଲବଲ ହେଉଛନ୍ତି। ବନ୍ୟପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ସରକାର ବିଭିନ୍ନ ପଦକ୍ଷେପ ନେଉଥିବା ସମୟରେ ଜଙ୍ଗଲ ନିଆଁରେ ଅନେକ ବିରଳ ପ୍ରଜାତିର ଜୀବଜନ୍ତୁଙ୍କ ମୃତ୍ୟୁ ଘଟୁଛି। ସବୁଠାରୁ ଦୁର୍ଭାଗ୍ୟର ବିଷୟ ହେଉଛି କେତେକ ସ୍ଥାନରେ ବିଭିନ୍ନ ମନୁଷ୍ୟକୃତ କାରଣରୁ ମଧ୍ୟ ଜଙ୍ଗଲରେ ନିଆଁ ଲାଗୁଛି, ଯାହାକୁ ରୋକିବାରେ ବିଭାଗୀୟ କର୍ତ୍ତୃପକ୍ଷ ବିଫଳ ହେଉଛନ୍ତି। ଉଦାହରଣ ସ୍ୱରୂପ ମହୁଲଫୁଲ ଓ ଶାଳମଞ୍ଜି ସଂଗ୍ରହ ପାଇଁ ଲୋକେ ଶାଳଗଛ ମୂଳେ ଏବଂ ମହୁଲ ଗଛ ତଳେ ନିଆଁ ଲଗାଇ ଦେଇଥାନ୍ତି। ଏହି ନିଆଁ ଚାରିଆଡ଼କୁ ବ୍ୟାପି ସାରା ଜଙ୍ଗଲକୁ ନଷ୍ଟ କରିଦେଉଛି। ଏହାର ବିକଳ୍ପ ଚିନ୍ତା କରାଯିବାର ଜରୁରି ଆବଶ୍ୟକତା ରହିଛି। ଅସାଧୁ ଶିକାରୀମାନେ ଜୀବଜନ୍ତୁ ଶିକାର କରିବା ଉଦ୍ଦେଶ୍ୟରେ ଜଙ୍ଗଲରେ ନିଆଁ ଲଗାଇ ଦେଉଥିବାର ଅଭିଯୋଗ ହେଉଛି ଏବଂ ସେମାନଙ୍କ ବିରୋଧରେ ମଧ୍ୟ ବନ ବିଭାଗ କଠୋର ପଦକ୍ଷେପ ଗ୍ରହଣ କରିବା ଉଚିତ୍। ବନାଗ୍ନିକୁ ଆୟତ୍ତ କରିବା ପାଇଁ ଚଳିତବର୍ଷ ନୂତନ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ମାତ୍ର ବାସ୍ତବ କ୍ଷେତ୍ରରେ ଏହି ଘୋଷଣା ମୂଲ୍ୟହୀନ ହୋଇଛି ଏବଂ ନିଆଁ ରୋକିବାକୁ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନାହିଁ। ସଂପ୍ରତି ବିଧାନସଭା ଅଧିବେଶନରେ ବନାଗ୍ନିକୁ ନେଇ ଗୃହରେ ଉଦ୍‌ବେଗ ପ୍ରକାଶ ପାଇବା ସଙ୍ଗେ ସଙ୍ଗେ ଶାସକ ଓ ବିରୋଧୀ ଦଳ ମୁହାଁମୁହିଁ ସ୍ଥିତିରେ ପହଞ୍ଚିଥିଲେ। ଏହାସତ୍ତ୍ୱେ ସରକାରଙ୍କ ପକ୍ଷରୁ ଏଥିନେଇ ବିଶେଷ କୌଣସି ତତ୍ପରତା ଲକ୍ଷ୍ୟ କରାଯାଉନାହିଁ। ମାର୍ଚ୍ଚ ମାସ ମଧ୍ୟଭାଗରୁ ଯଦି ବନାଗ୍ନି ଏଭଳି ଗୁରୁତର ସମସ୍ୟା ସୃଷ୍ଟି କଲାଣି, ଆଗକୁ ଏପ୍ରିଲ ଓ ମଇ ମାସରେ କିଭଳି ସାଂଘାତିକ ସ୍ଥିତି ସୃଷ୍ଟି ହେବ, ତାହା ସହଜେ ଅନୁମେୟ।

# ବଢୁଛି ରଣ ଓ ମୁଣ୍ଡପିଛା ରଣଭାର



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଚାର୍ବାକଙ୍କ ନୀତି 'ଋଣଂ କୃତ୍ୱା ଘୃତଂ ପିବେତ୍' ଅବସ୍ଥା ଏବେ ଆମ ଦେଶର ହୋଇଛି।

ଏବେ ଆନ୍ତରାଷ୍ଟ୍ରୀୟ ମୁଦ୍ରା କୋଷ (ଆଇଏମ୍‌ଏଫ) ସତର୍କ କରାଇ ଦେଇଛି ଯେ ଭାରତ ସରକାର ଯେମିତି ରଣ ନେଇ ଚାଲିଛନ୍ତି ସେଇ ଅବସ୍ଥା ଜାରି ରହିଲେ ଆସନ୍ତା କିଛି ବର୍ଷ ମଧ୍ୟରେ ଭାରତର ରଣ ଦେଶର ଜିଡିପିର ୧୦୦ ପ୍ରତିଶତ ହୋଇଯିବ। କିନ୍ତୁ ଭାରତ ସରକାର ଅନ୍ତରାଷ୍ଟ୍ରୀୟ ମୁଦ୍ରା କୋଷର ଏହି ଚେତାବନୀକୁ ଅଣଦେଖା କରି କହିଛନ୍ତି ଭାରତ ସରକାର ଯେତିକି ରଣ ନେଇଛନ୍ତି ସେଥି ମଧ୍ୟରୁ ଅଧିକ ରଣ ଭାରତୀୟ ମୁଦ୍ରାରେ ଏଣୁ ଏଥିପାଇଁ କୌଣସି ସମସ୍ୟା ଉପୁଜିବ ନାହିଁ। ଭାରତ ସରକାରଙ୍କ ଏହି ସ୍ପଷ୍ଟିକରଣକୁ ନେଇ ଅନେକ ସନ୍ଦେହ ରହିଛି। କାରଣ ହେଉଛି ଭାରତର ପୁରା ଅର୍ଥବ୍ୟବସ୍ଥାର ପାଖାପାଖି ୫୬ ପ୍ରତିଶତ ରଣ ଅଟେ। ରଣ ପରିଶୋଧ କରିବା କଷ୍ଟକର ହୋଇ ପଡିବ ବୋଲି ମଧ୍ୟ ଅନେକ ଅର୍ଥଶାସ୍ତ୍ରୀ ଓ ଆର୍ଥିକ ସଂସ୍ଥା ଆକଳନ କରିବା ଆରମ୍ଭ କଲେଣି। ରଣ ପରିଶୋଧ ପାଇଁ ଭାରତକୁ ଅଧିକ ସୁଧ ମଧ୍ୟ ପଡିପାରେ। ଏହି ରଣ କାରଣରୁ ଦେଶର ପ୍ରତ୍ୟେକ ଲୋକଙ୍କ ଉପରେ ମୁଣ୍ଡ ପିଛା ରଣ ଏକଲକ୍ଷ ୪୦ ହଜାର ପାଖାପାଖି ପହଞ୍ଚିଲାଣି। ଭାରତ ସରକାର ଯେଉଁ ବିଦେଶୀ ରଣ ଆଣିଛନ୍ତି ତା'ର ୭୭ ପ୍ରତିଶତ ଦୀର୍ଘ ଅବଧିର ରଣ ଥିବାବେଳେ ଭାରତ ଯେତିକି ବିଦେଶୀ ରଣ ଆଣିଛି ତା'ର ଏକ ତୃତୀୟାଂଶ କେବଳ ବିଶ୍ୱବ୍ୟାଙ୍କରୁ ଆଣିଛି। ଜର୍ମାନ, ଜାପାନ ଏବଂ ଋଷ ମଧ୍ୟ ଭାରତକୁ ରଣ ପ୍ରଦାନ କରିଥିବା କଥା ସରକାରଙ୍କ ରିପୋର୍ଟରୁ ଜଣାପଡିଛି।

ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ଓ ପ୍ରଧାନମନ୍ତ୍ରୀ ହେବା ପରେ ଅନେକ ଥର କହିଛନ୍ତି ଯେ ପୂର୍ବର (ଉପା) ସରକାର ଦେଶକୁ ରଣ ଭାରରେ ବୁଡ଼ାଇ ଦେଇଥିଲା ଓ ଲୋକଙ୍କ ଉପରେ ମୁଣ୍ଡପିଛା ରଣ ବଢିଥିଲା ଯାହାକୁ ତାଙ୍କ ସରକାର ଶେଷ କରିଦେବ। ମୋଦି କହୁଥିଲେ ଭାରତ ମାତାର ସନ୍ତାନ ମାନଙ୍କ ଉପରେ ଥିବା ରଣ ବୋଝକୁ ଲାଘବ ନକରିବା ପର୍ଯ୍ୟନ୍ତ ତାଙ୍କୁ ଶାନ୍ତି ମିଳିବ ନାହିଁ। କିନ୍ତୁ ଲୋକଙ୍କ ମୁଣ୍ଡରୁ ରଣ ବୋଝକୁ ହାଲୁକା କରିବା ପରିବର୍ତ୍ତେ ଏବେ ନିଜେ ଲୋକଙ୍କ ଉପରେ ରଣର ବୋଝକୁ ଅଧିକ ବଢ଼ାଇ ଦେଇଛନ୍ତି। ଏବେ ଅବସ୍ଥା ଯାହା ରଣ ପରିଶୋଧ କରାଯାଇ ପାରିବ କି ନାହିଁ ସେକଥାକୁ ନେଇ ଆଶଙ୍କା ସୃଷ୍ଟି ହେଲାଣି। ସରକାରୀ ତଥ୍ୟ ଅନୁସାରେ ନରେନ୍ଦ୍ର ମୋଦୀଙ୍କ ଶାସନର ୯ବର୍ଷ ମଧ୍ୟରେ ୧୮୧ ପ୍ରତିଶତ ରଣ ବଢ଼ିଛି। ୨୦୨୩ ସୁଦ୍ଧା ଭାରତ ସରକାର ୧୫୫ ଲକ୍ଷ କୋଟି ଟଙ୍କାର ରଣ ଆଣିଥିଲେ। ୨୦୨୪ ସେପ୍ଟେମ୍ବର ସୁଦ୍ଧା ବିଦେଶୀ ରଣରେ ଦେଶର ଜିଡିପି (ସକଳ ଘରୋଇ ଉତ୍ପାଦ)ର ଅନୁପାତ ୧୯.୪ ପ୍ରତିଶତ ଥିଲା। ଫେବୃୟାରୀ ୨୦୨୫ ସୁଦ୍ଧା ଭାରତ ସରକାର ୧୮୧.୭୪ଲକ୍ଷ କୋଟି ଟଙ୍କାର ରଣ ଆଣିଛନ୍ତି। କେହି କେବେ ପ୍ରଧାନମନ୍ତ୍ରୀଙ୍କୁ ଏ ପ୍ରସଙ୍ଗରେ ପ୍ରଶ୍ନ କରିଛନ୍ତି କି? ରଣ ବୋଝ ହାଲୁକା କରିବା ପାଇଁ ଆସିଥିବା ସରକାର ସମୟରେ ରଣଭାର ଏତେ ବଢିଲା କାହିଁକି? ଏ ବାବଦରେ ଯେଉଁମାନେ ପ୍ରଶ୍ନ କରିବା କଥା (ଗଣମାଧ୍ୟମ) ସେମାନେ ନୀରବ। ବିରୋଧୀ ଦଳ ପ୍ରଶ୍ନ କଲେ ସରକାର ସେମାନଙ୍କ କଥାକୁ ଗୁରୁତ୍ୱ ଦେଉନାହାଁନ୍ତି। ଏଣୁ ପ୍ରଶ୍ନ କରିବ କିଏ ଏବଂ ଉତ୍ତର ଦେବ କିଏ? ସରକାରୀ ତଥ୍ୟରୁ ସ୍ପଷ୍ଟ ଯେ ୧୪ ପ୍ରଧାନମନ୍ତ୍ରୀ ମାନେ୬୭ ବର୍ଷ ମଧ୍ୟରେ ୫୫ଲକ୍ଷ କୋଟି ରଣ କରିଥିଲେ। ଯେତେବେଳେ ମୋଦୀ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଥିଲେ ଓ ୨୦୧୪ରେ ଯେତେବେଳେ ପ୍ରଧାନମନ୍ତ୍ରୀ ହେଲେ ସେତେବେଳେ ରଣକୁ ନେଇ ଅନେକ କଥା କହିଥିଲେ। କିନ୍ତୁ ଏବେ ସେ ନିଜେ ପ୍ରଧାନମନ୍ତ୍ରୀ ଥିବାବେଳେ ତାଙ୍କୁ ସରକାରର ୯ବର୍ଷ ମଧ୍ୟରେ ଦେଶର ରଣ ୩ଗୁଣ ହୋଇଯାଇଛି। ୯ବର୍ଷ ମଧ୍ୟରେ ତାଙ୍କ ସରକାର ୧୦୦ ଲକ୍ଷ କୋଟିରୁ ଅଧିକ ଟଙ୍କା ରଣ ଆଣିଛି। ଅର୍ଥାତ୍ ୨୦୧୪ ସୁଦ୍ଧ ଦେଶର ରଣଥିଲା ୫୫ଲକ୍ଷ କୋଟି ଓ ଏହା ୯ ବର୍ଷରେ ବୃଦ୍ଧି ପାଇ ୧୫୫ ଲକ୍ଷ କୋଟିରେ ପହଞ୍ଚି ଥିଲା। ଭାରତ ସରକାରଙ୍କ ଉପରେ କେତେ ରଣଅଛି ସେ କଥା କେନ୍ଦ୍ର ସରକାରଙ୍କ ଅଫିସିଆଲ ୱେବସାଇଟରୁ ଉପଲବ୍ଧ। ଏଥିରୁ ଜଣାପଡିଛି ଯେ ୨୦୨୩ ମାର୍ଚ୍ଚ ୩୧ ସୁଦ୍ଧା ଦେଶର ରଣ ୧୫୫ଲକ୍ଷ କୋଟିଥିଲା ଓ ୨୦୨୪ ମାର୍ଚ୍ଚ ସୁଦ୍ଧା ଏହା ବୃଦ୍ଧି ପାଇ ୧୭୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ।

୨୦୨୩ ମାର୍ଚ୍ଚ ୨୦ ତାରିଖରେ ସାଂସଦ ନାଗେଶ୍ୱର ରାଓଙ୍କ ପ୍ରଶ୍ନର ଏକ ଲିଖିତ ଉତ୍ତର ଦେଇଥିଲେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ସାଂସଦ ନାଗେଶ୍ୱର ରାଓ ଦେଶର ରଣ ପ୍ରସଙ୍ଗରେ ପ୍ରଶ୍ନ କରିଥିଲେ ଓ କେନ୍ଦ୍ର ଅର୍ଥମନ୍ତ୍ରୀ ଉତ୍ତରରେ କହିଥିଲେ ୨୦୨୩ ମାର୍ଚ୍ଚ ୩୧ ସୁଦ୍ଧା ଭାରତ ସରକାରଙ୍କ ଉପରେ ୧୫୫ କୋଟି ଟଙ୍କାର ରଣ ରହିଛି। ୨୦୦୪ରେ ଯେତେବେଳେ ଡକ୍ଟର ମନମୋହନ ସିଂହଙ୍କ ସରକାର ଆସିଲା ସେତେବେଳେ ଦେଶର ରଣ ଥିଲା ୧୭ ଲକ୍ଷ କୋଟି। ୨୦୧୪ ସୁଦ୍ଧା ସେଇ ମନମୋହନ ସିଂହଙ୍କ ସରକାର ଥିବା ସମୟରେ ରଣ ୫୫ ଲକ୍ଷ କୋଟି ହୋଇଥିଲା। ୨୦୧୪ରେ ଦେଶର ସମୁଦାୟ ଜନସଂଖ୍ୟା ଥିଲା ପାଖାପାଖି ୧୩୦ କୋଟି ବା ତା'ଠାରୁ କିଛି ଅଧିକ। ଏହି ଜନସଂଖ୍ୟା ଓ ଦେଶର ରଣକୁ ହିସାବ କଲେ ପ୍ରତି ଭାରତୀୟଙ୍କ ମୁଣ୍ଡ ପିଛା ରଣଥିଲା ୪୨ ହଜାର ଟଙ୍କା। ୨୦୨୩ରେ ସରକାରଙ୍କ ରଣ ବୃଦ୍ଧି ପାଇ ୧୫୫ ଲକ୍ଷ କୋଟି ହେଲା। ଭାରତର ସମୁଦାୟ ଲୋକସଂଖ୍ୟା ଯଦି ୨୦୨୩ ବେଳକୁ ୧୪୦ କୋଟି ହୋଇଥାଏ ତେବେ ପ୍ରତି ଭାରତୀୟ ମୁଣ୍ଡପିଛା ରଣ ଏକ ଲକ୍ଷ ଟଙ୍କାରୁ ଅଧିକ ହୋଇଥିବ ନିଶ୍ଚୟ। ଏବେ କେନ୍ଦ୍ର ସରକାର ଯେଉଁ ବଜେଟ ଆଗତ କଲେ ତଦନୁସାରେ ୨୦୨୫ ମାର୍ଚ୍ଚ ଶେଷ ସୁଦ୍ଧା ଭାରତ ସରକାରଙ୍କ ସମୁଦାୟ ରଣ ୧୮୧ ଲକ୍ଷ ୭୪ ହଜାର କୋଟି ହୋଇଯିବ ବୋଲି ଆକଳନ କରାଯାଇଛି। ଏଣୁ ଏବେ ଯଦି ଦେଶର ଜନସଂଖ୍ୟା ୧୪୨ କୋଟି ହୁଏ ତେବେ ମୁଣ୍ଡପିଛା ରଣ କେତେହେବ ତାହା ଅନୁମେୟ, ଏହି ରଣ କାରଣରୁ ଦେଶର ପ୍ରତିବ୍ୟକ୍ତିର ମୁଣ୍ଡପିଛା ରଣ ଏକଲକ୍ଷ ୪୦ ହଜାର ପାଖାପାଖି ହେବ ନିଶ୍ଚୟ। ଦେଶର ସମୁଦାୟ ରଣ ଦେଶର ଅର୍ଥବ୍ୟବସ୍ଥାର ପାଖାପାଖି ୫୬ ପ୍ରତିଶତ।

ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ ସରକାର ଏତେ ଟଙ୍କା ରଣ ଆଣୁଛନ୍ତି କାହିଁକି? ଏହି ଅର୍ଥ ଯାଉଛି କୁଆଡେ? ସରକାର କହୁଛନ୍ତି ଯେ ଦେଶର ବିକାଶ ପାଇଁ ରଣ ଅଣାଯାଉଛି। କିନ୍ତୁ ସରକାର ଏକଥା କେବେ କହୁନାହାଁନ୍ତି ଯେ ଶାସନ ଗାଦିରେ ରହିବା ପାଇଁ ଦେଶର ଲୋକଙ୍କୁ ମାଗଣା ଜିନିଷ ବାଣ୍ଟି ସରକାର ଲୋକଙ୍କୁ ଯେ କେବଳ ଭିଖାରୀରେ ପରିଣତ କରିଦେଉଛନ୍ତି ତା' ନୁହେଁ ଲୋକଙ୍କୁ ରଣ ଭାରରେ ବୁଡାଇ ଦେଉଛନ୍ତି। ୮୦ କୋଟିରୁ ଅଧିକ ଲୋକଙ୍କୁ ମାଗଣା ରାସନ, ପାଖାପାଖି ୧୦ କୋଟି ମହିଳାଙ୍କୁ ଉଜ୍ଜ୍ୱଳା ଯୋଜନାରେ ମାଗଣା ଗ୍ୟାସ ସିଲିଣ୍ଡର, ପାଖାପାଖି ୯କୋଟି କୃଷକଙ୍କୁ ବାର୍ଷିକ ୬ ହଜାର ଟଙ୍କା ଦିଆଯିବା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨କୋଟି ଲୋକଙ୍କୁ ଘର ତିଆରି ପାଇଁ ଆର୍ଥିକ ସହାୟତା ଭଳି କିଛି ମାଗଣା ଯୋଜନା ଯାହା ଦେଶ ଏବଂ ଜନତାଙ୍କୁ ରଣ ବୋଝରେ ବୁଡାଇ ଦେଇଛି। ରଣ ଶୁଝିବା ପାଇଁ ମଧ୍ୟ ରଣ ଆଣିବାକୁ ପଡୁଛି। ଭାରତ ବିଶ୍ୱର ୫ମ ବୃହତ୍ ଅର୍ଥବ୍ୟବସ୍ଥା ବୋଲି କୁହାଯାଉଛି। କିନ୍ତୁ ଦେଶ ଉପରେ ଥିବା ରଣ କେମିତି ପରିଶୋଧ କରାଯିବ ସେକଥା କୁହାଯାଉନାହିଁ। ଏବେ କେନ୍ଦ୍ର ସରକାର ରଣବାବଦ ସୁଧ ପରିଶୋଧ ପାଇଁ ୧୦.୬୧ଲକ୍ଷ କୋଟି ଟଙ୍କା ଅତିରିକ୍ତ ରଣ କରିବାକୁ ବାଧ୍ୟ ହୋଇଛନ୍ତି। ୨୦୪୭ ସୁଦ୍ଧା ଭାରତ ବିଶ୍ୱର ୩ୟ ଅର୍ଥବ୍ୟବସ୍ଥା ହେବ ବୋଲି ସରକାର କହିଲେଣି। ଯେହେତୁ ରାଷ୍ଟ୍ରୀୟ ଜିଡିପିର ଆକାର ବଡ଼ ଏବଂ ବ୍ୟାପକ ସେହି କାରଣରୁ ଦେଶର ଅର୍ଥବ୍ୟବସ୍ଥା ମଧ୍ୟ ବଡ଼ କିନ୍ତୁ ଭାରତର ଅର୍ଥବ୍ୟବସ୍ଥା ରଣମୁକ୍ତ ଅର୍ଥବ୍ୟବସ୍ଥା ନୁହେଁ। ଭାରତର ବଜେଟ ୪୫ରୁ ୫୦ ଲକ୍ଷ କୋଟି ଏବଂ ଏହାର ଏକ ଚତୁର୍ଥାଂଶ ରଣ ବାବଦ ଅର୍ଥର ସୁଧ ପରିଶୋଧରେ ଚାଲିଯାଉଛି। ଏପରିକି ଏଥିପାଇଁ ମଧ୍ୟ ରଣ ଆଣିବାକୁ ପଡୁଛି। ଏଭଳିସ୍ଥଳେ ଭାରତ ବୃହତ୍ ଅର୍ଥବ୍ୟବସ୍ଥାର ଦେଶ ଏବଂ ବିକଶିତ ଦେଶ ହେବା ଦିଗରେ ଅଗ୍ରସର ବୋଲି କୁହାଯିବା ଠିକ୍ କି?

# ସଂକୀର୍ତ୍ତନର ମହିମା...

ମନୋଜ କୁମାର ବେହେରା
ୟୁନିଟ୍-୯(ଫ୍ଲାଟ), ଭୁବନେଶ୍ୱର
ମୋ: ୭୯୭୮୩୦୬୧୧

'ନାମ ସଂକୀର୍ତ୍ତନଂ ଯସ୍ୟ ସର୍ବ ପାପପ୍ରଣାଶନଂ। ପ୍ରଣାମେ ଦୁଃଖଶମନସ୍ତଂ ନମାମି ହରିଂ ପରମ'। ଯାହାର ନାମରେ ସଂକୀର୍ତ୍ତନ ସମ୍ପୂର୍ଣ୍ଣ ପାପର ନାଶ କରିଦେବ, ଯାହାକୁ କରାଯାଉଥିବା ପ୍ରଣାମ ସମ୍ପୂର୍ଣ୍ଣ ଦୁଃଖକୁ ଶାନ୍ତ କରି ଦେଇଥାଏ, ସେହି ପରପତତ୍ତ୍ୱ-ସ୍ୱରୂପ ଶ୍ରୀହରିଙ୍କୁ ମୁଁ ନମସ୍କାର କରୁଛି। ଏହି କଳିଯୁଗରେ ଭଗବାନଙ୍କ ନାମର ସବୁଠୁ ଅଧିକ ମହିମା ଅଛି। ଭଗବାନଙ୍କ ନାମ ହିଁ କଲ୍ୟାଣ ସୁଗମ ଆଉ ସର୍ବୋପରି ସାଧନ ଅଟେ। ଭଗବାନଙ୍କ ନାମର ଗୋଟିଏ ମାନସିକ ଜପ ହୋଇଥାଏ, ଗୋଟିଏ ଉପାଂଶୁ ଆଉ ଗୋଟିଏ ସାଧାରଣ ଜପ ହୋଇଥାଏ ତାହା ଗୋଟିଏ ସଂକୀର୍ତ୍ତନ ହୋଇଥାଏ। ମାନସିକ ଜପ ହେଲା ଯାହାର ମନରେ ହିଁ ନାମର ଜପ-ଚିନ୍ତନ ହେଉଥିବ ଯେଉଁଥିରେ କଣ୍ଠ, ଜିହ୍ୱା ଆଉ ଓଠ ହଲୁ ନଥିବ। ଉପାଂଶୁ ଜପ ହେଲା ଯେଉଁଥିରେ ମୁଖ ବନ୍ଦ ରଖିକରି କଣ୍ଠ ଆମ ଜିହ୍ୱାରେ ଜପ କରାଯାଏ ତଥା ଯିଏ ନିଜର କାନକୁ ଶୁଣିବାକୁ ଦିଏନି। ସାଧାରଣ ଜପ ହେଲା ଯେଉଁଥିରେ ନିଜର କାନକୁ ଶୁଣା ଯାଉଥିବା ଆଉ ଅନ୍ୟମାନଙ୍କୁ ମଧ୍ୟ ଶୁଭୁଥିବ ତାହା ସଂକୀର୍ତ୍ତନ ହୋଇଥାଏ। ଭଗବାନଙ୍କ ନାମର ବ୍ୟତୀତ ତାଙ୍କର ଲୀଳା, ଗୁଣ, ପ୍ରଭାବ ଆଦିର କୀର୍ତ୍ତନ ହୋଇଥାଏ କିନ୍ତୁ ଏ ସବୁରେ ନାମ-କୀର୍ତ୍ତନ ବହୁତ ସୁଗମ ଆଉ ଶ୍ରେଷ୍ଠ ଅଟେ। ଶବ୍ଦରେ ଆଲୌକିକ ଶକ୍ତି ଥାଏ। ଯେତେବେଳେ ମନୁଷ୍ୟ ଶୋଇଥାଏ ସେତେବେଳେ ତା'ର ଇନ୍ଦ୍ରିୟ ମନରେ, ବୁଦ୍ଧିରେ ଆଉ ବୁଦ୍ଧି ଅବିଦ୍ୟାରେ ଲୀନ ହୋଇଯାଏ। କିନ୍ତୁ ଯେତେବେଳେ ଶୋଇଥିବା ଅବସ୍ଥାରେ ମନୁଷ୍ୟର ନାମ ନେଇକରି ଡକାଯାଏ, ସେତେବେଳେ ସେ ଉଠିପଡ଼େ। ତଥାପି ଅନ୍ୟ ଶବ୍ଦର ମଧ୍ୟ ତା' ଉପରେ ପ୍ରଭାବ ପଡିଥାଏ, ତା'ର ନିଦ ଖୋଲିଯାଏ ଆଉ ତଥାପି ଅନେକ ନାମ ତା' ଉପରେ ଅଧିକ ପ୍ରଭାବ ପକେଇଥାଏ। ଏହି ପ୍ରକାର ଶବ୍ଦରେ ଏତେ ଶକ୍ତି ଥାଏ କି ସେ ଅବିଦ୍ୟା ଲୀନ ହୋଇ ବ୍ରେନିନ୍ଦ୍ରିୟରୁ ଜାଗ୍ରତ କରିକି ମନୁଷ୍ୟକୁ ଉଠେଇ ଦେଇଥାଏ। ଏମିତି ହିଁ ଭଗବାନ ନାମ-ସଂକୀର୍ତ୍ତନରୁ ଜନ୍ମ-ଜନ୍ମାନ୍ତରରୁ ଅଜ୍ଞାନ-ନିଦ୍ରାରେ ଶୋଇଥିବା ମନୁଷ୍ୟ ମଧ୍ୟ ଉଠିଯାଏ। ଏତିକି ନୁହେଁ ନାମ-ସଂକୀର୍ତ୍ତନର ପ୍ରଭାବର ସବୁ ଜାଗାରେ ବିରାଜମାନ ଭଗବାନ ମଧ୍ୟ ପ୍ରକଟ ହୋଇଯାଆନ୍ତି। ଭଗବାନ ଆଦିପୁରାଣରେ କୁହାଯାଇଛି କି ନାରଦ! ନା ବୈକୁଣ୍ଠରେ ନିବାସ କରନ୍ତି ଆଉ ନା ଯୋଗୀଙ୍କ ହୃଦୟରେ। ଅପିତୁ ଯେଉଁଠି ମୋର ଭକ୍ତ ମୋର ମାନ ଆଦିର କୀର୍ତ୍ତନ କରିଥାନ୍ତି, ମୁଁ ସେଠାରେ ରହିଥାଏ। ଭଗବାନଙ୍କ ଅପାର ମହିମା ହୋଇଥିବାରୁ ତାଙ୍କର ମାନସିକ ଜପର ମଧ୍ୟ ସମ୍ପୂର୍ଣ୍ଣ ପ୍ରାଣୀଙ୍କ ଉପରେ ପ୍ରଭାବ ପଡିଥାଏ ଆଉ ସେଥିରୁ ସମସ୍ତଙ୍କର ସ୍ୱାଭାବିକ ହିତ ହୋଇଥାଏ। କିନ୍ତୁ ନାମ- ସଂକୀର୍ତ୍ତନର ପ୍ରଭାବ ବୃକ୍ଷ, ଲତା ଆଦି ସ୍ଥାବର ଆଉ ମନୁଷ୍ୟ, ପଶୁ, ପକ୍ଷୀ ଆଦି ପ୍ରାଣୀଙ୍କ ଉପରେ ପଡିଥାଏ। ନିର୍ଜୀବ ପଥର, କାଷ୍ଠ, ମାଟି, ଗୃହ ଆଦି ଉପରେ ଏହାର ପ୍ରଭାବ ମଧ୍ୟ ପଡିଥାଏ। ଯେଉଁଠି ନାମ ଜପ, ଧ୍ୟାନ, କଥା, ସତସଙ୍ଗ୍ ଆଦି ଭଗବତ୍ ସମ୍ବନ୍ଧୀ କଥା ହେଉଥିବ ଅଥବା ପ୍ରଥମରୁ ହୋଇ ସାରିଥିବ, ସେଠାକୁ ଗଲେ ଶାନ୍ତି ମିଳିଥାଏ। ପାପର ନାଶ ହୋଇଥାଏ, ପବିତ୍ରତା ଆସିଥାଏ, ଜୀବନ ଉପରେ ସ୍ୱାଭାବିକ ଗୋଟିଏ ବିଲକ୍ଷଣ ପ୍ରଭାବ ପଡିଥାଏ, କିନ୍ତୁ ଏହା ଅପେକ୍ଷା ମଧ୍ୟ କୀର୍ତ୍ତନ ପ୍ରେମୀଙ୍କ ଉପରେ ନାମ-ସଂକୀର୍ତ୍ତନର ବିଶେଷ ପ୍ରଭାବ ପଡିଥାଏ। ନାମ-ସଂକୀର୍ତ୍ତନରେ ସଂକୀର୍ତ୍ତନ ଶୁଣିବା ବାଲା ଆଉ ଦେଖିବା ବାଲା ଦୁହିଁଙ୍କ ଉପରେ ହିଁ ସଂକୀର୍ତ୍ତନର ପ୍ରଭାବ ପଡିଥାଏ। ଭଗବାନଙ୍କ ଦର୍ଶନରେ ଯେମିତି ପ୍ରଭାବ ପଡିଥାଏ, ସେମିତି ହିଁ ପ୍ରତ୍ୟକ୍ଷ ପ୍ରଭାବ କୀର୍ତ୍ତନ ପ୍ରେମୀ ଭକ୍ତଙ୍କ ଉପରେ ପଡିଥାଏ। ସଂକୀର୍ତ୍ତନରେ ଭଗବାନ ଆନନ୍ଦ ରୂପରେ, ପ୍ରେମ ରୂପରେ ପ୍ରକଟ ହୋଇଥାନ୍ତି। ସେଥିରେ ପ୍ରତ୍ୟକ୍ଷ ଗୋଟିଏ ରସ ଆସିଥାଏ, ଯାହାର ଅନୁଭବ କୀର୍ତ୍ତନ କରିବାବାଲା କରିଥାନ୍ତି।

# ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା ଓ ବିଶ୍ୱର ସର୍ବଶ୍ରେଷ୍ଠ ପ୍ରାଣୀ

ଡ. ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ : ୮୨୪୯୫୦୨୭୭୬

ଏହି ସଂସାରରେ ମନୁଷ୍ୟଜନ୍ମ ମିଳିବା ଅତି ଦୁର୍ଲଭ। ମନୁଷ୍ୟଜନ୍ମରେ ହିଁ ଅବିନାଶୀ ପରମାତ୍ମାଙ୍କୁ ପ୍ରାପ୍ତ କରାଯାଇପାରେ। କିନ୍ତୁ ଏହି ଜୀବନ ଯେ କେବେ ଶେଷ ହୋଇଯିବ, ତାହା କହିହେବ ନାହିଁ; ତେଣୁ ଯେଉଁମାନେ ବୁଦ୍ଧିମାନ୍, ସେମାନେ ବୟସ ହେଲେ ସାଧନା କରିବି ବୋଲି ଅପେକ୍ଷା ନକରି, ବାଲ୍ୟକାଳରୁ ହିଁ ଭଗବତ୍ ପ୍ରାପ୍ତି କରାଉଥିବା ସାଧନ କରିବା ଆବଶ୍ୟକ। କୁହାଯାଏ- ବାଲ୍ୟକାଳୁ ଧର୍ମ ଧନ ମୁଁ ସଞ୍ଚିବି, ଏ ଜୀବନ ଅନିଶ୍ଚିତ। କେଜାଣି କାହାର ଆଜି ମୃତ୍ୟୁକାଳ ହୋଇଯିବ ଉପସ୍ଥିତ। ମନୁଷ୍ୟଜନ୍ମ ପାଇ ଭଗବାନଙ୍କ ଚରଣରେ ଶରଣ ନେଇଯିବା ହିଁ ହେଉଛି ଏ ଜୀବନର ଏକମାତ୍ର ସଫଳତା; କାରଣ ଭଗବାନ୍ ହେଉଛନ୍ତି ସକଳ ପ୍ରାଣୀଙ୍କର ସ୍ୱାମୀ, ସୁହୃଦ୍, ପ୍ରିୟତମ ଓ ଆତ୍ମା। ଇନ୍ଦ୍ରିୟମାନଙ୍କ ଦ୍ୱାରା ଯେଉଁ ସୁଖ ଭୋଗ କରାଯାଏ, ଜୀବ ଯେକୌଣସି ଯୋନିରେ ଜନ୍ମିଲେ ବି, ପ୍ରାରବ୍ଧ ଅନୁସାରେ ସେଠାରେ ସେହିସବୁ ସୁଖ ମିଳିଯାଏ। ଲୋକ ନ ଚାହିଁଲେ ବି ଓ ଯେତେ ନିବାରଣ କଲେ ବି ଯେପରି ଆପେ ଆପେ ଦୁଃଖ ଆସି ପହଞ୍ଚିଯାଏ, ଠିକ୍ ସେହିପରି ସୁଖଭୋଗ ମଧ୍ୟ ଆପେ ଆପେ ମିଳେ। ତେଣୁ ସଂସାରରେ ସୁଖ ପାଇବା ପାଇଁ କୌଣସି ପ୍ରଯତ୍ନ କରିବାର ଆବଶ୍ୟକତା ନାହିଁ; କାରଣ ଆପେ ଆପେ ମିଳୁଥିବା ବସ୍ତୁ ପାଇବା ନିମନ୍ତେ ପରିଶ୍ରମ କରିବା ବାସ୍ତବରେ ନିଜର ଆୟୁ ଓ ଶକ୍ତିକୁ ବୃଥାକର୍ମରେ ଲଗାଇଦେବା ସଙ୍ଗେ ସମାନ। ଯେଉଁ ଲୋକମାନେ ଏପରି ବୃଥା ପରିଶ୍ରମ କରନ୍ତି, ସେମାନଙ୍କୁ ଭଗବାନଙ୍କର ପରମ କଲ୍ୟାଣସ୍ୱରୂପ ଚରଣକମଳ ମିଳେ ନାହିଁ। ପ୍ରାଣୀକୁ ନାନାପ୍ରକାର ଭୟ ଘେରି ରହିଛି; ତେଣୁ ରୋଗଶୋକାଦିରେ ଗ୍ରସ୍ତ ହୋଇ ମୃତ୍ୟୁର କବଳରେ ପଡ଼ିବା ପୂର୍ବରୁ ବୁଦ୍ଧିମାନ ପୁରୁଷ ନିଜର ଉଦ୍ଧାର ନିମନ୍ତେ ପ୍ରଯତ୍ନ କରିବା ଆବଶ୍ୟକ।

ଏହା କହିବାର ବାହୁଲ୍ୟ ଯେ ସମଗ୍ର ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା ଯେମିତି ବିଚିତ୍ର ଠିକ୍ ସେହିପରି ତାଙ୍କ ସୃଷ୍ଟିର ସର୍ବଶ୍ରେଷ୍ଠ ପ୍ରାଣୀ ଏଇ ମଣିଷ ମଧ୍ୟ ସଂସାରର ଯେତେକ ପ୍ରାଣୀ ଅଛନ୍ତି ସମସ୍ତଙ୍କ ଠାରୁ ବିଚିତ୍ର। ଆଉ ସେ ଏଇଥି ପାଇଁ ବିଚିତ୍ର କାହିଁକି ନା ତା'ପାଖରେ ବୁଦ୍ଧି, ବିବେକ ଓ ଭାବନାଶକ୍ତି ରହିଛି ଯାହା ଏ ଦୁନିଆର ଅନ୍ୟ କୌଣସି ପ୍ରାଣୀ ଠାରେ ପ୍ରତୀୟମାନ ହୁଏନାହିଁ। ଆଉ ଏଇ ବିଚିତ୍ର ମଣିଷର ସବୁଠାରୁ ବିଚିତ୍ର ଗୁଣ ହେଉଛି ସେ ନିଜ ଭାବକୁ ଭାଷାର ରୂପ ଦେଇ ଅନ୍ୟ ଆଗରେ ପରିପ୍ରକାଶ କରିପାରେ। ତେଣୁ ତା'ର ସେଇ ସବୁ ବିଚିତ୍ରତା ଯୋଗୁ ସେ ସଗର୍ବେ ଘୋଷଣା କରେ ସମଗ୍ର ପୃଥିବୀର ସର୍ବଶକ୍ତିମାନ ଓ ସର୍ବୋଚ୍ଚ ପ୍ରାଣୀ ଭାବରେ ନିଜକୁ। ଆକାଶରେ ଉଡିବା ଠାରୁ ଆଜି ଜଳରେ ବୁଡିବା ଯାଏଁ, ଏପରିକି ଆଲୋକଠୁ ମଧ୍ୟ ଆହୁରି ଅଧିକ ବେଗରେ ଗତି କରୁଥିବା ଆଧୁନିକ ଯାନବାହାନର ଆବିଷ୍କାର କରିସାରି ଥିବା ଏଇ ବିଚିତ୍ର ମଣିଷ ଈଶ୍ୱରଙ୍କ ଏଇ ଅପୂର୍ବ ସୃଷ୍ଟି ଧରଣୀ ରାଣୀକୁ ଛାଡି ମଙ୍ଗଳ ଗ୍ରହରେ ରହିବାର ବାଟ ବି ସେ ଖୋଜିସାରିଛି। ତଥାପି ବଦଳି ପାରିନି ମଣିଷର ସେଇ ପ୍ରକୃତି, ପ୍ରବୃତ୍ତି ଓ ଦୃଷ୍ଟିଭଙ୍ଗୀ। କହିବାର ତାତ୍ପର୍ଯ୍ୟ ଏଇଆ ଯେ ମଣିଷ ଆଜି ଯେତେ ଆଧୁନିକତା ଆଡ଼କୁ ଗତି କରୁଛି ତାର ଦୃଷ୍ଟିଭଙ୍ଗୀ ସେତେ ବଦଳିବାରେ ଲାଗିଛି। ବଣଜଙ୍ଗଲରେ ବାସକରୁଥିବା ସେଇ ଆଦିମ ମଣିଷ ଓ ଆଜିର ମଣିଷ ଭିତରେ ଆଜି ଆକାଶ ପାତାଳ ତଫାତ। ଆଧୁନିକତାର ପ୍ରଭାବ ଓ ଯାନ୍ତ୍ରିକ ସଭ୍ୟତାର ପ୍ରଭାବ ଆଜି ମଣିଷକୁ ବିଶେଷ ଭାବରେ ପ୍ରଭାବିତ କରିଛି। ଆଧୁନିକ ଜ୍ଞାନ କୌଶଳର ଉପଯୋଗ କରି ଆଜି ମଣିଷ ଅସାଧ୍ୟ ସାଧନ କରିପାରୁଛି। ପିଲା ଠାରୁ ବୁଢା ସମସ୍ତଙ୍କ ପାଖରେ ଆଜି ରହିଛି ମୋବାଇଲ। ଇଣ୍ଟରନେଟ ସାହାଯ୍ୟରେ ଯେ କୌଣସି ସମୟରେ ଯେ କୌଣସି ବିଷୟ ଅତି ସହଜରେ ଆଉ ତା' ପୁଣି ସ୍ୱଳ୍ପ ସମୟ ମଧ୍ୟରେ ଜାଣିପାରୁଛି ଆଜିର ମଣିଷ। ଯାହା ମଣିଷକୁ ଆଜି ଭିନ୍ନ ଦିଗନ୍ତର ପଥିକ ସଜାଇ ଦେଇଛି। ସମସ୍ତଙ୍କ ମନରେ ଆଜି ଅଶ୍ଳୀଳ ଓ ଅନୈତିକ ଦୃଷ୍ଟିଭଙ୍ଗୀର ବିଜ ବପନରେ ଏଇ ଆଧୁନିକତା ସମ୍ପୂର୍ଣ୍ଣ ଭାବରେ ଦାୟୀ। ଯେପରି ଏକ ନବ ଯୌବନା ବାରାଙ୍ଗନାକୁ ଅବଲୋକନ ପୂର୍ବକ କବି, ଭାବୁକ, ପ୍ରେମିକ, ସନ୍ନ୍ୟାସୀଙ୍କ ମତାମତ ନିଆଯାଏ ତା'ହେଲେ ସେମାନଙ୍କ ମତ ନିମ୍ନପ୍ରକାର ହୁଅନ୍ତା। ଯେପରି କବି ଜଣକ ତରୁଣୀର ରୂପକୁ ପ୍ରକୃତି ସହ ତୁଳନା କରି ଭାବ ବିହ୍ୱଳିତ ହୋଇଉଠିବା ବେଳେ ଭାବୁକ ଜଣକ ତା'ର ସୌନ୍ଦର୍ଯ୍ୟକୁ ଭୂୟସୀ ପ୍ରଶଂସା କରି ତା'ର ରୂପରେ ବିମୁଗ୍ଧ ହୋଇଥାନ୍ତେ ଠିକ୍? ସେହିପରି ପ୍ରେମିକ ଜଣକ କାମନାବଶରେ ଅଧୀର ହୋଇ ଦେହ ଭୋଗ ବାସନା ପୋଷଣ କଲାବେଳେ ସନ୍ନ୍ୟାସୀ ଜଣକ ଦେବୀ ଦୁର୍ଗାଙ୍କ ପ୍ରତିରୂପ ସହ ତୁଳନା କରି ବନ୍ଦନା ପାଠରେ ଲାଗିପଡ଼ନ୍ତେ।

ଈଶ୍ୱର ତାଙ୍କ ସୃଷ୍ଟିର ତାଙ୍କ ନିଜ ଲୋକଙ୍କ ଉପରେ ସଦା ସର୍ବଦା ଅତ୍ୟନ୍ତ ଦୟାଭାବ ରହିଥାଏ। ଅତଏବ ପ୍ରଭୁଙ୍କ କୃପାରୁ ନିଜର କଲ୍ୟାଣ ନିଶ୍ଚିତ ହୋଇଥାଏ, ଏଥିରେ ତିଳେ ହେଲେ ଶଙ୍କା କରିବା ଉଚିତ୍ ନୁହେଁ। ତେବେ ଈଶ୍ୱରଙ୍କୁ ଉପଲବ୍ଧ କରିବାକୁ ହେଲେ ପ୍ରତ୍ୟେକ ସମୟରେ ଭଗବତ୍ ସ୍ମରଣ ପୂର୍ବକ ଆନନ୍ଦରେ ନିବାସ କରିବାକୁ ହୋଇଥାଏ ଆଉ ଭଗବତ୍ ସ୍ମରଣରେ ମୁଗ୍ଧ ହୋଇଯିବା ଦରକାର ହୋଇଥାଏ। ପ୍ରସନ୍ନତା ଓ ଆନନ୍ଦ ତ ଭଗବାନଙ୍କର ସ୍ୱରୂପ ଅଟେ। ନିଜ ଇଷ୍ଟଦେବଙ୍କର ସ୍ମରଣ କର ଅଥବା ଭଗବାନଙ୍କର କୌଣସି ଏକ ସ୍ୱରୂପକୁ ଯେଭଳି ନାରାୟଣ, ରାମଚନ୍ଦ୍ର, ଶିବ, କୃଷ୍ଣ ତଥା ନିରାକାର ଆଦି। ଭଗବତ୍ ସ୍ମରଣରେ ଆନନ୍ଦ ହିଁ ଆନନ୍ଦ ରହିଛି, ଅନ୍ୟ କିଛି ନୁହେଁ। ଯଦି କିଏ କହନ୍ତି କି ଭଗବାନଙ୍କର ସ୍ମରଣରେ ଆନନ୍ଦ ମିଳୁନାହିଁ, ତେବେ ଏଥିରୁ ପ୍ରମାଣ ଯେ ସେ ଈଶ୍ୱରଙ୍କୁ ସମ୍ପୂର୍ଣ୍ଣ ସମର୍ପଣରେ ଡାକି ନାହିଁ ଏବଂ ଆନନ୍ଦ ପ୍ରତୀତ ନହେବା ତ ନିଜର ମାନ୍ୟତା ଅଟେ। ଯଦି ସାଧକ କେବଳ ମାନିନେବେ କି, ଭଗବତ୍ ସ୍ମରଣରେ ଆନନ୍ଦ ରହିଛି, ତାକୁ ଆଗକୁ ଗଲେ ନିଶ୍ଚିତ ଆନନ୍ଦ ଉପଲବ୍ଧି ହେବ, ତେବେ ଏଥିରେ ଶଙ୍କାର ଆବଶ୍ୟକତା ନାହିଁ। ମାନି ନେବାରେ ହିଁ କଲ୍ୟାଣ ନିହିତ। ଯଦି କିଏ 'ଭଗବାନ ଦୟାସାଗର ଅଟନ୍ତି ଆଉ ଭଗବତ୍ ସ୍ମରଣରେ, ଆନନ୍ଦ ଉପଲବ୍ଧି ହୁଏ' ଏତିକି ବୁଝିନିଏ ତେବେ ଦୟାମୟ ଭଗବାନ୍ ତାକୁ ନିଶ୍ଚିତ ଆନନ୍ଦ ଉପଲବ୍ଧି କରାଇଦେବେ। ତାଙ୍କର ଦୟାଳୁତା ଆମର ନିବେଦନ ଉପରେ ନିର୍ଭର କରେ। ଏହି ସାଧନରେ ରତ ରହିଲେ ନିଶ୍ଚୟ କଲ୍ୟାଣ ହେବ, କାହିଁକି ନାଁ ପ୍ରଭୁଙ୍କର ଦୟା ଅପାର, ସୀମାତୀତ। ଭଗବତ୍ ସ୍ୱରୂପ ସହିତ ତାଙ୍କ ଗୁଣ, ପ୍ରଭାବ, ରହସ୍ୟ, ତତ୍ତ୍ୱକଥାକୁ ମନେ ପକାଇଲେ, ତନ୍ମଧ୍ୟରେ ହିଁ ମୁଗ୍ଧ ରହିଲେ, ତାଙ୍କର ସ୍ୱରୂପ ସନ୍ଦର୍ଶନ କରି ବିଭୋର ହେଲେ ଓ ନିଜକୁ ସଦା ତାଙ୍କ ଆନନ୍ଦରେ ମଜ୍ଜାଇ ରଖିଲେ ଭଗବତ ଆନନ୍ଦ ସ୍ୱତଃ ପ୍ରାପ୍ତି ହୋଇଥାଏ। ଭଗବାନ ତ ବହୁତ ଦୟାଶୀଳ। ଭଗବାନ ଯଦି ଆମକୁ ମନୁଷ୍ୟ ଜନ୍ମ ନଦେଇଥାନ୍ତେ, ତେବେ ଆମେ କ'ଣ କରିପାରିଥାନ୍ତେ? ତାଙ୍କ ଉପରେ ଆମର ବା କ'ଣ ଜୋର ଅଛି? ପାହାଡ଼ ଅବା ତଦୁପରସ୍ଥ ବୃକ୍ଷ ରୂପରେ ଜନ୍ମ ଦେଇଥିଲେ ଆମେ କ'ଣ କରିପାରିଥାନ୍ତେ। କିନ୍ତୁ ଏହା ଭଗବାନଙ୍କର ଅପାର ଦୟା ଯେ ସେ ଆମକୁ ମନୁଷ୍ୟ ଜନ୍ମ ଦେଇଛନ୍ତି, ତେବେ ତାଙ୍କରି ସ୍ମରଣରେ ମୁଗ୍ଧ ନହେବା କିଭଳି? ଆମର ଜନ୍ମ ଆର୍ଯ୍ୟାବର୍ତ୍ତରେ ହୋଇଛି, ଯାହା ଆଧ୍ୟାତ୍ମିକତାରେ ପରିପୂର୍ଣ୍ଣ ଭୂମି। ଅନ୍ୟସବୁ ଭୂମି ଭୋଗଭୂମି ଅଟେ। ଏହା କେବଳ ଆଧ୍ୟାତ୍ମଭୂମି, ଯେଉଁଠି ଆମର ଜନ୍ମ ହୋଇଛି। ଭଗବାନ ସମସ୍ତ ଭୂତ ସମୁଦାୟ ଉପରେ ଅହୈତୁକୀ ଦୟା କରିଥାନ୍ତି। ଭଗବାନଙ୍କ ଉପରେ ଭରସା ରଖିବା ଦରକାର। କେବଳ ତାଙ୍କ ଉପରେ ସମ୍ପୂର୍ଣ୍ଣ ଭରସା ରଖିଲେ ବି ଆମର ତାଙ୍କପ୍ରତି ଭଲପାଇବା ନରହିଲେ ମଧ୍ୟ ତାଙ୍କର ଆମ ପ୍ରତି ଭଲପାଇବା ନିଶ୍ଚିତ ରହିବ। ଆମେ ଭଗବାନଙ୍କୁ ପ୍ରେମପୂର୍ଣ୍ଣ ସ୍ତୁତି ନ କଲେ ମଧ୍ୟ ସେ ଆମର ସହାୟତା ନିଶ୍ଚିତ କରିବେ। ଏଣୁ ଏ ସବୁ ସମ୍ଭବ କେବଳ ଭଗବତ ପ୍ରାପ୍ତି ଉପରେ ହିଁ ନିର୍ଭର କରେ।

# ବଞ୍ଚିବାର କଳା

ହେମନ୍ତ କୁମାର ପରିଡ଼ା
ମାଳତୀ କୁଞ୍ଜ, ପ୍ଲଟ-ନଂ-୫୨୬ ଡି
ସେକ୍ଟର-୧୦, ସିଡ଼ିଏ, କଟକ
ମୋ: ୮୭୬୩୧୦୭୧୨୬

ସଂସାର ଦୁଃଖପୂର୍ଣ୍ଣ। ଜୀବନ ଜଞ୍ଜାଳରେ ଭରା। ଜନ୍ମ, ଜରା, ମୃତ୍ୟୁ ସର୍ବତ୍ର ଦୁଃଖ ହିଁ ଦୁଃଖ। ମାତୃଗର୍ଭର ଯନ୍ତ୍ରଣା ଅକଥନୀୟ। ଜରା ଦୁଃଖ ଠାରୁ ଦୁଃଖ ନାହିଁ। ମୃତ୍ୟୁ ଯନ୍ତ୍ରଣା ଆହୁରି ଭୟଙ୍କର। ଅନ୍ତେ ବହୁତେ ଏହି ଅନୁଭବ ପ୍ରାୟ ସମସ୍ତଙ୍କର ଅଛି। ଆମର ପୁରାଣ ଶାସ୍ତ୍ର ତଥା ଅନୁଭବୀ ସାଧୁସନ୍ଥମାନେ ଏହା ପ୍ରକାଶ କରିଛନ୍ତି। ଜୀବ ଆସିଛି, ଦିନେ ସବୁ ଛାଡ଼ି ସ୍ୱଧାମକୁ ଫେରିଯିବ। ତଥାପି ଏହି ନିତ୍ୟ ପରିବର୍ତ୍ତନଶୀଳ ନାମରୂପାତ୍ମକ ସଂସାରର ମୋହରେ ସମସ୍ତେ ମୋହିତ। ସଂସାର ଆମକୁ ପ୍ରଲୋଭିତ କରୁଛି। ସୁଖର ଆଧାର ବୋଲି ପ୍ରତ୍ୟୟ ହେଉଛି। ବାସ୍ତବରେ ଏହା ଦୁଃଖର ଅପାର ପାରାବାର। ଆମ ସମସ୍ତଙ୍କର ସକଳ ପ୍ରଚେଷ୍ଟାର ଲକ୍ଷ୍ୟ ହେଉଛି ଦୁଃଖ ସାଗରରୁ ନିବୃତ୍ତ ହୋଇ ସୁଖ ଶାନ୍ତି ଆନନ୍ଦରେ ନିବାସ କରିବା। "ସୁଖ ବାଞ୍ଛତ ସର୍ବହି ତତଃ ଧର୍ମ ସମୁଭବ।" ଏହି ସୁଖ ଶାନ୍ତି ଆନନ୍ଦ କେଉଁଠି ବଜାରରେ କିଣାବିକା ହୁଏ ନାହିଁ। ଦୁଃଖ ହେଉ ଅଥବା ସୁଖ ଏହା ସବୁ ଆମ କର୍ମର ଅର୍ଜନ ମାତ୍ର।

ଦୁଃଖ, ସୁଖ ଶାନ୍ତି ଆନନ୍ଦ ହେଉଛି ଆମ ମନର ଏକ ଏକ ଅବସ୍ଥା। ଶରୀର ମାଧ୍ୟମରେ ଏହା ଅନୁଭୂତ ହୁଏ। ଜୀବନ ଧାରଣ କରିଥିବା ପ୍ରତ୍ୟେକଙ୍କ ଜୀବନ କାଳ ଏହି ଅନୁଭବର ଅନୁଭୂତିରେ ରଞ୍ଜିମନ୍ତ। ଜୀବନର ଗତି କେବଳ ସୁଖ, ଶାନ୍ତି ଆନନ୍ଦଭରା ଗୋଲାପର ଶଯ୍ୟା ନୁହେଁ। ଭଗବାନ ମର୍ତ୍ତ୍ୟମଣ୍ଡଳରେ ଅବତୀର୍ଣ୍ଣ ହେଲେ ମଧ୍ୟ ସୁଖଦୁଃଖର ଅନୁଭବ ନେଇ ତାଙ୍କୁ ଜୀବନ ନିର୍ବାହ କରିବାକୁ ହୋଇଥାଏ। ସେ ଭଗବାନ ଶ୍ରୀରାମଚନ୍ଦ୍ର ହୁଅନ୍ତୁ ଅଥବା ଭଗବାନଙ୍କର ପୂର୍ଣ୍ଣାବତାର ଶ୍ରୀ କୃଷ୍ଣଚନ୍ଦ୍ର ହୁଅନ୍ତୁ, ଏମାନେ ମର୍ତ୍ତ୍ୟରେ ମାନବୀୟ ଶରୀର ପରିଗ୍ରହ କରି ମାନବ ହୋଇ ସୁଖଦୁଃଖ ଭୋଗ କରିଛନ୍ତି। ଜନ୍ମ, ମୃତ୍ୟୁ ଚକ୍ର ଚାଲିଥିବା ଯାଏ ଦୁଃଖ ରହିବ ହିଁ ରହିବ।

ରାମ ଥିଲେ ଅଯୋଧ୍ୟାର ରାଜକୁମାର। ରାତି ପାହିଲେ ରାଜା ହୋଇଥାଆନ୍ତେ। କିନ୍ତୁ ପିତୃସତ୍ୟ ରକ୍ଷା ଅର୍ଥେ ଆଦେଶ ମିଳିଲା ୧୪ବର୍ଷ ବନବାସ। କଷାୟ ବସ୍ତ୍ର ପରିଧାନ କରି ସୁକୁମାରୀ ପତ୍ନୀ ସୀତା ଓ ପ୍ରିୟ ଭାଇ ଲକ୍ଷ୍ମଣ ସହିତ ଯତି ବେଶରେ ବନଗମନ କଲେ। ଅଯୋଧ୍ୟାର ରାଜା ହେବାକୁ ଥିବା ଜନପ୍ରିୟ ରାଜକୁମାର ଶ୍ରୀରାମ। ଯାହାଙ୍କ ଶିରରେ ରାଜଛତ୍ର ଶୋଭା ପାଇବା କଥା ସେ ଆଜି ଅଯୋଧ୍ୟାର ରାଜରାସ୍ତାରେ ତପସ୍ୱୀ ବେଶ ଧାରଣ କରି ରିକ୍ତ ପଦରେ ବନଗମନ କରୁଛନ୍ତି। ସାଧାରଣ ମଣିଷର ମନ ନେଇ ଶ୍ରୀରାମଙ୍କର ଅବସ୍ଥାକୁ ଅନୁମାନ କଲେ ଜଣେ ସେ ମାନସିକ ସଂଘାତକୁ ବୁଝିପାରିବ। ସାଧାରଣ ଜୀବନରେ ଏହା ତାଳଗଛରୁ ଖସି ପଡ଼ିବା ଭଳି ଅବସ୍ଥା। ଖାଲି ଏତିକି ନୁହେଁ, ତାଙ୍କ ଜୀବନ ଦେଇ ବହିଯାଇଥିବା ଯେତେସବୁ ଜଞ୍ଜାଳର ଝଞ୍ଜାକୁ ଦୃଢ଼ତାର ସହ ସହିନେଇ ସେ ସଂସାରକୁ ମର୍ଯ୍ୟାଦାର ଯେଉଁ ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି ତାହା ଅନନ୍ୟ। ମାନବୀୟ ବୋଧଗମ୍ୟର ବାହାରେ ଈଶ୍ୱରୀୟ ଚେତନାର ପରମ ପରାକାଷ୍ଠା ଶ୍ରୀରାମଙ୍କ ଭିନ୍ନ ଅନ୍ୟତ୍ର ଏହା ସମ୍ଭବ ନୁହେଁ। ଜୀବନରେ ପୀଡ଼ାର ପାହାଡ଼କୁ ଧୈର୍ଯ୍ୟର ସହିତ ସହି ସେ ମାନବ ସମାଜକୁ ବଞ୍ଚିବାର କଳା ଶିକ୍ଷା ଦେଇଯାଇଛନ୍ତି। ସେଥିପାଇଁ ସମାଜ ତାଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ କହି ସମ୍ମାନ କରୁଛି।

ଭଗବାନ ଶ୍ରୀକୃଷ୍ଣ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଦୁଃଖର ପାହାଡ଼ ପରେ ପାହାଡ଼ ଅତିକ୍ରମ କରି କରି ଚାଲିଛନ୍ତି। ଯେତେ ଦୁଃଖ ତାଙ୍କ ଜୀବନରେ ଲେଖା ଯାଇଛି, ସାଧାରଣ ଜୀବନରେ ତାହା ଅସହ୍ୟ। ତଥାପି ସକଳ ପ୍ରତିକୂଳ ଅବସ୍ଥାରେ ମଧ୍ୟ ତାଙ୍କ ରଙ୍ଗ ଅଧରରୁ ହସ ଲିଭି ନାହିଁ। ଦୁଃଖ ପିଇ ସୁଖ ବାଣ୍ଟିବାର ଯେଉଁ ମାଧୁର୍ଯ୍ୟମୟ କଳା ସେ ତାଙ୍କ ଜୀବନରେ ପ୍ରଦର୍ଶନ କରିଛନ୍ତି ତା'ର ତୁଳନା ନାହିଁ। ଅଜସ୍ର ଦୁଃଖ ଭିତରେ ସେ ଅନ୍ତୁରନ୍ତ ସୁଖଶାନ୍ତି ଆନନ୍ଦର ଏକ ଅନନ୍ତ ପ୍ରବାହ। ଲୋକେ ତାଙ୍କୁ ଆନନ୍ଦ ମୂର୍ତ୍ତି କହି ଅର୍ଚ୍ଚନା କରୁଛନ୍ତି। ତାଙ୍କର ଜନ୍ମକର୍ମ ସବୁ ମଧୁର। ଏପରିକି ତାଙ୍କ ଦାନ୍ତି ମୁଗ୍ଧ ମଧୁର ବୋଲି ବର୍ଣ୍ଣିତ ହୋଇଛି। ତାଙ୍କର ଚାଲିଚଳଣ, ଆଚରଣ, ଉଚ୍ଚାରଣ, ଦୃଷ୍ଟିକୋଣ ସବୁଥିରେ ଅମୃତ ଆନନ୍ଦର ପ୍ଲାବନ ପରିଲକ୍ଷିତ ହୁଏ। ବିଶ୍ୱ ସୃଷ୍ଟିରେ ତାଙ୍କୁ ଶ୍ରେଷ୍ଠ ବ୍ୟକ୍ତି ଭାବରେ ପୁରୁଷୋତ୍ତମ ରୂପେ ବିବେଚନା କରାଯାଇଛି। ନିଜ ଇଚ୍ଛାରେ ବିସ୍ତାର କରାଇଥିବା ବିଶାଳ ଯାଦବ ବଂଶକୁ ଆପଣା ଦେହାତରେ ଧ୍ୱଂସ କରି ଶେଷରେ ଜରା ଶବରର ଶରାଘାତରେ ସ୍ୱଧାମ ପ୍ରତ୍ୟାବର୍ତ୍ତନ କଲେ। ମନରେ ଶୋଚନା ନାହିଁ କିମ୍ବା ଅନୁଶୋଚନା ମୁଗ୍ଧ ନାହିଁ। ଶେଷମୁହୂର୍ତ୍ତରେ ମୁଗ୍ଧ ସେ ତାଙ୍କ ପ୍ରିୟ ସଂସାରରୁ ପ୍ରଶାନ୍ତ ମୁଖମଣ୍ଡଳର ଶାନ୍ତ ମଧୁର ଶେଷ ହସରେ ବିଦାୟ ନେଲେ। ଜୀବନର ସମସ୍ତ ଜଞ୍ଜାଳକୁ ଆଞ୍ଜୁଳା ଆଞ୍ଜୁଳା କରି ପିଇ ଯାଇ ସୃଷ୍ଟିକୁ ସୁନ୍ଦର ମଧୁର ପ୍ରେମାନନ୍ଦ ଲାଭର ପ୍ରଶିକ୍ଷଣ ଦେଇ ସେ ସାରା ବିଶ୍ୱବାସୀଙ୍କୁ ବଞ୍ଚିବାର କଳା ଶିଖାଇ ଦେଇଗଲେ। ତେଣୁ ତାଙ୍କର ସାମଗ୍ରିକ ଜୀବନଚର୍ଯ୍ୟାକୁ ଆକଳନ କରି ସମାଜ ତାଙ୍କୁ ଲୀଳା ପୁରୁଷୋତ୍ତମ କହି ବନ୍ଦନା କରୁଛି।

ମର୍ତ୍ତ୍ୟରେ ଅବତୀର୍ଣ୍ଣ ହୋଇଥିବା ଅନେକ ମହାମାନବ ଆପଣା ଆଦର୍ଶ ଜୀବନଚର୍ଯ୍ୟା ଦ୍ୱାରା ସମାଜକୁ ବଞ୍ଚିବାର କଳା ଶିକ୍ଷା ଦେଇଯାଇଛନ୍ତି। ବେଦ ଭଗବାନ ହୁଅନ୍ତୁ ଅଥବା ଉପନିଷଦ, ପୁରାଣ ଆଦି ଶାସ୍ତ୍ରମାନେ ହୁଅନ୍ତୁ, ସବୁଥିରେ ମାନବ ସମାଜ ପାଇଁ ବଞ୍ଚିବାର କଳା ଶିକ୍ଷା ଭରି ରହିଛି। ଭଗବାନ ସ୍ୱୟଂ ତାଙ୍କ ଶ୍ରୀମୁଖ ନିସୃତ ଗୀତା ଗ୍ରନ୍ଥରେ ଅତି ସ୍ପଷ୍ଟ ଭାବେ ମଣିଷକୁ ବଞ୍ଚିବାର କଳା ଶିକ୍ଷା ଦେଇଛନ୍ତି। ଗୀତାର ତେର ଅଧ୍ୟାୟର ପ୍ରକୃତିର ସ୍ୱରୂପ ବର୍ଣ୍ଣନା କରି ଅତିସୁନ୍ଦର ଭାବେ ଭଗବାନ ସେଥିରୁ ନିବୃତ୍ତ ହେବାର ଜ୍ଞାନ ପ୍ରଦାନ କରିଛନ୍ତି। ଅମାନିତ୍ୱ, ଅଦାମ୍ଭିକତା, ଅହିଂସା, କ୍ଷମା, ସରଳତା, ନିଷ୍କାର ସହିତ ଗୁରୁସେବା, ବାହ୍ୟ ଅଭ୍ୟନ୍ତର ଉଭୟ ଶୁଦ୍ଧି, ସ୍ଥିରତା, ସୌର୍ଯ୍ୟ ବା ସହିଷ୍ଣୁତା, ମନନିଗ୍ରହ, ଇନ୍ଦ୍ରିୟମାନଙ୍କ ବିଷୟରୁ ବୈରାଗ୍ୟ, ଅହଂକାର ରହିତ ହେବା, ଜନ୍ମମୃତ୍ୟୁ, ଜରା ବ୍ୟାଧିରେ କବଳିତ ଶରୀର ପ୍ରତି ବାରମ୍ବାର ଦୋଷଦର୍ଶନ କରିବା, ଆସକ୍ତି ରହିତ ହେବା, ପୁତ୍ରଦାରା, ଗୃହ ଆଦିଠାରୁ ଅନାସକ୍ତ ରହିବା, ଅନୁକୂଳତା ଓ ପ୍ରତିକୂଳତା ପ୍ରାପ୍ତିରେ ଚିତ୍ତ ସମ ବା ସ୍ଥିର ରହିବା, ଈଶ୍ୱରଙ୍କ ପ୍ରତି ଅନନ୍ୟ ଯୋଗ ଦ୍ୱାରା ଅବ୍ୟଭିଚାରିଣୀ ଭକ୍ତି ରଖିବା, ଏକାନ୍ତ ବାସ, ଜନସମ୍ପର୍କରେ ପ୍ରୀତି ରହିତ ଭାବ, ଆଧ୍ୟାତ୍ମ ଜ୍ଞାନରେ ନିତ୍ୟଯୁକ୍ତ ରହିବା, ତତ୍ତ୍ୱଜ୍ଞାନର ଅର୍ଥସ୍ୱରୂପ ପରମାତ୍ମାଙ୍କୁ ସର୍ବତ୍ର ଦର୍ଶନ କରିବା ଆଦି ଏହି କୋଡ଼ିଏଟି ହେଉଛି ଜ୍ଞାନ ପ୍ରାପ୍ତିର ସାଧନ। ଏହି ଦିବ୍ୟଗୁଣଗୁଡ଼ିକୁ ଜଣେ ଜୀବନରେ ଧାରଣ କଲେ ସେ ଜୀବନରେ ବଞ୍ଚିବାର କଳା ଶିଖିଯିବ। ସେ ସ୍ଥିତଧି ହୋଇଯିବ। ତା'ର ଦିବ୍ୟ ସ୍ଥିତି ଲାଭ ହେବ। ଯାହାଦ୍ୱାରା ତାକୁ ଆଉ ଦୁଃଖ, ଶୋକ, ତାପ ପ୍ରଭାବିତ କରିପାରିବ ନାହିଁ। ସର୍ବତ୍ର ସର୍ବକାଳରେ ଆନନ୍ଦ ହିଁ ଆନନ୍ଦ ଉପଲବ୍ଧ ହେବ।

ସମସ୍ତ ଶାସ୍ତ୍ରର ସାରମର୍ମକୁ ଭଗବାନ ତାଙ୍କ ମୁଖନିସୃତ ବାଣୀ ଶ୍ରୀମଦ୍ ଭଗବଦ୍ ଗୀତାର ନିର୍ଯ୍ୟାସ ଭାବେ ପ୍ରଦାନ କରିଛନ୍ତି। "ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ। ଅହଂତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ॥"

(ଗୀତା-୧୮/୬୬)

ଅର୍ଥାତ୍ ସବୁଧର୍ମର ଆଶ୍ରୟ ଛାଡ଼ି ତୁମେ କେବଳ ମୋର ଶରଣକୁ ଆସିଯାଅ। ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବି। ଚିନ୍ତା କରନାହିଁ। ଶରଣାଗତି ହିଁ ଗୀତାର ସାର। ଏହା ସାରା ମାନବ ଜାତି ପାଇଁ ଭଗବାନଙ୍କର ସବିଶେଷ ବରଦାନ। ଭୟଙ୍କର ଯୁଦ୍ଧକ୍ଷେତ୍ରରେ ଭଗବାନ ତାଙ୍କ ଶୋକାତୁର ବିଷାଦଗ୍ରସ୍ତ ସଖା ଅର୍ଜୁନଙ୍କୁ ଗୀତା ଶୁଣାଇ ଥିଲେ। ଗୀତାର ଉପଦେଶ ପ୍ରଭାବରେ ଅର୍ଜୁନ ବିଷାଦରୁ ମୁକ୍ତ ହୋଇ ପ୍ରସାଦ ପ୍ରାପ୍ତ ହୋଇଥିଲେ।

ସନାତନ ଧର୍ମରେ ଭାରତୀୟ ସଂସ୍କୃତିର ମୂଳ ଲକ୍ଷ୍ୟ ହେଉଛି କିଭଳି ପ୍ରତ୍ୟେକ ବ୍ୟକ୍ତି ପ୍ରସାଦ ପ୍ରାପ୍ତ ହୋଇ ଆନନ୍ଦମୟ ଜୀବନଯାପନ କରିବେ। ସତ୍ୟଦ୍ରଷ୍ଟା ମୁନିଋଷି ମାନେ ତାଙ୍କ ଦିବ୍ୟଦୃଷ୍ଟି ବଳରେ ବହୁ ଅନୁସନ୍ଧାନରୁ ଅନୁଭବ କଲେ ବ୍ୟକ୍ତି ବଦଳିଲେ ସମାଜ ବଦଳିବ। ଏକ ସୁସ୍ଥ ସୁନ୍ଦର ସ୍ୱାବଲମ୍ବୀ ସମାଜ କେବଳ ଶାନ୍ତ ସୁନ୍ଦର ବିଶ୍ୱ ନିର୍ମାଣରେ ସହାୟକ ହୋଇପାରିବ। ସେମାନେ ମାନବର ଜୀବନ କାଳକୁ ହାରାହାରି ଶହେବର୍ଷ ଆକଳନ କରି ତାକୁ ଚାରିଗୋଟି ଆଶ୍ରମରେ ବିଭାଜନ କରିଛନ୍ତି। ସେସବୁ ହେଲେ ବ୍ରହ୍ମଚର୍ଯ୍ୟାଶ୍ରମ, ଗାର୍ହସ୍ଥାଶ୍ରମ, ବାନପ୍ରସ୍ଥାଶ୍ରମ ଓ ସନ୍ନ୍ୟାସ ଆଶ୍ରମ। ଏକ ପରିପୂର୍ଣ୍ଣ ଜୀବନର ପରିଭାଷା ଏହି ଆଶ୍ରମ ସବୁରେ ଲିପିବଦ୍ଧ ହୋଇଛି। ବ୍ରହ୍ମଚର୍ଯ୍ୟାଶ୍ରମ ହେଉଛି ବିଦ୍ୟାର୍ଥୀ ଜୀବନ। ଏହା ପ୍ରସ୍ତୁତି ପର୍ବ। ଗାର୍ହସ୍ଥ୍ୟ ଜୀବନ ହେଉଛି ପ୍ରୟୋଗ ପର୍ବ। ବାନପ୍ରସ୍ଥାଶ୍ରମ ହେଉଛି ପର୍ଯ୍ୟାବେକ୍ଷଣ ପର୍ବ ଏବଂ ସନ୍ନ୍ୟାସାଶ୍ରମ ହେଉଛି ସତ୍ୟର ଅନୁଭବ ବା ଆତ୍ମ ଉପଲବ୍ଧି ପର୍ବ। ଧୀରେ ଧୀରେ ବୃକ୍ଷ ପରିବର୍ଦ୍ଧିତ ହୋଇ ପରିଶୋଭବାନ ହେବା ସହ ଜଗତ ହିତରେ ସମର୍ପିତ ହେଲାପରି ଆମ ଜୀବନ କଳାତ୍ମକ ହୋଇ ସଂସାରର ଶୋଭା ବର୍ଦ୍ଧନ ସହିତ ହିତ ସାଧନରେ ରତ ରହିଲେ ସରଳ ଓ ସାର୍ଥକ ହୋଇପାରିବ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଖଇରପୁଟ(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଗୋବିନ୍ଦପାଲି ଘାଟିଠାରେ ୩୨୬ ନମ୍ବର ଜାତୀୟ ରାଜପଥରେ ଭୁବନେଶ୍ୱର ରୁ ମାଲକାନଗିରି ଅଭିମୁଖେ ଯାଉଥିବା ଏକ ଟାଟା ଗ୍ଲୁକୋଜ ନାମକ ଥଣ୍ଡା ପାନୀୟ ବୋଝେଇ ଟ୍ରକ୍ ଓଡି୦୫ବିଟି-୨୭୯୫ ସୋମବାର ମଧ୍ୟାହ୍ନରେ ଗୋବିନ୍ଦପାଲିଠାରୁ ମାତ୍ର ଏକ କିଲୋମିଟର ଦୂରରେ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲୋଟି ପଡ଼ିଛି। ଗାଡ଼ିରେ କେବଳ ଚାଳକଙ୍କ ବ୍ୟତୀତ କେହିନଥିଲେ। ଦୁର୍ଘଟଣାରେ ଡ୍ରାଇଭର ଜଣଙ୍କ ଅଣ୍ଟା ଓ ଗୋଟିଏ ଗୋଡ଼ ଭାଙ୍ଗିଯାଇଥିବା ଅନୁମାନ କରାଯାଉଛି। ଦୁର୍ଘଟଣା ପରେ ପରେ ପଛରେ ଆସୁଥିବା ଏକ ସରକାରୀ ବସ୍ କର୍ମଚାରୀ ଗାଡ଼ି ଭିତରୁ ଡ୍ରାଇଭରଙ୍କୁ ଉଦ୍ଧାର କରିବା ପରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଖବର ପାଇ ସ୍ଥାନୀୟ ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଯାନ୍ତ୍ରିକ ତ୍ରୁଟି କିମ୍ବା ଆଖି ଲାଖି ଯିବା ଯୋଗୁଁ ମୋଡଟିକୁ ଠିକ୍‌ରେ କାଟି ନପାରି ପାହାଡ଼ ଓ ରାସ୍ତା ମଝିରେ ଥିବା ଗାତ ମଧ୍ୟକୁ ଖସି ପଡିଥିବା ଅନୁମାନ କରାଯାଉଛି। ଏଠାରେ ପାହାଡ଼ର ଗଡାଣିଆ ସହିତ ମୋଡ଼ ଥିବାରୁ ରାସ୍ତାକଡ଼ରେ ଗାର୍ଡୱାଲ୍ ରହିବା ଜରୁରୀ ଅଟେ ଓ ଗାର୍ଡୱାଲ୍ ଥିଲେ ଆଜି ଗାଡ଼ିଟି ଏତେବଡ ଦୁର୍ଘଟଣାରୁ ରକ୍ଷା ପାଇଯାଇଥାନ୍ତା ବୋଲି କିଛି ଅଞ୍ଚଳବାସୀ ଆଲୋଚନା କରୁଥିବା ଶୁଣିବାକୁ ମିଳୁଛି।



# ୧୯ରୁ ପାରାଦୀପରେ ୨୨ତମ ଜାତୀୟ ନାଟକ ମହୋତ୍ସବ କାନ୍‌ଫେଷ୍ଟ-୨୦୨୫



ପାରାଦୀପ(ଭାସ୍କର ନ୍ୟୁଜ): ବନ୍ଦର ନଗରୀ ପାରାଦୀପରେ ନାଟ୍ୟ ଆନ୍ଦୋଳନ ସୃଷ୍ଟି କରିବା ତଥା ରାଜ୍ୟ ଏବଂ ଦେଶର ବିଭିନ୍ନ ମଞ୍ଚରେ ନିଜସ୍ୱ ନାଟକ ପ୍ରସ୍ତୁତ କରି ପ୍ରଶଂସା ସାଉଁଟି ଥିବା ଅନନ୍ୟ ଅନୁଷ୍ଠାନ କାନମାସ ପ୍ରତି ବର୍ଷ ପରି ଚଳିତ ବର୍ଷ ୧୯ ମାର୍ଚ୍ଚ ଠାରୁ ୨୬ ମାର୍ଚ୍ଚ ପର୍ଯ୍ୟନ୍ତ ୮ ଦିନ ଧରି ପାରାଦୀପର ସ୍ଥାନୀୟ ବାଣୀପୀଠ ଜୟଦେବ ସଦନ ଠାରେ ୨୨ତମ ଜାତୀୟ ନାଟକ ମହୋତ୍ସବ କାନଫେଷ୍ଟ, ୨୦୨୫ ଆୟୋଜିତ କରିବାକୁ ଯାଉଛି । ନାଟକ ମହୋତ୍ସବର ଅବ୍ୟବହିତ ପୂର୍ବରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କାନମାସର ସମ୍ପାଦକ ଶ୍ରୀମନ୍ ମିଶ୍ର ମହୋତ୍ସବ ସମ୍ବଧରେ ବିବରଣୀ ରଖିଥିଲେ ଏବଂ ଏବର୍ଷ ନାଟକ ମହୋତ୍ସବରେ କେବଳ ନୂତନ ନିର୍ଦ୍ଦେଶକ ମାନଙ୍କର ନାଟକ ପରିବେଷିତ ହେବ ବୋଲି କହିଥିଲେ । ସାମ୍ବାଦିକ ସମ୍ମିଳନୀରେ କାନମାସର ଉପ ସଭାପତି ସନ୍ତୋଷ ସାମଲ ଓ ମିଡ଼ିଆ ସଂଯୋଜକ ନିରୋଜ ପଟ୍ଟନାୟକ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।ଏହି ମହୋତ୍ସବରେ ଦେଶର ବିଭିନ୍ନ ରାଜ୍ୟ ଯଥା ଓଡ଼ିଶା, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ନୂଆ ଦିଲ୍ଲୀ, କେରଳ, ପଶ୍ଚିମବଙ୍ଗର ନାଟ୍ୟ ଅନୁଷ୍ଠାନ ମାନେ ଓଡ଼ିଆ,ସମ୍ବଲପୁରୀ, ହିନ୍ଦୀ, ମଲୟାଲମ୍, ବଙ୍ଗଳା ଆଦି ଭାଷାର ନାଟକ ମଞ୍ଚସ୍ଥ କରିବେ । ଉଦ୍ଘାଟନୀ ସଂଧ୍ୟାରେ ସର୍ମୋର୍ତ୍ତମ, ମୁମ୍ବାଇ କୁଲଭିନ୍ଦର ବକ୍ସି ସିଂହଙ୍କ ନିର୍ଦ୍ଦେଶନାରେ ହିନ୍ଦୀ ନାଟକ କର୍ଣ୍ଣ, ୨ୟ ସଂଧ୍ୟାରେ ସିରିଅସ ଜୋନ, ନୟାଗଡ ଯାମିନିକାନ୍ତ ମିଶ୍ରଙ୍କ ନିର୍ଦ୍ଦେଶନାରେ ଓଡ଼ିଆ ନାଟକ ବାଂଝ, ୩ୟ ସଂଧ୍ୟାରେ ସମ୍ମୁଖ ରଙ୍ଗ ମଣ୍ଡଳୀ, ନୂଆଦିଲ୍ଲୀ ଅରବିନ୍ଦ ସିଂହଙ୍କ ନିର୍ଦ୍ଦେଶନାରେ ହିନ୍ଦୀ ନାଟକ ରୁଦାଲି, ୪ର୍ଥ ସଂଧ୍ୟାରେ ଲୋକ ଧ୍ରମି, କୋଚୀ, କେରଳ ଡକ୍ଟର ଚନ୍ଦ୍ର ଦାସନଙ୍କ ନିର୍ଦ୍ଦେଶନାରେ ମଲୟାଲମ୍ ନାଟକ ଦ ବୋଟ ବଏ ଓ ଦ ଲୁ, ପଦମପୁର, ଓଡ଼ିଶା ଜଗନ୍ନାଥ ସେଠଙ୍କ ନିର୍ଦ୍ଦେଶନାରେ ସମ୍ବଲପୁରୀ ନାଟକ ରଙ୍ଗଭୂମି, ୫ମ ସଂଧ୍ୟାରେ ରଙ୍ଗସାଧକ୍ ଥିଏଟର ଗ୍ରୁପ, ମଧ୍ୟପ୍ରଦେଶ ମନୋଜ ସୋନୀଙ୍କ ନିର୍ଦ୍ଦେଶନାରେ ହିନ୍ଦୀ ନାଟକ ସାନ ୨୦୨୫, କୋରାପୁଟ କଲ୍ଚରାଲ ସୋସାଇଟି ଯୋଗେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଦେଶିଆ/ ଓଡ଼ିଆ ଭାଷାର ନାଟକ ରେମୋ, ୬ଷ୍ଠ ସଂଧ୍ୟାରେ ଜାଗରଣ ଆର୍ଟ ଇଣ୍ଟରନେସନାଲ, ଦେଓଗଡ଼ ସୁଜିତ୍ ପାତ୍ରଙ୍କ ନିର୍ଦ୍ଦେଶନାରେ ଓଡ଼ିଆ ନାଟକ ଲୁହର ରଙ୍ଗ, ୭ମ ସଂଧ୍ୟାରେ ବେଙ୍ଗଲ ରିପୋର୍ଟରେ, କଲିକତା ସୁମନ ଶାହାଙ୍କ ନିର୍ଦ୍ଦେଶନାରେ ବଙ୍ଗଳା ନାଟକ କଥା କର୍ଣ୍ଣଭାର, ଉଦଯାପନୀ ସନ୍ଧ୍ୟାରେ ସକ୍ଷମ ଥିଏଟର, ନୂଆଦିଲ୍ଲୀ ସୁନିଲ ରାଓ୍ୱତଙ୍କ ନିର୍ଦ୍ଦେଶନାରେ ହିନ୍ଦୀ ନାଟକ ଶତ୍ରୁ – ଦ ଏନ୍ମି ଉଇଦିନ୍ ମଞ୍ଚସ୍ଥ ହେବ । ଆଠ ଦିନ ଧରି ଆୟୋଜିତ ହେବାକୁ ଯାଉଥିବା ଏହି ନାଟକ ମହୋତ୍ସବ କେବଳ ବନ୍ଦର ନଗରୀ ପାରାଦୀପର ଅନ୍ତେବାସୀଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇ ଦେବ ନାହିଁ ତା ସଙ୍ଗେ ସଙ୍ଗେ ଅନ୍ୟ ରାଜ୍ୟ ମାନଙ୍କର କଳା ଓ ସଂସ୍କୃତି ସହିତ ପରିଚିତ କରାଇବ । ଉଲ୍ଲେଖ ଯୋଗ୍ୟ ଏହିକି ଯେ ଏହି ନାଟକ ମହୋତ୍ସବର କିଛି ସଂସ୍କରଣ ସମାନ୍ତରଳ ଭାବରେ ଇଫକୋ, ପାରାଦୀପର ସଂସ୍କୃତି ଭବନଠାରେ ୨୦ରୁ ୨୨ ମାର୍ଚ୍ଚ ତଥା ପାରାଦୀପ ରିଫାଇନରିର ଉତ୍ସବ ଅଡିଟୋରିଅମ୍ ଠାରେ ୨୪ ଓ ୨୫ ତାରିଖ ଦିନ ପ୍ରଦର୍ଶିତ ହେବ ଯାହାକି ଇଫକୋ ଓ ପାରାଦୀପ ରିଫାଇନାରୀର ଅନ୍ତେବାସୀଙ୍କୁ ହାତପାଆନ୍ତାରେ ସୁନ୍ଦର ଓ ସମାଜଧର୍ମି ନାଟକ ଉପଭୋଗ କରିବାର ସୁଯୋଗ ଦେବ । କାନଫେଷ୍ଟ, ୨୦୨୫ର ସଫଳ ଆୟୋଜନ ପାଇଁ କାନମାସର କର୍ମକର୍ତ୍ତା ମାନେ ସମ୍ପାଦକ ଶ୍ରୀମନ୍ ନାରାୟଣ ମିଶ୍ରଙ୍କ ନେତୃତ୍ୱରେ ଦିନ ରାତି ଏକାଠି କରି ଖୁବ୍ ଜୋରରେ ପ୍ରଚେଷ୍ଟା ଚଳାଇଛନ୍ତି ଏବଂ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି ।

# ଆଜି ମା’ ମଙ୍ଗଳାଙ୍କ ମନ୍ଦିରରେ ପ୍ରଥମ ପାଳିଯାତ୍ରା



କାକଟପୁର(ଭାସ୍କର ନ୍ୟୁଜ): ଆରମ୍ଭ ହୋଇଯାଇଛି ପବିତ୍ର ଚୈତ୍ର ମାସ। ଆଜି ଚୈତ୍ର ମାସର ପ୍ରଥମ ମଙ୍ଗଳବାର। ପାରମ୍ପରିକ ପ୍ରଥାନୁସାରେ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା’ ମଙ୍ଗଳାଙ୍କ ମନ୍ଦିରରେ ଆରମ୍ଭ ହୋଇଛି ପ୍ରସିଦ୍ଧ ଝାମୁଯାତ୍ରାର ପ୍ରଥମ ପାଳିଯାତ୍ରା। ଆଜି ପ୍ରଥମ ପାଳିଯାତ୍ରାରେ ମନ୍ଦିରରେ ନେତୋତ୍ସବ ସାଙ୍ଗକୁ ଘଣ୍ଟପାଟୁଆ ନୃତ୍ୟ, ଗୋପାଳ ସେବକ ମାନଙ୍କ ଲଉଡ଼ି ଖେଳ ଅନୁଷ୍ଠିତ ହେବ ବୋଲି ମଙ୍ଗଳା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି।୨୫ ତାରିଖ ରେ ଦ୍ୱିତୀୟ ପାଳି ଯାତ୍ରା, ଏପ୍ରିଲ ୧ ତାରିଖରେ ତୃତୀୟ ପାଳି ଯାତ୍ରା, ଏପ୍ରିଲ ୮ ତାରିଖରେ ଚତୁର୍ଥ ପାଳିଯାତ୍ରା ଓ ଏପ୍ରିଲ ୧୫ରେ ପ୍ରସିଦ୍ଧ ଝାମୁଯାତ୍ରା ଅନୁଷ୍ଠିତ ହେବ ବୋଲି ମା’ ମଙ୍ଗଳାଙ୍କ ପୂଜକ ସେବକ କମଳ ଲୋଚନ ଦୀକ୍ଷିତ ପ୍ରକାଶ କରିଛନ୍ତି। ରାଜ୍ୟର ବିଭିନ୍ନ ଦେବଦେବୀ ପୀଠମାନଙ୍କରେ ପଣା ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ଦିନ ଝାମୁଯାତ୍ରା (ରଡ଼ ନିଆଁ ଉପରେ କାଳାସି ଚାଲିବା) ଅନୁଷ୍ଠିତ ହେଉଥିବା ବେଳେ ଏକମାତ୍ର କାକଟପୁରର ମା’ ମଙ୍ଗଳାଙ୍କ ମନ୍ଦିରରେ ଚୈତ୍ର ମାସର ପଞ୍ଚମ ଅଥବା ବୈଶାଖ ମାସର ପ୍ରଥମ ମଙ୍ଗଳବାର ଦିନ ଝାମୁଯାତ୍ରା ଅନୁଷ୍ଠିତ ହୋଇଥାଏ। ନିଜ ସ୍ୱାମୀ ଓ ପରିବାରର ମଙ୍ଗଳ ପାଇଁ ମା’ ମଙ୍ଗଳାଙ୍କୁ ସନ୍ତୁଷ୍ଟ କରିବାକୁ ସଧବା ନାରୀମାନେ ଚୈତ୍ର ମଙ୍ଗଳବାର ଓଷା ଓ ପଚ୍ଛେଇ ଓଷା ପାଳନ କରିଥାନ୍ତି।

## ଭାରତ ସରକାରଙ୍କ ଦ୍ୱାରା କୈଳାଶ ସାହୁ ନୋଟାରୀ ପବ୍ଲିକ୍ ନିଯୁକ୍ତ



ପାରାଦୀପ(ଭାସ୍କର ନ୍ୟୁଜ୍): ଭାରତ ସରକାରଙ୍କ ନୋଟାରୀ ପବ୍ଲିକ ଭାବରେ ନିଯୁକ୍ତି ହୋଇଛନ୍ତି ପାରାଦୀପର ଆଇନଜୀବୀ କୈଳାଶ ଚନ୍ଦ୍ର ସାହୁ । ଯାହାକୁ ନେଇ ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନଙ୍କ ସହିତ ବିଭିନ୍ନ ମହାଲରୁ ଭାରତ ସରକାରଙ୍କ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟକୁ ଧନ୍ୟବାଦ ଜଣାଇବା ସହିତ ପାରାଦୀପ ବାର ଆସୋସିଏସନର ଜଣେ ବରିଷ୍ଠ ସଦସ୍ୟ ଭାବରେ ଆଇନଜୀବୀ କୈଳାଶ ଚନ୍ଦ୍ର ସାହୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।ଶ୍ରୀଯୁକ୍ତ ସାହୁ ଜଣେ ଆଇନଜୀବୀ ସହିତ ପାରାଦୀପ କାହିଁକି ଯାଜପୁର ଓ ବିଭିନ୍ନ ଅଞ୍ଚଳର ସାମାଜିକ ଓ ବିଭିନ୍ନ ସଂଗଠନରେ ଜଡିତ ରହିବା ସହିତ ବିଭିନ୍ନ ସମୟରେ ସାମାଜିକ ଓ ଜନକଲ୍ୟାଣ କ୍ଷେତ୍ରରେ କାର୍ଯ୍ୟ କରିଥାନ୍ତି । ଯାହାକୁ ନେଇ ସରକାରୀ ଓକିଲ ଭାବରେ ନିଯୁକ୍ତ ହେବାର ଖବର ପ୍ରଚାରିତ ହେବାପରେ ବିଭିନ୍ନ ମହଲରୁ ଶ୍ରୀଯୁକ୍ତ ସାହୁଙ୍କୁ ଶୁଭେଚ୍ଛାର ସ୍ରୋତ ଛୁଟୁଛି ।ପାରାଦୀପ କାର୍ଯ୍ୟରତ ସାମ୍ବାଦିକ ସଙ୍ଘ ତରଫରୁ ବରିଷ୍ଠ ସାମ୍ବାଦିକ ଶୁକଦେବ ଜେନା, ଶଶାଙ୍କ ଆଚାର୍ଯ୍ୟ, ରବୀନ୍ଦ୍ର ଜେନା, ରାକେଶ ପଟ୍ଟନାୟକ, ସନ୍ତୋଷ ଭାରତୀ, ସଞ୍ଜୟ ରାଉତ, ସୁଧାଂଶୁ ନାୟକଙ୍କ ସହିତ ସମସ୍ତ ସଦସ୍ୟମାନେ ଶ୍ରୀ ସାହୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ବିନା ଆଦେଶରେ ଚାଲିଛି ଅଟ୍ଟାଳିକା ନିର୍ମାଣ: କୋଟି କୋଟି ଟଙ୍କାର ରାଜସ୍ୱହାନୀ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡାରେ ବେଆଇନ ଭାବେ ଗଢ଼ି ଉଠୁଛି ଅଟାଳିକା । ଏ ଦିଗରେ ପ୍ରଶାସନ ଦୃଷ୍ଟି ନ ଦେବାରୁ କୋଟି କୋଟି ଟଙ୍କାର ରାଜସ୍ୱ କ୍ଷତି ଘଟୁଛି । ବିନା ଆଦେଶରେ ଲୋକମାନେ ଅଟାଳିକା ତୋଳୁଥିବା ବେଳେ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉନାହିଁ । କେତେକ ବ୍ୟକ୍ତି ଗୃହ ନିର୍ମାଣ କରି ହଷ୍ଟେଲ ବା ବିଭିନ୍ନ ସଂସ୍ଥାକୁ ଭଡ଼ାରେ ଟେକି ଦେଇଛନ୍ତି । ଯାହାଦ୍ୱାରା ହଷ୍ଟେଲ ମାନଙ୍କରୁ ମଇଳା ପାଣି ରାସ୍ତାରେ ଭାସୁଥିବା ବେଳେ ପଚା ଭାତର ଦୁର୍ଗନ୍ଧରେ ପୌର ପରିଷଦ ଫାଟି ପଡୁଛି । ବିଭିନ୍ନ କଲୋନୀରେ ଏପରି ଘଟଣା ଦେଖିବାକୁ ମିଳୁଥିବା ବେଳେ ପୌର ପରିଷଦ ନୀରବ ରହିବା ପଛରେ କି କାରଣ ରହିଛି, ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ପୌର ପରିଷଦ ଅଞ୍ଚଳରେ ବେଆଇନ୍ ଭାବେ ଗଢ଼ି ଉଠୁଛି କୋଠାଘର । ତହସିଲଦାରଙ୍କ ଠାରୁ କିସମ ପରିବର୍ତନ ନ କରି କିମ୍ବା ପୌର ପରିଷଦ ଠାରୁ ଘର ତୋଳିବା ପାଇଁ ଆଦେଶ ନ ନେଇ କେତେକ ବ୍ୟକ୍ତି ବ୍ୟବସାୟିକ ମନୋବୃତି ରଖି ଗୃହ ତୋଳି ଭଡ଼ାରେ ଲଗାଇଛନ୍ତି । ଯାହାଦ୍ୱାରା ରାଜସ୍ୱ ବିଭାଗ ଓ ପୌର ପରିଷଦ ବିଭାଗର କୋଟି କୋଟି ଟଙ୍କା ରାଜସ୍ୱ କ୍ଷତି ଘଟୁଥିଲେ ମଧ୍ୟ ଏଥିପ୍ରତି କର୍ମଚାରୀମାନେ ଦୃଷ୍ଟି ନ ଦେଇ ପ୍ରିୟାପ୍ରିତି ପୋଷଣ କରୁଛନ୍ତି । ବେଆଇନ୍ ଗୃହ ନିର୍ମାଣକାରୀଙ୍କ ବିରୁଦ୍ଧରେ କ’ଣ ପାଇଁ ପଦକ୍ଷେପ ନିଆଯାଉ ନାହିଁ ତାହା ଏବେ ଅଂଚଳରେ ଚିନ୍ତା ପ୍ରକଟ କରିଛି । ଦୀର୍ଘଦିନ ହେବ ଏହାର ପ୍ରତିବାଦ କରାଯାଉଥିବା ବେଳେ ପୌର ପରିଷଦ ଗୋଟିଏ କଥା କହୁଛି ନୋଟିସ୍ ହୋଇଛି ବୋଲି । କିପରି ନୋଟିସ୍ କରାଯାଉଛି ଏହି ନୋଟିସ୍‌କୁ ଗୃହ ନିର୍ମାଣକାରୀ ମାନୁଛନ୍ତି ନା ନାହିଁ, ଯଦି ନ ମାନୁଛନ୍ତି ସେମାନଙ୍କ ବିରୁଦ୍ଧରେ କ’ଣ ପାଇଁ ଆଇନଗତ ପଦକ୍ଷେପ ନିଆଯାଉ ନାହିଁ ତାହା ସାଧାରଣରେ ଆଲୋଚନାର ଖୋରାକ୍ ଯୋଗାଇଛି । ପୌର ପରିଷଦ ଅଂଚଳରେ ଗୋଟିକ ପରେ ଗୋଟିଏ କଲୋନୀ ଗଢ଼ି ଉଠୁଛି । ବିନା ଆଦେଶରେ କଲୋନୀ ମାନଙ୍କରେ ଗୃହ ନିର୍ମାଣ ଚାଲିଛି । ଏପଟେ ପୌର ପରିଷଦ କର୍ମଚାରୀ କହୁଛନ୍ତି ସଠିକ୍ ଚାଲିଛି ତଦନ୍ତ କ’ଣ ତଦନ୍ତ ହେଉଛି ନା କର୍ମଚାରୀ ଏପରି ବାହାସ୍ଫଟ ମାରୁଛନ୍ତି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପୌରପରିଷଦର ଏକପାଖିଆ ନୀତି ନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି ।

## ଅଗ୍ନିଶମ କେନ୍ଦ୍ରରେ ପାଣି ପାଇଁ ହନ୍ତସନ୍ତ

## ପିଏଚ୍‌ଡି ଟ୍ୟାଙ୍କର ପାଣି ଭରସା

କଣ୍ଟାବାଞ୍ଜି(ଭାସ୍କର ନ୍ୟୁଜ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରେ ଥିବା ଅଗ୍ନିସେବା କେନ୍ଦ୍ରରେ ପାଣି ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛି । କେନ୍ଦ୍ର ସ୍ଥାପଣ ହେବା ଦିନଠାରୁ ହିଁ ପାଣି ଠିକ୍‌ଭାବେ କେନ୍ଦ୍ର ପରିସରରେ ନ ଥିବାରୁ ଅତି ଜରୁରୀକାଳିନ ସେବା ସହ ଅନ୍ତେବାସୀ ଅସୁବିଧା ଭୋଗୁଛନ୍ତି । କେନ୍ଦ୍ର ପରିସରରେ ପୂର୍ବରୁ ଦୁଇଟି ନଳକୂପ ଖୋଲାଯାଇଥିଲା । କିନ୍ତୁ ଉକ୍ତ ଦୁଇଟି ନଳକୂପ ସଂପୂର୍ଣ୍ଣ ଫେଲ୍ ହେବାରୁ ପାଣି ପାଇଁ ଅସୁବିଧା ହେଉଛି । କେନ୍ଦ୍ରର ସମ୍ମୁଖରେ ନବ ନିର୍ମିତ କୋର୍ଟ ବିଲଡିଙ୍ଗ ନିକଟରେ ଖୋଲାଯାଇଥିବା ନଳକୂପ ମଧ୍ୟ

### ବିଧାୟକଙ୍କୁ ଲିଖିତ ଅଭିଯୋଗ

ଚଳିତ ବର୍ଷ ପାଣି ଅଭାବରୁ ଠିକ୍ ଭାବେ ପାଣି ବାହାରୁ ନାହିଁ । ମାତ୍ର ୧୦ରୁ ୧୫ମିନିଟ ନଳକୂପ ଚାଲିବା ପରେ ପାଣି ଶୁଖିଯାଉଛି । ଫଳରେ କୌଣସି ଜରୁରିକାଳୀନ ବେଳେ ପାଣି ପାଇଁ ୧ କି.ମି.ଦୂର ପି.ଏଚ.ଡି. ପମ୍ପକୁ ଅଗ୍ନିଶମ ଗାଡିକୁ ଯିବାକୁ ପଡୁଛି । ପୁଣି କଲୋନିରେ ରହୁଥିବା ଅନ୍ତେବାସୀମାନେ ୩ ରୁ ୪ କି.ମି. ଦୁର ଡୁମେରଚୁଆଁସ୍ଥିତ ଏମଆଇ. ପ୍ରୋଜେକ୍ଟକୁ ଗାଧୋଇବା ପାଇଁ ନିତିଦିନ ଯାଉଛନ୍ତି । ପାଣିର ସମସ୍ୟା ନେଇ ଅଗ୍ନିଶମ ଅଧିକାରୀ ଶକ୍ତି ପ୍ରସାଦ ନାୟକ ସ୍ଥାନୀୟ ବିଧାୟକ ଲକ୍ଷ୍ମଣ ବାଗଙ୍କଠାରେ ଗୁହାରି କରିବା ସହିତ ପାଣି ପାଇଁ ଏକ ବିକଳ୍ପ ବ୍ୟବସ୍ଥା କରିବା ପାଇଁ ଲିଖିତ ଜଣାଇଛନ୍ତି । ବିଧାୟକ ଶ୍ରୀ ବାଗ ଏହାର ଯଥା ଶିଘ୍ର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶୃତି ଦେବା ସହ ପିଏଚଡି ବିଭାଗ ଯନ୍ତ୍ରୀଙ୍କୁ ଦୈନିକ ଟେଙ୍କର ଯୋଗେ ପାଣି ଯୋଗାଇବା ପାଇଁ ଅନୁରୋଧ କରିଛନ୍ତି ।

# ନିମାପଡ଼ାରେ ଜଳ ପାଇଁ ହାହାକାର, ପ୍ରଶାସନ ଶୁଣୁନି ଗୁହାରି

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡା ଅଞ୍ଚଳରେ ଜଳ ସଂକଟ ଲାଗି ରହିଥିବା ବେଳେ ସରକାରଙ୍କ ବସୁଧା ଯୋଜନା କାର୍ଯ୍ୟରେ ଲାଗିପାରୁ ନାହିଁ । ଯାହାକୁ ନେଇ ଲୋକମାନେ ଜଳ ପାଇବାରୁ ବଞ୍ଚିତ ହୋଇଥିବା ବେଳେ ଜଳସ୍ତର କଟି ଯିବାରୁ ଗ୍ରାମ ଉଠା ନଳକୂପରୁ ପାଣି ବାହାରୁ ନାହିଁ । ବସୁଧା ଯୋଜନା ପାଣି ଉପରେ ଲୋକମାନେ ନିର୍ଭର କରିଥିବା ବେଳେ ଗ୍ରାମକୁ ପାଣି ନଯିବାରୁ ଲୋକମାନେ ପୋଖରୀର ଜଳ ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି । ବାରମ୍ବାର ସୁଷମ ଜଳ ଯୋଗାଇବା ପାଇଁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବୀ ହେଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଲୋକମାନଙ୍କର ଅଭିଯୋଗ ଉପରେ ଗୁରୁତ୍ୱ ଦେଉନାହାନ୍ତି । ଯାହାକୁ ନେଇ ଏବେ ଜଳ ପାଇଁ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍‌ରେ ଥିବା ଅନେକ ପଞ୍ଚାୟତରେ ବସୁଧା ଯୋଜନା ଜଳ ଗ୍ରାମବାସୀଙ୍କ ନିକଟରେ ପହଞ୍ଚି ପାରୁନାହିଁ । ଜଳ ମଧ୍ୟ ଅନେକ ସ୍ଥାନରେ ଚୋରି ହେଉଛି । ଯାହାପାଇଁ ଗ୍ରାମବାସୀମାନେ ସୁଷମ ଜଳ ପାଇବାରୁ ବଞ୍ଚିତ ହୋଇ ପୋଖରୀ ଜଳ ପିଉଛନ୍ତି । ଅରିଷଣ୍ଡ ପଞ୍ଚାୟତ ମୁରାରୀପୁର ଶାସନ ଗ୍ରାମରେ ବ୍ୟାପକ ଜଳ ସଂକଟ ଦେଖାଦେଇଛି । ଗ୍ରାମବାସୀମାନେ ଜଳ ନପାଇ ଗ୍ରାମ୍ୟ ଜଳ ପରିମଳ ବିଭାଗକୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନାହିଁ । ଏହାକୁ ନେଇ ଲୋକମାନେ ଜଳ ପାଇଁ ଡ଼ହଳବିକଳ ହେଉଛନ୍ତି । ଏପରି ଜଳ ସମସ୍ୟା ଅନେକ ପଞ୍ଚାୟତରେ ଲାଗି ରହିଥିଲେ ମଧ୍ୟ ଏହାର ପ୍ରତିକାର ହୋଇପାରୁ ନାହିଁ । ଏହି ଘଟଣା ପ୍ରତି ଦୃଷ୍ଟି ଦିଆ ନଗଲେ ଆଗାମୀ ଦିନରେ ଜଳ ସଂକଟ ଆହୁରି ବଢ଼ିବ ବୋଲି ଜଣାପଡ଼ିଛି । ବ୍ଲକ୍ ପ୍ରଶାସନ ପକ୍ଷରୁ ଜଳ ଯୋଗାଇ ଦିଆ ଯାଉଥିବା ବେଳେ ଏବେ ପାଣି ଟାଙ୍କି ଗ୍ରାମରେ ବୁଲୁ ନାହିଁ । କୌଣସି ପଞ୍ଚାୟତରେ ଜଳଛତ୍ର ଖୋଲା ଯାଇନାହିଁ । କ’ଣ ପାଇଁ ବ୍ଲକ୍ ପ୍ରଶାସନ ଓ ଜଳ ପରିମଳ ବିଭାଗର ଏପରି ଖାମ୍‌ଖିଆଲ୍ ନୀତି ବୋଲି ଜନସାଧାରଣ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି । ସେହିପରି ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦରେ ମଧ୍ୟ ଜଳଛତ୍ର ଖୋଲା ଯାଇନାହିଁ । ଏହି ରାସ୍ତା ଦେଇ ପର୍ଯ୍ୟଟନ ସ୍ଥଳୀକୁ ଯାଉଥିବା ପଥିକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଶୌଚାଳନ ନଥିବାରୁ ଲୋକମାନେ ଶୌଚ କିମ୍ବା ସ୍ନାନ କରିପାରୁ ନାହାନ୍ତି । ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଶୌଚାଳୟ ତାଳା ପଡ଼ିଥିବା ବେଳେ କୁଶଭଦ୍ରା ନଦୀ ଶୁଖିଲା ପଡ଼ିଛି । ଗଡ଼ିଆ ପୋଖରୀ ମଧ୍ୟ ଶୁଖିବାରେ ଲାଗିଛି ।

# ବିଷମକଟକ ବ୍ଲକ୍ ସଦର ମହକୁମାରେ ଯୁଗ୍ମ ଅଭିଯୋଗ ଶୁଣାଣି



ରାୟଗଡ/ବିଷମକଟକ(ଭାସ୍କର ନ୍ୟୁଜ): ସୋମବାର ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ବିଷମକଟଜ ବ୍ଲକ ସଦର ମହକୁମାସ୍ଥିତ ଗିଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ତଥା ଭାରପ୍ରାପ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ ଆରକ୍ଷୀ ଅଧିକାରୀ ସ୍ୱାତୀ ଏସ କୁମାର, ବନଖଣ୍ଡିୟ ଅଧିକାରୀ ସଚିନ ଆନ୍ନା ସାହେବଓହୋଲ, ଗୁଣପୁର ଉପ ଜିଲ୍ଲାପାଳ କିରନଦୀପ କୌର ସହତା, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଅକ୍ଷୟ କୁମାର ଖେମୁଣ୍ଡୁ, ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ଜିଲ୍ଲା ସ୍ୱାସ୍ଥ୍ୟ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଲଳିତ ମୋହନ ରାଉତରାୟ ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ଆଜି ମୋଟ୩୯ଟି ଅଭିଯୋଗ ଅତିରିକ୍ତ ଜିଲ୍ଲାପାଳ ଗ୍ରହଣ କରିଥିଲେ । ସେଥି ମଧ୍ୟରୁ ୩୫ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୦୪ଗୋଟି ଗ୍ରାମ ବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା । ବିଶେଷ କରି ସ୍ୱାସ୍ଥ୍ୟଗତ ସମସ୍ୟା, ଜମିଜମା, ପାରିବାରିକ ସମସ୍ୟା, ଜଳସେଚନ, ଭତ୍ତା, ରାସ୍ତା ନିର୍ମାଣ, ପୋଲ ନିର୍ମାଣ ଓ ବିଦ୍ୟୁତ ଯୋଗାଣ, ପିଡ଼ିଏସ ଯୋଗାଣ ଆଦି ସହ ଅନ୍ୟାନ୍ୟ ସମସ୍ୟା ଅଭିଯୋଗ ପଞ୍ଜିକୃତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ଆଜିର ଅଭିଯୋଗ ପାଇବା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ଫଇସଲା କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଏହି ଅଭିଯୋଗ ଶିବିରରେ ତହସିଲଦାର, ବିଷମକଟଜ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ମୁନିଗୁଡାଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଅଭିଯୋଗ ଶୁଣାଣି ଶିବିରକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିଷମକଟକ ଶିବ ପଟ୍ଟନାୟକ, ସହକାରୀ ଜିଲ୍ଲାପାଳ (ଗ୍ରୀଭାନ୍ସ) ସସ୍ମିତା ପଟ୍ଟନାୟକ ପରିଚାଳନା କରିଥିଲେ ।

## ପାରାଦୀପ ବନ୍ଦର ପ୍ରାଧିକରଣ ଓ ଏନ୍‌ଡିଆରଏଫ୍ ମିଳିତ ସହଯୋଗରେ ମଲ୍ଟି ଏଜେନ୍ସି ସମନ୍ୱୟ ମକ୍ ଡ୍ରିଲ୍



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ବନ୍ଦର ପ୍ରାଧିକରଣ ଓ ଏନଡିଆରଏଫ ତୃତୀୟ ବ୍ୟାଟେଲିଆନ ମିଳିତ ସହଯୋଗରେ ଏକ ମଲ୍ଟି-ଏଜେନ୍ସି ମକଡ୍ରିଲ ବା ଅଭ୍ୟାସ କୌଶଳ ମାର୍ଚ୍ଚ ସୋମବାର ଦିନ ପାରାଦୀପ ବନ୍ଦରର ମୁଖ୍ୟ ଅଗ୍ନିଶମ କେନ୍ଦ୍ର ଠାରେ ଆୟୋଜିତ ହୋଇଯାଇଛି । ଏହି ଅଭ୍ୟାସ କୌଶଳ ବାତ୍ୟା ଓ ଅନ୍ୟାନ୍ୟ ଦୈବୀ ଦୁର୍ବିପାକ ସମୟରେ ପାରାଦୀପ ବନ୍ଦରର ପ୍ରସ୍ତୁତି ଓ ସାମର୍ଥ ଉତ୍କର୍ଷତା ପ୍ରତିପାଦନ କରୁଛି । ଏହି ମକ ଡ୍ରିଲରେ ବିଲଡିଂ କୋଲାପ୍ସ, ରାସ୍ତା ଅବରୋଧ, ଦୁର୍ଘଟଣାଗ୍ରସ୍ତଙ୍କୁ ଉଦ୍ଧାର, ଜରୁରିକାଳୀନ କ୍ଷତିଗ୍ରସ୍ତଙ୍କୁ ଉଦ୍ଧାର ଅଭ୍ୟାସ, ଦୌଡ଼ି ସାହାଯ୍ୟରେ ଉଦ୍ଧାର ଇତ୍ୟାଦି କୌଶଳ ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବନ୍ଦରର ହାର୍ବର ମାଷ୍ଟର, ବରିଷ୍ଠ ମେରାଇନ ଯନ୍ତ୍ରୀ, ଡକ ସେଫଟି ଅତିରିକ୍ତ ସହ ନିର୍ଦ୍ଦେଶକ ଙ୍କ ସମେତ ଆଇଓସିଏଲ ପାଇପଲାଇନ, ଆଇଓସିଏଲ ରିଫାଇନେରୀ, ଇଫକୋ, ପିପିଏଲ, ଜେଏସଡବ୍ଲୁ, ଆଇଓସିଏଲ ଟର୍ମିନାଲ, ବିପିସିଏଲ ଟର୍ମିନାଲ, ଏଚପିସିଏଲ ଟର୍ମିନାଲ, କେଆଇ ସିଟି, ପିଆଇସିଟି, ସିଆରଇଡବ୍ଲୁ ଓ ଅଦାନୀ ଉଇଲମାର କମ୍ପାନୀର ପ୍ରତିନିଧି ମାନେ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ଆଲୋଚନା ଚକ୍ରରେ ଏନଡିଆରଏଫ ଡେପୁଟି କମାଣ୍ଡାଣ୍ଟ ପ୍ରବୀନ ଚୌହାନ ବ୍ୟବହାରକାରିଙ୍କୁ ଜରୁରୀକାଳୀନ ପରିସ୍ଥିତିରେ ଉଦ୍ଧାର କାର୍ଯ୍ୟ ଅଭ୍ୟାସ କୌଶଳ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ କ୍ଷ ଅନ୍ୟମାନଙ୍କ ମଧ୍ୟରେ ସିଆଇଏସଏଫ କମାଣ୍ଡାଣ୍ଟ ଅକ୍ଷତ ପଟେଲ, ଡେପୁଟି କମାଣ୍ଡାଣ୍ଟ ବି.ଭି. ଦୁର୍ଗା ପ୍ରସାଦ ପ୍ରମୁଖ ଉପସ୍ଥିତ ରହି ମକ ଡ୍ରିଲର ଗୁରୁତ୍ୱ ସମ୍ପର୍କରେ ଉପସ୍ଥିତ ପ୍ରତିନିଧି ମାନଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମକୁ ଅଗ୍ନିଶମ ବିଭାଗ ର କମ୍ପାନୀ କମାଣ୍ଡର ଅମରେଶ କୁମାର ସଫଳତାର ସହ ପରିଚାଳନା କରିଥିଲେ ।

# କୋଷ୍ଟାଲ କମ୍ୟୁନିଟି ଫେଷ୍ଟିଭାଲ ସଚେତନତା କରି ଚର୍ଚ୍ଚାରେ ମେରାଇନ୍ ଥାନା ଅଧିକାରିଣୀ



ପାରାଦୀପ(ଭାସ୍କର ନ୍ୟୁଜ): ସାଧାରଣ ଜନତା ଓ ପୋଲିସ ମଧ୍ୟରେ ସୁସମ୍ପର୍କ ସ୍ଥାପନ ପାଇଁ ପାରାଦୀପ ଜଟାଧାର ମୁହାଣ ମେରାଇନ ଥାନା ପକ୍ଷରୁ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ପାରାଦୀପର ସର୍ବବୃହତ ଷଣ୍ଢକୁଦ ବସ୍ତିର ତିନିଗୋଟି ୧୭, ୧୮ ଏବଂ ୧୯ ନମ୍ବର ଓ୍ୱାର୍ଡର ମହିଳା, ଶିଶୁ, ଯୁବବର୍ଗଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଛି । କୋଷ୍ଟାଲ କମ୍ୟୁନିଟି ଫେଷ୍ଟିଭାଲ କାର୍ଯ୍ୟକ୍ରମରେ ଜଟାଧାର ସାମୁଦ୍ରିକ ଥାନା ତରଫରୁ ମହିଳା ମାନଙ୍କ ମଧ୍ୟରେ ମ୍ୟୁଜିକ ଚେୟାର, ନୃତ୍ୟ, ଗୀତ ପ୍ରତିଯୋଗିତା ସହିତ ଯୁବବର୍ଗଙ୍କୁ ନେଇ କ୍ରିକେଟ ମ୍ୟାଚର ଆୟୋଜନ କରାଯାଇଛି । ଏହାର ମୂଳଲକ୍ଷ୍ୟ ରହିଛି ବସ୍ତି ଅଞ୍ଚଳରୁ କିପରି ଅପରାଧକୁ ଦୂର କରିବା, ବସ୍ତିବାସିନ୍ଦାଙ୍କ ମଧ୍ୟରେ ସଂସ୍କାର ଆଣିବା ଏବଂ ନିଶାସେବନ ଠାରୁ ଯୁବଗୋଷ୍ଠୀ କିପରି ଦୁରେଇ ରହିବେ, ଏକ ସୁସ୍ଥ ସମାଜ ଗଠନ ଦିନରେ ଅଗ୍ରଗାମୀ ହେବା ଇତ୍ୟାଦି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି କହିଛନ୍ତି ଥାନା ଅଧିକାରିଣୀ କଲ୍ୟାଣୀମୟୀ ଷଣ୍ଢ । ଏହା ସହିତ ସାଧାରଣ ଜନତା ଓ ପୋଲିସ ମଧ୍ୟରେ କିପରି ସୁସମ୍ପର୍କ ସ୍ଥାପନ ହେବ ଏବଂ ବିଭିନ୍ନ ସମୟରେ ସାଧାରଣ ଜନତା କିଭଳି ପୋଲିସ ପ୍ରତି ଭୟ ନକରି ପୋଲିସର ସାହାଯ୍ୟ ଓ ସହଯୋଗ ପାଇପାରିବେ ଏହା ପୋଲିସର ମୂଳ ଉଦ୍ଦେଶ୍ୟ ବୋଲି କହିଛନ୍ତି ଥାନା ଅଧିକାରିଣୀ । କୋଷ୍ଟାଲ କମ୍ୟୁନିଟି ଫେଷ୍ଟିଭାଲ ପରିପ୍ରେକ୍ଷୀରେ ଷଣ୍ଢକୁଦ ଠାରେ ଆୟୋଜିତ ବିଭିନ୍ନ ଜନ ସଚେତନତା ମୂଳକ କାର୍ଯ୍ୟକ୍ରମରେ ଜଟାଧାର ମୁହାଣ ସାମୁଦ୍ରିକ ଥାନା ଅଧିକାରିଣୀ କଲ୍ୟାଣୀମୟୀ ଷଣ୍ଢ, ଏଏସଆଇ ନୟନା ଲେଙ୍କା, ଦିଲ୍ଲିପ ସେଠିଙ୍କ ସହିତ ଥାନାର ସମସ୍ତ କର୍ମଚାରୀ ଓ ଷଣ୍ଢକୁଦ ବସ୍ତିର ପାରିଷଦ ନବକୁମାର ବେହେରା, ଶୋଲେମାନ ରାଜୁ, ଗୁରୁପଦ ଜେନା, ଅକ୍ଷୟ ମଲ୍ଲ, ବାପି ରଞ୍ଜିତ, ପ୍ରଦୀପ୍ତ ଦଳେଇଙ୍କ ସମେତ ବସ୍ତିର ମୁରବି, ଯୁବବର୍ଗ ଓ ମହିଳା ମାନେ ସାମିଲ ହୋଇ ପୋଲିସ ସହିତ ମିଳିମିଶି ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ । ତେବେ ନୂତନ ଭାବରେ ଯୋଗଦାନ କରିଥିବା ଥାନା ଅଧିକାରିଣୀଙ୍କ ଏହି ଜନସଚେତନତା ମୂଳକ କାର୍ଯ୍ୟକ୍ରମ କୁ ବସ୍ତି ବାସିନ୍ଦା ଭୁରି ଭୁରି ପ୍ରଶଂସା କରିବା ସହିତ ଥାନା ଅଧିକାରିଣୀଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି ।

# ଦୋକାନ ସିଲିଂ କାଟି ଲୁଟି ନେଲେ ୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସାମଗ୍ରୀ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡା ବଜାରରେ ଚୋରଙ୍କ ଆତଙ୍କ ଲାଗି ରହିଥିବା ବେଳେ ଚୋରମାନେ ଘରର ସିଲିଂ କାଟି ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିଥିବା ବେଳେ ଚୋରକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ବଳଙ୍ଗା ଥାନା ନାହାମଙ୍ଗ ପାଟଣା ଗ୍ରାମର ସୁକାନ୍ତ ସାହୁ ନିମାପଡ଼ା ବଡ଼ ବଜାର ପତିତପାବନ ପାଟଣା ଠାରେ ଘର ଭଡ଼ାରେ ରହି ନିମାପଡ଼ା ବଜାରରେ ପ୍ୟାଣ୍ଟ୍ ସାର୍ଟ ରେଡ଼ିମେଡ଼ି ଦୋକାନ କରିବା ସହ ସେଠାରେ ଡ୍ରେସ୍ ତିଆରି କରନ୍ତି । ଗତ ହୋଲି ଉତ୍ସବ ଥିବାରୁ ସଂଧ୍ୟା ସମୟରେ ସୁକାନ୍ତ ଦୋକାନ ଖୋଲି ରାତ୍ର ୧୦ଟାରେ ଦୋକାନ ବନ୍ଦ କରୁଥିବା ବେଳେ ବିଳମ୍ବିତ ରାତ୍ରରେ କୌଣସି ଚୋର ଦୋକାନର ସିଲିଂ କାଟି ଘର ଭିତରେ ପଶି ଲୁଗାପଟା ସହ ଟଙ୍କା ଆସବାବପତ୍ର ସମେତ ୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସାମଗ୍ରୀ ଚୋରି କରି ନେଇଥିବା ସୁକାନ୍ତ ସାହୁ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଥିଲେ ମଧ୍ୟ ଚୋରର କୌଣସି ସୁରାକ୍ ପାଇପାରି ନାହାନ୍ତି ।

# ବୃଦ୍ଧାଶ୍ରମରେ ହୋଲି ପାଳିଲେ ଟାଟା ଷ୍ଟିଲ୍ କର୍ମଚାରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଦୁଃଖ ବଖାଣିବାକୁ ଆପଣାର ମଣିଷ ଓ ଅନୁଭୂତି ବାଣ୍ଟିବାକୁ ହୃଦୟ ଖୋଜୁଥିବା ଲୋକଙ୍କ ମୁହଁରେ ହସ ଫୁଟାଇବାର ପ୍ରୟାସ କରିଛି ଟାଟା ଷ୍ଟିଲ। ଟାଟା ଷ୍ଟିଲ୍‌ର ଫେରୋ ଆଲୟଜ ଆଣ୍ଡ ମିନେରାଲ୍‌ସ ଡିଭିଜନ (ଏଫ୍‌ଏଏମ୍‌ଡି)ର କର୍ମଚାରୀମାନେ ଭୁବନେଶ୍ୱରରେ ଥିବା ସ୍ନେହ ମନ୍ଦିର ବୃଦ୍ଧାଶ୍ରମରେ ହୋଲି ପାଳନ କରିଥିଲେ। ଅନ୍ତେବାସୀମାନଙ୍କ ସହ ସମୟ ବିତାଇବା ସହ ସେମାନଙ୍କୁ ରାସନ ସାମଗ୍ରୀ, ଫଳ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରିଥିଲେ। ସ୍ୱେଚ୍ଛାସେବା ପ୍ରୟାସର ଅଂଶ ଭାବେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କ ସହ ହୋଲି ପର୍ବ ପାଳନ କରିଥିଲେ ଟାଟା ଷ୍ଟିଲ କର୍ମଚାରୀ। ଟାଟା ଷ୍ଟିଲ କର୍ମଚାରୀଙ୍କ ଏଭଳି ମହତ ଉଦ୍ଦେଶ୍ୟ ସମ୍ପର୍କରେ ଏଫ୍‌ଏଏମ୍‌ଡିର ଏକ୍‌ଜିକ୍ୟୁଟିଭ୍ ଇନ୍ ଚାର୍ଜ ପଙ୍କଜ ସତିଜା କହିଛନ୍ତି, ୨୦୫୦ ବେଳକୁ ଭାରତରେ ବୟସ୍କ ଲୋକଙ୍କ ସଂଖ୍ୟା ୨୦%ରୁ ଅଧିକ ହେବ। ଆମେ ବିକଶିତ ଭାରତ ଉପରେ କାମ କରୁଥିବା ବେଳେ ସମାଜ ପ୍ରତି ବୟସ୍କ ଲୋକଙ୍କ ଅବଦାନକୁ ଅଣଦେଖା କରାଯାଇପାରିବ ନାହିଁ। ସେମାନଙ୍କ କଲ୍ୟାଣ ଦିଗରେ ସମସ୍ତେ କାର୍ଯ୍ୟ କରିବା ଆବଶ୍ୟକ। ଏପରି ଛୋଟ ଛୋଟ କାର୍ଯ୍ୟ ଏବଂ ସମ୍ପର୍କ ନିଶ୍ଚିତ ଭାବରେ ସମାଜରେ ବଡ଼ ପ୍ରଭାବ ପକାଇବ। ଏହି ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ କମ୍ପାନୀର ବ୍ୟାପକ କାର୍ଯ୍ୟକ୍ରମର ଅଂଶବିଶେଷ, ଯାହାଦ୍ୱାରା କର୍ମଚାରୀ ଓ କମ୍ପାନୀର ମିଳିତ ଉଦ୍ୟମରେ ସମାଜରେ ସକରାତ୍ମକ ପରିବର୍ତ୍ତନ ଆଣିବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ଦର୍ଶାଉଛି। ବୃଦ୍ଧାଶ୍ରମ ଅନ୍ତେବାସୀଙ୍କ ସହ ଏକାଠି ହୋଲି ପାଳନ କରିଥିବାରୁ ଟାଟା ଷ୍ଟିଲ କର୍ମଚାରୀଙ୍କୁ ଅନ୍ତେବାସୀମାନେ କୃତଜ୍ଞତା ଜ୍ଞାପନ କରିଥିଲେ।

# ବେଦାନ୍ତର ପ୍ରକଳ୍ପ ଆରୋଗ୍ୟମ୍ ଦ୍ୱାରା ଗ୍ରାମୀଣ ଓଡ଼ିଶାରେ କର୍କଟ ଚିହ୍ନଟ ପରୀକ୍ଷଣ




ସୁନ୍ଦରଗଡ(ଭାସ୍କର ନ୍ୟୁଜ୍): ବେଦାନ୍ତ ଆଲୁମିନିୟମ ପକ୍ଷରୁ ଛତିଶଗଡର ରାୟପୁର ସ୍ଥିତ ଅଗ୍ରଣୀ କର୍କଟ ଚିକିତ୍ସାଳୟ ବାଲକୋ ମେଡ଼ିକାଲ ସେଣ୍ଟର (ବିଏମସି) ସହଯୋଗରେ ଝାରସୁଗୁଡ଼ା ଜିଲ୍ଲା ନିକଟବର୍ତ୍ତୀ ବେଲପାହାଡ ଏବଂ ବିଲେଇମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ‘ପ୍ରକଳ୍ପ ଆରୋଗ୍ୟମ୍-କିଓର ୱିଥ୍ କେୟାର’ ଅଧୀନରେ ଏକ ବ୍ୟାପକ କର୍କଟ ଚିହ୍ନଟ ପରୀକ୍ଷଣ ଏବଂ ସଚେତନତା ଅଭିଯାନ ପରିଚାଳନା କରାଯାଇଛି। ବିଏମସିର ଅତ୍ୟାଧୁନିକ ମୋବାଇଲ୍ କର୍କଟ ଚିହ୍ନଟ ଭ୍ୟାନ୍ ସ୍ୱାସ୍ଥ୍ୟ ଶିବିରରେ ନିୟୋଜିତ କରାଯାଇଥିଲା ଯେଉଁଥିରେ ମାମୋଗ୍ରାଫି, ପାପ୍ ସ୍ମିଅର୍ ଟେଷ୍ଟ (ପିଇପି) ଏବଂ ବ୍ରଶ୍ ସାଇଟୋଲୋଜି ସମେତ ବ୍ୟାପକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ଚିକିତ୍ସା ସମୟରେ ରୋଗୀଙ୍କ ସହିତ ଜଣେ ସହାୟକ ରହିବା ସହିତ ଅଧିକ ଚିକିତ୍ସା ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କ ପାଇଁ ବିଏମସି ମାଗଣା ଚିକିତ୍ସା ମଧ୍ୟ ପ୍ରଦାନ ଯୋଗାଇ ଦିଆଯାଇଥିଲା। ପରୀକ୍ଷଣ ସମୟରେ ପ୍ରଦାନ କରାଯାଇଥିବା ସ୍ୱାସ୍ଥ୍ୟସେବା ଦ୍ୱାରା ସ୍ଥାନୀୟ ଅଞ୍ଚଳର ମୋଟ ୧୮୨ ଜଣ ଉପକୃତ ହୋଇଥିଲେ। ସୁନ୍ଦରଗଡ ଜିଲ୍ଲା ହେମଗିରି ବ୍ଲକର ସହକାରୀ ଗୋଷ୍ଠି ଉନ୍ନୟନ ଅଧିକାରୀ (ଏବିଡିଓ) ଜିତେନ୍ଦ୍ର ମୁଣ୍ଡା କହିଛନ୍ତି ଯେ ‘ବେଦାନ୍ତର ସ୍କ୍ରିନିଂ ଏବଂ ସଚେତନତା ଶିବିର ଏହି ଅଞ୍ଚଳରେ ଉନ୍ନତ ସ୍ୱାସ୍ଥ୍ୟ ହସ୍ତକ୍ଷେପ ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, କାରଣ କର୍କଟ ରୋଗ ବିରୁଦ୍ଧରେ ଲଢ଼େଇରେ ଶୀଘ୍ର ଚିହ୍ନଟ ଏବଂ ସଚେତନତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।’ ବେଦାନ୍ତ ଏଭଳି ପଦକ୍ଷେପ ନେଇ ଆଗକୁ ଆସି ଏଠାକାର ଲୋକଙ୍କ ଜୀବନରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିଥିବାରୁ ମୁଁ କମ୍ପାନୀକୁ ଧନ୍ୟବାଦ ଜଣାଉଛି, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ପରୀକ୍ଷା ଏବଂ ଚିକିତ୍ସା ସହିତ ଜଡିତ ଖର୍ଚ୍ଚ ବହନ କରିପାରିବେ ନାହିଁ ବୋଲି ଏବିଡିଓ ମନ୍ତବ୍ୟ ଦେଇଛନ୍ତି। ବେଦାନ୍ତର ଗୋଷ୍ଠୀ ସ୍ୱାସ୍ଥ୍ୟ ପଦକ୍ଷେପ ଉପରେ ଆଲୋକପାତ କରି କୋଇଲା ଖଣିର ସିଇଓ ଡାଭିଡ ଷ୍ଟୋନ କହିଛନ୍ତି, ‘ଗୋଷ୍ଠୀ ସ୍ୱାସ୍ଥ୍ୟ ହେଉଛି ଆମର ସାମାଜିକ ପ୍ରୟାସର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଆମର ବିବିଧ ସ୍ୱାସ୍ଥ୍ୟ ପଦକ୍ଷେପ ସ୍ୱରୂପ ଦୁର୍ଗମ କୋଣ ଅନୁକାଣରେ ସୁସଜ୍ଜିତ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ପହଞ୍ଚୁଛି ଏବଂ ନିୟମିତ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେଉଛି ଯେଉଁଠାରେ ସେଗୁଡ଼ିକର ସବୁଠାରୁ ଅଧିକ ଆବଶ୍ୟକତା ରହିଛି। ବିଏମସି ସହିତ ଆମର ସହଯୋଗ ମାଧ୍ୟମରେ ଆମେ ପ୍ରାରମ୍ଭିକ ଡାକ୍ତରୀ ସେବାକୁ ସୁଗମ କରୁଛୁ ଏବଂ ଗ୍ରାମୀଣ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରୁଛୁ, ଯାହା ଦ୍ୱାରା ଏହି ଅଞ୍ଚଳରେ ଜୀବନର ଗୁଣବତ୍ତାରେ ଉନ୍ନତି ଘଟୁଛି’, ବୋଲି ସିଇଓ କହିଛନ୍ତି।



ଚନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ୍ ) : ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ପ୍ରେସ କ୍ଲବର ସଭାପତି ଦିଲୀପ କୁମାର ଦାସଙ୍କ ନେତୃତ୍ୱରେ ପ୍ରେସ କ୍ଲବର ସମସ୍ତ ସଦସ୍ୟ ଏବଂ କାର୍ଯ୍ୟକର୍ତ୍ତା ମାନେ ଚନ୍ଦାହାଣ୍ଡି ବ୍ଲକରେ ନୂତନ ବିଡିଓ ଭାବରେ ଯୋଗ ଦେଇଥିବା ସୁକାନ୍ତ କୁମାର ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରି ପ୍ରେସକ୍ଲବ ତରଫରୁ ସ୍ୱାଗତ କରି ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ। ଚନ୍ଦାହାଣ୍ଡି ବ୍ଲକର ସାମୁହିକ, ପାଇଖାନା, ପାନୀୟ ଜଳ, ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କ ବିକାଶ ଦିଗରେ ଗୁରୁତ୍ୱ ଦେବା ସହ ମିଶନ ଶକ୍ତି ଗୃହ କାର୍ଯ୍ୟକ୍ଷମ କରିବା ସହ ମିଶନ ଶକ୍ତି ମହାସଂଘର କମିଟି ପରିବର୍ତ୍ତନ କରି ନୂତନ କମିଟି ଗଠନ କରି ଚନ୍ଦାହାଣ୍ଡି ବ୍ଲକ ମହିଳା ସଶକ୍ତିକରଣକୁ ଆଗେଇ ନେବା ପାଇଁ ନୂତନ ବିଡିଓଙ୍କୁ ପ୍ରେସକ୍ଲବ ତରଫରୁ ଅନୁରୋଧ କରାଯାଇଥିଲା। ଚନ୍ଦାହାଣ୍ଡି ବ୍ଲକରେ ସମସ୍ତ ବିକାଶ କାର୍ଯ୍ୟ ଆଗେଇ ବା ସହ ସର୍ବଜନିକ ପାଇଖାନା, ପାନୀୟ ଜଳ ଏବଂ ମିଶନ ଶକ୍ତି ଗୃହ କାର୍ଯ୍ୟକ୍ଷମ, ବ୍ଲକ ସଦରରେ ଏକ ପାଠାଗାର, ସ୍ଥାପନ ଦିଗରେ ପଦକ୍ଷେପ ନେବା ସହ ବ୍ଲକରେ ମହିଳା ସଶକ୍ତିକରଣକୁ ସୁଦୃଢ଼ କରିବାରେ ଚେଷ୍ଟା ଜାରି ରଖିବା, ବ୍ଲକରେ ମିଶନ ଶକ୍ତି ମହାସଂଘ କମିଟି ପରିବର୍ତ୍ତନ କରିବା ପାଇଁ ଜିଲ୍ଲା ସହ ଆଲୋଚନା କରିବି ବୋଲି ନୂତନ ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ ପ୍ରେସ କ୍ଲବ ସଦସ୍ୟ ତଥା ସାମ୍ବାଦିକ ସଂଘକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ମହମ୍ମଦ ହୁସେନ, ପ୍ରେସ କ୍ଲବ ସମ୍ପାଦକ ମୁକୁନ୍ଦ ବେଶ୍ରା, ସାମ୍ବାଦିକ ମନୋଜ କୁମାର ପାଣ୍ଡି, ସଂଗ୍ରାମକେଶରୀ ସାହୁ, ଦିବ୍ୟ ଶଙ୍କର ମହାପାତ୍ର, ତ୍ରିନାଥ ଡ଼ଙ୍ଗରୀ ପ୍ରମୁଖ ଉପସ୍ଥିତ ରହି ନୂତନ ବିଡିଓଙ୍କୁ ସ୍ୱାଗତ କରିଥିଲେ।

# ଟଙ୍କା ଦେଣନେଣକୁ ନେଇ ଗୁଳିକାଣ୍ଡ, ହତ୍ୟାକାରୀ ବନ୍ଧୁ ଗିରଫ



ଫୁଲନଖରା, (ଭାସ୍କର ନ୍ୟୁଜ୍ ): ବୟାଳିଶମୌଜା ଅନ୍ତର୍ଗତ ଶ୍ରୀକୃଷ୍ଣବିହାର ହୋଲି ପାଳନ ବେଳେ ଏକ ଗୁଳି ଫୁଟିବାର ଶବ୍ଦ ଶୁଭିଥିଲା। ସ୍ଥାନୀୟ ବାସିନ୍ଦାମାନେ ଏ ନେଇ ପୋଲିସକୁ ଜଣାଇବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତକଙ୍କ ଶବ ଉଦ୍ଧାର କରିବା ସହିତ ଅଭିଯୁକ୍ତଙ୍କୁ କାବୁ କରିଥିଲା । ଘଟଣାସ୍ଥଳରେ କଟକ ଡିସିପି ଏବଂ ଜୋନ-୪ ଏସିପି ଅମିତାଭ ମହାପାତ୍ର ପହଞ୍ଚି ଅଧିକ ତଦନ୍ତ କରିଥିଲେ। ଶ୍ରୀକୃଷ୍ଣ ବିହାରରେ ଥିବା ଏକ ଘରେ କେନ୍ଦ୍ରାପଡା ପଟ୍ଟାମୁଣ୍ଡାଇ ଅଞ୍ଚଳର ପ୍ରକାଶ କୁମାର ସୂତାର ନିଜ ଅଫିସ କରିଥିଲେ। ହୋଲି ପାଇଁ କିଛି ସାଙ୍ଗଙ୍କ ସହିତ ମୃତକ ଜଗତସିଂହପୁର ଜିଲ୍ଲା ଏରସମା ନିବାସି ବିକାଶ ମହାନ୍ତି ଓରଫ ଗଣେଷ ମିଶି ସେହିଘରେ ଭୋଜି କରୁଥିବା ସମୟରେ ଏହି ଅଘଟଣ ଘଟିଥିଲା। ତେବେ ବିକାଶ ବହୁବାର ପ୍ରକାଶ ଭଡାରେ ନେଇଥିବା ଏହି ଘରେ ଭୋଜି କରିଛନ୍ତି ବୋଲି ସମ୍ପର୍କୀୟମାନେ କହିଛନ୍ତି। ବିକାଶ ବିଭିନ୍ନ ସ୍ଥାନରେ ମୋଟର ପାର୍ଟସ ଦୋକାନ କରିଥିଲେ । ବ୍ୟବସାୟରେ ଟଙ୍କା ଦେଣନେଣକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିବା କଥା ମଧ୍ୟ ସନ୍ଦେହ କରାଯାଇଛି। ଅନ୍ୟପଟେ ନିଜ ସାଙ୍ଗସାଥି ମିଶି ଭୋଜି କରୁଥିଲେ ତେବେ ସେଠାକୁ ଅଭିଯୁକ୍ତ ବନ୍ଧୁକ କାହିଁକି ଆଣିଥିଲେ ବୋଲି ବିକାଶଙ୍କ ମାମୁଁ ସବଳପୁର ନିବାସୀ ସୁବାଷ ମହାନ୍ତି ଅଭିଯୋଗ କରିଛନ୍ତି। ପ୍ରତ୍ୟକ୍ଷଦର୍ଶୀ ଏବଂ ପ୍ରକାଶର ବୟାନ ଅନୁଯାୟୀ ସାଙ୍ଗମାନେ ମିଶି କ୍ୟାରମ ଖେଳୁଥିଲେ । ବିକାଶ କ୍ୟାରମବୋର୍ଡରେ ପାଣି ଢାଳିଦେବାରୁ ଏ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ବିକାଶ ଖରାପ ଭାଷା କହୁଥିବାରୁ ପ୍ରକାଶ ତାକୁ ଗୁଳି କରି ମାରିଦେବ ବୋଲି କହିଥିଲା। ଏହା ପରେ ମଧ୍ୟ ବିକାଶ ଚୁପ ନହେବାରୁ ପ୍ରକାଶ ଘର ଭିତରେ ଥିବା ପିସ୍ତଲ ଆଣି ଅତି ନିକଟରୁ ବିକାଶ ମୁଣ୍ଡକୁ ଗୁଳି କରିଥିଲା । ଘଟଣାସ୍ଥଳରୁ ପୋଲିସ ପିସ୍ତଲ, ଗୁଳିର ଖୋକା, କ୍ୟାରମବୋର୍ଡ, ମଦ ବୋତଲ ଇତ୍ୟାଦି ଜବତ କରିଛି । ମୁଖ୍ୟ ଅଭିଯୁକ୍ତ ପ୍ରକାଶକୁ କୋର୍ଟଚାଲାଣ କରାଯାଇଛି । ଅନ୍ୟପଟେ ଶ୍ରୀକୃଷ୍ଣବିହାରରେ ବହୁ ଲୋକ ଜାଗା କିଣି ଘରଭଡା ଲଗାଇଥିବାବେଳେ ଭଡାରେ ରହୁଥିବା ଲୋକମାନଙ୍କ ବିଷୟରେ କୌଣସି ତଥ୍ୟ ନ ରଖି ଘରକୁ ଭଡା ସୁତ୍ରରେ ଦେବା ଏବଂ ସ୍ଥାନୀୟ ପୋଲିସ ପାଖରେ ତଥ୍ୟ ପଇଠ ନକରିବା ଦ୍ୱାରା ଏଭଳି ଅପରାଧିକ କାର୍ଯ୍ୟକଳାପ ବଢିଚାଲିଛି। ଏବଂ ବୟାଳିଶମୌଜା ଥାନା ତରଫରୁ ପେଟ୍ରୋଲିଂ ଏବଂ ଘରଭଡା ନେଇ ରହୁଥିବା ଲୋକଙ୍କର ତଥ୍ୟ ସଂଗ୍ରହ ଉପରେ ଗୁରୁତ୍ୱ ଦିଆଯାଉ ନଥିବାର କଟକ ସଦର ବ୍ଲକ କଂଗ୍ରେସ ନେତା ରାମଚନ୍ଦ୍ର ଗୋଛାୟତ ଅଭିଯୋଗ କରିଛନ୍ତି ।

# ଚାଚେରୀ ଭୋଗ ଖାଇଲେ ଶ୍ରୀଜିଉ

କୃଷ୍ଣପ୍ରଶାଦ, (ଭାସ୍କର ନ୍ୟୁଜ୍ ) : ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ବ୍ଲକ ମାଲୁଦ ଚବିଶ ମୌଜାର ଶ୍ରୀଜିଉ ମାନଙ୍କ ଚାଚେରୀ ଭୋଗଖିଆ ଶେଷ ହୋଇଛି। ଶ୍ରୀଜିଉ ମାନଙ୍କ ପରମ୍ପରା ରୀତିନୀତି ଅନୁଯାୟୀ ଫାଲଗୁନ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥି ଠାରୁ ଆରମ୍ଭ କରି ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଓ ସ୍ଥାନେ ସ୍ଥାନେ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଶ୍ରୀଜୀଉ ମାନେ ଚାରି ଦିନ ଓ ପାଞ୍ଚ ଦିନ ପର୍ଯ୍ୟନ୍ତ ଶ୍ରୀଜୀଉ ମାନଙ୍କ ଚଳନ୍ତି ପ୍ରତିମା ସୁସଜ୍ଜିତ ବୀମାନରେ ବିଜେ କରି ଘଣ୍ଟ ଘଣ୍ଟା କାହାଳି, ଛାତ୍ରୀ, ତ୍ରାସ, ବୈରାଖ ମଶାଳ ବାଜା ବଜାଇ ସୋମବାର ଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଚାରି ଦିନ ଶ୍ରୀ ଜୀଉ ମାନେ ବିମାନରେ ବିଜେ କରି ବିରାଟ ସଲାଟଣ ମହାପ୍ରଭୁଙ୍କ ଚାଚେରୀ ବେଶରେ ଯାଇ ଭକ୍ତ ଓ ଭଗବାନଙ୍କ ମିଳନ ହୁଏ। ମହାପ୍ରଭୁଙ୍କ ଦୁଆରରେ ଦୁଆରି ଭୋଗ ଚଣା ସାକର ମୁଆଁ ସୁସ୍ୱାଦ ଫଳ ଭୋଗ ଲାଗି କରାଯିବା ସହ ଭକ୍ତ ସେବକ ଗ୍ରାମର ଝିଅ କୁଳବଧୂ ଭକ୍ତ ଶ୍ରଦ୍ଧାଳୁ ଠାକୁରଙ୍କୁ ଅଭିର ପକାଇ ଆଶୀର୍ବାଦ ଭିକ୍ଷା କରିଥିଲେ। ସମସ୍ତଙ୍କ ଘର ଦ୍ୱାରରେ ଓ ଭୋଗ ଆସ୍ଥାନ ଉପରେ ପଞ୍ଚମୁରୁଜରେ ଝୋଟି ପକାଇ ଦୀପ ପୂର୍ଣ୍ଣ କୁମ୍ଭ ରଖିଥିଲେ। ଏହିପରି ଚବିଶ ମୌଜାର ଶ୍ରୀଜୀଉ ମାନେ ହେଲେ ପାଇକରାପୁର ଗ୍ରାମର ଶ୍ରୀ ବୃନ୍ଦାବନ ଚନ୍ଦ୍ର ଦେବ, ନନ୍ଦଳାର ଶ୍ରୀ ଗୋପୀନାଥ ଦେ. ରାମଲେଙ୍କାର ସ୍ୟାମାସୁନ୍ଦର ଦେବ, ବ୍ରାହ୍ମଣ ଦେଓ ଗ୍ରାମର ମଦନ ମୋହନ ଦେବ ଓ ଶ୍ରୀ ଶ୍ରୀ ରାଧା ଗୋବିନ୍ଦ ଜୀଉ କଣ୍ଡେଶର ଗ୍ରାମର ଶ୍ରୀ ରାଧାକାନ୍ତ ଦେବ ତାଳତଳା ଗ୍ରାମର ଶ୍ରୀ ରାଧାକୃଷ୍ଣ ଦେବ, ଶ୍ରୀ ରଘୁନାଥ ଦେବ ବଜ୍ରକୋଟ ଗ୍ରାମର ଆରାଧ୍ୟ ଦେବ, ଶ୍ରୀ କୁଞ୍ଜବିହାରି ଦେବ, ଉଦୟଗିରି ଗ୍ରାମର ଶ୍ରୀ ବୃନ୍ଦାବନ ଚନ୍ଦ୍ର ଦେବ, ନୂଆଗାଁର ଶ୍ରୀ ଗୋପାଳ ଜୀଉ ଦେବ, ସାମାନ୍ତରାପୁର ଗ୍ରାମର ଶ୍ରୀ ରାଇ ଦାମାଦାର ଦେବ, ମାଲୁଦ ଶ୍ରୀ ଦଧିବାମନ ଦେବ, ମଳେଶ୍ୱରୀ ଶ୍ରୀ ଶ୍ରୀ ଗୋପୀନାଥ ଦେବ ଶ୍ରୀ ଶ୍ରୀ ଲଡ୍ଡୁକେଶ୍ୱର ଦେବ, ବୁଦ୍ଧିବର ଗ୍ରାମର ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଦେବ, ମା ପାର୍ବତୀ ଦେବି ଫତେପୁର ଓ ଅଦାଲା ବାଦ ଗ୍ରାମର ଶ୍ରୀ ଶ୍ରୀ ରାଧାକୃଷ୍ଣ ଦେବ ନବା ଚାରି ଗ୍ରାମର ଆରାଧ୍ୟ ଦେବ ଶ୍ରୀ ଶ୍ରୀ ଜଗତେଶ୍ୱର ଦେବ ଦିଆକୁଡା ଗ୍ରାମର ଶ୍ରୀ ଶ୍ରୀ ବୃନ୍ଦାବନ ଚନ୍ଦ୍ର ଦେବ ଓ ପଥରଗଞ୍ଜ ଗ୍ରାମର ଆରାଧ୍ୟ ଦେବ ଶ୍ରୀ ଶ୍ରୀ ରାଧା ଗୋବିନ୍ଦ ଦେବ ପରମ୍ପରା ରୀତିନୀତି ଅନୁଯାୟୀ ଚାଚେରୀ ଭୋଗ ଖିଆ ଅନୁଷ୍ଠିତ ହୋଇଯାଇଛି।

# ଯାଜପୁର ଜିଲ୍ଲାର କାର୍ଯ୍ୟକାରିଣୀ ସମାରୋହ



ବ୍ୟାସନଗର, (ଭାସ୍କର ନ୍ୟୁଜ୍ ) : ଭାରତୀୟ ମଜଦୁର ସଂଘ ସହ ବନ୍ଧିତ ଓ୍ୱାରକିଙ୍ଗ ଜର୍ନାଲିଷ୍ଟ ଅଫ ଇଣ୍ଡିଆର ଜିଲ୍ଲା ସାମ୍ବାଦିକ ସମ୍ମିଳନୀ ବ୍ୟାସନଗର ସଂସ୍କୃତି ଭବନରେ ଆୟୋଜିତ ହୋଇଯାଇଛି। ଏହି ସମାବେଶରେ ରାଜ୍ୟର ମାନ୍ୟବର ସମବାୟ ମନ୍ତ୍ରୀ ଡଃ ପ୍ରଦୀପ ବଳ ସାମନ୍ତ ଉଦ୍‌ଘାଟନ କରିଥିଲେ। ଡବ୍ଲୁଜେଆଇର ରାଜ୍ୟ ସଭାପତି ପ୍ରଶାନ୍ତ କୁମାର ପଥାଳ ସଭା କାର୍ଯ୍ୟର ସଭାପତିତ୍ୱ କରିବା ସହ ଜିଲ୍ଲାରେ କିପରି ସଙ୍ଗଠନ ସୁଦୃଢ଼ ହୋଇପାରିବ ଓ ପ୍ରତ୍ୟେକ ସାମ୍ବାଦିକ ବନ୍ଧୁ ମାନଙ୍କର ସୁରକ୍ଷା ମିଳିବ ତାହା ପ୍ରତି ଅବଗତ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ କୋରେଇର ମାନ୍ୟବର ବିଧାୟକ ଆକାଶ ଦାସନାୟକ ମହୋଦୟ ଉପସ୍ଥିତ ରହି ସାମ୍ବାଦିକ ମାନଙ୍କର ସମସ୍ୟା ଉପରେ ଆଲୋଚନା କରି କିପରି ସମାଧାନ ହୋଇପାରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଡବ୍ଲୁଜେଆଇର ରାଜ୍ୟର ମୁଖ୍ୟ ଉପଦେଷ୍ଟା ମୀନକେତନ ଅମାତ ଓ ବିଶିଷ୍ଟ ଶ୍ରମିକ ନେତା ଏଆଇଏନଟିୟୁସି ରାଜ୍ୟ ଉପସଭାପତି ବିଦ୍ୟାଧର ମହାନ୍ତି, ଡବ୍ଲୁଜେଆଇର ରାଜ୍ୟ ଉପସଭାପତି ଦୁଷ୍ମନ୍ତ ବେହେରା, ସଙ୍ଗଠନ ସମ୍ପାଦକ ଦୋଳ ଗୋବିନ୍ଦ ମହାନ୍ତ ଉପସ୍ଥିତ ଥିଲେ। ଜିଲ୍ଲାର ବିଶିଷ୍ଟ ବ୍ୟକ୍ତି ଓ ବରିଷ୍ଠ ସାମ୍ବାଦିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିନୋଦ ଶର୍ମା, ପ୍ରସନ୍ନ ସାମଲ, ପ୍ରସନ୍ନ କୁମାର ରାୟ, ସାମ୍ବାଦିକ ଶରତ ପଥାଳ, ରଙ୍ଗବଲ୍ଲଭ ସାହୁ, ରମାକାନ୍ତ ଜେନା, ପ୍ରଦୀପ୍ତ କୁମାର ପୃଷ୍ଟି, ପବିତ୍ର ମୋହନ ରାଉତରାୟ, ମଳୟ କୁମାର ମଲ୍ଲିକ, ଅଜୟ କୁମାର ରାଉଳ, ଶଙ୍କର ପ୍ରତାପ ଦାସ, ରବିନାରାୟଣ କର, ରଞ୍ଜିତ ରାଉତ, କାଶୀନାଥ ବାରିକ, ସୁବ୍ରତ କୁମାର ମଲ୍ଲିକ ପ୍ରମୁଖ ସାମ୍ବାଦିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଯାଜପୁର ଜିଲ୍ଲାର ଜିଲ୍ଲା କାର୍ଯ୍ୟକାରିଣୀ କମିଟି ଘୋଷଣା କରାଯିବା ସହ ଡବ୍ଲୁଜେଆଇର ସଦସ୍ୟ ଶ୍ରୀକାନ୍ତ ମହାପାତ୍ରଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇ ସଭାସାଙ୍ଗ କରାଯାଇଥିଲା। ଜିଲ୍ଲା କାର୍ଯ୍ୟକାରିଣୀ କମିଟି -ସଭାପତି ପ୍ରସନ୍ନ ସାମଲ, ଉପସଭାପତି ରଞ୍ଜିତ କୁମାର ଡୋରା, ସମ୍ପାଦକ ଜିଂଙ୍କାଶୁ ସାହୁ, ସହସମ୍ପାଦକ ଶ୍ରୀକାନ୍ତ ମହାପାତ୍ର, କୋଷାଧକ୍ଷ ପଦ୍ମନାଭ ମଲ୍ଲିକ, ସଂଯୋଜକ ସନ୍ତୋଷ କୁମାର ପତି, ସହ ସଂଯୋଜକ ଶ୍ୟାମଳେନ୍ଦୁ ପାତ୍ର, ଜିଲ୍ଲା ପ୍ରଭାରୀ ଅଭୟ କୁମାର ପରିଦା।

# ଅଟଳ ବଳଦେବଜିଉ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



ଜଗତସିଂହପୁର, (ଭାସ୍କର ନ୍ୟୁଜ୍ ) : ପୁରାତନ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ କିଛି ସ୍ମୃତି, ଅନୁଭୂତି, ସ୍ନେହ, ପ୍ରେମ, ଭାତୃତ୍ୱ, ସଦଭାବନାକୁ ଉଦ୍‌ଜୀବିତ ରଖିବା ନିମନ୍ତେ ଜଗତସିଂହପୁର ବ୍ଲକ ଅନ୍ତର୍ଗତ ପଳାଶୋଳ ସ୍ଥିତ ଅଟଳ ବଳଦେବଜୀଉ ଉଚ୍ଚ ବିଦ୍ୟାଳୟର ୧୯୮୩ମସିହା ସିନିୟର ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀ ମାନଙ୍କ ପକ୍ଷରୁ ବିଦ୍ୟାଳୟ ପରିସରରେ ବନ୍ଧୁମିଳନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଶିକ୍ଷକ ବାଉରୀବନ୍ଧୁ ମିଶ୍ର, ଶିକ୍ଷକ ନେତା ବିଜୟ ବିଶ୍ୱାଳ, ଅଦୈତ୍ୟ ଚନ୍ଦ୍ର ପାତ୍ର, ନିରଞ୍ଜନ ମହାନ୍ତି, ରାମଚନ୍ଦ୍ର ଦାଶ, ଉତ୍ତମ ଚରଣ ସାହୁ, ଶିକ୍ଷୟତ୍ରୀ ମନୋରମା ମହାପାତ୍ର, ଭାଗିରଥି ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ଏହି ଉପଲକ୍ଷେ ଦିବଂଗତ ଶିକ୍ଷକ ଏବଂ ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ୧୯୮୩ମସିହା ମାଟ୍ରିକ ସିନିୟର ବ୍ୟାଚର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ପୁଷ୍ପଗୁଚ୍ଛ ସାଲ ପ୍ରଦାନ କରି ପୂଜା ଅର୍ଚ୍ଚନା କରିଥିଲେ। ଗୌରାଙ୍ଗ ଚରଣ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଞ୍ଜୀବ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏ ସମସ୍ତ କାର୍ଯ୍ୟକ୍ରମକୁ ସାମ୍ବାଦିକ ତପନ କୁମାର ରାଉତରାୟ, ସଂଗ୍ରାମ କେଶରୀ ମହାନ୍ତି, କ୍ରିଷ୍ଣା ମଞ୍ଜରୀ ପଟ୍ଟନାୟକ, ପ୍ରଦୀପ୍ତ କୁମାର ବିଶ୍ୱାଳ, ଦୁଷ୍ମନ୍ତ ମହାନ୍ତି, ରଞ୍ଜିତ୍ ସ୍ୱାଇଁ, ମନୋରଞ୍ଜନ ମହାନ୍ତି ଓ ଗୌରାଙ୍ଗ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ ।

# ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର



ନବରଙ୍ଗପୁର, (ଭାସ୍କର ନ୍ୟୁଜ୍ ) : ଡ଼ାବୁଗାଁ ବ୍ଲକ ସମ୍ମିଳନୀ ଗୃହରେ ନବରଙ୍ଗପୁର ଜିଲ୍ଲାପାଳ ଡା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡାଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରଓ୍ୱାନ, ଉପ ଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ ଚନ୍ଦ୍ର ମିଶ୍ର, ବ୍ଲକ୍ ଅଧ୍ୟକ୍ଷ ବୀଣା ମାଝୀ ଓ ବିଡିଓ ଶରତ ମାଝୀଙ୍କ ସମେତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୨୨ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୫ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୭ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ଜିଲ୍ଲାପାଳ ଡ଼ା ମହାପାତ୍ର ୪ ଜଣଙ୍କୁ ସାମାଜିକ ସୁରକ୍ଷା ବିଭାଗ ପ୍ରଦତ୍ତ ହ୍ୱିଇଲ ଚେୟାରକୁ ପ୍ରଦାନ କରିଥିଲେ।

# ଧାନ ମଣ୍ଡିରେ ବିହନ ନିଗମର ଧାନ ବିକ୍ରି ନେଇ ଅସନ୍ତୋଷ



ରଘୁନାଥପୁର, (ଭାସ୍କର ନ୍ୟୁଜ୍ ) : ରଘୁନାଥପୁର ବ୍ଲକ ଅଧିନସ୍ଥ ରେଢୁଆ ଧାନ ମଣ୍ଡିରେ ଧାନ ସ୍ଥାନରେ ବିହନ ନିଗମର ଧାନ ବିହନ ବିକ୍ରି ହେବା ଘଟଣା ଚାଷୀ ମହଲରେ ଆଲୋଡନ ସୃଷ୍ଟି କରିଛି। ମଣ୍ଡିର ଦାୟିତ୍ୱରେ ଥିବା ସଂପାଦକ ଓ କ୍ରୟ କମିଟିର ସଭାପତିଙ୍କ ଆପୋଷ ବୁଝାମଣାରେ ସ୍ପଷ୍ଟ ଦିବାଲୋକରେ ଚାଲିଛି ସରକାରୀ ଅର୍ଥ ହରିଲୁଟ। ଏଠାରେ ଧାନର ମାନକୁ ସମିତି ଡିଇଓଙ୍କ ବାପା ଯାଞ୍ଚ କରୁଥିବା ବେଳେ ସମିତିର ପିଅନ ଚାଷୀ ମାନଙ୍କ ଆଖି ସ୍କାନିଂ କରୁଥିବା ଅଭିଯୋଗ ହୋଇଛି। ସେହିପରି ଏହି ମଣ୍ଡିରେ ସଭାପତିଙ୍କ ପ୍ରଚେଷ୍ଟାରେ ବହୁ ସହାୟକ ଟୋକନ ତିଆରି କରା ଯାଇଥିବା ବେଳେ ଏହି ସହାୟକ ଟୋକନ ମାଧ୍ୟମରେ ଖୋଦ ସଭାପତି ଓ ସଂପାଦକ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ବିକ୍ରି କରି ଲକ୍ଷ ଲକ୍ଷ ଟଙ୍କା ମୁନାଫା କମେଉଥିବା କିଛି ଚାଷୀ ଅଭିଯୋଗ କରିଛନ୍ତି। ଏତଦ୍ ଭିନ୍ନ ଏହି ସହାୟକ ଟୋକନରେ ତୁରନ୍ତ ଧାନ ଉଠା ଯିବା ପାଇଁ ସଭାପତି ଓ ସଂପାଦକ ତତ୍ପରି ଦେଖାଉଥିବା ଜଣାଯାଇଛି। ଫଳ ସ୍ୱରୁପ ଗତ ୨୯ ତାରିଖରେ ଟୋକନ ଥିବା ଚାଷୀ ମାନଙ୍କର ଧାନ ସଂପୂର୍ଣ୍ଣ ନ ଉଠାଯାଇ ଚଳିତ ମାସ ୩ତାରିଖରେ ଥିବା ଚାଷୀ ମାନଙ୍କର ଟୋକନରେ ଧାନ ବିକ୍ରୀ କରା ଯାଉଥିବା ଏବଂ ୧ତାରିଖ ଟୋକନକୁ ଉପେକ୍ଷା କରା ଯାଇଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଏଥି ସହିତ ଏହି ଧାନ ମଣ୍ଡିରେ ଚାଷୀ ମାନଙ୍କ ଠାରୁ କ୍ୱିଣ୍ଟାଲ ପିଛା ୪କେଜିରୁ ୧୦କେଜି ପର୍ଯ୍ୟନ୍ତ ଆଖିବୁଜା କାଟ ଚାଷୀ ମାନଙ୍କ ଅସନ୍ତୋଷକୁ ଦ୍ୱିଗୁଣିତ କରିଛି। ଏଭଳି ମହା ଘୋଟାଲାରେ ଛନ୍ଦି ହୋଇ ଯାଇଥିବା ଏହି ଧାନ ମଣ୍ଡିକୁ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଚାଷୀ ମହଲରେ ଦାବି କରା ଯାଇଛି।

# ଯାଦବ ନେତା ବୀରକିଶୋରଙ୍କ ପରଲୋକ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍ ) : ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ବିଶିଷ୍ଟ ରାଜନେତା ତଥା ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ବୀରକିଶୋର ପରିଡାଙ୍କର ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୮ ବର୍ଷ ହୋଇଥିଲା। ସ୍ୱର୍ଗତ ପରିଡାଙ୍କ ପ୍ରଚେଷ୍ଟାରେ ସ୍ଥାନୀୟ କିଶୋରନଗର ମହାବିଦ୍ୟାଳୟ, ଚନ୍ଦ୍ରଶେଖର ଉଚ୍ଚ ବିଦ୍ୟାଳୟ ପ୍ରମୁଖ ବହୁ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରାଯାଇଥିଲା। ସ୍ୱର୍ଗତ ପରିଡା ରାଜ୍ୟ ଉତ୍କଳ ଯାଦବ ମହାସଭାର ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା ରହିଥିଲେ। ତାଙ୍କ ପ୍ରଚେଷ୍ଟାରେ ମହାନଦୀ-ଲୁଣା ଚିତ୍ରୋତ୍ପଳା ଦ୍ୱିପାଞ୍ଚଳରେ ବ୍ୟାପକ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଇଥିଲା। ତାଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ପୈତୃକ ଗ୍ରାମ ନିଶ୍ଚିନ୍ତକୋଇଲି ବ୍ଲକ ଇଶାଣୀ ବରହମପୁରକୁ ଅଣାଯାଇଥିଲା। ଶୋକାକୂଳ ପରିବେଶରେ ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶବକୁ ଦାହ କରାଯାଇଥିଲା। ତାଙ୍କର ପୁତ୍ର ବିଶ୍ୱରଞ୍ଜନ ମୁଖାଗ୍ନି ଦେଇଥିଲେ। ଖବର ପାଇ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ଅଧ୍ୟାପକ ରବିନ୍ଦ୍ରନାଥ ଆଚାର୍ଯ୍ୟ, ସରପଞ୍ଚ ସୁଶାନ୍ତ କୁମାର ସେଠୀ, ସମିତି ସଭ୍ୟା ମଞ୍ଜୁଲତା ବାରିକ, ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ପ୍ରେମାନନ୍ଦ ଆଚାର୍ଯ୍ୟ, ବିଷ୍ଣୁଚରଣ ପରିଡା, ସୋମନାଥ ସ୍ୱାଇଁ, ପ୍ରଶାନ୍ତ କୁମାର ପଣ୍ଡା, ହେମନ୍ତ ତ୍ରିପାଠୀ, ସୁମନ୍ତ ସାହୁ, ସତ୍ୟ ଜେନା, ରମାକାନ୍ତ ଆଚର୍ଯ୍ୟ, ମଥୁରାନନ୍ଦ ଜେନା, ପଦ୍ମନାଭ ସାହୁ, ଧରଣୀଧର ସେଠୀ, ଅକ୍ଷୟ କୁମାର ସେଠୀ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ତାଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

# ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା



ଫୁଲନଖରା, (ଭାସ୍କର ନ୍ୟୁଜ୍ ) : ସଦର ଥାନା ଅନ୍ତର୍ଗତ ବିଶ୍ୱାଳପଡା ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଗ୍ରାମେଶ୍ୱରଙ୍କ ପୀଠରେ ଥିବା ପ୍ରଭୁ ସଂକଟ ମୋଚନ ହନୁମାନଙ୍କ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ୧୭ତାରିଖ ଅପରାହ୍ନରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶ୍ୱାଳପଡା, ସବଳପୁର, ଶାସୋଳ ସମେତ ଆଖପାଖ ଗ୍ରାମର ମହିଳା ଓ ପୁରୁଷମାନେ ବିଶ୍ୱାଳପଡା ସ୍ଥିତ ଗ୍ରାମେଶ୍ୱରଦେବଙ୍କ ମନ୍ଦିର ନିକଟସ୍ଥ ପବିତ୍ର ପୁଷ୍କରିଣୀରୁ ଜଳ ଉତ୍ତୋଳନ କରି ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ପ୍ରଭୁ ଗ୍ରାମେଶ୍ୱର ଦେବଙ୍କ ପୀଠରେ ପହଞ୍ଚି ଥିଲେ। ଗ୍ରାମବାସୀମାନଙ୍କ ସକ୍ରିୟ ସହଯୋଗରେ ଏହି ବିଶ୍ୱଶାନ୍ତି ମହାଯଜ୍ଞ ୪ ଦିନ ଧରି ଅନୁଷ୍ଠିତ ହୋଇ ଆସନ୍ତା ୧୯ ତାରିଖରେ ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି।

# କେବେ ସୁଧୁରିବ ଅବସ୍ଥା ? ଅଭିଶପ୍ତ ଜୀବନ ଜୀଉଁଛନ୍ତି ୩୦ ଜୁଆଙ୍ଗ ଜନଜାତି ପରିବାର



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ଆଦିବାସୀ ଅଧ୍ୟୁଷିତ କେନ୍ଦୁଝର ଜିଲ୍ଲାରେ ଆଦିମ ଜନଜାତି ଜୁଆଙ୍ଗ ଅବହେଳିତ ହୋଇ ରହିଛନ୍ତି । ପାହାଡ ଓ ଜଙ୍ଗଲ ଘେରା ମଧ୍ୟରେ ରହି ଆସୁଥିବା ଏହି ଜନଜାତି ସ୍ୱାଧିନତାର ଦୀର୍ଘ ବର୍ଷ ପରେ ମଧ୍ୟ ବିକାଶ ସ୍ରୋତରେ ପୂର୍ଣ୍ଣମାତ୍ରାରେ ସାମିଲ ହୋଇ ପାରିନାହାଁନ୍ତି। ଏମାନଙ୍କ ପାଇଁ ବିଭିନ୍ନ ଯୋଜନାରେ ଅର୍ଥ ଖର୍ଚ୍ଚ ହେଉଛି କିନ୍ତୁ ତଦାରଖ ଅଭାବରୁ ସଫଳତା ମିଳିପାରୁ ନାହିଁ । ତେବେ କାଗଜପତ୍ରରେ ଯୋଜନା ସଫଳତା ଲାଭ କରୁଥିବା ଦର୍ଶାଯାଉଛି। ଜୁଆଙ୍ଗମାନଙ୍କ ବିକାଶ ପାଇଁ ଜୁଆଙ୍ଗ ଉନ୍ନୟନ ସଂସ୍ଥା, ଆଇଟିଡିଏ, ବ୍ଲକ, ପଞ୍ଚାୟତ ଆଦି ସରକାରୀ ଓ ବେସରକାରୀ ସଂସ୍ଥା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି କିନ୍ତୁ ଉପଯୁକ୍ତ ତଦାରଖ ଅଭାବରୁ ସୁଫଳ ଏହି ବଣ ମୂଳକରେ ରହୁଥିବା ଜୁଆଙ୍ଗମାନଙ୍କୁ ମିଳୁନଥିବା ଅଭିଯୋଗ ହେଉଛି । ଏହାଛଡା କାମଧନ୍ଦା ନପାଇ ଓ ଆର୍ଥିକ ଅନଟନ ଯୋଗୁଁ ବହୁ ଜୁଆଙ୍ଗ ଦାଦନ ଖଟିବାକୁ ଦୂରଦୂରାନ୍ତକୁ ଯାଉଥିବାବେଳେ ଆଉ କେହି ପର ଘରେ ମୂଲ ଲାଗୁଛନ୍ତି ତ କେହି କେହି ବଗାଳିଆ ଖଟୁଛନ୍ତି । ତେବେ ଜୁଆଙ୍ଗ ଶିଶୁମାନଙ୍କ ଶିକ୍ଷା ପାଇଁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଅନେକ ପଦକ୍ଷେପ ନେଇଥିବାବେଳେ ତାହା କାହିଁକି ଫଳବତୀ ହୋଇପାରିନାହିଁ ତାହାର ସମୀକ୍ଷା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଉଛି। ଆଦିମ ଜନଜାତି ଜୁଆଙ୍ଗ ଗାଁ ତଳକଅଁସ ଦୀର୍ଘଦିନ ଧରି ସମସ୍ୟା ଘେରରେ, ରାସ୍ତା, ଆଲୋକ, ପିଇବା ପାଣି ଓ ବିଦ୍ୟାଳୟକୁ ନେଇ ସମସ୍ୟାର ଲମ୍ବା ଚିଠା । କେନ୍ଦୁଝର ଜିଲ୍ଲାର ପଛୁଆ ଅଞ୍ଚଳ ବାଂଶପାଳ ବ୍ଲକର ଝିରିପାଣି କଅଁସ ବା ତଳକଅଁସ ଗ୍ରାମବାସୀ ଅନେକ ସମସ୍ୟାରେ ଜର୍ଜରିତ। ସଭ୍ୟତାର ଶୀର୍ଷ ସୋପାନରେ ଆମେ ପହଞ୍ଚି ଥିବାବେଳେ ଏହି ଗାଁକୁ ଯିବା ପାଇଁ ଭଲ ରାସ୍ତା ହୋଇ ପାରିନାହିଁ ଫଳରେ ଆମ୍ବୁଲାନ୍ସ ଗାଡି ଗାଁକୁ ଯିବା କଷ୍ଟକର । ଗାଁରେ ନା ସୁବିଧା ଅଛି ପାନୀୟ ଜଳର, ନା ଗାଧୁଆ ପାଣିର। ଜୁଆଙ୍ଗମାନଙ୍କର ମଣ୍ଡ ଘର ଅତ୍ୟନ୍ତ ଜରୁରୀ ହୋଇଥିବାବେଳେ ଭଲ ମଣ୍ଡ ଘରଟିଏ ନଥିବାରୁ ଭଙ୍ଗା ଦଦରା ମଣ୍ଡ ଘରେ କରୁଛନ୍ତି ପାରମ୍ପରିକ ଚାଙ୍ଗୁ ନୃତ୍ୟ । ଏହି ଗାଁର ଭୌଗୋଳିକ ସ୍ଥିତି ଠିକ ଏପରି, କୋଡିପଶା ଗ୍ରାମ ପଞ୍ଚାୟତ ଝରିପାଣି କଅଁସ ବା ତଳ କଅଁସ ଏକ ପାହାଡ ତଳି ଗାଁ। ଏହି ଅଞ୍ଚଳଟି ଅଗମ୍ୟ ଅଞ୍ଚଳ ଏବଂ ଆଦିବାସୀ ଜନଜାତି ଜୁଆଙ୍ଗ ବହୁଳ ଗାଁ ଭାବେ ଜଣାଶୁଣା। ତଳ କଅଁସରେ ପ୍ରାୟ ୩୦ଟି ଜୁଆଙ୍ଗ ଜନଜାତି ପରିବାର ବସବାସ କରନ୍ତି। ଜନସଂଖ୍ୟା ପ୍ରାୟ ଦେଢଶହ । ଲୋକଙ୍କର କାମଧନ୍ଦା କିଛି ନାହିଁ। କେତେକ ଯୁବକ କେନ୍ଦୁଝର ସହରକୁ ଆସି ଛୋଟ ମୋଟ କାମ କରିବାକୁ ବାଧ ହୁଅନ୍ତି । ଅନ୍ୟ ମହିଳା ଓ ପୁରୁଷମାନେ କେବେ କେମିତି ସରକାରଙ୍କ ମନରେଗା କାମ ଏବଂ ନିଜର ବିଲବାଡି କାମ ଛାଡି ଦେଲେ ତାଙ୍କ ପାଖରେ ଆଉ କିଛି କାମ ନଥାଏ। ଜଙ୍ଗଲଜାତ ଦ୍ରବ୍ୟ, କାଠପତ୍ର, ଝୁଣା, ଦାନ୍ତକାଠି, ଜଙ୍ଗଲୀ କାଇ, ମହୁ ପ୍ରଭୃତି ସଂଗ୍ରହ କରି ବେଳେବେଳେ ପରିବାର ପ୍ରତିପୋଷଣ କରିଥାନ୍ତି ପୁରୁଷ ଲୋକମାନେ । ବନବିଭାଗର କଟକଣାକୁ ଖାତିର ନକରି ବହୁ ଲୋକ ଜଙ୍ଗଲକୁ ଜାଳେଣି କାଠ ଆଣିଥାନ୍ତି । ବର୍ଷ ତମାମ ବିନା କାମ ଧନ୍ଦାରେ ଲୋକ ମାନେ ସରକାରଙ୍କ ପ୍ରଦତ୍ତ ଟଙ୍କାକିଆ ଚାଉଳ, ଭତ୍ତା ଏମାନଙ୍କ ସାହାଭରସା । କିଛି ଲୋକ ଚାଷ କରି ଚଳିଥାନ୍ତି । ଏହି ଗାଁରେ ୫ଟି ବାଥୁଡି ପରିବାର ମଧ ରୁହନ୍ତି । ଏହି ପରିବାରର ଲୋକମାନେ ଚାଷ କରି ଚଳନ୍ତି । ଏବେ କୋଳଥ ଅମଳ କରି ଏହାକୁ ନିଜର କିଛି ଖାଇବା ପାଇଁ ଓ କିଛି ସହରକୁ ବିକ୍ରି କରନ୍ତି । ଗାଁକୁ ପାନୀୟ ଜଳ ଯୋଗାଣ ପାଇଁ ତଳକଅଁସ ସରକାରୀ ପ୍ରାଥମିକ ବିଦ୍ୟାଳୟ ନିକଟରେ ଏକ ଟ୍ୱିବଓ୍ୱେଲ ଖୋଳାଯାଇ ସେଠାରୁ ସୋଲାର ମାଧ୍ୟମରେ ଲୋକଙ୍କୁ ପାଣି ଯୋଗାଇବାର ବ୍ୟବସ୍ଥା କରାଯାଇଛି। ଗାଧୁଆ ପାଧୁଆ ଓ ନିତ୍ୟକର୍ମ ପାଇଁ ଆବଶ୍ୟକ ପାଣିରେ ସେଠାରେ ଘୋର ଅଭାବ ରହିଛି । ଚାଷ ଜମି ମଧ୍ୟରେ ଏକ ପରିତ୍ୟକ୍ତ ଗଡିଆ ତଳକଅଁସବାସୀଙ୍କ ସାହାଭରସା । ଏଠାରେ ଗାଧୁଆ ପାଧୁଆ କରି ଲୋକେ ଅନେକ ଚର୍ମ ରୋଗରେ ପୀଡିତ ଥିବା କୁହନ୍ତି ସ୍ଥାନୀୟ ବାସିନ୍ଦା । ଅବଶ୍ୟ ସରକାରଙ୍କ ତରଫରୁ ବିଦ୍ୟୁତ ଯୋଗାଣ ହୋଇଛି ସେଠାକୁ । କିନ୍ତୁ ସେହି ଗ୍ରାମର କେତେକ ଲୋକଙ୍କ ଘରକୁ ବିଦ୍ୟୁତ ଯୋଗାଣ ହୋଇପାରିନାହିଁ । ସେଠାକାର ମଣ୍ଡଘର ଅବସ୍ଥା ନଦେଖିଲେ ଜାଣି ହେବନି । ଆଦିମ ଜନଜାତି ଜୁଆଙ୍ଗମାନଙ୍କ ମଣ୍ଡଘର ଏକ ପ୍ରମୁଖ ସାମାଜିକ ଓ ସାଂସ୍କୃତିକ ସ୍ଥଳୀ ଭାବେ ଜଣାଶୁଣା । କିନ୍ତୁ ତଳକଅଁସରେ ଥିବା ଭଙ୍ଗାଦଦରା ମଣ୍ଡ ଘରେ ଲୋକେ ଆଉ ବସା ଉଠା କରିବାକୁ ନିରାପଦ ମଣୁନାହାନ୍ତି । ସେଠାରେ ସାହିବାସୀଙ୍କ କେତେଖଣ୍ଡ ଚାଙ୍ଗୁ ବାଦ୍ୟ, ସାହିର ରୋଷେଇ ସାମଗ୍ରୀ କେବଳ ଦେଖିବାକୁ ମିଳୁଛି । ସରକାରଙ୍କ ତରଫରୁ ଏଠାରେ ଭଲ ମଣ୍ଡଘର ଟିଏ ମଧ୍ୟ ହୋଇପାରିନାହିଁ । ମନରେଗା ଯୋଜନାରେ ଗାଁରେ କି କାମ ହେଉଛି ତାହାର ସାମାଜିକ ସମୀକ୍ଷା ଆବଶ୍ୟକ । ଏପରିକି ଏହି ଜୁଆଙ୍ଗ ଗାଁରେ କେଉଁ ପ୍ରକାର କୃଷି ବ୍ୟବସ୍ଥା ହୋଇ ଉନ୍ନତ ମାନରେ ଏହି ବର୍ଗର ଲୋକମାନେ ଏହାକୁ କରିପାରିବେ ତାକୁ ନେଇ ଯୋଜନା ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବି ମହଲରେ ଆଲୋଚନା ହେଉଛି । ପ୍ରଧାନମନ୍ତ୍ରୀ ଆବାସରେ ମଧ୍ୟ ସଂପୃକ୍ତ ଗ୍ରାମକୁ ଉପେକ୍ଷା କରାଯାଇଥିବା ଭଳି ମନେ ହୁଏ । ସେଠାକାର ଆଉ ଅନେକ ଲୋକ ପ୍ରଧାନମନ୍ତ୍ରୀ ଆବାସରୁ ବଞ୍ଚିତ ଥିବାବେଳେ ଭତ୍ତା ପାଇବାରୁ ମଧ୍ୟ ଲୋକେ ବଞ୍ଚିତ ହୋଇଥିବା ବରିଷ୍ଠ ନାଗରିକମାନେ ପ୍ରକାଶ କରନ୍ତି । ଅନେକ କ୍ଷେତ୍ରରେ ପଛୁଆ ତଳକଅଁସ ଗାଁର ପାନୀୟ ଜଳ ବ୍ୟବସ୍ଥା ଓ ଗାଧୁଆ ପାଧୁଆ ପାଇଁ ଆବଶ୍ୟକ ପାଣିର ବ୍ୟବସ୍ଥା ଅତ୍ୟନ୍ତ ଜରୁରୀ ହୋଇପଡିଛି । ଅଳ୍ପଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ ନହେଲେ ଗ୍ରୀଷ୍ମଋତୁରେ ଏଠାକାର ଲୋକେ ଜଳକ୍ଲିଷ୍ଟ ସମସ୍ୟାକୁ ଏଡାଇ ଦେଇ ହେଉନାହିଁ। ତଳକଅଁସ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ପରିତ୍ୟକ୍ତ ଶ୍ରେଣୀ ଗୃହ ଦୀର୍ଘ ବର୍ଷ ହେବ ଅସମ୍ପୂର୍ଣ୍ଣ ହୋଇ ରହିଛି । ଏହି ଘରଟି ଏବେ ବିପଦ ସଙ୍କୁଳ ହୋଇ ପଡିଥିବାବେଳେ ଘରଟିକୁ ଭାଙ୍ଗିବା ଜରୁରୀ ହୋଇପଡିଛି ।



ଏରସମା (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଡିଙ୍କିଆ ପଞ୍ଚାୟତ ସ୍ୱାଭିମାନ ମଞ୍ଚ ପକ୍ଷରୁ ହାଇସ୍କୁଲ ଖେଳ ପଡ଼ିଆରେ ସରପଞ୍ଚ ପିଙ୍କି ଦାସଙ୍କ ଆବାହକତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରତ୍ନାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟକ ଡ଼ା ଲଲାଟେନ୍ଦୁ ମହାପାତ୍ର, କଂଗ୍ରେସ ନେତା ନଳୀନି କୁମାର ସ୍ୱାଇଁ, ୪ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପିନାକୀ ନାରାୟଣ ଦାସ, ଏରସମା ବ୍ଲକ୍ କଂଗ୍ରେସ କାର୍ଯ୍ୟ ନିର୍ବାହୀ ସଭାପତି ବଲ୍ଲଭାନନ୍ଦ ସ୍ୱାଇଁ, କୁଜଙ୍ଗ ବ୍ଲକ୍ କଂଗ୍ରେସର ନିହାର ରଞ୍ଜନ ଦାସ, ତିର୍ତ୍ତୋଲ ବ୍ଲକ୍ କଂଗ୍ରେସର ଅଶୀତ ସ୍ୱାଇଁ, ଫେଲୁ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଗତ ଅକ୍ଟୋବର ମାସରେ ଅନୁଷ୍ଠିତ ହୋଇଥିବା ପଞ୍ଚାୟତର ସରପଞ୍ଚ ନିର୍ବାଚନରେ ପିଙ୍କି ଦାସଙ୍କୁ ବିପୁଳ ଭୋଟରେ ବିଜୟୀ କରାଇଥିବାରୁ ପଞ୍ଚାୟତବାସୀଙ୍କୁ ଧନ୍ୟବାଦ୍ ଦେଇଥିଲେ । ଏହି ଅବସରରେ ସରପଞ୍ଚ ପିଙ୍କି ଦାସ, ନାୟବ ସରପଞ୍ଚ ତୀର୍ଥଙ୍କର ଦାସ, ଭ୍ରମରବର ଦାସ, ଆକୁନି ବିଶ୍ୱାଳ ଓ ୱାର୍ଡ ସଭ୍ୟ ସଭ୍ୟାମାନେ ଉପସ୍ଥିତ ପଞ୍ଚାୟତବାସୀଙ୍କୁ କୃତଜ୍ଞତା ଜଣାଇବା ସହିତ ଆଗାମୀ ଦିନରେ ଡ଼ିଙ୍କିଆ ପଞ୍ଚାୟତକୁ ଏକ ସରସ ସୁନ୍ଦର ଭାବରେ ଗଠନ କରିବା ପାଇଁ ଉପସ୍ଥିତ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ । ଏହି ଅବସରରେ ପଞ୍ଚାୟତ ଅଞ୍ଚଳର ଦିବ୍ୟାଙ୍ଗମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ, ପଞ୍ଚାୟତବାସୀଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆଇନ ସେବା ଯୋଗାଇଦେବା ପାଇଁ ମଞ୍ଚ ପକ୍ଷରୁ ଏକ ରିଲିଫ ଫଣ୍ଡ ଗଠନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଦେବେନ୍ଦ୍ର ସ୍ୱାଇଁ ସଭାକାର୍ଯ୍ୟ ପରିଚାଳନା କରିଥିଲେ ।



## ଉଦୟପୁର ଓ ଅସ୍ତରଙ୍ଗରେ ଦୋଳ ମେଳଣ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୁରାଣରେ ବର୍ଣ୍ଣିତ ଅଛି 'ଦୋଳେଚ ଦୋଳ ଗୋବିନ୍ଦ, ଚାପେଚ ମଧୁସୂଦନ, ରଥେ ତୁ ବାମନ ଦୃଷ୍ଟା, ପୁନଃ ଜନ୍ମ ନ ବିଦ୍ୟତେ' । ଏହି ଉକ୍ତିକୁ ଆଧାର କରି କେଉଁ ଆବାହନ କାଳରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଉଦୟପୁର ସ୍ଥିତ ରାଧାକୃଷ୍ଣ ମେଳଣ ପଡିଆ ଓ ଅସ୍ତରଙ୍ଗ ଜାଗୁଳାଇ ପଡିଆରେ ଦୋଳ ଯାତ୍ରା ତଥା ହରିହର ଭେଟ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ଉଦୟପୁର ସରିପୁର, ସିଦ୍ଧିପୁର, ରାଇବେରୁଆଁ ସମେତ ବିଭିନ୍ନ ସ୍ଥାନରୁ ପାଖାପାଖି ୧୮ଟି ଦୋଳ ଏକତ୍ରିତ ହୋଇଥିଲା । ସେହିପରି ଅସ୍ତରଙ୍ଗ ପଞ୍ଚାୟତ ଜାଗୁଳାଇ ପଡିଆରେ ବାଲିଆପଟା, ଝାଡ଼ଲିଙ୍ଗ, ବେଗୁନିଆବନ୍ତ, ଅସ୍ତରଙ୍ଗ, ବରାଙ୍ଗ, କରଞ୍ଜପୁର ଅଞ୍ଚଳ ଦୋଳ ଏକତ୍ରିତ ହୋଇଥିଲା । ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ପ୍ରତିମାକୁ ସୁସଜ୍ଜିତ ବିମାନରେ



ହେଉଛି । ଓଡ଼ିଶାରେ ପାଳିତ ହେଉଥିବା ପର୍ବମାନଙ୍କ ମଧ୍ୟରେ ଏକ ବିଶେଷ ପର୍ବ ହେଉଛି ଦୋଳ ପର୍ବ । ଏହି ପର୍ବ ଫାଲଗୁନ ଶୁକ୍ଳ ଦଶମୀ ଠାରୁ ଆରମ୍ଭ ହୋଇ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲେ । ଏହାର ଅନ୍ୟ ନାମ ଦୋଳଯାତ୍ରା । ଏଥିରେ ଦୋଳ ବା ଦୋଳ ଗୋବିନ୍ଦ ବିମାନରେ ରାଧାକୃଷ୍ଣଙ୍କୁ ନେଇ ଗ୍ରାମ ପରିକ୍ରମା କରାଯାଏ । ବିମାନରେ ଝୁଲି ଝୁଲି ଆସିଥାନ୍ତି ରାଧା-କୃଷ୍ଣ । ଘଣ୍ଟଘଣ୍ଟା ଧ୍ୱନିରେ ପ୍ରକମ୍ପିତ ହୋଇଥାଏ ସମଗ୍ର ଅଞ୍ଚଳ । ଆନନ୍ଦ ଉଲ୍ଲାସ ସହ ଠାକୁରଙ୍କୁ ପାଛୋଟି ଆଣୁଥାନ୍ତି ଶ୍ରଦ୍ଧାଳୁ । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଉଦୟପୁର ସ୍ଥିତ ରାଧାକୃଷ୍ଣ ମେଳଣ ପଡିଆରେ ରବିବାର ସନ୍ଧ୍ୟାରେ ଦୋଳ ମେଳଣ ପଡିଆକୁ କେନ୍ଦ୍ରାପଟି, ପାପିରା, ବନ୍ତିଲୋ, ମୁଦୁଗଲ, ଭକ୍ତମାନେ ବାଜା, ବାଣ ରୋଷଣୀ ସହ ମେଳଣ ପଡିଆକୁ ଆଣିଥିଲେ । ଉଦୟପୁର ମେଳଣ ପଡିଆ ଓ ଅସ୍ତରଙ୍ଗ ଜାଗୁଳାଇ ପଡିଆରୁ ପୁରୋହିତଙ୍କ ବେଦମନ୍ତ୍ର ମାଧ୍ୟମରେ ଠାକୁରଙ୍କୁ ନିମନ୍ତ୍ରଣ କରିଥିଲେ । ପାରମ୍ପରିକ ବାଦ୍ୟ ଓ ଲଉଡ଼ି ଖେଳ ସହ ଶ୍ରୀଜିଉଙ୍କୁ ଆଣିବା ସମୟରେ ଶ୍ରଦ୍ଧାଳୁଙ୍କ ଆବେଗ ଆକର୍ଷଣ କେନ୍ଦ୍ରବିନ୍ଦୁ ହୋଇଥିଲା । ରାତିରେ ଠାକୁରଙ୍କ ନିକଟରେ ଭୋଗ ଲାଗି ପରେ ଆକର୍ଷଣୀୟ ବାଦ୍ୟରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ମନ୍ଦିରରେ ଠାକୁରଙ୍କ ବିଶେଷ ନୀତିକାନ୍ତି କରାଯାଇ ସିଂହାସନ ବିଜେ କରାଯାଇଥିଲା । ମେଳଣକୁ ସୁରୁଖୁରୁରେ ସାରିବା ପାଇଁ ମେଳଣ କମିଟି ଓ ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

## ଭଞ୍ଜନଗରରେ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ଭଞ୍ଜନଗର (ଭାସ୍କର ନ୍ୟୁଜ୍) : ଭଞ୍ଜନଗରରେ ଜିଲ୍ଲାସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନ ସମାଧାନ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରମୋଦ କୁମାର ପୃଷ୍ଟି, ଭଞ୍ଜନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଞ୍ଜନ କୁମାର ଦେ, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା ଆଜିର ଏହି ଅଭିଯୋଗ ଶୁଣାଣିରେ ସମୁଦାୟ ୧୪୬ଟି ଅଭିଯୋଗ ପତ୍ର ଗ୍ରହଣ କରିଥିଲେ । ବ୍ୟକ୍ତିଗତ ଅଭିଯୋଗ ୧୩୫ଟି ଥିବାବେଳେ ଗ୍ରାମୀୟ ଅଭିଯୋଗ ୧୧ଟି ଥିଲା । ଅତିରିକ୍ତ ଜିଲ୍ଲାପାଳ ତ୍ୱରିତ ୬ଟି ଅଭିଯାଗର ଫଇସଲା କରିଥିଲେ । ଅଭିଯୋଗ ଶୁଣାଣିରେ ଚାରି ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ପ୍ରଦାନ



କରାଯାଇଥିଲା ଏବଂ ତିନି ଜଣଙ୍କୁ ରେଡ଼କ୍ରସ ପାଣ୍ଠିରୁ ତେରହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା । ଆଜିର ଅଭିଯୋଗ ସମୟରେ ଅଭିଯୋଗ ଗୁଡିକ ମଧ୍ୟରେ ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଖାଉଟି କାର୍ଡ ବାର୍ଦ୍ଧକ୍ୟ ଭତ୍ତା, ଭୂମିହୀନଙ୍କ ପାଇଁ ବସୁନ୍ଧରା ଯୋଜନାରେ ଜାଗା ଆବଣ୍ଟନ ଉପରେ ମୁଖ୍ୟତଃ ଥିଲା । ଗ୍ରହଣ କରିଥିବା ଆବେଦନଗୁଡିକର ଶୁଣାଣି କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରେରଣ କରାଯାଇ ତୁରନ୍ତ ସମାଧାନ କରିବା ଦିଗରେ ଅତିରିକ୍ତ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଏହି ଅଭିଯୋଗ ଶୁଣାଣି ସମୟରେ, ଭଞ୍ଜନଗର ଡେପୁଟି କଲେକ୍ଟର ସୁମନ ଘୋଷ, ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୀତାଂଶୁ ଶେଖର ଶତପଥୀ, ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ, ଭଞ୍ଜନଗର ତହସିଲଦାର ଅବିନାଶ ମହାର, ଭଞ୍ଜନଗର ବିଡିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଭଞ୍ଜନଗର ପୂର୍ତ୍ତ ବିଭାଗ ଏସ୍‌ଡିଓ ପ୍ରତାପ ନାୟକ, ଭଞ୍ଜନଗର ବିଜ୍ଞାପିତ ଅଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ ମୁରଲୀ କୃଷ୍ଣ ପଣ୍ଡା, ଭଞ୍ଜନଗର ସହାୟକ ଜିଲ୍ଲାପାଳ ରାମଚନ୍ଦ୍ର ମହାପାତ୍ର, ଅତିରିକ୍ତ ଯୋଗାଣ ଅଧିକାରୀ ଅସିତ କୁମାର ମହାନ୍ତି, ସାମାଜିକ ସୁରକ୍ଷା ଅଧିକାରୀ ଏସିଓ ଶବର, ଭଞ୍ଜନଗର ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ଏବଂ ପ୍ରତ୍ୟେକ ବିଭାଗର ଅଧିକାରୀମାନେ ଯୁଗ୍ମ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ ।

## ସାମ୍ବାଦିକଙ୍କ ସହ ଫଗୁ ଖେଳିଲେ ମନ୍ତ୍ରୀ

ଧାମନଗର (ଭାସ୍କର ନ୍ୟୁଜ୍) : ଧାମନଗର ବ୍ଲକ ଅସୁରାଳି ଠାରେ ଭଦ୍ରକ ଓ ଧାମନଗର ଅଞ୍ଚଳ ସାମ୍ବାଦିକ ଏବଂ ବୁଦ୍ଧିଜୀବୀଙ୍କୁ ନେଇ ଫଗୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ତଥା ଧାମନଗର ପ୍ରେସ କ୍ଲବର ସଭାପତି ବୈକୁଣ୍ଠନାଥ ସାହୁ ଓ ସାଧାରଣ ସମ୍ପାଦକ ରଜତ କୁମାର ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ସାମ୍ବାଦିକ ଏବଂ ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଉପସ୍ଥିତ ବ୍ୟକ୍ତି ବିଶେଷଙ୍କୁ ଅବିର ବୋଳି ଶୁଭେଚ୍ଛା ଜଣାଇଥିଲେ । ସାମ୍ବାଦିକ ଓ ବୁଦ୍ଧିଜୀବୀମାନେ ମଧ୍ୟ ମନ୍ତ୍ରୀଙ୍କୁ ରଙ୍ଗ ଅବିର ବୋଳି ଶ୍ରଦ୍ଧା ଅର୍ପଣ କରିଥିଲେ । ସାମ୍ବାଦିକମାନେ ସମାଜର ଆଇନା । ସେମାନେ ହିଁ ତୃଣମୂଳସ୍ତରରେ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିଥାନ୍ତି । ସମାଧାନ ପାଇଁ ପ୍ରଶାସନ ଓ ସରକାର ଉପରେ ଚାପ ପ୍ରୟୋଗ କରିଥାନ୍ତି । ଏହି ଅଞ୍ଚଳରୁ ବିଜୟୀ ହୋଇଥିଲେ




ବି ଦୀର୍ଘ ୯ ମାସ ଧରି ସାମ୍ବାଦିକ ବନ୍ଧୁଙ୍କ ସହ ମିଳନ ହୋଇପାରିନଥିଲା । ଆଜି ସମସ୍ତେ ଏକାଠି ହୋଇଥିବାରୁ ଧାମନଗରର ସମସ୍ୟା ଜଣାଇବାକୁ ମନ୍ତ୍ରୀ ଉପସ୍ଥିତ ସାମ୍ବାଦିକଙ୍କୁ ଅନୁରୋଧ କରିଥିଲେ । ସାମ୍ବାଦିକମାନେ ମଧ୍ୟ ଲୋକଙ୍କର ଓ ସମାଜର ସମସ୍ୟା ମନ୍ତ୍ରୀଙ୍କ ଆଗରେ ଉପସ୍ଥାପନ କରିଥିଲେ । ଯେତେଶୀଘ୍ର ହୋଇପାରିବ ଏସବୁର ସମାଧାନ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ଆଗକୁ ମଧ୍ୟ ନିୟମିତ ବ୍ୟବଧାନରେ ସାମ୍ବାଦିକଙ୍କ ସହ ବସି ଆଲୋଚନା କରିବେ ବୋଲି ମନ୍ତ୍ରୀ କଥା ଦେଇଛନ୍ତି । ଏହି ଅବସରରେ ଧାମନଗରର ବନ୍ୟା ସମସ୍ୟାର ନିରାକରଣ, ବିଭିନ୍ନ ଅଞ୍ଚଳରେ ରାସ୍ତା ସମସ୍ୟାର ସମାଧାନ ପାଇଁ ମନ୍ତ୍ରୀ ଘୋଷଣା କରିଛନ୍ତି ।

## ୪ ବର୍ଷ ଶିଶୁର ଦୁଇ କିଡ୍‌ନୀ ଖରାପ
## ପ୍ରତ୍ୟାରୋପଣ ବ୍ୟବସ୍ଥା କରିବ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ

ଛତ୍ରପୁର (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ୍ ଅନ୍ତର୍ଗତ ଚମାଖଣ୍ଡି ଗ୍ରାମପଞ୍ଚାୟତ ଲକ୍ଷ୍ମଣନଗର ଅଞ୍ଚଳର ଏନ. କ୍ରିଷ୍ଣା ରେଡ୍ଡୀ ଓ ଉର୍ମିଳା ରେଡ୍ଡୀଙ୍କ ୪ ବର୍ଷର କନ୍ୟା ଅନୁଷ୍କାଙ୍କ ଦୁଇଟି କିଡ଼ନୀ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି । କଟକ ଶିଶୁ ଭବନରେ ନିୟମିତ ଡାଏଲିସିସ୍ କରାଯାଉଛି, ତେବେ ତୁରନ୍ତ କିଡନୀ ପ୍ରତିରୋପଣ କରିବାକୁ ପଡ଼ିବ ନଚେତ ଛୁଆର ଜୀବନ ବିପଦ ରହିଛି । ଅପରପକ୍ଷରେ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ସୋମବାର ଅନୁଷ୍କା ଓ ତାଙ୍କ ବାପା ମା'ଙ୍କୁ ନେଇ ଜିଲ୍ଲା ହେଲଦି ଇନଫର ମେସନ ସେଣ୍ଟରକୁ ନେଇଥିଲେ । ସେଣ୍ଟରର ମୁଖ୍ୟ ଡାକ୍ତର ବିଜୟ ପାଣିଗ୍ରାହୀ ଓ ଡାକ୍ତର ଆର. ଜଗଦୀଶ ରେଡ୍ଡୀ ଶିଶୁଟିର ସ୍ୱାସ୍ଥ୍ୟ ଯାଞ୍ଚ ଏବଂ କାଗଜପତ୍ର ଅନୁଧ୍ୟାନ କରିଥିଲେ । କଟକ ଶିଶୁ ଭବନ ସହ ଡାଏଲିସିସ ସମ୍ପର୍କରେ ଆଲୋଚନା ହୋଇଥିଲା । କିଡ଼ନୀ ପ୍ରତ୍ୟାରୋପଣ ପାଇଁ ଲିଖିତ ଭାବେ ଅନୁଷ୍କାର ଅଭିଭାବକଙ୍କ ପକ୍ଷରୁ ଶିଶୁଭବନକୁ ଦେବାକୁ ପରାମର୍ଶ ଦିଆଯାଇଥିଲା । ଏହାପରେ ଏହି ବ୍ୟବସ୍ଥା କରାଯିବ ବୋଲି କୁହାଯାଇଥିଲା । ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଡେଣ୍ଟ ଡାକ୍ତର ସ୍ୱାଧୀନ ରଥ ପରେ ସେମାନଙ୍କୁ ନେଇ ବ୍ରହ୍ମପୁର ଠାରେ ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବିଜୟ ପଣ୍ଡାଙ୍କୁ ସାକ୍ଷାତ କରିଥିଲେ । କିଡ଼ନୀ ପ୍ରତ୍ୟାରୋପଣ ସମ୍ପର୍କରେ ଗଞ୍ଜାମ ଜିଲ୍ଲାପାଳଙ୍କ ସହ ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କଥାବାର୍ତ୍ତା ହୋଇଥିଲେ । କିଡ଼ନୀ ପ୍ରତ୍ୟାରୋପଣ ଲାଗି କଟକ ଶିଶୁଭବନରୁ ପରାମର୍ଶ ଚିଠି ଆସିଲେ ଏହା କରାଯିବ ବୋଲି ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ସ୍ୱାଧୀନ ରଥ କହିଛନ୍ତି । ଅପରପକ୍ଷରେ ସ୍ଥାନୀୟ ଲୋକେ ଘର ଘର ବୁଲି ଅର୍ଥ ଯୋଗାଡ଼ କରୁଛନ୍ତି । ଏଥିସହ ଗାଁ କୋଠରୁ ଏବଂ ସରପଞ୍ଚ ଓ ଅନ୍ୟମାନେ ମଧ୍ୟ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ



କିଡ଼ନୀ ପ୍ରତ୍ୟାରୋପଣ ପାଇଁ ଅନୁମାନିକ ୩୦ ଲକ୍ଷ ଖର୍ଚ୍ଚ ହେବ । ତାହା ମଧ୍ୟ ଓଡ଼ିଶାରେ ହେବନି । ସୁଦୂର ବାଙ୍ଗାଲୋରରେ ଚିକିତ୍ସା ହେବ । ମା' ଝିଅକୁ କିଡ଼ନୀ ଦେବେ ବୋଲି ମନସ୍ଥ କରିଥିଲେ, ତେବେ ଅର୍ଥ ବାଧକ ସାଜିଥିଲା । ଏ ସମ୍ପର୍କରେ ଖବର ପାଇ ଛତ୍ରପୁର ବ୍ଲକ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା । ସୂଚନାଯୋଗ୍ୟ ଅନୁଷ୍କାଙ୍କୁ ଜନ୍ମର ୯ ମାସରୁ ବ୍ରହ୍ମପୁର, ଭୁବନେଶ୍ୱର, କଟକ ଓ ଶ୍ରିକାକୁଲମ୍ ହସ୍ପିଟାଲ୍‌ରେ ଚିକିତ୍ସା କରି ସର୍ବସାନ୍ତ ହୋଇଯାଇଥିଲେ ସୁଦ୍ଧା ରୋଗ ଚିହ୍ନଟ ହୋଇପାରିନଥିଲା । ୨୦୨୫ ଜାନୁଆରୀ ମାସ ଶେଷରେ କଟକ ଶିଶୁ ଭବନରେ ଏହି ରୋଗ ଚିହ୍ନଟ ହୋଇଥିଲା ।

## ପଡ଼ିଆ ପୋଲିସ ପକ୍ଷରୁ ଜଳଛତ୍ର ଆରମ୍ଭ

ମାଲକାନାଗିରି (ଭାସ୍କର ନ୍ୟୁଜ): ଜିଲ୍ଲାର ସୀମାବର୍ତ୍ତୀ ପଡ଼ିଆ ପୁଲିସ ପକ୍ଷରୁ ଓଡ଼ିଶା ଛତିଶଗଡ଼ ସୀମାବର୍ତ୍ତୀ କମାରଗୁଡ଼ା ଗ୍ରାମରେ ଜଳଛତ୍ର ଖୋଲାଯାଇ ସର୍ବସାଧାରଣଙ୍କ ନିମନ୍ତେ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି ।




କମାରଗୁଡା ଗ୍ରାମ ଛକରେ ଥିବା ପୋଲିସ ଚେକ୍‌ପୋଷ୍ଟରେ ଗ୍ରୀଷ୍ମ ସମୟରେ ଲୋକଙ୍କ ପାଇଁ ୨୪ଘଣ୍ଟା ଧରି ପାନୀୟ ଜଳ ବ୍ୟବସ୍ଥା କରାଯିବା ନେଇ କୁହାଯାଇଛି । ପଡ଼ିଆ ଥାନା ଅଧିକାରୀ ରାମେଶ୍ୱର ପଧାନଙ୍କ ଉପସ୍ଥିତିରେ ଜଳଛତ୍ର ଆରମ୍ଭ କରାଯାଇଛି । ପ୍ରଥମ ଦିନରେ ପଥଚାରୀଙ୍କୁ ଚଲହା ପାଣି ଓ ଲେମ୍ବୁ ସରବତ ପ୍ରଦାନ କରାଯାଇଥିଲା । ସ୍ଥାନୀୟ ଅଞ୍ଚଳରେ ଜନସମ୍ପର୍କ ସ୍ଥାପନ ସହ ଉଭୟ ରାଜ୍ୟର ସୀମାବର୍ତ୍ତୀ ସ୍ଥାନରେ ଲୋକଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ହିଁ ଏହି ଜଳଛତ୍ର ଖୋଲାଯିବାର ଉଦ୍ଦେଶ୍ୟ ବୋଲି ପଡ଼ିଆ ଥାନାଧିକାରୀ ଶ୍ରୀ ପଧାନ କହିଛନ୍ତି ।

## ବସନ୍ତ ମିଳନ ଉତ୍ସବ ଓ କବିତା ପାଠଚକ୍ର

ବଡ଼ଚଣା (ଭାସ୍କର ନ୍ୟୁଜ୍): ବଡ଼ଚଣା ବ୍ଲକ ଧାନମଣ୍ଡଳ ସ୍ଥିତ ଉଦୀୟମାନ କାର୍ଯ୍ୟାଳୟ ଠାରେ ଉଦୀୟମାନ ମହିଳା ସଙ୍ଗଠନ ପକ୍ଷରୁ ବସନ୍ତ ମିଳନ ଉତ୍ସବ ଓ କବିତା ପାଠଚକ୍ର ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି । ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ରାମଚନ୍ଦ୍ର ଶୁକ୍ଳାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ କବୟିତ୍ରୀ ଲବଙ୍ଗଲତା ପରିଡ଼ା, ମୁଖ୍ୟବକ୍ତା ଶ୍ରୀମତୀ ରାଉତ ସମ୍ମାନିତ ଅତିଥି, ଆଇନଜୀବୀ ହେମନ୍ତ କୁମାର ମାହାଲା ଯୋଗ ଦେଇ କହିଲେ କବିତା ମାଟି ଓ ଆକାଶର କଥା କହେ । ପ୍ରତ୍ୟେକ ଋତୁର ସମ୍ଭାରରୁ ହିଁ କବିତା ଜନ୍ମ ନିଏ । ବିଶେଷ କରି ବସନ୍ତ ଋତୁ କବିଙ୍କ ପ୍ରାଣକୁ ପୁଲକିତ ଓ ଆଚ୍ଛାଦିତ



କରେ ସେଥିପାଇଁ ଏହି ବସନ୍ତ ମିଳନ ପର୍ବର ଏକ ସ୍ୱତନ୍ତ୍ରତା ରହିଛି । ସଂପାଦିକା ଅରୁଣୀ ନନ୍ଦ ଶିକ୍ଷୟିତ୍ରୀ ରଶ୍ମିତା ସେଠୀ ଉକ୍ତ କବିତା ଆସରକୁ ସଂଯୋଜନା କରିଥିବା ବେଳେ ବିନୋଦିନୀ ଦାସ ଅତିଥି ପରିଚୟ, ସନ୍ଧ୍ୟାରାଣୀ ବ୍ରହ୍ମ ସ୍ୱାଗତ ଭାଷଣ ଏବଂ ଗାୟତ୍ରୀ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ । ଉତ୍ସବରେ କବି ଅଭିରାମ ସ୍ୱାଇଁ, ରଶ୍ମି ରଂଜନ ଦାସ, କାର୍ତ୍ତିକ ଚନ୍ଦ୍ର ଜେନା, ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରତାପ ଚନ୍ଦ୍ର ଦାସ, ବେଣୁଧର ପ୍ରଧାନ କବୟିତ୍ରୀ ହରପ୍ରିୟା ମହାନ୍ତି, ମାନସୀ ଦାସ, ପାର୍ବତୀ ସାହୁ, ମୋନାଲିସା ପ୍ରଧାନ, ଶର୍ମିଷ୍ଠା ଜେନା, ମମତା ରାଉତ, ସୁନନ୍ଦା ରାଉତ ପ୍ରମୁଖ କବିତା ପାଠ କରିଥିଲେ । ପ୍ରାରମ୍ଭରେ ବର୍ଷୀୟାନ କବି ରମାକାନ୍ତ ରଥଙ୍କ ବିୟୋଗରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

## ଷ୍ଟେନ୍‌ଲେସ୍ ସ୍ୱଚ୍ଛତା ଅଭିଯାନର ବାର୍ଷିକ ସମ୍ମିଳନୀ

ବ୍ୟାସନଗର (ଭାସ୍କର ନ୍ୟୁଜ୍): ଜିନ୍ଦଲ ଷ୍ଟେନଲେସ ଫାଉଣ୍ଡେସନ ଦ୍ୱାରା ଷ୍ଟେନଲେସ ସ୍ୱଚ୍ଛତା ଅଭିଯାନର ବାର୍ଷିକ ସମ୍ମିଳନୀ ଦାନଗଦି ଭବନ ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ଜିନ୍ଦଲ ଷ୍ଟେନଲେସ ଲିମିଟେଡ୍‌ର ଯାଜପୁର ପ୍ଲାଣ୍ଟ ମୁଖ୍ୟ ଦୀପକ ଅଗ୍ରୱାଲ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହି ପ୍ରକଳ୍ପର ଉପକାରିତା ଉପରେ ଆଲୋକପାତ କରିଥିଲେ । ଗ୍ରାମ୍ୟ ପରିବେଶ ଆବର୍ଜନା ମୁକ୍ତ ନହେଲେ ବିଭିନ୍ନ ମାରାତ୍ମକ ରୋଗ ବ୍ୟାପିବା ସହିତ ଧନ ଜୀବନ ହାନି ହେବାର ଯଥେଷ୍ଟ ସମ୍ଭାବନା ଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ । ଶ୍ରୀଯୁକ୍ତ ଦୀପକ ଅଗ୍ରୱାଲ ଏହି ପ୍ରକଳ୍ପର ସଫଳ ପରିଚାଳନା ପାଇଁ ଜନସହଯୋଗୀତା ଏବଂ ଜନସହଭାଗୀତା ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟତମ ମୁଖ୍ୟଅତିଥି ଦାନଗଦି ପାଞ୍ଚାୟତ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ଯୋଗ ଦେଇ ଏହି ଅଭିଯାନ ସୋଲେଇ, ସିଙ୍ଗାଗଡିଆ ଏବଂ ଦାନଗଦି ଗ୍ରାମଗୁଡିକରେ ସ୍ୱଚ୍ଛତା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ମତବ୍ୟକ୍ତ କରିଥିବା ବେଳେ ଏହି ପ୍ରକଳ୍ପ ଅଧୀନରେ ନିଆଯାଉଥିବା ବିଭିନ୍ନ ସ୍ୱଚ୍ଛତା ଭିତ୍ତିକ କାର୍ଯ୍ୟକ୍ରମ ଗୁଡିକର ବର୍ଦ୍ଧିତ ଲୋକପ୍ରିୟତା ଉପରେ ଖୁସିବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମର କରାଯାଇଥିବା ଗ୍ରାମ୍ୟ ପରିବେଶ ସ୍ୱଚ୍ଛତା ସମ୍ବନ୍ଧୀୟ ଦଳଗତ ଆଲୋଚନାରେ ସ୍ଥାନୀୟ ଗ୍ରାମରୁ ଆସିଥିବା ନେତୃସ୍ଥାନୀୟ ବ୍ୟକ୍ତି ତଥା ଜେଏସ୍‌ଏଲ୍‌ର ଅଧିକାରୀ, ତ୍ରିଜଙ୍ଗା ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚ ଏବଂ ସରକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ସକ୍ରିୟ ଅଂଶଗ୍ରହଣ କରିବା ସହିତ ଏହି ପ୍ରକଳ୍ପର ଦିଗଗୁଡ଼ିକ ଉପରେ ଅବଲୋକନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୋଲେଇ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନଙ୍କର ମତାମତ ବେଶ ଉତ୍ସାହଜନକ ଥିବାବେଳେ ଏହି ପ୍ରକଳ୍ପ ମାଧ୍ୟମରେ ଜିନ୍ଦଲ ଷ୍ଟେନଲେସ ଫାଉଣ୍ଡେସନ କିପରି ସୋଲେଇ ଗ୍ରାମକୁ ଏକ ଆବର୍ଜନା ମୁକ୍ତ ଗ୍ରାମ କରିବାର ପ୍ରୟାସ ଜାରି ରଖିଛି ତାହା ସମ୍ପୂର୍ଣ୍ଣ ରୂପେ ବାରି ହୋଇ ପଡିଥିଲା । ଏହି ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା । ଏହାସହିତ ଷ୍ଟେନଲେସ ସ୍ୱଚ୍ଛତା ଅଭିଯାନ ପ୍ରକଳ୍ପରେ ଉଲେଖନୀୟ ଯୋଗଦାନ କରିଥିବା ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା ।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍) : ଗଜପତି ଜିଲ୍ଲା ରାୟଗଡ ବ୍ଲକ ଅନ୍ତର୍ଗତ ଡ଼ମ୍ବାଳ ଗ୍ରାମ ପଞ୍ଚାୟତ କଲ୍ୟାଣ ମଣ୍ଡପ ଠାରେ ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ, ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ଶଙ୍କର କେରକେଟା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି ଏହି ମିଳିତ ଜନ ଅଭିଯୋଗ ଶୁଣାଣିରେ ଯୋଗଦାନ କରି ଡ଼ମ୍ବାଳ ଗ୍ରାମ ପଞ୍ଚାୟତ ସମେତ ଆମେଡ଼ା, ଲୋବା ଓ ତଳମୁଣ୍ଡା ପଞ୍ଚାୟତର ସମୁଦାୟ ମୋଟ-୧୩୭ ଗୋଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା-୫୫ ଗୋଟି, ଗ୍ରାମ ଭିତ୍ତିକ ସମସ୍ୟା-୮୨ ଓ ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା, ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳ ସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ଭଳି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ସମୟରେ ରାୟଗଡ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୂର୍ଣ୍ଣବାସି ନାୟକ, ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ଅନୁପ ପଣ୍ଡା, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି, ଅଂଶୁମାନ ମହାପାତ୍ର, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ଓ ସ୍ଥାନୀୟ ସରପଞ୍ଚ ଓ ଜନପ୍ରତିନିଧିଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଗଣ ଉପସ୍ଥିତ ଥିଲେ ।

## ନୃସିଂହ ସାହିତ୍ୟ ସ୍ମୃତି ପରିଷଦ ପକ୍ଷରୁ କବିତା ପାଠ ଓ ହୋଲି ଉତ୍ସବ




ଧାମନଗର (ଭାସ୍କର ନ୍ୟୁଜ୍) : ନୃସିଂହ ସାହିତ୍ୟ ସ୍ମୃତି ପରିଷଦ ଆନୁକୂଲ୍ୟରେ କବିତା ପାଠ ଓ ହୋଲି ଉତ୍ସବ ଦୋବଲ କାଳୀବଜାର ସ୍ଥିତ ବୈଦିକ ଯଜ୍ଞ ମଣ୍ଡପ ପରିସରରେ ଶୁକ୍ରବାର ଅପରାହ୍ନ ୫ଟାରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ହୃଦାନନ୍ଦ କରଙ୍କ ସଭାପତିତ୍ୱରେ ଅତିଥି ଭାବେ କୃତ୍ତିବାସ ତ୍ରିପାଠୀ, ଶିକ୍ଷାବିତ ପ୍ରିୟରଞ୍ଜନ ସାମଲ, ଭୋଳାନାଥ ସାହୁ, ପ୍ରଭାତ କୁମାର ସାମଲ, ବ୍ରଜ କିଶୋର ସାମଲ, ସାମ୍ବାଦିକ ଦେବେନ୍ଦ୍ର ଆଦିଆ, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ରଙ୍ଗର ପର୍ବ ହୋଲି ଓଡ଼ିଶାର ପୁରପଲ୍ଲୀରେ ବହୁ ଆଡମ୍ବରରେ ପାଳନ କରାଯାଇଥାଏ, ତେବେ ଆଧୁନିକତା'ର ଚାକଚକ୍ୟ ରେ ଆଜିର ହୋଲି ପର୍ବ ତାର ସରସତା ହରାଇବାକୁ ଯାଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । କବି ମନୋଜ କୁମାର ଜେନାଙ୍କ ସଂଯୋଜନାରେ ରାଧାଶ୍ୟାମ ପଣ୍ଡା, କୁଳମଣି ବେହେରା, ରଣଜିତ ରଥ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ସାମ୍ବାଦିକ ପ୍ରଦୀପ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ନୂତନ ମଣ୍ଡଳ ସଭାପତି, ବୁଥ୍ ସଭାପତିଙ୍କୁ ବିଜେପି ପକ୍ଷରୁ ସମ୍ବର୍ଦ୍ଧନା

କଣିହାଁ (ଭାସ୍କର ନ୍ୟୁଜ୍) : କଣିହାଁ ବ୍ଲକ ସୁଲେଇପାଳ ଆମ୍ବତୋଟା ଠାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ନୂତନ ମଣ୍ଡଳ ସଭାପତି ଓ ବୁଥ ସଭାପତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ବୁଥ ସ୍ତରରେ ସଂଗଠନକୁ ସୁଦୃଢ କରିବା ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ କରିଥିଲେ । ଏହି ଅବସରରେ ୨୪ବର୍ଷର ପୂର୍ବ ସରକାରଙ୍କ ଅପାରଗ ନେତା ଅରୁଣ ସାହୁ ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ଦେଇଥିବା ଘୃଣ୍ୟ ମନ୍ତବ୍ୟକୁ ଭର୍ତ୍ସନା କରିଥିଲେ ଏବଂ ବୁଥ ସ୍ତରରେ ଲୋକଙ୍କୁ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ କରିଥିଲେ । ପ୍ରଶାସନ ସହ ସେତୁ ସାଜି ଗ୍ରାମାଞ୍ଚଳର ବିକାଶ ପାଇଁ ଦେଶର ପ୍ରଧାନମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ଏବଂ ଏ ମାଟିର ବରପୁତ୍ର ଧର୍ମେନ୍ଦ୍ର ପ୍ରଧାନଙ୍କ ନୀତି ସୁଶାସନ



ଯୋଗେଇ ଦେବା ପାଇଁ ଅନୁରୋଧ କରିଥିଲେ । ମୁଖ୍ୟଅତିଥି ରୂପେ ଯୋଗ ଦେଇ ବିଧାୟକ ଶ୍ରୀ ମହାନ୍ତି ବହୁ ପ୍ରତିକ୍ଷିତ ଧାନର ମିନିମମ ସହାୟକ ରାଶିକୁ ୩୧୦୦ ଟଙ୍କା ମୂଲ୍ୟରେ ଚାଷୀଙ୍କୁ ଦେଇଥିବାରୁ ଅଞ୍ଚଳବାସୀଙ୍କ ତରଫରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଧନ୍ୟବାଦ ଦେଇଥିଲେ । ନଦୀକୂଳରେ ଥିବା ଉଠା ଜଳସେଚନ ପ୍ରକଳ୍ପକୁ ପୁନରୁଦ୍ଧାର କରି ଚାଷକୁ ଗୁରୁତ୍ୱ ଦେବାକୁ ଚାଷୀଙ୍କୁ ଅନୁରୋଧ କରିଥିଲେ । ଏହି ଅବସରରେ ଜିଲ୍ଲାର ପୂର୍ବତନ ସଭାପତି ଦିଲେଶ୍ୱର ପ୍ରଧାନ, ଜିଲ୍ଲାର ସଂଗଠନ ମହାମନ୍ତ୍ରୀ ସୁଦୀପ୍ତ ଗଡନାୟକ, ଜିଲ୍ଲାର ମହିଳା ମୋର୍ଚ୍ଚା ସଭାନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନ, ଜିଲ୍ଲାର ବରିଷ୍ଠ ଉପସଭାପତି ନୃସିଂହ ବରାଳ ମଞ୍ଚ ପରିଚାଳନା କରିବା ସହ ବିଜେଡ଼ିର ୨୪ବର୍ଷର କୁଶାସନ ବର୍ତ୍ତମାନର ୯ମାସର ମୋହନ ସରକାରଙ୍କ ଉପଲବ୍ଧିକୁ କାର୍ଯ୍ୟକର୍ତ୍ତାଙ୍କୁ କହିଥିଲେ । ଏହି ଅବସରରେ ପୂର୍ବତନ ମଣ୍ଡଳ ସଭାପତି ପ୍ରହ୍ଲାଦ ସାମଲ, ତ୍ରିପୁରୀ ପ୍ରଧାନ ସଂଗଠନ ଓ ବିଜେପିର ସଂଘର୍ଷ ବିଷୟ କାର୍ଯ୍ୟକର୍ତାଙ୍କୁ ବିସ୍ତୃତ ଭାବରେ ଜଣାଇଥିଲେ । ମଞ୍ଚରେ ନୂତନ ମଣ୍ଡଳ ସଭାପତି ହରେକୃଷ୍ଣ ପ୍ରଧାନ, ମନୋଜ ବିଶ୍ୱାଳ, ଜିଲ୍ଲାର ବରିଷ୍ଠ ନେତୃ ମଣ୍ଡଳୀ ବିନୟ ପ୍ରଧାନ, ଧ୍ରୁବ ଚରଣ ଧିର, ସୁମନ୍ତ ପ୍ରଧାନ ମଞ୍ଚାସିନ ଥିଲେ । ସରପଞ୍ଚ, ସମିତି ସଭ୍ୟ ଶ୍ରୀ ପାତ୍ର, ମଣ୍ଡଳ ସଭାପତି ମନୋଜ ବିଶ୍ୱାଳ, ଜିଲ୍ଲାର ବରିଷ୍ଠ ନେତା ପ୍ରହଲ୍ଲାଦ ସାମଲ, ସମବାୟ ସମିତି ସଭାପତି ରଞ୍ଜନ ସାମଲ, ବିଜେପିରର ସୁନିଲ ପ୍ରଧାନ, ମନୋଜ ବିଶ୍ୱାଳ, ରବି ପାତ୍ର, ମନୋଜ ବିଶ୍ୱାଳ, ହିମାଂଶୁ ପାତ୍ର, ପଞ୍ଚାନନ ପାତ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ସୁରକ୍ଷା ବାର୍ତ୍ତା ବାଣ୍ଟିଲେ ସିଆଇଏସ୍‌ଏଫ୍ ଯବାନ

କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍) : କେନ୍ଦ୍ର ଶିଳ୍ପ ସୁରକ୍ଷା ବାହିନୀ ପକ୍ଷରୁ ଭାରତର ଉପକୂଳ ଅଞ୍ଚଳରେ ଚୋରା ନିଶାକାରବାର, ବେଆଇନ ଅନୁପ୍ରବେଶ, ଚୋରା ଅସ୍ତ୍ର କାରବାର ପରି ଦେଶଦ୍ରୋହୀ କାର୍ଯ୍ୟ ବିରୋଧରେ ଜନସଚେତନତା ପାଇଁ ସାଇକେଲ ଶୋଭାଯାତ୍ରାକୁ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦ ହାଇସ୍କୁଲ ଠାରେ ମାଲୁଦ ସରପଞ୍ଚ ଗୀତାଞ୍ଜଳି ଜେନା, ସରପଞ୍ଚ ପ୍ରତିନିଧି ସୌମ୍ୟ ରଞ୍ଜନ ଜେନା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଦିଲୀପ ତରେଇ, ଶିକ୍ଷକ ପ୍ରେମାନନ୍ଦ ଦଳବେହେରାଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ, ମହିଳା ସ୍ୱୟଂ ସହାୟକ ସଦସ୍ୟ, ସମସ୍ତ ଛାତ୍ରଛାତ୍ରୀଙ୍କୁ ସଚେତନ ଓ ସୁରକ୍ଷା ସୂଚନା ଦେଇଥିଲେ । ସକାଳୁ ୨୪ମୌଜା ପଞ୍ଚୁଦଳ ହନୁମାନ ମନ୍ଦିର ଠାରୁ ସମସ୍ତ ସିଆଇଏସଏଫ ଯବାନମାନେ ଗୋପାଳପୁର ସାଇକେଲରେ ବାହାରିଥିଲେ । ସେମାନଙ୍କୁ ଉପସ୍ଥିତ ସମାଜସେବୀ ପତାକା ଦେଖାଇ ସମ୍ବର୍ଦ୍ଧନା ଜଣାଇ ଥିଲେ ।

## ରାଶିଫଳ

**ମଙ୍ଗଳବାର, ୧୮ ମାର୍ଚ୍ଚ ୨୦୨୫**



**ମେଷ:** ପରିବାରରେ ସୁଖ ଏବଂ ଧନ ବୃଦ୍ଧି ପାଇବ । ଚାକିରିରେ ପଦୋନ୍ନତିର ସମ୍ଭାବନା । ଯଦି ଆପଣ ଯତ୍ନର ସହିତ ଖାଦ୍ୟ ଗ୍ରହଣ କରନ୍ତି ତେବେ ସ୍ୱାସ୍ଥ୍ୟ ଭଲ ରହିବ । ଶରୀରରେ ଅଧିକ ଶକ୍ତି ଯୋଗୁଁ ସମସ୍ତ ସ୍ଥଗିତ କାର୍ଯ୍ୟ ସମାପ୍ତ କରିବାକୁ ସକ୍ଷମ ହେବେ ।



**ବୃଷ:** ବ୍ୟବସାୟରେ ଲାଭ ପାଇବା ସମ୍ଭାବନା ଅଛି । ଆର୍ଥିକ ବିନିଯୋଗ ଲାଭଦାୟକ ହେବ । ଟଙ୍କା ସମ୍ବନ୍ଧୀୟ ସମସ୍ୟା ସମାପ୍ତ ହେବ । ମାନସିକ ଶାନ୍ତି ଅନ୍ୱେଷଣରେ ଆଧ୍ୟାତ୍ମିକତାରେ ଯୋଗଦେବାର ଏକ ସୁଯୋଗ ରହିବ । ଏକ ଦୀର୍ଘ ରୋଗରୁ ମୁକ୍ତି ପାଇବାର ସମ୍ଭାବନା ରହିଛି ।



**ମିଥୁନ:** ଏକ ନିର୍ଦ୍ଧିଷ୍ଟ ପରିମାଣର ଅର୍ଥ ପ୍ରାପ୍ତ ହେବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚର ମଧ୍ୟ ଅଧିକ ମଧ୍ୟ ହେବ । ସ୍ୱାସ୍ଥ୍ୟ ଖରାପ ହେତୁ, ଆପଣ ଜରୁରୀ କାର୍ଯ୍ୟ କରିବାକୁ ସକ୍ଷମ ହେବେ ନାହିଁ । ଯାହାଫଳରେ ତୁମେ ସତେଜ ଅନୁଭବ କରିପାରିବ । ଆପଣ ଆପଣଙ୍କର ଜୀବନଶୈଳୀକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରନ୍ତୁ ।



**କର୍କଟ:** ଅର୍ଥନୈତିକ ଲାଭର ରାଶି ସୃଷ୍ଟି ହେଉଛି । ବ୍ୟବସାୟରେ ନୂତନ ଯୋଜନା ଆରମ୍ଭ ହୋଇପାରେ । ସମୟ ଅନୁସାରେ ଖାଦ୍ୟ ଗ୍ରହଣ ଆପଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ, କିନ୍ତୁ ଆପଣ ବାହାରେ ଖାଦ୍ୟ ଖାଇବା ଠାରୁ ଦୂରେଇ ରହିବା ଉଚିତ୍ ।



**ସିଂହ:** ବ୍ୟବସାୟରେ ଲାଭ ହେବ । ସମାଜରେ ଖ୍ୟାତି ଏବଂ ସମ୍ମାନ ବୃଦ୍ଧି ପାଇବ । ସରକାରୀ କାର୍ଯ୍ୟରେ ସଫଳତା ମିଳିବ, କିନ୍ତୁ ଲୋକଙ୍କ ଆଚରଣ ଆପଣଙ୍କ ପାଇଁ ନିରାଶାଜନକ ହେବ । ଖାଦ୍ୟ ଏବଂ ପାନୀୟର ଯତ୍ନ ନେବାକୁ ପଡ଼ିବ, ନଚେତ୍ ହଜମ ପ୍ରକ୍ରିୟା ଖରାପ ହୋଇପାରେ ।



**କନ୍ୟା:** ଆପଣଙ୍କର ବୁଦ୍ଧିମଣା ଦ୍ୱାରା ବ୍ୟବସାୟରେ ଭଲ ଲାଭ ଆଣିବ । ପରିବାର ଏବଂ ସାଙ୍ଗମାନଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିବ । ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି । ଯୋଜନା ଅନୁଯାୟୀ କାର୍ଯ୍ୟ କରିବା ସଫଳତା ଦେବ, କିନ୍ତୁ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା ଆବଶ୍ୟକ ।



**ତୁଳା:** ବ୍ୟବସାୟରେ ଆର୍ଥିକ ଲାଭ ହେବ ଏବଂ ସେଠାରେ ଅର୍ଥର ପରିମାଣ ମଧ୍ୟ ରହିବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେତୁ ଚିନ୍ତା ମଧ୍ୟ ହେବ । ପରିବାରରେ ଖୁସିର ବାତାବରଣ ରହିବ । ସ୍ୱାସ୍ଥ୍ୟଗତ ଅଭିଯୋଗ ଥାଇପାରେ, ତେଣୁ ଡାକ୍ତରଙ୍କ ସହିତ ପରାମର୍ଶ କରି ନିଶ୍ଚିତ ହୁଅନ୍ତୁ ।



**ବିଛା:** କ୍ୟାରିୟର ବିଷୟରେ ଚିନ୍ତିତ ହେବେ । କିନ୍ତୁ ପାରିବାରିକ ଦାୟିତ୍ୱକୁ ଭଲ ଭାବରେ ପୂରଣ କରିବାକୁ ସମର୍ଥ ହେବେ । ମୁଣ୍ଡବିନ୍ଧା ସମସ୍ୟା ବିରକ୍ତିକର ହୋଇପାରେ । କୌଣସି କାରଣ ବିନା ମନ ଅସ୍ଥିର ରହିବ, ଯେଉଁ କାରଣରୁ, କୌଣସି କାମ କରିବାକୁ ଇଚ୍ଛା ହେବ ନାହିଁ ।



**ଧନୁ:** ବ୍ୟବସାୟରେ ଭଲ ଲାଭ ହେବ । କଣ୍ଟିଜେନ୍ସି ସୁବିଧା ମଧ୍ୟ ମିଳିବ, କିନ୍ତୁ ଅନାବଶ୍ୟକ ଏବଂ ଅପଚୟ ଖର୍ଚ୍ଚ ମଧ୍ୟ ଅଧିକ ହେବ, ଯାହା ପରିବାରରେ ଅସନ୍ତୋଷ ସୃଷ୍ଟି କରିପାରେ । କଥାବାର୍ତ୍ତାକୁ ନିୟନ୍ତ୍ରଣ କରିବାକୁ ପଡିବ । ହଠାତ୍ ଏକ ନିର୍ଦ୍ଦିଷ୍ଟ ବନ୍ଧୁଙ୍କ ଖରାପ ଖବର ଶୁଣି ମନ ଦୁଃଖଦାୟକ ହେବ । ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପଡ଼ିବ । ଅତ୍ୟଧିକ ଭାରାକ୍ରାନ୍ତ ହେବା ଆପଣଙ୍କୁ ବ୍ୟସ୍ତ ରଖିବ ।



**ମକର:** ବ୍ୟବସାୟର ଦୃଢ ଆର୍ଥିକ ଲାଭ ଅଛି । ସାମାଜିକ କାର୍ଯ୍ୟରେ ସଫଳତା ମିଳିବ ଏବଂ ସମାଜରେ ପ୍ରତିଷ୍ଠା ଏବଂ ପ୍ରଭାବ ବୃଦ୍ଧି ପାଇବ । ଆପଣ କର୍ମକ୍ଷେତ୍ରରେ ଏକ ନୂତନ ଯୋଜନା ଆରମ୍ଭ କରିପାରିବେ, ଯାହା ସମସ୍ତେ ଆଲୋଚନା କରିବେ । ସ୍ୱାସ୍ଥ୍ୟ ବିଷୟରେ ସତର୍କ ରୁହନ୍ତୁ ଏବଂ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ । ପିଲାମାନଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ ।



**କୁମ୍ଭ:** ଧନ ପାଇବା ସମ୍ଭାବନା ରହିବ, କିନ୍ତୁ ଆପଣ ଅନାବଶ୍ୟକ ଖର୍ଚ୍ଚ ବିଷୟରେ ଚିନ୍ତିତ ହେବେ । ଚାକିରିକୁ ପଦୋନ୍ନତି ମିଳିପାରେ । ସେଠାରେ ଅଧିକ କାର୍ଯ୍ୟ ଭାର ରହିବ । ସାଙ୍ଗ ଏବଂ ସହକର୍ମୀଙ୍କଠାରୁ ପୂର୍ଣ୍ଣ ସମର୍ଥନ ମିଳିବ । ପରିବାର ସହିତ ସମୟ ଭଲ ବ୍ୟବହାର ହେବ ।



**ମୀନ:** ବ୍ୟବସାୟରେ ଭଲ ଲାଭ ହେବ । ପାରିବାରିକ ସୁଖ ଏବଂ ଧନ ବୃଦ୍ଧି ପାଇବ । ସମାଜର କାର୍ଯ୍ୟରେ ଉତ୍ସାହର ସହିତ ଅଂଶଗ୍ରହଣ କରିବେ । ଚାକିରିରେ ପଦୋନ୍ନତି ହୋଇପାରେ । ଯେ କୌଣସି କ୍ରନିକ ରୋଗରୁ ମୁକ୍ତି ମିଳିପାରେ । ପରିବାରରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ । ଧାର୍ମିକ ଯାତ୍ରାକୁ ଯାଇପାରନ୍ତି । ସ୍ୱାସ୍ଥ୍ୟ ଭଲ ହେବ । ଖାଦ୍ୟର ଯତ୍ନ ନିଅନ୍ତୁ ଏବଂ କ୍ରୋଧରୁ ଦୂରେଇ ରୁହନ୍ତୁ ।



ଶ୍ରୀପତି ଗୁରୁଜୀ
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବରଗଡ, (ଭାସ୍କର ନ୍ୟୁଜ): ସ୍ଥାନୀୟ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ଠାରେ ଯୁଗୋପଯୋଗୀ ସୁବର୍ଣ୍ଣ ଦୀପ ପ୍ରକାଶନୀର ଅଷ୍ଟମ କବିତା ସଂକଳନ 'ମୌସୁମୀ' ଉନ୍ମୋଚିତ ହୋଇ ଯାଇଛି । ବିଦ୍ୟାଳୟର ଭାରତୀ ଶିଶୁ ସାହିତ୍ୟ ସଂସଦର ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସଂସ୍କୃତ ଶିକ୍ଷକ ଗୋପବନ୍ଧୁ ପୁରୋହିତ ସଂଯୋଜନା କରିଥିଲେ । ମୁଖ୍ୟ ଅତିଥି ଭାବେ ଶିଶୁ ସାହିତ୍ୟକ ମନୋରଞ୍ଜନ ମେହେର ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ ଏବଂ ଯୁଗୋପଯୋଗୀ ସୁବର୍ଣ୍ଣଦୀପ ପତ୍ରିକାର ସମ୍ପାଦକ ପ୍ରଦୀପ୍ତ କୁମାର ଭାନୁ ମହାନ୍ତି ଯୋଗ ଦେଇ 'ମୌସୁମୀ' କବିତା ସଂକଳନ ପାଠକ ମାନଙ୍କ ମନରେ ସାହିତ୍ୟର ମୌସୁମୀ ସୃଷ୍ଟି କରୁ ବୋଲି କାମନା କରି ଏହି କବିତା ସଂକଳନର ପାଠକୀୟ ଆଦୃତି ବୃଦ୍ଧି ପାଉ ବୋଲି ଆଶା ପ୍ରକାଶ କରିଥିଲେ । ଏହି କବିତା ସଂକଳନର ଲେଖିକା ରାଧାରାଣୀ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା । ଏହି ଅବସରରେ ଲେଖିକା ସୁବର୍ଣ୍ଣ ଦୀପର ସଂପାଦକ ପ୍ରଦୀପ୍ତ ଭାନୁ ମହାନ୍ତିଙ୍କୁ କୃତଜ୍ଞତା ଜଣାଇଥିଲେ । ଶିଶୁ ସାହିତ୍ୟ ସଂସଦର ସଭାପତି ଧରିତ୍ରୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦିକା ଛାତ୍ରୀ ଶାଳିନି ସା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଉପସ୍ଥିତ ଛାତ୍ର ଛାତ୍ରୀ 'ମୌସୁମୀ ' କବିତା ସଂକଳନର କବିତା ପାଠ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

# ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ସାମିଲ ହେଲା ଖଡ଼ିଆଳ ମିଶନ ହସ୍ପିଟାଲ



ଖଡ଼ିଆଳ, (ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡ଼ିଆଳ ମିଶନ ହସ୍ପିଟାଲ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ସାମିଲ ହୋଇଛି । ଆନୁଷ୍ଠାନିକ ଭାବରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଉଦଘାଟନ କରିଛନ୍ତି । ପ୍ରକାଶ ଯେ ଗରିବ ଶ୍ରେଣୀର ଲୋକ ମାନଙ୍କ ଚିକିତ୍ସା ପାଇଁ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଆରମ୍ଭ ହୋଇଛି । ଏହି ଯୋଜନାରେ ରାଜ୍ୟର ବଡ ବଡ ଚିକିତ୍ସାଳୟ ତଥା ରାଜ୍ୟ ବାହାରର ଚିକିତ୍ସାଳୟଗୁଡିକ ସାମିଲ ହୋଇଥିଲେ । ଫଳରେ ନୂଆପଡା ଜିଲ୍ଲାର ଜନସାଧରଣ ସେହି ଚିକିତ୍ସାଳୟ ଗୁଡିକରେ ଚିକିତ୍ସା ସୁବିଧା ପାଇବା ନେଇ ଅସୁବିଧା ସମ୍ମୁଖୀନ ହେବା ନେଇ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଖଡ଼ିଆଳ ମିଶନ ହସ୍ପିଟାଲକୁ ଗୋପବନ୍ଧୁ ଜନ କଲ୍ୟାଣ ଯୋଜନାରେ ସାମିଲ କରିବାକୁ ବିଧାନସଭା ଦାବି ଉପସ୍ଥାପନ କରିଥିଲେ । ବିଧାୟକ ଶ୍ରୀ ପାଣିଗ୍ରାହୀଙ୍କ ଦାବିକୁ ମୁଖ୍ୟମନ୍ତ୍ରୀ ଗ୍ରହଣ କରି ଗତ କିଛି ଦିନ ତଳେ ସାମିଲ କରିଥିଲେ । ଚଳିତ ମାର୍ଚ୍ଚ ୧୫ ତାରିଖରୁ ଏହି ଯୋଜନା ଖଡ଼ିଆଳ ମିଶନ ହସ୍ପିଟାଲରେ କାର୍ଯ୍ୟକାରୀ ହେଉଛି । ଏହି ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଖଡ଼ିଆଳ ଅଞ୍ଚଳର ଜନସାଧାରଣ ଚିକିତ୍ସା ସୁବିଧା ପାଇ ପାରିବେ । ଉଦଘାଟନ ପରେ ଓଡିଶାର ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହଲିଙ୍ଗଙ୍କୁ ଧନ୍ୟବାଦ ଦେଇଥିଲେ ଶ୍ରୀ ପାଣିଗ୍ରାହୀ । ଉଦଘାଟନ ସମାରୋହରେ ମିଶନ ହସ୍ପିଟାଲର ଡ଼. ଅଜିତ ସିଂ, ଡ଼. ନିବେଦିତା ପରାମାଣିକ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ମିଶନ ହସ୍ପିଟାଲ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ସାମିଲ ହେବାରୁ ଅଞ୍ଚଳ ବାସୀ ଖୁସି ବ୍ୟକ୍ତ କରି ବିଧାୟକର ଏପରି କାର୍ଯ୍ୟକୁ ସାଧାରଣରେ ଖୁବ ପ୍ରଶଂସା କରାଯାଉଛି ।

# ହୃଦ୍‌ଘାତରେ କନିଷ୍ଠ ଯନ୍ତ୍ରୀଙ୍କ ମୃତ୍ୟୁ

ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅଧୀନସ୍ଥ ଭେଜାଙ୍ଗିୱାଡା ଓ ଗୁମ୍ପାକୋଣ୍ଡା ପଞ୍ଚାୟତ ଦାୟିତ୍ୱ ରେ ଥିବା କନିଷ୍ଠ ଯନ୍ତ୍ରୀ ବିବେକାନନ୍ଦ ପ୍ରଧାନଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି । ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପାଖରେ ଥିବା ପରିସଂଖ୍ୟାନ ବିଭାଗ କର୍ମଚାରୀ ଜୟ କୃଷ୍ଣ ମେହେରଙ୍କୁ ମେଡିକାଲ ନେବା ପାଇଁ କହିଥିଲେ । ଆମ୍ବୁଲାନ୍ସ ଡାକି ମେଡିକାଲ ନେବା ବାଟରେ ପ୍ରଧାନଙ୍କର ମୃତ୍ୟୁ ଘଟିଥିଲା । କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ତାଙ୍କୁ ମୃତ ଘୋଷାଣ କରିଥିଲେ । ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି । ତାଙ୍କ ଘର କେଉଁଝର । ସୂଚନା ଅନୁଯାୟୀ, ଭେଜାଙ୍ଗିୱାଡା ଓ ଗୁମ୍ପାକୋଣ୍ଡା ପଞ୍ଚାୟତ ଦାୟିତ୍ୱରେ ଥିଲେ ସୁଦ୍ଧା ମାର୍ଚ୍ଚ ୧ରୁ କୋଇମେଟଲା ଏବଂ ଭେଙ୍କଟପଲମ ପଞ୍ଚାୟତ ପାଇଁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ପ୍ରଧାନ କାଲିମେଲା ବ୍ଲକରେ ୩ ବର୍ଷ ଧରି କାର୍ଯ୍ୟକରି ଆସୁଥିବା ବେଳେ ଦୁଇ ମାସ ପରେ ଅବସର ନେଇଥାନ୍ତେ ବୋଲି ଜଣା ପଡିଛି ।

# ଲୋକ କଳାର ଚିରନ୍ତନ ସତ୍ୟ ଓ ସାଂସ୍କୃତିକ ଜାଗରଣ ହେଉଛି ପାଲା ପରିବେଷଣ: ଜିଲ୍ଲାପାଳ



ନୂଆପଡ଼ା, (ଭାସ୍କର ନ୍ୟୁଜ): ନୂଆପଡ଼ା ଜିଲ୍ଲା ଖଡିଆଳ ଗଡରାମୁଣ୍ଡା ଗ୍ରାମ ଠାରେ ଦୁଇ ଦିନ ବ୍ୟାପୀ ଜିଲ୍ଲାସ୍ତରୀୟ ପାଲା ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଅଛି । ଜିଲ୍ଲାସ୍ତରୀୟ ପାଲା ସମ୍ମିଳନୀରେ ମୁଖ୍ୟ ଅତିଥି ରୂପେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଯୋଗ ଦେଇ ଲୋକ କଳାର ଚିରନ୍ତନ ସତ୍ୟ ଓ ସାଂସ୍କୃତିକ ଜାଗରଣ ପାଲା ପରିବେଷଣ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ନୂଆପଡ଼ା ଜିଲ୍ଲାରେ ୩୦ ଗୋଟି ପାଲା ଦଳ ଗଠିତ ହୋଇଥିବା ବେଳେ ଖଡିଆଳ ଠାରେ ଅତ୍ୟାଧୁନିକ ପାଲା ମଣ୍ଡପ ଏବଂ ତାଲିମ କେନ୍ଦ୍ର ପ୍ରତିଷ୍ଠା ପାଇଁ ପ୍ରଶାସନ ତତ୍ପରତା ହେବେ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ । ସଭା ରେ ପଶ୍ଚିମ ଓଡ଼ିଶା ପାଲା ସମ୍ରାଟ ଅର୍ଜୁନ ଛତ୍ରିଆ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ବକ୍ତା ରୂପେ ଗୌରାଙ୍ଗ କୁମାର ସାହୁ , ସମ୍ମାନିତ ଅତିଥି ରୂପେ ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି, ସହ ସାହୁ ମଞ୍ଚାସୀନ ହୋଇଥିଲେ । ଏହି ଅବସର ରେ ଚିପଳିମା ସମ୍ବଲପୁର ରାଧେଶ୍ୟାମ ପଣ୍ଡା ଙ୍କୁ ପଶ୍ଚିମ ଓଡ଼ିଶା ପାଲା ସମ୍ରାଟ ଉପାଧିରେ ସମ୍ମାନିତ କରିଛନ୍ତି । ପାଲା ଦଳ ମାନେ ନିଜ ପାଲା ପରିବେଷଣ କରିଥିଲେ । ସ୍ୱାଗତ ଓ ଅତିଥି ପରିଚୟ ଦୋଳାମଣି ଦଣ୍ଡସେନା ଧନ୍ୟବାଦ ଦିନବନ୍ଧୁ ଛତ୍ରିଆ ଦେଇଥିଲେ ।

# ଆମ୍ବ ଗଛ ପଡି ରାସ୍ତା ଅବରୋଧ

**ଜନସାଧାରଣ ହଇରାଣ**

କନ୍ଧମାଳ, (ଭାସ୍କର ନ୍ୟୁଜ): ଅଧିକାଂଶ ସ୍ଥାନରେ ଶୁଖିଲା ଗଛଗୁଡିକ ବିପଦ ସଂକୁଳ ଅବସ୍ଥାରେ ରହିଛି । ପ୍ରତିଦିନ ଜିଲ୍ଲା ପ୍ରଶାସନ, ବନ ବିଭାଗ ଜାଣି ଚୁପ ରହି ବସିଅଛି ।ଏହାରି ଫଳରେ ଜନସାଧାରଣ ଅନେକ ସମୟରେ ହଇରାଣର ଶିକାର ହେଉଛନ୍ତି । କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଫୁଲବାଣୀ ଠାରୁ ବାଲିଗୁଡାକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥ ବନ୍ଧଗଡ଼ ହାଇସ୍କୁଲ ନିକଟରେ ଏକ ଆମ୍ବ ଗଛ ପଡି ରାସ୍ତା ଅବରୋଧ ହୋଇଯାଇଥିଲା । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଘଣ୍ଟା ଘଣ୍ଟା ଧରି ଅଟକି ରହିଥିଲା । ଘଟଣା ସ୍ଥଳରେ ଦମକଳ ବାହିନୀ ପହଞ୍ଚି ପ୍ରାୟ ଦୁଇ ଘଣ୍ଟା ପରେ ରାସ୍ତାରୁ ଗଛଟିକୁ ହଟାଇଥିଲା । ଏହାପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା । ଯାହା ସୂଚନା ରହିଛି, ଫିରିଙ୍ଗିଆ ବ୍ଲକ ଫୁଲବାଣୀ ଠାରୁ ବାଲିଗୁଡାକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥ ବନ୍ଧଗଡ଼ ହାଇସ୍କୁଲ ନିକଟରେ ଏକ ଆମ୍ବ ଗଛ ବହୁ ବର୍ଷ ଧରି ଥିବାର ଅନୁମାନ କରାଯାଉଛି । ରାସ୍ତା ପ୍ରଶସ୍ତ ହେବା ଫଳରେ ଗଛର ମୂଳ ଦୁର୍ବଳ ହୋଇ ଯାଇଥିଲା । ଫଳରେ ପବନ ହେବାରୁ ତାହା ଉପୁଡି ପଡି ରାସ୍ତା ଉପରେ ପଡିଥିଲା । ପଡିବା ସଙ୍ଗେ ସଙ୍ଗେ ସ୍ଥାନୀୟ ଅଞ୍ଚଳର ଶିକ୍ଷକ ସିମାଞ୍ଚଳ ମୁଖି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ପହଞ୍ଚି ବିରାଟ କାୟ ଗଛକୁ ରାସ୍ତାରୁ ହଟାଇବାକୁ ପ୍ରାୟ ଦୁଇ ଘଣ୍ଟା ସମୟ ଲାଗିଥିଲା । ଏହି ରାସ୍ତାରେ ପ୍ରତିଦିନ ଶତାଧିକ ଗାଡ଼ି ଯିବା ଆସିବା ହେବା ସହିତ ସ୍କୁଲ କଲେଜ ଛାତ୍ରଛାତ୍ରୀ ମାନେ ଏହି ରାସ୍ତା ଦେଇ ଯିବା ଆସିବା କରିଥାନ୍ତି । ସୌଭାଗ୍ୟକୁ ଗଛ ପଡିଲା ସମୟରେ କେହି ନଥିଲେ ଏବଂ କାହାର କିଛି କ୍ଷତି ହୋଇନଥିବା ସୂଚନା ରହିଛି । ରାସ୍ତାର ଉଭୟ ପାର୍ଶ୍ୱରେ ବିପଦ ସଂକୁଳ ଅବସ୍ଥାରେ ଥିବା ଗଛକୁ କାଟି ତା ଜାଗାରେ ନୂତନ ଗଛ ଲଗାଇବା ପାଇଁ ସ୍ଥାନୀୟ ଲୋକେ ଫିରିଙ୍ଗିଆ ରେଞ୍ଜ ବନ ଅଧିକାରୀଙ୍କୁ ସୂଚନା ଦେଇଛନ୍ତି । ଏ ନେଇ ପଚାରିବାରୁ ଫିରିଙ୍ଗିଆ ବନ ଅଧିକାରୀ ପ୍ରଦୋଷ ମହାରଣା ଉପରିସ୍ଥ ଅଧିକାରୀଙ୍କୁ ଏ ସଂକ୍ରାନ୍ତରେ ଜଣାଇ ଖୁବ ଶୀଘ୍ର ପଦକ୍ଷେପ ନେବେ ବୋଲି ସୂଚାଇଛନ୍ତି ।

## ପ୍ରେସର କୁକର ବୋମା ଜବତ

# ନିଷ୍କ୍ରିୟ କଲା ପୋଲିସ



ମାଲକାନଗିରି, (ଭାସ୍କର ନ୍ୟୁଜ): ସୀମାନ୍ତ ଛତିଶଗଡ଼ ନାରାୟଣପୁର ଜିଲ୍ଲା ଅମଦଇ ଖଦାନ ନିକଟରେ ମାଓବାଦୀଙ୍କ ଦ୍ୱାରା ଲୁଚାଯାଇଥିବା ପ୍ରେସରକୁକର ବୋମା ଜବତ କରାଯାଯାଇଛି । ମାଓବାଦୀମାନେ ବହୁ ସ୍ଥାନରେ ଲାଣ୍ଡମାଇନ୍ ଓ ପ୍ରେସର କୁକର ବୋମା ଖଞ୍ଜିଥିବାରୁ ଏହାର ସଂସ୍ପର୍ଶରେ ଆସି ବହୁ ଯବାନ ଓ ନିରୀହ ଲୋକଙ୍କର ମୃତ୍ୟୁ ଘଟୁଛି । ଏହାକୁ ଦୃଷ୍ଟିରେ ରଖି ଜିଲା ପୋଲିସ ବୋମା ନିଷ୍କ୍ରିୟକାରୀ ଦଳ ଓ ଯବାନମାନେ ଜଙ୍ଗଲରେ ସର୍ଚ୍ଚ ଅପରେସନ ଚଳାଇଥିଲେ । ଏହିକ୍ରମରେ ନାରାୟଣପୁର ଜିଲା ଛୋଟେନଗର ଥାନା ଅନ୍ତର୍ଗତ ଅମଦଇ ଖଦାନ(ନିକୋ କମ୍ପାନୀ) ଡମ୍ପ ଅଞ୍ଚଳରେ ମାଓବାଦୀଙ୍କ ଦ୍ୱାରା ଏହି ପ୍ରେସରକୁକର ବୋମା ଖଞ୍ଜା ଯାଇଥିଲା । ଏହାକୁ ଚିହ୍ନଟକରି ପରେ ନିଷ୍କ୍ରିୟ କାରିଛନ୍ତି ନାରାୟଣ ପୁର ପୋଲିସ ।

# ଘୂର୍ଣ୍ଣିଝଡ଼ରେ ଉପୁଡ଼ିଲା ଗଛ



ନୂଆପଡ଼ା, (ଭାସ୍କରନ୍ୟୁଜ): ନୂଆପଡ଼ା ଜିଲ୍ଲା ତରବୋଡ଼ ଅଞ୍ଚଳରେ ଘୂର୍ଣ୍ଣିଝଡ଼ ହୋଇଥିଲା । କୂଆ ପଥର ବର୍ଷା ହେବା ସାଙ୍ଗକୁ ବହୁ ବେଗରେ ପବନ ବହିଥିଲା । ଫଳରେ ବ୍ୟାପକ କ୍ଷୟ କ୍ଷତି ହୋଇଅଛି । ବିଶାଳକାଳ ବୃକ୍ଷ ବି ଉପୁଡିପଡିଥିଲା । ନୂଆପଡା ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମ ଅନୁଭୁତ ହେଉଥିଲା । ଏହି ଅଦିନିଆ ବର୍ଷା ଯୋଗୁଁ ସ୍ଥାନୀୟ ଲୋକଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି ।

# ଜଳୁଛି ଜଙ୍ଗଲ, ଧୂଆଁରେ ଅଞ୍ଚଳବାସୀ



**ବନ ବିଭାଗ ଦେଖି ଅଦେଖା**

କନ୍ଧମାଳ, (ଭାସ୍କର ନ୍ୟୁଜ): ଫୁଲବାଣୀ ବନ ବିଭାଗ ପକ୍ଷରୁ ଲୋକ ଦେଖେଇବା ପାଇଁ ଓ ସରକାରଙ୍କୁ ଦେଖାଇବା ପାଇଁ ଖରା ସମୟ ଆସିଲେ ବିଭିନ୍ନ ବୈଠକ, ସଭାସମିତି ଏବଂ ସଚେତନତା ରାଲି କରିଥାନ୍ତି । କିନ୍ତୁ ଖରାଦିନର ପ୍ରବଳ ଖରା ସମୟରେ ଜଙ୍ଗଲ ପୋଡାଯାଉଛି ଓ ଧୂଆଁ କରାଯାଉଛି । ଏହାକୁ ରୋକା ନ ଯାଇ କାର୍ଯ୍ୟକ୍ରମରେ ସଫଳ କରାଯାଉଛି ବୋଲି ବନ ବିଭାଗ ସରକାର ଙ୍କୁ ଦେଖାଇଥିବାର ଚର୍ଚ୍ଚା ହେଉଛି । ତାହା ବର୍ତ୍ତମାନର ଚିତ୍ର ବୟାନ କରୁଛି । ସେହିଭଳି କିଛି ସ୍ଥାନରେ ନିଆଁକୁ ରୋକିବା ପାଇଁ ବନ କର୍ମଚାରୀ ଏବଂ ଶ୍ରମିକମାନଙ୍କୁ ନେଇ ନିଆଁ ଲିଭା ଜାରି ରହିଥିଲେ ମଧ୍ୟ ଲାଗିଥିବା ନିଆଁକୁ ଠିକ ସମୟରେ ଲିଭେଇବାର ନାଁ ଧରୁନାହାଁନ୍ତୁ କି ଜଙ୍ଗଲ ନଷ୍ଟ ଦାଉରୁ ରକ୍ଷା କରୁନାହାନ୍ତି ବନ ବିଭାଗ । ଆଉ କିଛି ସ୍ଥାନରେ ବନ କର୍ମଚାରୀଙ୍କ ଦେଖା ମିଳୁନି । ଆଉ କିଛି ସ୍ଥାନରେ, ସ୍ଥାନୀୟ ଅଞ୍ଚଳର କିଛି ଲୋକ ସ୍ୱତଃ ପ୍ରବୃତ୍ତ ଭାବେ ଜଙ୍ଗଲ ନିଆଁକୁ ଲିଭାଉଥିବାର ଦେଖିବାକୁ ମିଳିଛି । ସେହିଭଳି କଳିଙ୍ଗା ଘାଟିକୁ ଲାଗି ରହିଥିବା ପାହାଡ଼ ମାନଙ୍କୁ ମଧ୍ୟ ନିଆଁ ଧରିଛି । ଏପରିକି ଦୁର୍ଗାପ୍ରସାଦ ଠାରୁ ସୀମାନ୍ତ ଗଂଜାମ-କନ୍ଧମାଳ ଘାଟିରାସ୍ତା, ଶୀତ ଦିନିଆ କୁହୁଡି ଭଳି, ଧୂଆଁମୟ ହୋଇ ରହୁଛି । ଯାତାୟତ କରୁଥିବା ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଅନ୍ୟପକ୍ଷରେ ନିଆଁ ଲାଗିଥିବା, ଜଙ୍ଗଲ ନିକଟବର୍ତ୍ତୀ ଗାଁ ମାନଙ୍କରେ ମଧ୍ୟ ଏକ ଅସ୍ୱାଭାବିକ ପରିସ୍ଥିତି ଦେଖିବାକୁ ମିଳିଛି । ଗତ ଦିନମାନଙ୍କରେ ଜଙ୍ଗଲରେ କିଭଳି ନିଆଁ ନଲାଗିବ ଏବଂ ଜଙ୍ଗଲ ନିଆଁ କୁ ରୋକିବା ପାଇଁ ବନବିଭାଗ ପକ୍ଷରୁ ଘନଘନ ସଚେତନତା କାର୍ଯ୍ୟକ୍ରମ କରି ମଧ୍ୟ ଏହିପରି ଜଙ୍ଗଲ ଜଳୁଛି । ବନକର୍ମଚାରୀଙ୍କ ସଚେତନତା କାର୍ଯ୍ୟକ୍ରମ ଏଥିରୁ କେତେ ପ୍ରତିଫଳିତ ହେଉଛି ଜଣାପଡୁଛି ।

# ଦୁର୍ଘଟଣାଗ୍ରସ୍ତ ୩ ଯୁବକଙ୍କ ଜୀବନ ବଞ୍ଚାଇଲେ ଥାନା ଅଧିକାରୀ



ମାଲକାନଗିରି, (ଭାସ୍କର ନ୍ୟୁଜ): ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ଯୋଗୁଁ ୩ ଜଣ ଯୁବକ ଆହତ ହୋଇ ମୁଖ୍ୟ ରାସ୍ତାରେ ପଡିଥିଲେ । ତାଙ୍କୁ ଉଦ୍ଧାର କରି ମାଥିଲି ମେଡିକାଲରେ ଭର୍ତ୍ତି କରାଇ ଜୀବନ ବଞ୍ଚାଇଛନ୍ତି ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅଧିକାରୀ । ଠିକ୍ ସମୟରେ ପୁଲିସ ଗାଡିରେ ମେଡିକାଲ ପହଞ୍ଚାଇବାରୁ ସେମାନଙ୍କ ଉଚିତ ଚିକିତ୍ସା ହୋଇପାରିଥିବା ବେଳେ ମାଥିଲି ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରାଯାଇଛି । ସୂଚନା ଅନୁଯାୟୀ, ମାଥିଲି ଥାନା ନିକଟ ମିଲୁଗୁଡାରେ ଘଟିଛି ଏପରି ଏକ ଦୁର୍ଘଟଣା । ୨ ବାଇକ ମୁହାଁମୁହିଁ ଧକ୍କାରେ ୩ ଯୁବକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ୩୨୬ ନମ୍ବର ଜାତୀୟ ରାଜପଥ ମୁଖ୍ୟ ରାସ୍ତାରେ ପଡି ରହିଥିଲେ । ମାଥିଲି ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକ ପହଞ୍ଚିଥିଲେ । ପୁଲିସ ଗାଡିରେ ନିଜେ ଆହତଙ୍କୁ ମାଥିଲି ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇଥିଲେ । ଠିକ୍ ସମୟରେ ମେଡିକାଲରେ ପହଞ୍ଚି ଯିବାରୁ ୩ ଯୁବକଙ୍କ ଜୀବନ ବଞ୍ଚିଯାଇଥିଲା । ଥାନା ଅଧିକାରୀଙ୍କ ଏଭଳୀ କାର୍ଯ୍ୟକୁ ମାଥିଲି ସହରର ବୁଦ୍ଧିଜୀବୀ ମହଲରେ ଭୂରୀ ଭୁରୀ ପ୍ରଶଂସା କରୁଥିବା ଦେଖିବାକୁ ମିଳିଛି ।

# ସ୍ୱାଧୀନତା ସଂଗ୍ରାମୀ ନାରାୟଣ ପାତ୍ରଙ୍କ ଜୟନ୍ତୀ ପାଳିତ




ପାରଳାଖେମୁଣ୍ଡି , (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲାର ଗୁରାଣ୍ଡୀ ଗ୍ରାମରେ ପ୍ରଥମ ସାଂସଦ ଏବଂ ଅବିଭାଜିତ ଗଞ୍ଜାମ ଜିଲ୍ଲାର ଦ୍ୱିତୀୟ ରାଜ୍ୟସଭା ସାଂସଦ ନାରାୟଣ ପାତ୍ରଙ୍କ ୧୧୨ତମ ଜନ୍ମ ବାର୍ଷିକୀ ପାଳିତ ହୋଇଯାଇଛି । ଏହି ଉତ୍ସବ 'ଜଷ୍ଟିସ୍ କର୍ଣ୍ଣର' ଏବଂ 'ଲୋକନାୟକ ନାରାୟଣ ପାତ୍ର ସ୍ମୃତି ପରିଷଦ'ର ସହଯୋଗରେ ଗଜପତି ଇତିହାସରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମର ସଭାପତି କିଶୋର ଚନ୍ଦ୍ର ପାତ୍ର, ଆବାହାକ ସଞ୍ଜୟ କୁମାର ରାଉତ ଏବଂ ଜଷ୍ଟିସ କର୍ଣରର ସଭାପତି ଓ ଆଇନଜୀବୀ ଭାଗ୍ୟଲକ୍ଷ୍ମୀ ନାୟକ ଆୟୋଜନ କରିଥିଲେ । ଏଥିରେ ଜିଲ୍ଲାପାଳ ବିଜୟ କୁମାର ଦାସ, ସମ୍ମାନିତ ଅତିଥି ଡଃ ବାୟୁମନୁ ଚର୍ଚ୍ଚି, ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଜଷ୍ଟିସ କର୍ଣର ଶ୍ରୀମତି ଭାଗ୍ୟଲକ୍ଷ୍ମୀ ନାୟକ, ଶ୍ରୀ ପ୍ରଦୀପ କୁମାର ଜେନା, ଜ୍ୟେଷ୍ଠ ନାଗରିକ ସଭାପତି ପିତବାସ ସାମଲ, ଗ୍ରାମ ସରପଞ୍ଚ ଶିକ୍ଷା ପାତ୍ର ଏବଂ ସମିତି ସଭ୍ୟ ପାଇଲୁ ମିନାକ୍ଷୀ ମଞ୍ଚାସୀନ ରହିଥିଲେ । ନାରାୟଣ ପାତ୍ର ଜଣେ ଉତ୍ସର୍ଗୀକୃତ ସ୍ୱାଧୀନତା ସଂଗ୍ରାମୀ ଥିଲେ, ଯିଏ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଲବଣ ସତ୍ୟାଗ୍ରହ ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ । ସେ ବ୍ରିଟିଶ ସରକାରଙ୍କ ବିରୋଧରେ ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ଏବଂ ଏକାଧିକ ଥର ବନ୍ଦୀ ହୋଇଥିଲେ । ତାଙ୍କର ଅଦମ୍ୟ ସାହସ ଏବଂ ପ୍ରତିବଦ୍ଧତା ପାଇଁ ତାଙ୍କୁ 'ଗଜପତିର ଦ୍ୱିତୀୟ ମହାତ୍ମା ଗାନ୍ଧୀ' ବୋଲି କୁହାଯାଉଥିଲା । ଏହି କାର୍ଯ୍ୟକ୍ରମରେ ନାରାୟଣ ପାତ୍ରଙ୍କ ପରିବାର ସଦସ୍ୟ ତଥା ଅନୁରାଧା ପାତ୍ର, ଶ୍ରୀକାନ୍ତ ପାତ୍ର ଏବଂ ବୁଦ୍ଧଦେବ ପାତ୍ରଙ୍କୁ ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ବ୍ରହ୍ମପୁରରୁ ଆସିଥିବା ତିନି ଅତିଥି ସମ୍ମାନିତ କରିଥିଲେ । ଏହି ଅତିଥିମାନେ ହେଲେ କାମେଶ୍ୱର ମହାନ୍ତି, ଭିକାରୀ ଚରଣ ନାୟକ ଏବଂ ରାମକୃଷ୍ଣ ଲେଙ୍କା । ଏହି କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି, ଗୋଷାଣୀ ଗ୍ରାମ ସରପଞ୍ଚ ସମେତ ୧୫୦ରୁ ଉର୍ଦ୍ଧ୍ୱ ପ୍ରତିଭାଗୀ ଯୋଗ ଦେଇଥିଲେ । ଏହି ସଭାରେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଏବଂ ଡଃ ବାୟୁମନୁ ଚର୍ଚ୍ଚି ତିନୋଟି ପ୍ରସ୍ତାବ ରଖିଥିଲେ । ପ୍ରଥମତଃ, ଗୁରାଣ୍ଡୀ ଗ୍ରାମକୁ ସ୍ୱାଧୀନତା ସଂଗ୍ରାମୀ ଗ୍ରାମ ଘୋଷଣା କରାଯାଉ, କାରଣ ଏହି ଗ୍ରାମରୁ ୧୭ ଜଣ ସ୍ୱାଧୀନତା ସଂଗ୍ରାମୀ ଆସିଥିଲେ ; ଦ୍ୱିତୀୟତଃ, ଗ୍ରାମରେ ଏକ ସ୍ମୃତି ସ୍ମାରକ ସ୍ଥାପନ ହେଉ ଏବଂ ତୃତୀୟତଃ, ପାରଳାଖେମୁଣ୍ଡି ସହରରେ ନାରାୟଣ ପାତ୍ରଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପ୍ରସ୍ତାବ ରଖାଯାଇଥିଲା ।

# ଗୁଣୁପୁର ବୈଶ୍ୟ ସଂଘ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର

ଗୁଣପୁର, (ଭାସ୍କର ନ୍ୟୁଜ): ଗୁଣପୁର ବୈଶ୍ୟ ସଂଘ ପକ୍ଷରୁ ଶ୍ରୀକାକୁଲମ କିମସ ହସପିଟାଲ ଡାକ୍ତରଙ୍କ ସହଯୋଗରେ ସ୍ଥାନୀୟ କନ୍ୟାକାପରମେଶ୍ୱରୀ ମନ୍ଦିର ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହଇଯାଇଛି । ଏହି ସ୍ୱାସ୍ଥ୍ୟ ଶିବିରରେ କିମସର ଭେଷଜ ବିଶେଷଜ୍ଞ ଭାରାଣାସି କେଦାରନାଥ, ଜି ଚୈତନ୍ୟ କିରଣ,ଶଲ୍ୟ ଚିକିତ୍ସକ ଡି ଲାବାଣ୍ୟ, କରିବା ସହ ମାଗଣା ଔଷଧ ବିତରଣ କରିଥିଲେ । ଏହି ଶିବିରରେ ଗୁଣପୁର ସମେତ ଆଖପାଖ ଅଞ୍ଚଳର ୨୦୦ରୁ ଉର୍ଦ୍ଧ ଲୋକ ଅଂଶ ଗ୍ରହଣ କରି ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରିଥିଲେ । ଗୁଣପୁର ବୈଶ୍ୟ ସଂଘ ସଭାପତି ଏସ ବାବା ପ୍ରସାଦଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି ମାଗଣା ସ୍ୱାସ୍ଥ୍ୟ ଶିବିରରେ ସଂଘର ସଂପାଦକ ପି ସାଇକ୍ରିଷ୍ଣା,ଉପସଭାପତି ପି



ଗୁଣପୁର ଶିଶୁ ବିଶେଷଜ୍ଞ ଲକ୍ଷ୍ମଣ ପାତ୍ର, ଦନ୍ତ ଚିକିତ୍ସକ ଶରତ ଶଲନା, ଡ଼ ମଣିଂ କେଦାର ସମେତ ଅନ୍ୟାନ୍ୟ ଡାକ୍ତରୀ ଟିମ ଯୋଗଦେଇ ବିଭିନ୍ନ ରୋଗୀଙ୍କୁ ଚିକିତ୍ସା ନାଗରାଜ, ସହ ସଂପାଦକ ଏ ଭେଙ୍କେଟରାଓଙ୍କ ସମେତ କମିଟି ସଭ୍ୟ ଉପସ୍ଥିତ ରହି ସ୍ୱାସ୍ଥ୍ୟ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# କୌଶଳ ରାଜ୍ୟ କରିବାକୁ ହେବ ଦୃଢ଼ ଦାବି




ଖଡିଆଳ, (ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡ଼ିଆଳ ମିସନ ଚର୍ଚ୍ଚ ସମ୍ମୁଖରେ ଥିବା କୋଶଳ ସଂଘର୍ଷ ସମିତି କାର୍ଯ୍ୟାଳୟ ଠାରେ ନୂଆପଡା କୋଷକ ସଂଘର୍ଷ ସମିତି ପକ୍ଷରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କେଶବ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସାମ୍ବାଦିକ ସମ୍ମିଳନୀ, ରାଜ୍ୟର ବନ୍ଦେ ଉତ୍କଳ ଜନନୀ ସଙ୍ଗୀତରେ କୋଶଳ ଏବଂ କଳିଙ୍ଗ ଯୋଡ଼ିବାକୁ ଦାବି କରିଥିଲେ । ୧୯୩୬ ମସିହାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବା ବେଳେ ସେଣ୍ଟ୍ରାଲ ପ୍ରୋଭିନ୍ସରେ ରହି ଓଡ଼ିଆ ଭାଷା ସାହିତ୍ୟ ପ୍ରତି ବର୍ତ୍ତମାନର ଖଡିଆଳ ଅଞ୍ଚଳର ଅନେକ ଅବଦାନ ରହିଛି । ତେଣୁ ରାଜ୍ୟ ସଙ୍ଗୀତରେ ଉତ୍କଳ ପ୍ରଦେଶର ନାମ ସହିତ କୋଶଳ ଏବଂ କଳିଙ୍ଗ ନାମ ଯୋଡିବା ନେଇ ଦାବୀ କରିଛନ୍ତି । ନିକଟରେ ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର ଦେଇଥିବା ବୟାନକୁ ଯଥାର୍ଥ ବୋଲି ସମର୍ଥନ କରିବା ସହିତ ଯେଉଁମାନେ ଶ୍ରୀ ମିଶ୍ରଙ୍କ ମସ୍ତିଷ୍କ ସଠିକ୍ ନାହିଁ ବୋଲି କହୁଛନ୍ତି । ସେହି ବ୍ୟକ୍ତି ମାନଙ୍କ ମସ୍ତିଷ୍କ ଠିକ ନାହିଁ ବୋଲି କହିବା ସହ ଶ୍ରୀ ମିଶ୍ରଙ୍କୁ ସମର୍ଥନ କରୁଥିବା ସାମ୍ବାଦିକ ସମ୍ମିଳନୀରେ ଆବାହକ କେଶବ ବେହେରା ପ୍ରକାଶ କରିଛନ୍ତି । ନହେଲେ ଆଗାମୀ ଦିନରେ କୋଶଳ ରାଜ୍ୟ ଗଠନ କରିବାକୁ ଦୃଢ ଦାବି କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା, ବ୍ଲକ କାର୍ଯ୍ୟକର୍ତ୍ତା ଗଦାଧର ବେହେରା, ତୁଳରାମ ହଂସ, ଚୈତନ୍ୟ ତାଣ୍ଡି, ଭବାନୀ ଶଙ୍କର ପଣ୍ଡା, କୃଷ୍ଣଚନ୍ଦ୍ର ଦାସ, ହେମନ୍ତ ସିଂ ବାବୁ, ଅଶୋକ ରଣା, ରତ୍ନମଣି କୋକ, କୁଶ ମଙ୍ଗରାଜ, ବାଳକୃଷ୍ଣ ହରିଜନ, ସତ୍ୟ କଟା, ଶ୍ରୀନିବାସ ବେହେରା ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ



କୁଚିଣ୍ଡା /ବାମରା, (ଭାସ୍କର ନ୍ୟୁଜ): କୁଚିଣ୍ଡା ବ୍ଲକର ଚନ୍ଦିନିମାଲ ଗ୍ରାମ ପଞ୍ଚାୟତର ଲଶା ଓ ଚନ୍ଦିନୀ ମାଲ ଗ୍ରାମ ପରେ ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ବାରଗାଡ଼ ପୂଜା ମଣ୍ଡପ ଠାରେ ନିଶା ବିରୋଧୀ ସମାବେଶ ଅନୁଷ୍ଠିତ ହୋଇଥିଲା । ନିଜେ ନିଶା ପାନ ନ କରିବା ସହ ନିଶା ନିବାରଣ ଅଞ୍ଚଳ ଗଠନ ପର୍ଯ୍ୟନ୍ତ ଉଦ୍ୟମ ଅବ୍ୟାହତ କରିବାକୁ ଶପଥ ପାଠ କରିଥିଲେ । ଏହା ପରେ ଏକ ବିରାଟ ଶୋଭାଯାତ୍ରାରେ ତିନୋଟି ଗ୍ରାମକୁ ଯାଇ ବିଭିନ୍ନ ସ୍ଲୋଗାନ ଓ ପଥ ପ୍ରାନ୍ତ ସଭା ମାଧ୍ୟମରେ ଜନ ସଚେତନତା କରିଥିଲେ । ସରପଞ୍ଚ ପବନେଶ୍ୱର୍ ମାକର, କବି କନକଲତା ନାୟକ, ସ୍ୱେଚ୍ଛାସେବୀ ସରିତା ଚେଲି, ସବିତା କର୍ସେଲ୍,କୁନା ପୂଜାରୀ, ରାଜା ଖାଁ ପ୍ରମୁଖ ଭାଷଣ ଦେଇ ବିଗତ ହୋରୀ ଖେଳ ଦିନର ହତ୍ୟାକାଣ୍ଡଗୁଡ଼ିକ ନିଶା ପାନ ଯୋଗୁଁ ହୋଇଥିବା ବେଳେ ସରକାର ନିଜ ପ୍ରତିଶ୍ରୁତି ମୁତାବକ ନିଶା ମୁକ୍ତ ରାଜ୍ୟ ଗଠନ ପାଇଁ ଆହ୍ୱାନ ଦେଇଥିଲେ । ସେମାନେ ତାଙ୍କ ବକ୍ତବ୍ୟରେ ବାରଗାଡ଼ ଗ୍ରାମବାସୀ ନିଜ ବୋଲି ଯାତ୍ରା ପାଇଁ ମଦ ଭାଟିର ଦାନକୁ ଗ୍ରହଣ ନ କରି ନିଶା ନିବାରଣ ପାଇଁ ବାହାରି ଥିବାରୁ ଖୁସି ବ୍ୟକ୍ତ କରିଥିଲେ । ଅଞ୍ଚଳବାସୀଙ୍କ ଉଦ୍ୟମରେ ବିଗତ ତିନି ଦିନ ସମସ୍ତ ନିଶାଦ୍ରବ୍ୟ ବ୍ୟବହାର ବନ୍ଦ ଥିବା ଦେଖାଯାଇଛି । ଏହି କାର୍ଯ୍ୟକ୍ରମକୁ କିଶୋର ଗୋପାଳ , କୁମୁଦିନୀ ଗୋପାଳ, ସେବତୀ ମାକର, କାଞ୍ଚନ ମାକର, ରାଜୀବ ବାଗ, ଲୋକନାଥ କଉଡ଼ି ପ୍ରମୁଖ ପରିଚାଳନା କରିଥିଲେ ।



ନୂଆଦିଲ୍ଲୀ: ପୁରାତନ ଶାସ୍ତ୍ରରେ ଲେଖା ଅଛି ଯେତେବେଳେ ବିପଦ କିମ୍ବା ସମସ୍ୟା ସାମ୍ନାକୁ ଆସିବ ସେତେବେଳେ ଶ୍ରୀମଦ୍ ଭଗବଦ୍ ଗୀତାର ଶରଣ ନେବା ଉଚିତ। ଏହା ତୁମକୁ ସଠିକ ରାସ୍ତା ଦେଖାଇବାରେ ସହାୟକ ହୋଇଥାଏ। ଅନେକ ଋଷି ମୁନି ଓ ବିଦ୍ୱାନ ଭଗବଦ୍ ଗୀତାକୁ ଅନୁସରଣ କରି ଆସୁଛନ୍ତି। ତେବେ ବର୍ତ୍ତମାନ ଆମେରିକାର ନ୍ୟାସନାଲ ଇଣ୍ଟେଲିଜେନ୍ସ ଡାଇରେକ୍ଟର ତୁଳସୀ ଗବାର୍ଡ ମଧ୍ୟ ଏହା କହିଛନ୍ତି। ଏକ ସାକ୍ଷାତକାରରେ ତୁଳସୀ ଗବାର୍ଡ କହିଛନ୍ତି, "ବିଶ୍ୱର ବିଭିନ୍ନ ସ୍ଥାନରେ ଯୁଦ୍ଧକ୍ଷେତ୍ରରେ ଯୋଗ ଦେବା ହେଉ କିମ୍ବା କୌଣସି ଚ୍ୟାଲେଞ୍ଜ ର ସମ୍ମୁଖୀନ କରିବା ହେଉ ସେ ସବୁ ସମୟରେ ଭଗବାନ ଶ୍ରୀକୃଷ୍ଣଙ୍କ ଦ୍ୱାରା ଅର୍ଜୁନଙ୍କୁ ଦିଆଯାଇଥିବା ଶିକ୍ଷାକୁ ଗ୍ରହଣ କରିଥାନ୍ତି। ତେବେ ସେ ତାଙ୍କର ସବୁଠାରୁ ଖୁସି ସମୟରେ ଓ ସବୁଠାରୁ ଦୁଃଖ ସମୟରେ ମଧ୍ୟ ଭଗବଦ ଗୀତାକୁ ଅନୁସରଣ କରୁଥିବା କଥା କହିଛନ୍ତି। ୨୦୧୩ରେ ତୁଳସୀ ଗବାର୍ଡ ଆମେରିକାର ପ୍ରଥମ ହିନ୍ଦୁ କଂଗ୍ରେସ ସଦସ୍ୟ ହୋଇଥିଲେ। ସେ ସମୟରେ ସେ ଭଗବଦ୍ ଗୀତାରେ ହାତ ରଖି ଆମେରିକୀୟ ପ୍ରତିନିଧି ଭାବରେ ଶପଥ ନେଇଥିଲେ।

## ଫେରିବେ ସୁନୀତା ଓ ସାଥି



ୱାଶିଂଟନ: ଦୀର୍ଘ ୯ ମାସର ପ୍ରତୀକ୍ଷାର ଅନ୍ତ ଘଟିବ। ସୁନୀତା ୱିଲିୟମ୍ସଙ୍କ ପୃଥିବୀ ଫେରିବା ନେଇ ସୋମବାର ସୂଚନା ଦେଇଛି ନାସା। ବୁଧବାର ଭୋର ୩ଟା ୧୪ ମିନିଟରେ ଫ୍ଲୋରିଡ଼ା ଉପକୂଳରେ ଅବତରଣ କରିବ ସ୍ପେଶ୍ କ୍ରାଫ୍ଟ । ଏନେଇ ନାସା ପକ୍ଷରୁ ତାରିଖ ଓ ସମୟ ଘୋଷଣା କରାଯାଇଛି । ଏହାଛଡ଼ା ସୁନୀତା ଏବଂ ୱିଲମୋରଙ୍କୁ ଟିମ୍ ନେଇ ଫେରିବା ବେଳେ ସ୍ପେଶଏକ୍ସ କ୍ରୁ-୯ର ପୂରା ଲାଇଭ୍ କଭରେଜ୍ କରାଯିବ । ସୁନୀତା ଏବଂ ବୁଚ୍‌ଙ୍କୁ ଫେରାଇ ଆଣିବା ପାଇଁ ଏହି NASA-SpaceX ମିଶନକୁ Crew-୧୦ ନାମ ଦିଆଯାଇଛି, ଯେଉଁଥିରେ ମୋଟ ୪ ଜଣ ମହାକାଶଚାରୀ ଅଛନ୍ତି। ଆଇଏସ୍‌ଏସ୍‌ରେ ପହଞ୍ଚିଥିବା ମିଶନ କ୍ରୁ-୧୦ ଦଳର ସଦସ୍ୟମାନଙ୍କ ମଧ୍ୟରେ ନାସାର ଆନ ମ୍ୟାକକ୍ଲେନ୍ ଏବଂ ନିକୋଲ ଆୟର୍ସ, ଜାପାନ ଏରୋସ୍ପେସ୍ ଏକ୍ସପ୍ଲୋରେଶନ୍ ଏଜେନ୍ସିର ଟାକୁୟା ଓନିଶି ଏବଂ ରୋସକସମୋସ୍ ମହାକାଶଚାରୀ କିରିଲ ପେସକୋଭ ଅନ୍ତର୍ଭୁକ୍ତ ଅଛନ୍ତି। ସୁନୀତା ଏବଂ ବୁଚଙ୍କ ପ୍ରତ୍ୟାବର୍ତ୍ତନ ପାଇଁ NASA-SpaceX ଶୁକ୍ରବାର କ୍ର୍ୟୁ-୧୦ ମିଶନ ଆରମ୍ଭ କରିଥିଲା। ଏହି ମିଶନକୁ ଫାଲକନ୍ ୯ ରକେଟ ମାଧ୍ୟମରେ ଉତ୍କ୍ଷେପଣ କରାଯାଇଥିଲା। ପୂର୍ବରୁ ଏହି ମିଶନ ବୁଧବାର ଲଞ୍ଚ କରାଯାଇଥିଲା। କିନ୍ତୁ ସିଷ୍ଟମରେ କିଛି ସମସ୍ୟା ଯୋଗୁ ଏହାର ଲଞ୍ଚକୁ ବନ୍ଦ କରିବାକୁ ପଡିଥିଲା। ଏହାକୁ ଶୁକ୍ରବାର ସଫଳତାର ସହ ଲଞ୍ଚ କରାଯାଇଥିଲା। ସାରା ବିଶ୍ୱ ସୁନୀତା ଏବଂ ବୁଚଙ୍କ ପୃଥିବୀକୁ ଫେରିବା ପାଇଁ ଅପେକ୍ଷା କରିଛି। ସୂଚନାଯୋଗ୍ୟ, ଗତବର୍ଷ ଜୁନ୍ ୫ ତାରିଖରେ ସୁନୀତା ୱିଲିୟମ୍ସ ଓ ବୁଚ୍ ୱିଲ୍‌ମୋର ବୋଇଂ ଷ୍ଟାରଲାଇନର ପ୍ରଥମ ମିଶନରେ ପରୀକ୍ଷାମୂଳକ ଭାବେ ଇଣ୍ଟରନ୍ୟାଶନାଲ ସ୍ପେସ ଷ୍ଟେଶନକୁ ଯାଇଥିଲେ। ଏହି ଅଭିଯାନ ମାତ୍ର ୮ ଦିନ ଥିଲା। ମାତ୍ର ମହାକାଶଯାନରେ ବୈଷୟିକ ତ୍ରୁଟି ଯୋଗୁ ସେମାନେ ୯ ମାସ ହେଲା ମହାକାଶରେ ଫସି ରହିଛନ୍ତି। ନାସା ଏବଂ ସ୍ପେସ୍‌ଏକ୍ସ ମିଳିତ ଭାବରେ ସେମାନଙ୍କର ପ୍ରତ୍ୟାବର୍ତ୍ତନ ପାଇଁ ମିଶନକୁ କାର୍ଯ୍ୟକାରୀ କରୁଛନ୍ତି।

### ଓବିସିଙ୍କ ପାଇଁ ତେଲଙ୍ଗାନା ସରକାରଙ୍କ ଘୋଷଣା

## ଚାକିରି ଓ ରାଜନୀତିରେ ମିଳିବ ୪୨% ସଂରକ୍ଷଣ



ନୂଆଦିଲ୍ଲୀ: ତେଲଙ୍ଗାନା ସରକାର ଓବିସି ବର୍ଗଙ୍କ ପାଇଁ ଏକ ବଡ଼ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ କହିଛନ୍ତି ଯେ ରାଜ୍ୟରେ ଶିକ୍ଷା, ଚାକିରି, ନିଯୁକ୍ତି ଏବଂ ରାଜନୈତିକ ପ୍ରତିନିଧିତ୍ୱରେ ଓବିସିଙ୍କୁ ୪୨ ପ୍ରତିଶତ ସଂରକ୍ଷଣ ଦିଆଯିବ । ଓବିସିଙ୍କ ପାଇଁ ଥିବା ୨୩ ପ୍ରତିଶତ ସଂରକ୍ଷଣକୁ ବଢ଼ାଇ ୪୨ ପ୍ରତିଶତ କରିବା ଲାଗି ଏକ ବିଲ୍ ରାଜ୍ୟ ବିଧାନସଭାରେ ସୋମବାର ପାରିତ ହୋଇଛି । ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଏକ୍ସ ପୋଷ୍ଟରେ ଲେଖିଛନ୍ତି ଯେ ତେଲଙ୍ଗାନା ବିଧାନସଭାର ନେତା ଏବଂ ମୁଖ୍ୟମନ୍ତ୍ରୀ ଭାବରେ ବୈଜ୍ଞାନିକ ପଦ୍ଧତିକୁ ଆଧାର କରି ମୁଁ ଘୋଷଣା କରୁଛି ଯେ ତେଲଙ୍ଗାନାରେ ଓବିସି ଜନସଂଖ୍ୟା ୫୬.୩୬ ପ୍ରତିଶତ । ଆମେ ଏବେ ଶିକ୍ଷା, ଚାକିରି, ନିଯୁକ୍ତି ଏବଂ ରାଜନୈତିକ ପ୍ରତିନିଧିତ୍ୱରେ ଓବିସି ବର୍ଗଙ୍କ ୪୨ ପ୍ରତିଶତ ସଂରକ୍ଷଣ ସ୍ଥିର କରିବାକୁ ସଂକଳ୍ପ ନେଉଛୁ । ସେ ଲେଖିଛନ୍ତି, ଭାରତରେ ସାମାଜିକ କ୍ରାନ୍ତିର ନେତୃତ୍ୱ କରିଥିବାରୁ ତେଲଙ୍ଗାନା ଗର୍ବିତ। ଭାରତର ସ୍ୱାଧୀନତା ପରେ ପଛୁଆ ବର୍ଗଙ୍କ ଦୀର୍ଘ ସମୟ ଯାଏର ଦାବି, ପଛୁଆ ଜାତିରୁ ଆସୁଥିବା ଆଣ ଭାଇ ଓ ଭଉଣୀଙ୍କ ସରକାରୀ ଜଣଗଣନାରେ ଗଣତି ଓ ମାନ୍ୟତାର ଇଚ୍ଛା ଶେଷରେ ପୂରଣ ହୋଇଛି। ତେଲଙ୍ଗାନା ସିଏମ୍ କହିଛନ୍ତି ଯେ ଆମ ସରକାର ଶିକ୍ଷା, ରୋଜଗାର ଓ ରାଜନୀତିରେ ଓବିସିଙ୍କ ପାଇଁ ୪୨ ପ୍ରତିଶତ ସଂରକ୍ଷଣର ନୂଆ ପ୍ରସ୍ତାବ ପଠାଇବ । ଗୃହର ନେତା ଭାବେ ମୁଁ ଭରସା ଦେଉଛି ଯେ ସକ୍ରିୟ ପଦକ୍ଷେପ ନିଆଯିବ ଓ ୪୨ ପ୍ରତିଶତ ଓବିସି ସଂରକ୍ଷଣ ହାସଲ କରିବୁ । ସେହିପରି ପାରିତ ବିଲ୍ ଅନୁସାରେ ଅନୁସୂଚିତ ଜାତିକୁ ୩ଟି ଗ୍ରୁପରେ ବିଭକ୍ତ କରାଯିବ ଏବଂ ୧୫ ପ୍ରତିଶତ ସଂରକ୍ଷଣ ମିଳିବ ।

## ଚନ୍ଦ୍ରଯାନ-୫ ମିଶନକୁ କେନ୍ଦ୍ରର ଅନୁମୋଦନ



ନୂଆଦିଲ୍ଲୀ: ଚନ୍ଦ୍ରଯାନ-୫ ମିଶନକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ମିଳିଛି । ଭାରତୀୟ ମହାକାଶ ଅନୁସନ୍ଧାନ ସଂସ୍ଥା (ଇସ୍ରୋ)ର ଅଧ୍ୟକ୍ଷ ଭି.ନାରାୟଣନ ଏହି ସୂଚନା ଦେଇଛନ୍ତି । ୨୦୪୦ ସୁଦ୍ଧା ଚନ୍ଦ୍ରକୁ ମାନବ ପଠାଇବା ନେଇ ଭାରତର ଲକ୍ଷ୍ୟ ଦିଗରେ ଏହି ମିଶନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହା ବ୍ୟତୀତ ସରକାର ୨୦୩୫ ସୁଦ୍ଧା 'ଭାରତୀୟ ମହାକାଶ ଷ୍ଟେସନ' ପ୍ରତିଷ୍ଠା ଯୋଜନାକୁ ମଧ୍ୟ ଅନୁମୋଦନ କରିଛନ୍ତି। ଚେନ୍ନାଇରେ ଏକ କାର୍ଯ୍ୟକ୍ରମ ସମୟରେ ନାରାୟଣନ କହିଛନ୍ତି ଯେ ଇସ୍ରୋ ଅନେକ ବଡ଼ ପ୍ରକଳ୍ପ ଉପରେ କାମ କରୁଛି । ସେ କହିଛନ୍ତି, 'ଆମର ଅନେକ ଗୁରୁତ୍ୱପୂର୍ଣ୍ଣ ମିଶନ ଜାରି ରହିଛି । ଚନ୍ଦ୍ରଯାନ-୪ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଚନ୍ଦ୍ରପୃଷ୍ଠରୁ ନମୁନା ସଂଗ୍ରହ କରିବା । ସେହିପରି ତିନି ଦିନ ପୂର୍ବରୁ ମଞ୍ଜୁରି ମିଳିଥିବା ଚନ୍ଦ୍ରଯାନ-୫ରେ ୩୫୦ କିଲୋଗ୍ରାମର ରୋଭର ରହିବ । ଭାରତ ଏବଂ ଜାପାନ ଏହି ମିଶନରେ ଏକାଠି କାମ କରୁଛନ୍ତି।' ଏହା ସ୍ପଷ୍ଟ କରୁଛି ଯେ ଭାରତ ମହାକାଶରେ ଏହାର କ୍ଷମତାକୁ ଆହୁରି ସୁଦୃଢ଼ କରିବା ଦିଗରେ ଦ୍ରୁତ ଗତିରେ ଆଗକୁ ବଢୁଛି । ଇସ୍ରୋ ଏପର୍ଯ୍ୟନ୍ତ ତିନୋଟି ଚନ୍ଦ୍ରଯାନ ମିଶନକୁ ସଫଳତାର ସହ ଶେଷ କରିଛି । ଚନ୍ଦ୍ରଯାନ-୩ର ସଫଳତା ଭାରତକୁ ଚନ୍ଦ୍ରପୃଷ୍ଠରେ ସଫ୍ଟ ଲ୍ୟାଣ୍ଡିଂ କରିଥିବା ଦେଶମାନଙ୍କ ତାଲିକାରେ ସାମିଲ କରିଥିଲା । ପୂର୍ବରୁ କେନ୍ଦ୍ର ସରକାର ଚନ୍ଦ୍ରାୟନ-୪ ମିଶନକୁ ମଧ୍ୟ ଅନୁମୋଦନ କରିଥିଲେ, ଯାହାର ଲକ୍ଷ୍ୟ ଚନ୍ଦ୍ରରେ ଅବତରଣ କରିବା ଏବଂ ନମୁନା ଧରି ସୁରକ୍ଷିତ ପ୍ରତ୍ୟାବର୍ତ୍ତନ କରିବା । ନାରାୟଣନ କହିଛନ୍ତି ଯେ ଭାରତ ଏପର୍ଯ୍ୟନ୍ତ ୧୩୧ଟି ଉପଗ୍ରହ ପ୍ରକ୍ଷେପଣ କରିଛି, ଯେଉଁଥିରୁ ଅନେକ ସାର୍କ ଦେଶଗୁଡ଼ିକୁ ମଧ୍ୟ ଦିଆଯାଇଛି । ଗତ ୧୦ ବର୍ଷ ମଧ୍ୟରେ, ଇସ୍ରୋ ୪୩୩ଟି ଉପଗ୍ରହ ସଫଳତାର ସହ ଉତ୍ ?କ୍ଷେପଣ କରିଛି । ଏଥିରେ ୩୪ଟି ଉପଗ୍ରହ ଅନ୍ୟ ଦେଶର ଥିଲା । ସେ କହିଛନ୍ତି ଯେ ଓ୍ୱଜଙ୍ଗ ୯୦% ସଫଳତା ହାର ହାସଲ କରିଛି, ଯାହା ଅନ୍ତର୍ଜାତୀୟ ସ୍ତରରେ ଏକ ବଡ଼ ଉପଲବ୍ଧି । ଏହି ସଂଖ୍ୟା ଦର୍ଶାଉଛି ଯେ ଭାରତ କେବଳ ନିଜ ପାଇଁ ନୁହେଁ ବରଂ ଅନ୍ୟ ଦେଶମାନଙ୍କ ପାଇଁ ମଧ୍ୟ ଏକ ନିର୍ଭରଯୋଗ୍ୟ ଲଞ୍ଚ୍ ସେବା ପ୍ରଦାନକାରୀ ହୋଇପାରିଛି । ଏହି କାର୍ଯ୍ୟକ୍ରମରେ ସେ ଓ୍ୱଜଙ୍ଗର ପୂର୍ବତନ ଅଧ୍ୟକ୍ଷ କେ.ଶିବନଙ୍କ କଠିନ ପରିଶ୍ରମକୁ ପ୍ରଶଂସା କରିଛନ୍ତି । ଏହାସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱକୁ ବି ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ କେବଳ ଗୋଟିଏ ଲକ୍ଷ୍ୟ- ଭାରତକୁ ବିକଶିତ କରିବା । ମୁଁ ଏକ ସାଧାରଣ ପରିବାରରୁ ଆସିଛି, କିନ୍ତୁ ମୋ ସହିତ କାମ କରିଥିବା ସମସ୍ତ ସହକର୍ମୀଙ୍କୁ ମୁଁ ଧନ୍ୟବାଦ ଜଣାଉଛି।

### ଦିଲ୍ଲୀରେ ଶାହାଙ୍କୁ ଭେଟିଲେ ବିଷ୍ଣୁଦେବ

## ମାଓବାଦୀଙ୍କ ଆତ୍ମସମର୍ପଣ ଓ ପୁନର୍ବାସ ନେଇ ଆଲୋଚନା



ରାୟପୁର: ଛତିଶଗଡର ବସ୍ତରରେ ନକ୍ସଲ ଦମନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରାଜ୍ୟ ସରକାରଙ୍କ ଦୃଢ଼ନୀତି ଓ ସୁରକ୍ଷାକର୍ମୀଙ୍କ ଘନଘନ ଅପରେସନ ଫଳରେ ବସ୍ତର ଅଞ୍ଚଳରେ ଶାନ୍ତି ଫେରିଛି। ସୋମବାର ନୂଆଦିଲ୍ଲୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ସାକ୍ଷାତ କରି ଏହି ସୂଚନା ଦେଇଛନ୍ତି ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ। ଶ୍ରୀ ସାଏ କହିଥିଲେ ଛତିଶଗଡରୁ ଯେପରି ମାଓବାଦ ସଂପୂର୍ଣ୍ଣ ରୂପେ ନିର୍ମୂଳ କରାଯିବ ସେନେଇ ପଦକ୍ଷେପ ନିଆଯାଉଛି। ଆଲୋଚନା ସମୟରେ ଶ୍ରୀ ସାଏ ଜଣାଇଥିଲେ ଯେ, ବର୍ତ୍ତମାନ ମାଓଦମନ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ନକ୍ସଲ ଦମନ ଅଭିଯାନ ଜାରି ରହିଛି। ତେବେ ଗତ ୩ମାସ ମଧ୍ୟରେ ଛତିଶଗଡରେ ୮୫ରୁ ଉର୍ଦ୍ଧ୍ୱ ମାଓବାଦୀ ଆତ୍ମସମର୍ପଣ କରିସାରିଛନ୍ତି। ସେମାନଙ୍କୁ ସମାଜରେ ମୁଖ୍ୟ ସ୍ରୋତାରେ ସାମିଲ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରୟାସ ଜାରି ରହିଛି। ସେମାନଙ୍କୁ ଆର୍ଥିକ ସହାୟତା ସହ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ମଧ୍ୟ ଉଦ୍ୟମ କରାଯାଉଛି। ଅନ୍ୟପକ୍ଷରେ ଶ୍ରୀ ସାଏ କହିଥିଲେ ବସ୍ତର ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, ରାସ୍ତା, ବିଦ୍ୟୁତ୍, ଜଳଯୋଗାଣ, ଦକ୍ଷତା ବିକାଶ, ନିଯୁକ୍ତି ସୁଯୋଗ ଇତ୍ୟାଦି ସୃଷ୍ଟି କରାଯାଇ ଯୁବକମାନଙ୍କୁ ମୁଖ୍ୟ ସ୍ରୋତକୁ ଅଣାଯିବ। ବସ୍ତର ଯେପରି ଆଗକୁ ଯେପରି ଶାନ୍ତିର ହବ୍ ପାଲଟେ ସେ ନେଇ ଉଦ୍ୟମ ଚାଲିଛି ବୋଲି ଶ୍ରୀ ସାଏ ଶାହାଙ୍କୁ ଅବଗତ କରାଇଥିଲେ।

### ବିଶ୍ୱସ୍ତରୀୟ ସଫଳତାର ପଥରେ ଭାରତୀୟ ରେଳ

## ଭାରତୀୟ ରେଳବାଇର ଆର୍ଥିକ ସ୍ଥିତି ମଜବୁତ କରାଯିବ: ରେଳମନ୍ତ୍ରୀ

ନୂଆଦିଲ୍ଲୀ: ସୋମବାର ରାଜ୍ୟସଭାରେ ଆଲୋଚନା ସମୟରେ କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭାରତୀୟ ରେଳର ସଫଳତା ଏବଂ ଭବିଷ୍ୟତ ଯୋଜନା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଭାରତୀୟ ରେଳ ଯାତ୍ରୀମାନଙ୍କୁ ସୁଲଭ ଭଡ଼ାରେ ସୁରକ୍ଷିତ ଏବଂ ଉଚ୍ଚମାନର ସେବା ପ୍ରଦାନ କରୁଛି ଏବଂ ବିଶ୍ୱ ସ୍ତରରେ ଏକ ଅଗ୍ରଣୀ ସ୍ଥାନ ହାସଲ କରୁଛି। ରେଳ ଭଡ଼ା ତୁଳନା କରି ସେ ଉଲ୍ଲେଖ କରିଥିଲେ ଯେ ପାକିସ୍ତାନ, ବାଂଲାଦେଶ ଏବଂ ଶ୍ରୀଲଙ୍କାରେ ଭଡ଼ା ଭାରତ ତୁଳନାରେ ଅଧିକ, ଯେତେବେଳେ ପଶ୍ଚିମ ଦେଶଗୁଡ଼ିକରେ ରେଳ ଭଡ଼ା ଭାରତ ତୁଳନାରେ ୧୦-୨୦ ଗୁଣ ଅଧିକ। ଯାତ୍ରୀମାନଙ୍କୁ ପ୍ରଦାନ କରାଯାଉଥିବା ସବସିଡି ବିଷୟରେ, ରେଳମନ୍ତ୍ରୀ କହିଛନ୍ତି ଯେ ପ୍ରତି କିଲୋମିଟରରେ ଟ୍ରେନ ଯାତ୍ରାର ମୂଲ୍ୟ ଟ.୧.୩୮ ହୋଇଥିଲେ ମଧ୍ୟ, ଯାତ୍ରୀମାନଙ୍କୁ କେବଳ ୭୩ ପଇସା ଆଦାୟ କରାଯାଏ, ଅର୍ଥାତ୍ ୪୭% ସବସିଡି ପ୍ରଦାନ କରାଯାଏ। ୨୦୨୨-୨୩ ଆର୍ଥିକ ବର୍ଷରେ, ଯାତ୍ରୀମାନଙ୍କୁ ଟ.୫୭,୦୦୦ କୋଟି ସବସିଡି ମିଳିଥିଲା, ଯାହା ୨୦୨୩-୨୪ ରେ ପ୍ରାୟ ଟ.୬୦,୦୦୦ କୋଟିକୁ ବୃଦ୍ଧି ପାଇଥିଲା (ଅସ୍ଥାୟୀ ସଂଖ୍ୟା)। ସେ ଜୋର ଦେଇଥିଲେ ଯେ ସର୍ବନିମ୍ନ ଭଡ଼ାରେ ସୁରକ୍ଷିତ ଏବଂ ଉନ୍ନତ ସେବା ପ୍ରଦାନ କରିବା ଲକ୍ଷ୍ୟ। ରେଳମନ୍ତ୍ରୀ ଏହା ମଧ୍ୟ ଘୋଷଣା କରିଛନ୍ତି ଯେ ବିହାରର ମାଧେପୁରା କାରଖାନାରେ ନିର୍ମିତ ଲୋକୋମୋଟିଭ୍ ଖୁବ୍‌ଶୀଘ୍ର ରପ୍ତାନି କରାଯିବ। ଭାରତୀୟ ରେଳବାଇ ମୋଜାମ୍ବିକ, ବାଂଲାଦେଶ ଏବଂ ଶ୍ରୀଲଙ୍କାକୁ ଯାତ୍ରୀ କୋଚ୍ ରପ୍ତାନି କରୁଛି, ଯେତେବେଳେ ଲୋକୋମୋଟିଭ୍ ମୋଜାମ୍ବିକ, ସେନେଗାଲ୍, ଶ୍ରୀଲଙ୍କା, ମିଆଁମାର ଏବଂ ବାଂଲାଦେଶକୁ ରପ୍ତାନି କରାଯାଉଛି। ରେଳମନ୍ତ୍ରୀ କହିଛନ୍ତି ଯେ ୨୦୨୪-୨୫ ଆର୍ଥିକ ବର୍ଷରେ, ଭାରତୀୟ ରେଳବାଇ ୧.୬ ବିଲିୟନ ଟନ୍ ମାଲ ପରିବହନ କରିବ, ଯାହା ଏହାକୁ ଚୀନ୍ ଏବଂ ଆମେରିକା ସହିତ ବିଶ୍ୱର ଶ୍ରେଷ୍ଠ ତିନୋଟି ମାଲବାହୀ ପରିବହନକାରୀ ମଧ୍ୟରୁ ଗୋଟିଏ କରିବ। ରେଳମନ୍ତ୍ରୀ ସମାଜର ଗରିବ ବର୍ଗର ସେବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ସେ ଗୁରୁତ୍ୱାରୋପ କରିଛନ୍ତି ଯେ ସାଧାରଣ କୋଚ୍ ସଂଖ୍ୟା ଏସି କୋଚ୍ ତୁଳନାରେ ୨.୫ ଗୁଣ ବୃଦ୍ଧି କରାଯାଉଛି। ବର୍ତ୍ତମାନର ଉତ୍ପାଦନ ଯୋଜନା ଅନୁଯାୟୀ, ୧୭,୦୦୦ ନନ୍-ଏସି କୋଚ୍ ନିର୍ମାଣ ପାଇଁ ସ୍ଥିର କରାଯାଇଛି। ସେ ଏହା ମଧ୍ୟ କହିଛନ୍ତି ଯେ ଭାରତୀୟ ରେଳବାଇର ଆର୍ଥିକ ସ୍ଥିତି ସୁଦୃଢ଼, ଏହାକୁ ଉନ୍ନତ କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରହିଛି। ଆଲୋଚନା ଶେଷ କରି, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରତିଶ୍ରୁତି ଦେଇଥିଲେ ଯେ ଭାରତୀୟ ରେଳ ଭବିଷ୍ୟତରେ ଏକ ଅଧିକ ଆଧୁନିକ, ନିରାପଦ ଏବଂ ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥାରେ ବିକଶିତ ହେବ।

# ବାଣିଜ୍ୟ




ମୁମ୍ବାଇ : କ୍ରିକେଟ ପ୍ରେମୀଙ୍କ ପାଇଁ ଖୁସି ଖବର, ଜିଓ ଏହାର ବର୍ତ୍ତମାନର ଏବଂ ନୂତନ ଗ୍ରାହକଙ୍କ ପାଇଁ ଏକ ସ୍ୱତନ୍ତ୍ର ଅଫର ଆଣିଛି। ୨୯୯ ଟଙ୍କା କିମ୍ବା ତା'ଠାରୁ ଅଧିକ ମୂଲ୍ୟର ପ୍ଲାନ୍ ସହିତ ନୂତନ ଜିଓ ସିମ୍ ସଂଯୋଗ ନେଇ କିମ୍ବା ଅତି କମରେ ୨୯୯ ଟଙ୍କା ମୂଲ୍ୟର ପ୍ଲାନ୍ ରିଚାର୍ଜ କରି ଜିଓ ଗ୍ରାହକମାନେ ଜିଓହଟଷ୍ଟାରରେ ମାଗଣାରେ ଆଇପିଏଲ କ୍ରିକେଟ୍ ସିଜିନ୍ ଉପଭୋଗ କରିପାରିବେ। ଏହି ଅସୀମିତ କ୍ରିକେଟ୍ ଅଫରରେ, ଗ୍ରାହକମାନେ ଟିଭି କିମ୍ବା ମୋବାଇଲରେ ୯୦ ଦିନର ମାଗଣା ଜିଓହଟଷ୍ଟାରର ସବସ୍କ୍ରିପସନ୍ ପାଇବେ ଏବଂ ତାହା ମଧ୍ୟ ୪କେ ଗୁଣବତ୍ତାରେ। ଏହାର ଅର୍ଥ ହେଉଛି ଗ୍ରାହକମାନେ ୨୨ ମାର୍ଚ୍ଚରୁ ଆରମ୍ଭ ହେଉଥିବା ଆଇପିଏଲ କ୍ରିକେଟ ସିଜିନ ମାଗଣାରେ ଉପଭୋଗ କରିପାରିବେ। ଜିଓ ହଟଷ୍ଟାର ପ୍ୟାକ୍ ୨୨ ମାର୍ଚ୍ଚ, ୨୦୨୫ ଠାରୁ ଅର୍ଥାତ୍ ଆଇପିଏଲ କ୍ରିକେଟ ସିଜିନର ଉଦଘାଟନୀ ମ୍ୟାଚ୍ ଦିନରୁ ୯୦ ଦିନ ପାଇଁ ବୈଧ ରହିବ। ଏହା ସହିତ, ଜିଓ ଘର ପାଇଁ ଜିଓଫାଇବର କିମ୍ବା ଜିଓ ଏୟାରଫାଇବରର ମାଗଣା ଟ୍ରାଏଲ୍ ସଂଯୋଗ ମଧ୍ୟ ପ୍ରଦାନ କରିବ। ଅଲ୍ଟ୍ରା-ଫାଷ୍ଟ ଇଣ୍ଟରନେଟର ମାଗଣା ଟ୍ରାଏଲ୍ ସଂଯୋଗ ୫୦ ଦିନ ପାଇଁ ମାଗଣା ରହିବ।

## 'ପେ ଆଣ୍ଡ ଉଇନ୍' ଯୋଜନାରେ ଦିଆଯିବ ଆକର୍ଷଣୀୟ ଉପହାର



ବୁର୍ଲା (ଭାସ୍କର ନ୍ୟୁଜ୍) : ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଡବ୍ଲ୍ୟୁଓଡିଏଲ)ପକ୍ଷରୁ ସୋମବାର ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇ ଗତ ଫେବୃୟାରୀମାସ ପାଇଁ 'ପେ ଆଣ୍ଡ ଉଇନ୍ ସ୍କିମ୍'ମାଧ୍ୟମରେ ଭାଗ୍ୟଶାଳୀ ବିଜେତାମାନଙ୍କର ଚୟନ ଅନଲାଇନ୍ ମାଧ୍ୟମରେ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀ ସମ୍ବଲପୁର ସ୍ଥିତ ଟିପିଡବ୍ଲ୍ୟୁଓଡିଏଲ କମର୍ସିଆଲ୍ ବିଭାଗର ମୁଖ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ କୁମାର ବର୍ମାଙ୍କ ବ୍ୟତୀତ ଅନ୍ୟାନ୍ୟ ବିଭାଗର ମୁଖ୍ୟମାନେ ମଧ୍ୟ ଉପସ୍ଥିତ ରହିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଚଳିତ ମାର୍ଚ୍ଚ ମାସ ପାଇଁ ଏହି ଭାଗଶାଳୀ ବିଜେତାଙ୍କ ସଂଖ୍ୟା ଦୁଇଗୁଣିତ ହେବାକୁ ଯାଉଥିବା ନେଇ କମ୍ପାନୀର ସିଇଓ ପ୍ରବୀଣ ବର୍ମା ଘୋଷଣା କରିଥିଲେ । ଟିପିଡବ୍ଲ୍ୟୁଓଡିଏଲର ସମସ୍ତ ୫୭ଟି ବିଦ୍ୟୁତ୍ ଉପଖଣ୍ଡରେ ମୋଟ୍ ଭାଗ୍ୟଶଳୀ ବିଜେତାଙ୍କ ସଂଖ୍ୟା ହେବ ୩୪୨ ଜଣ। ଅନ୍ୟପଟେ ଗତ ଫେବୃୟାରୀ ମାସ ପାଇଁ ଏହି ଯୋଜନା ଅଧିନରେ ସମଗ୍ର ପଶ୍ଚିମ ଓଡ଼ିଶାରୁ ୫ ଲକ୍ଷ ୫୦ ହଜାର ୫୮୫ଜଣବିଦ୍ୟୁତ୍ ଉପଭୋକ୍ତା ଯୋଗ୍ୟ ବିବେଚିତ ହୋଇଥିଲେ। ଯେଉଁମାନଙ୍କ ମଧ୍ୟରୁ ସ୍ୱୟଂ ଚାଳିତ କମ୍ପ୍ୟୁଟର ଦ୍ୱାରା ଲକି ଡ୍ର ମାଧ୍ୟମରେ ୫୭ଟି ଉପଖଣ୍ଡରୁ ୧୭୧ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ବିଜେତା ଭାବେ ଚୟନ କରାଯାଇଥିଲା । ବଲାଙ୍ଗିର ବିଦ୍ୟୁତ୍ ମଣ୍ଡଳରୁ ୮୮ ହଜାର ୧୨୬, ବରଗଡ଼ ମଣ୍ଡଳରୁ ୩୪ ହଜାର ୨୩୫, କଳାହାଣ୍ଡି ମଣ୍ଡଳରୁ ୧ ଲକ୍ଷ ୯ ହଜାର ୩୦୨, ରାଉରକେଲା ମଣ୍ଡଳରୁ ୧ ଲକ୍ଷ ୮୯ ହଜାର ୯୭୧ ଏବଂ ସମ୍ବଲପୁର ବିଦ୍ୟୁତ୍ ମଣ୍ଡଳରୁ ୧ ଲକ୍ଷ ୨୮ ହଜାର ୯୫୧ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ଅନ୍ତର୍ଭୁକ୍ତ କରାଯାଇଥିଲା। ଯେଉଁଥିରେ ବଲାଙ୍ଗିର ମଣ୍ଡଳର ୧୧ଟି ଉପଖଣ୍ଡ ନିମନ୍ତେ ୩୩ ଜଣ ବିଜେତା, ବରଗଡ଼ ମଣ୍ଡଳର ୯ଟି ଉପଖଣ୍ଡ ନିମନ୍ତେ ୨୭ ଜଣ ବିଜେତା, କଳାହାଣ୍ଡି ମଣ୍ଡଳର ୧୦ଟି ଉପଖଣ୍ଡ ନିମନ୍ତେ ୩୦ ଜଣ ବିଜେତା, ରାଉରକେଲା ମଣ୍ଡଳର ୧୩ଟି ଉପଖଣ୍ଡ ନିମନ୍ତେ ୩୯ ଜଣ ବିଜେତା ଏବଂ ସମ୍ବଲପୁର ମଣ୍ଡଳରୁ ୧୪ଟି ଉପଖଣ୍ଡ ନିମନ୍ତେ ୪୨ ଜଣ ବିଜେତାଙ୍କ ନାମ କମ୍ପ୍ୟୁଟର୍ ମାଧ୍ୟମରେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତରେ ଚୟନ କରାଯାଇଥିଲା। ସେହି ସମସ୍ତ ବିଜେତାଙ୍କୁ ଆଗାମୀ ୭ ଦିନ ମଧ୍ୟରେ ନିକଟସ୍ଥ ଟିପିଡବ୍ଲ୍ୟୁଓଡିଏଲ୍ କାର୍ଯ୍ୟାଳୟକୁ ନିମନ୍ତ୍ରଣ କରି ପୁରସ୍କାର ପ୍ରଦାନ କରାଯିବ। ବିଦ୍ୟୁତ୍ ବିଲ୍ ଆଦାୟ ଦ୍ୱାରା କମ୍ପାନୀ ବିଦ୍ୟୁତ୍ ସେବା ସହିତ ଜଡ଼ିତ ସମସ୍ତ ସଂସ୍ଥା ଯଥା- ଉତ୍ପାଦନ, ପ୍ରସାରଣ, ବିତରଣ ନିମନ୍ତେ ଆବଶ୍ୟକ ରାଜସ୍ୱ ଆଦାୟ କରିଥାନ୍ତି। ଯାହା ଦ୍ୱାରା ଏହି ସମସ୍ତ ବିଭାଗର ଉନ୍ନତିକରଣ କରାଯାଇଥାଏ । ତେଣୁ ଗ୍ରାହକଙ୍କୁ ପ୍ରତ୍ୟେକ ମାସରେ ବିଦ୍ୟୁତ୍ ବିଲ୍ ପୈଠ କରିବା ଅତ୍ୟନ୍ତ ଆବଶ୍ୟକ ବୋଲି ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହି ଅଧିକାରୀ ପ୍ରବୀଣ ବର୍ମା ପ୍ରକାଶ କରିଥିଲେ।

## ସାଓମି ୧୫ ସିରିଜ ଉନ୍ମୋଚିତ

ନୂଆଦିଲ୍ଲୀ: ଏକ ଗ୍ଲୋବାଲ ଟେକ୍ନୋଲୋଜି ଲିଡର ସାଓମି ଇଣ୍ଡିଆ ପକ୍ଷରୁ ଔପଚାରିକ ଭାବେ ଏହାର ସାଓମି ୧୫ ସିରିଜର ମୂଲ୍ୟ ଓ ଉପଲବ୍ଧତା ବିବରଣୀ ଉନ୍ମୋଚନ କରାଯାଇଛି। ଲେଇକା ସହ ସହନିର୍ମିତ ଫ୍ଲାଗସିପ ସାଓମି ୧୫ ଅଲଟ୍ରା ଯର୍ଲି ଆକ୍‌ସେସ ପାଇଁ ଆସନ୍ତା ମାର୍ଚ୍ଚ ୧୮ ତାରିଖରୁ ଉପଲବ୍ଧ ହେବ। ଲେଇକା ସମିଲକ୍ସ ଅପ୍ଟିକାଲ ଲେନ୍ସ ଓ ଶକ୍ତିଶାଳୀ ସ୍ନାପଡ୍ରାଗନ ୮ ଏଲିଟ ମୋବାଇଲ ପ୍ଲାଟଫର୍ମ ସହିତ, ସାଓମି ହାଇମରଓଏସ ୨ ଦ୍ୱାରା ପରିଚାଳିତ ସାଓମି ୧୫ ସିରିଜ ନେକ୍ସଟ-ଜେନେରେଶନ ଏଆଇ କ୍ଷମତା, ଉନ୍ନତ ସିଷ୍ଟମ ଅପ୍ଟିମାଇଜେଶନ ଓ ଉତ୍କୃଷ୍ଟ ସଂଯୋଗ ପ୍ରଦାନ କରୁଛି। ୩୦ଏଫ୍‌ପିଏସ୍‌ରେ ୮କେ ଭିଡିଓ ରେକର୍ଡିଂ ଓ ଡଲ୍‌ବି ଭିଜନ ୪କେ ୬୦ଏଫ୍‌ପିଏସ୍ ସହିତ ସାଓମି ୧୫ ପ୍ରତ୍ୟେକ ଫ୍ରେମ ଯେପରି ସିନେମାଟିକ ହେବ ତାହା ନିଶ୍ଚିତ କରିଥାଏ। ସାଓମି ୧୫, ସାଓମି ସର୍ଜ ବ୍ୟାଟେରୀ ମ୍ୟାନେଜମେଣ୍ଟ ସିଷ୍ଟମ ଏବଂ ୯୦ୱାଟ ହାଇପରଚାର୍ଜ (ଚାର୍ଜର ସମେତ) ଓ ୫୦ୱାଟ ୱାୟାରଲେସ ଚାର୍ଜିଂ ସହ ଏକ ୫୨୪୦ ଏମ୍‌ଏଏଚ ବ୍ୟାଟେରୀ ଦ୍ୱାରା ପରିଚାଳିତ ହେଉଛି। ସାଓମି ୧୫ ୬୪,୯୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଏବଂ ସାଓମି ୧୫ ଅଲଟ୍ରା ୧୦୯,୯୯୯ ଟଙ୍କାରେ ଉପଲବ୍ଧ ହେବ। ସାଓମି ୧୫ ସିରିଜ କ୍ରୟ ପାଇଁ ଆସ୍'। ଏପ୍ରିଲ ୩ ତାରିଖରେ ଏମଆଇ.କମ୍, ଆମାଜନ ଡଟ୍ ଇନ ଓ ଅଥୋରାଇଜ୍‌ଡ ରିଟେଲ ଷ୍ଟୋରଗୁଡ଼ିକରେ ଉପଲବ୍ଧ ହେବ। ସାଓମି ୧୫ ସିରିଜ ପାଇଁ ପ୍ରି-ବୁକିଙ୍ଗ ଏମଆଇ.କମ୍, ଆମାଜନ ଡଟ୍ ଇନ୍ ଓ ଅଥୋରାଇଜ୍‌ଡ ରିଟେଲ ପାର୍ଟନରଗୁଡ଼ିକରେ ଆସ୍'। ମାର୍ଚ୍ଚ ୧୯ ତାରିଖ ୨୦୨୫ରୁ ଆରମ୍ଭ ହେବ ଏବଂ ଏହା ଏପ୍ରିଲ ୨ ତାରିଖ , ୨୦୨୫ ପର୍ଯ୍ୟ' ଜାରି ରହିବ। ସାଓମି ୧୫ ଅଲ୍‌ଟ୍ରାକୁ ପ୍ରି-ବୁକ୍ କରିଥିବା ଉପଭୋକ୍ତାମାନେ ବିନା କୌଣସି ଅତିରିକ୍ତ ମୂଲ୍ୟରେ ଫଟୋଗ୍ରାଫି କିଟ୍ - ଲିଜେଣ୍ଡ ଏଡିସନ (୧୧,୯୯୯ ଟଙ୍କା ମୂଲ୍ୟର) ପାଇବେ। ସାଓମି ୧୫କୁ ପ୍ରି-ବୁକ କରିଥିବା ଗ୍ରାହକମାନେ ବିନା ମୂଲ୍ୟରେ ସାଓମି କେୟାର ପ୍ଲାନ (୫୯୯୯ ଟଙ୍କା ମୂଲ୍ୟର) ପାଇବେ ଯାହା ଆକ୍ସିଡେଂଟାଲ ଓ ଲିକ୍ୱିଡ ଡ୍ୟାମେଜ ବିରୋଧରେ କଭରେଜ ପ୍ରଦାନ କରୁଛି।

## ମାର୍କେଟରେ ପ୍ରବେଶ କଲା ଓବିଡ଼ି ୨ବି ସାଇନ ୧୦୦ର ଶୁଭାରମ୍ଭ



ନୂଆଦିଲ୍ଲୀ: ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସଆଇ) ଏହାର ଅପଡ଼େଟେଡ଼ ଓବିଡ଼ି୨ବି ନିୟାମକ ଅନୁରୂପ ସାଇନ ୧୦୦ ସହିତ ବର୍ଦ୍ଧିତ ଷ୍ଟାଇଲିଙ୍ଗର ଉପସ୍ଥାପନ କରିଛି। ଏହି ନୂତନ ୨୦୨୫ ସାଇନ ହୋଣ୍ଡା ସାଇନ ୧୦୦ର ମୂଲ୍ୟ ଟ. ୬୮,୭୬୭ (ଏକ୍ସ ସୋ'ରୁମ ଦିଲ୍ଲୀ) ରୁ ଆରମ୍ଭ ହେଉଛି। ଏହି ସାଇନ ୧୦୦ ବର୍ତ୍ତମାନ ସମଗ୍ର ଭାରତ ବର୍ଷରେ ଏଚ୍‌ଏମ୍‌ଏସଆଇର ଅଧିକୃତ ବିକ୍ରେତାମାନଙ୍କ ନିକଟରେ ଉପଲବ୍ଧ ହେଉଅଛି। ଅପଡ଼େଟେଡ଼ ସାଇନ ୧୦୦ ପରିଚୟ ପର୍ବ ଅବସରରେ ମତବ୍ୟକ୍ତ କରି ସୁଟୁସୁମୁ ଓଟାନୀ, ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ କହିଛନ୍ତି, 'ଆମେ ନୂତନ ଓବିଡ଼ି୨ବି ନିୟାମକ ଅନୁରୂପ ସାଇନ ୧୦୦ର ଉପସ୍ଥାପନକୁ ସମଗ୍ର ଭାରତରେ ରହିଥିବା ଗ୍ରାହକମାନଙ୍କ ନିକଟରେ ଅତ୍ୟନ୍ତ ଖୁସିର ସହିତ ଘୋଷଣା କରୁଅଛୁ। ଏହି ଘୋଷଣା ଉପରେ ମନ୍ତବ୍ୟ ରଖି ଯୋଗେଶ ମାଥୁର, ନିର୍ଦ୍ଦେଶକ, ସେଲସ୍ ଆଣ୍ଡ ମାର୍କେଟିଙ୍ଗ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ କହିଛନ୍ତି, 'ସାଇନ ୧୦୦ ମୋଟରସାଇକେଲର ଏହି ପ୍ରବେଶ ସ୍ତରରେ ଏକ ଅତ୍ୟନ୍ତ ମଜବୁତ୍ ଖେଳାଳି ଭାବରେ ଅନନ୍ୟ ଗୁଣବତା ତଥା ଆରାମଦାୟକତାକୁ ଏକ ଗ୍ରହଣୀୟଯୋଗ୍ୟ ମୂଲ୍ୟକୁ ନେଇ ଯଥେଷ୍ଟ ଆଦୃତ ହୋଇପାରିଛି। ନୂତନ ସାଇନ ୧୦୦ ଏକ ଆକର୍ଷଣୀୟ ଗଠନ ତଥା ବୈଶିଷ୍ଟ୍ୟଯୁକ୍ତ ଶୈଳୀକୁ ନେଇ ଭାରତର ସମସ୍ତଙ୍କର ପ୍ରିୟଭାଜନ ହୋଇଥିବା ସାଇନ ୧୨୫ ଦ୍ୱାରା ଅନୁପ୍ରାଣୀତ ହୋଇପାରିଛି। ସାଇନ ୧୦୦ ୫ଟି ବିବିଧ ରଙ୍ଗର ବିକଳ୍ପକୁ ପ୍ରଦାନ କରିବା ସହିତ ବିବିଧ ପ୍ରକାରର ଚଳନାର ସୁବିଧା ଏଥିରେ ରହିଛି। ଯାହା ମଧ୍ୟରେ ରହିଛି ରେଡ଼ ବ୍ଲାକ ୱିଥ ବ୍ଲୁ, ବ୍ଲାକ ୱିଥ ଅରେ, ବ୍ଲାକ୍ ୱିଥ ଗ୍ରେ ଏବଂ ବ୍ଲାକ ୱିଥ ଗ୍ରୀନ। ଅତି ହାଲୁକା ଓଜନ ସହିତ ସ୍ଥାୟୀ ଡ଼ାଇମଣ୍ଡ ଫ୍ରେମର ଆକାରରେ ପ୍ରସ୍ତୁତ ହୋଇଥିବା ଏହି ସାଇନ ୧୦୦ ଅତ୍ୟନ୍ତ ଉନ୍ନତମାନର ଚଳନାର ଆରାମଦାୟକତା ପାଇଁ ଡ଼ିଜାଇନ କରାଯାଇଛି। ୯୮.୯୮ ସିସି ସହିତ ଏକକ-ସିଲିଣ୍ଡର, ଏୟାରକୁଲ ତଥା ଇନ୍ଧନ ପ୍ରବେଶକାରୀ ଏକ ଦକ୍ଷ ଇଂଜିନ ଯାହା ଓବିଡ଼ି୨ବି ଅନୁରୂପ ଏକ ବିକଶିତ ଧାରାରେ ଏଥିରେ ରହିଛି ୫.୪୩ କି.ୱାଟର କ୍ଷମତା ତଥା ୭୫୦୦ ଆରପିଏମ ଏବଂ ୮.୦୪ ଏନଏମର କମ୍ପନ ସହିତ ୫୦୦୦ ଆରପିଏମର ସଂଯୋଗ ଯାହାକି ଇନକୁ ଅତି ସ୍ଥିର ତଥା ଦକ୍ଷତାର ସହିତ ଚଳନାକୁ ସୁନିଶ୍ଚିତ କରିଥାଏ। ଏହି ନୂତନ ୨୦୨୫ ହୋଣ୍ଡା ସାଇନ ୧୦୦ର ମୂଲ୍ୟ ଟ. ୬୮,୭୬୭ (ଏକ୍ସ ସୋ'ରୁମ ଦିଲ୍ଲୀ)ରୁ ଆରମ୍ଭ ହୋଇଛି। ଏହି ସାଇନ ୧୦୦ ବର୍ତ୍ତମାନ ସମଗ୍ର ଭାରତ ବର୍ଷରେ ଏଚ୍‌ଏମ୍‌ଏସଆଇର ଅଧିକୃତ ବିକ୍ରେତାମାନଙ୍କ ନିକଟରେ ଉପଲବ୍ଧ ହେଉଅଛି।

## ଜନସାଧାରଣଙ୍କ ମଧ୍ୟରେ ପରିବର୍ତ୍ତନ ଆଣିବାରେ ପ୍ରମୁଖ ଭୂମିକା ନେଉଛି ସ୍ୱମାନ ଫାଇନାନ୍‌ସିଆଲ ସର୍ଭିସେସ୍



ନୂଆଦିଲ୍ଲୀ: ୨୦୧୭ରେ ସ୍ଥାପିତ ଆର୍‌ବିଆଇ ପଞ୍ଜୀକୃତ ଏକ ମାଇକ୍ରୋଫାଇନାନ୍ସ ସଂସ୍ଥା ସ୍ୱମାନ ଫାଇନାନସିଆଲ ସର୍ଭିସେସ୍ ଭାରତର ବଞ୍ଚିତ ଜନସାଧାରଣଙ୍କ ମଧ୍ୟରେ ପରିବର୍ତ୍ତନ ଆଣିବାରେ ଏକ ନିର୍ଣ୍ଣାୟକ ଭୂମିକା ନେଉଛି। ସେମାନଙ୍କର ପ୍ରଭାବ ଓଡ଼ିଶାର କୋଟପାଡର ମାଳତୀ ମଙ୍ଗଳିଙ୍କ ଭଳି ମହିଳାଙ୍କ କାହାଣୀ ଜରିଆରେ ପ୍ରତିଫଳିତ ହେଉଛି, ଯିଏ ତାଙ୍କର ଶ୍ୱଶୁରଙ୍କ ପରଲୋକ ପରେ ନିଜ ପରିବାର ବ୍ୟବସାୟ ପରିଚାଳନା କରିବାକୁ ଆଗେଇ ଆସିଥିଲେ। ଉଭୟ ବ୍ୟବସାୟ ଏବଂ ପାରିବାରିକ ଦାୟିତ୍ୱ ନିଜ କାନ୍ଧକୁ ନେଇଥିବା ମାଳତୀ ଲାଭ ପରିମାଣ ହ୍ରାସପାଇବା ଏବଂ ସମ୍ବଳ ନିଅଣ୍ଟ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ। ସ୍ୱମାନ ଠାରୁ ଅର୍ଥ ଯୋଗାଡ କରିବାକୁ ତାଙ୍କ ନିଷ୍ପତ୍ତି ରୂପାନ୍ତରଣକାରୀ ସାବ୍ୟସ୍ତ ହୋଇଥିଲା ଯେତେବେଳେ ସେ ଏକ ମାନବ ଚାଳିତ ଯନ୍ତ୍ରରେ ପୁଞ୍ଜିନିବେଶ କରିଥିଲେ ଏବଂ ତାହା ତାଙ୍କ ଉତ୍ପାଦନରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା। ତାହାର ପରିଣାମ ନାଟକୀୟ ହୋଇଥିଲା ଏବଂ ତାଙ୍କର ଦଉଡି ତିଆରି କରିବାର କ୍ଷମତା ୧୦ଦିନ ସମୟ ଅବଧିରେ ୨୦୦ ଦଉଡିରୁ ୮୦୦ ଦଉଡି (୧୦୦ ଫୁଟ ଲମ୍ବ)କୁ ମାତ୍ର ୮ ଦିନ ମଧ୍ୟରେ ବୃଦ୍ଧି ପାଇଥିଲା, ଏହାଦ୍ୱାରା ତାଙ୍କର ଉତ୍ପାଦନ ଚାରିଗୁଣ ହେବା ସହିତ ତାଙ୍କର ବ୍ୟବସାୟ ସମ୍ଭାବନାରେ ପରିବର୍ତ୍ତନ ଘଟିଥିଲା। ସ୍ୱମାନ ଫାଇନାନ୍‌ସିଆଲ ସର୍ଭିସେସ ପ୍ରତି ନିଜର କୃତଜ୍ଞତା ପ୍ରକାଶ କରି କହିଛନ୍ତି, 'ମୁଁ ଯନ୍ତ୍ର କିଣିବା ଦିନଠାରୁ ମୋ ନିକଟକୁ ଲଗାତର ଅର୍ଡର ଆସିବାରେ ଲାଗିଛି ଯାହା ମୋ ପରିବାର ସଦସ୍ୟଙ୍କୁ ଏହି ବ୍ୟବସାୟରେ ସଂପୃକ୍ତ ହେବାକୁ ମୋତେ ଉତ୍ସାହିତ କରିଥିଲା। ଏପରିକି ମୁଁ ଏକ ଅଟୋ-ରିକ୍ସା କ୍ରୟ କରିଥିଲି ଏବଂ ଏହାଦ୍ୱାରା ପରିବହନ ବ୍ୟବସ୍ଥାରେ ବୃଦ୍ଧି ଘଟାଇବା ସହିତ ଲାଭ ଉପାର୍ଜନ ମଧ୍ୟ ବୃଦ୍ଧି ପାଇଛି। ଏହା କେବଳ ସ୍ୱମାନ ଫାଇନାନସିଆଲ ସର୍ଭିସେସ୍ ନିକଟରୁ ସୁବିଧା ଜନକ ଏବଂ ସମୟୋଚିତ ଋଣ ପ୍ରଦାନ ଯୋଗୁଁ ସମ୍ଭବ ହୋଇପାରିଛି। ଜଣେ ଗୃହିଣୀରୁ ସଫଳ ବ୍ୟବସାୟ ସଂସ୍ଥାର ମାଲିକ ହେବା କ୍ଷେତ୍ରରେ ମାଳତୀଙ୍କର ରୂପାନ୍ତରଣ ମାଇକ୍ରୋଫାଇନାନ୍ସ ସହିତ ଏକାଗ୍ରତା କିଭଳି ଜୀବନରେ ପରିବର୍ତ୍ତନ ଆଣୁଛି ତାହା ପ୍ରଦର୍ଶିତ କରୁଛି। ସ୍ୱମାନ ନିକଟରୁ ଏକ ଋଣ ନେଇ ସେ ତାଙ୍କର ଦଉଡି ଉତ୍ପାଦନକୁ ଚାରିଗୁଣ ବୃଦ୍ଧି କରିଥିଲେ ଏବଂ ତାହା ତାଙ୍କର ବ୍ୟବସାୟିକ ସମ୍ଭାବନା ଓ ପାରିବାରିକ ଭବିଷ୍ୟତକୁ ନୂଆ ରୂପରେଖ ପ୍ରଦାନ କରିଥିଲା। ଋଣ ଯେତେବେଳେ ମାଳତୀଙ୍କ ଭଳି ଏକନିଷ୍ଠ ଉଦ୍ୟୋଗୀଙ୍କ ନିକଟରେ ପହଞ୍ଚେ, ସେତେବେଳେ ତାହାର ଫାଇଦା ବ୍ୟକ୍ତିବିଶେଷଙ୍କ ବ୍ୟବସାୟର ଉର୍ଦ୍ଧ୍ୱକୁ ପରିବ୍ୟାପ୍ତ ହୋଇ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବା ସହିତ ପୂର୍ବରୁ ବଞ୍ଚିତ ହୋଇ ରହିଆସିଥିବା ଜନସମୁଦାୟଙ୍କ ପାଇଁ ନୂତନ ସମ୍ଭାବନା ସୃଷ୍ଟି କରିଥାଏ।

## ଏଚ୍‌ପି ପକ୍ଷରୁ ନେକ୍ସଟ-ଜେନ ଏଆଇ କମର୍ସିଆଲ ପିସିର ଶୁଭାରମ୍ଭ



ନୂଆଦିଲ୍ଲୀ: ଏଚ୍‌ପି ପକ୍ଷରୁ ଭାରତରେ ଏହାର ନୂତନ ପିଢିର କମର୍ସିଆଲ ଏଆଇ ପିସିର ନୂଆ ଶୃଙ୍ଖଳାର ଶୁଭାରମ୍ଭ କରାଯାଇଛି ଯାହାକୁ ବ୍ୟବସାୟ ଓ ପେସାଦାର ବ୍ୟକ୍ତିମାନଙ୍କ ପରିବର୍ତିତ ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଛି। ଏହି ଶୃଙ୍ଖଳାରେ ଏଚ୍‌ପି ଏଲିଟବୁକ ଅଲଟ୍ରା ଜି୧ଆଇ ୧୪-ଇଂଚ, ଏଚ୍‌ପି ଏଲିଟବୁକ ଏକ୍ସ ଜି୧ଆଇ ୧୪ ଇଂଚ୍ ଓ ଏଚ୍‌ପି ଏଲିଟବୁକ ଏକ୍ସ ଜି୧ଆଇ ଫ୍ଲିପ ୧୪ ଇଂଚ ମଡେଲ ସାମିଲ ରହିଛି। ଏହି ପିସିଗୁଡିକ ନୂଆ ଇଂଟେଲ କୋରଟିଏମ୍ ଅଲଟ୍ରା ପ୍ରୋସେସରଗୁଡିକ ଦ୍ୱାରା ପରିଚାଳିତ ଅଟେ ଯେଉଁଥିରେ ଏକ ନ୍ୟୁରାଲ ପ୍ରୋସେସିଂ ୟୁନିଟ (ଏନ୍‌ପିୟୁ) ରହିଛି ଯାହା ପ୍ରତି ସେକେଣ୍ଡ ପିଛା ୪୮ ଟ୍ରିଲିୟନ ପର୍ଯ୍ୟନ୍ତ ଅପରେଶନଗୁଡ଼ିକୁ (ଟପସ) ନିୟନ୍ତ୍ରଣ କରିପାରେ। ଏହାବ୍ୟତୀତ ଏଚ୍‌ପି ଭାରତରେ ଏଲିଟବୁକ ଏକ୍ସ ଜି୧ଏ ୧୪-ଇଂଚ ନୋଟବୁକର ଶୁଭାରମ୍ଭ କରିଛି। ଏଚ୍‌ପି ଏଆଇ କମ୍ପାନିଅନ ଓ ପଲି କ୍ୟାମେରା ପ୍ରୋ ଭଳି ଏଆଇ-ଏନ୍‌ହାନ୍‌ସ୍‌ଡ ଫିଚରଗୁଡିକ ସହିତ ଏଲିଟବୁକଗୁଡିକ ଉପଭୋକ୍ତା ଅନୁଭୂତିକୁ ପର୍ସନାଲାଇଜ ଓ ଅପ୍ଟିମାଇଜ କରୁଛନ୍ତି। ଏ ସମ୍ପର୍କରେ ଏଚ୍‌ପି ଇଣ୍ଡିଆର ପର୍ସନାଲ ସିଷ୍ଟମ୍‌ସ ବିଭାଗର ବରିଷ୍ଠ ନିର୍ଦ୍ଦେଶକ ବିନୀତ ଜିହାନି କହିଛନ୍ତି, 'ଆମର ଏଲିଟବୁକ ଶୃଙ୍ଖଳାକୁ ଦକ୍ଷତା ଓ ସୁରକ୍ଷା ବୃଦ୍ଧି କରିବା ପାଇଁ ନିର୍ମାଣ କରାଯାଇଛି ଏବଂ ଏହା ଭବିଷ୍ୟତର କାର୍ଯ୍ୟଗୁଡିକ ପାଇଁ ପର୍ସନାଲାଇଜ୍‌ଡ ଅନୁଭୂତି ପ୍ରଦାନ କରୁଛି। ଅତ୍ୟାଧୁନିକ ଏଆଇ, ଅଗ୍ରଗାମୀ ସୁରକ୍ଷା ଫିଚର ଓ ସ୍ଥାୟୀ ଉଦ୍ଭାବନଗୁଡିକୁ ଏକୀକୃତ କରି ଏହି ଡିଭାଇସଗୁଡିକ ଶିଳ୍ପରେ ଏକ ନୂତନ ବେଂଚମାର୍କ ସ୍ଥାପନ କରିଛନ୍ତି - ଟେକ୍ନୋଲୋଜିକୁ ଆଜିର ବ୍ୟବସାୟଗୁଡିକର ଆବଶ୍ୟକତା ସହ ମେଳ ଖାଇବା ପାଇଁ ରୂପାନ୍ତର କରିଛନ୍ତି।' ଏଚ୍‌ପି ଏଲିଟବୁକ ଅଲଟ୍ରା ଜି୧ଆଇ ୧୪ ଇଂଚ୍ ଆଟ୍‌ମୋସ୍ପିୟର ବ୍ଲୁ କଲରରେ ଏଚପି ଅନଲାଇନ ଷ୍ଟୋରରେ ୨,୬୭,୨୨୩ଟଙ୍କା ମୂଲ୍ୟରେ ଉପଲବ୍ଧ ହେବ। ଏଚ୍‌ପି ଏଲିଟବୁକ ଏକ୍ସ ଜି୧ଆଇ ୧୪ ଇଂଚ ଆଟ୍‌ମୋସ୍ପିୟର ବ୍ଲୁ ଓ ଗ୍ଲାସିୟର ସିଲଭର କଲରରେ ମୂଲ୍ୟ ୨,୨୩,୪୫୬ଟଙ୍କାରେ, ଏଚ୍‌ପି ଅନଲାଇନ ଷ୍ଟୋରରେ ଉପଲବ୍ଧ ହେବ। ଏଚ୍‌ପି ଏଲିଟବୁକ ଏକ୍ସ ଫ୍ଲିପ ଜି୧ଆଇ ୧୪ ଇଞ୍ଚ ଆଟ୍‌ମୋସ୍ପିୟର ବ୍ଲୁ ଓ ଗ୍ଲାସିୟର ସିଲଭର କଲରରେ ମୂଲ୍ୟ ୨,୫୮,୯୮୯ଟଙ୍କାରେ ଏଚପି ଅନଲାଇନ ଷ୍ଟୋରରେ ଉପଲବ୍ଧ ହେବ।



ଦୁବାଇ: ସାଉଦି ଆରବରେ ଏକ ବଡ ଧରଣର ଗ୍ଲୋବାଲ ଟି୨୦ ଲିଗ କ୍ରିକେଟ ଆୟୋଜିତ ହୋଇପାରେ । ଏ ନେଇ ସାଉଦି ଆରବ ଓ ଆଇସିସି ମଧ୍ୟରେ ଆଲୋଚନା ଚାଲିଛି । ଟେନିସ ଲିଗ ଶୈଳୀରେ ଏହାକୁ ଆୟୋଜନ କରିବା ପାଇଁ ବ୍ଲୁ ପ୍ରିଂଟ ପ୍ରସ୍ତୁତ ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ଏଥିରେ ଫ୍ରାଂଚାଇଜ ରହିବେ ମାତ୍ର ଦେଶକୁ ନେଇ ସେମାନେ ଟିମ ପ୍ରସ୍ତୁତ କରିବେ । ସାଉଦି ଆରବ ଏ ନେଇ ମୋଟା ଅଙ୍କର ଅର୍ଥ ଇନଭେଷ୍ଟ କରିବା ପାଇଁ ପ୍ରସ୍ତୁତ ଅଛି । ଅଷ୍ଟ୍ରେଲିଆର ଜଣେ ମହାନ ଖେଳାଳିଙ୍କୁ ଏହି ଲିଗର ରୂପରେଖ ପ୍ରସ୍ତୁତ କରିବା ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି । ଆଇପିଏଲର ସଫଳତା ପରେ ଏବେ ସମସ୍ତେ ଏହି ଭଳି ଲିଗ ଆୟୋଜନ କରି ମାଲାମାଲ ହେବାକୁ ଚାହୁଁଛନ୍ତି । ୧ଟ୍ରିଲିୟନ ଆମେରିକା ଡଲାର ପୁଞ୍ଜି ରାଶି ରଖିଥିବା ସାଉଦି ଆରବର ଏସଆରଜେ ସ୍ପୋର୍ଟ୍ସ ଇନଭେଷ୍ଟମେଂଟସ ଏହାକୁ ଆୟୋଜନ କରିପାରେ । ଏହି ଲିଗ ଆନ୍ତର୍ଜାତୀୟ କ୍ରିକେଟ, ଆଇପିଏଲ ଓ ବିଗ ବାଶ ଲିଗ ପରି ଆଗୁଆ ଆୟୋଜିତ ହେଉଥିବା ଟି୨୦ ପ୍ରତିଯୋଗିତା ମଧ୍ୟରେ ଖାଲି ଥିବା ସମୟରେ ଆୟୋଜିତ ହେବ । ଆଇସିସି ଏ ପର୍ଯ୍ୟନ୍ତ ଏହି ଲିଗକୁ ମଂଜୁରୀ ପ୍ରଦାନ କରି ନାହିଁ ।

# ଚାମ୍ପିଅନ୍ସ ଟ୍ରଫି: ୮୫୫କୋଟିର କ୍ଷତି ସହିଲା ପିସିବି



ନୂଆଦିଲ୍ଲୀ: ବଡ଼ ଆଶା ରଖି ପାକିସ୍ତାନ ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରିଥିଲା। ଏଥିରେ ବହୁ ଅର୍ଥ ଲାଭ କରିବ ବୋଲି ପିସିବି ଆଶା ରଖିଥିଲା। ହେଲେ ଆଶା ଆଶାରେ ରହିଗଲା। କିନ୍ତୁ ଏହି ମେଗା ଟୁର୍ଣ୍ଣାମେଣ୍ଟ ପାଇଁ ଦେଶ ଦୁଇଗୁଣ କ୍ଷତି ସହିଛି। ପ୍ରଥମତଃ, ଆୟୋଜକ ପାକିସ୍ତାନୀ ଦଳ ତିନୋଟି ମ୍ୟାଚରୁ ଦୁଇଟିରେ ପରାସ୍ତ ହୋଇ ନକଆଉଟ୍ ରାଉଣ୍ଡରେ ପହଞ୍ଚିପାରିନଥିଲା। ଏହି ଦୁଃଖରୁ ଦଳ ବାହାରିପାରିନଥିବା ବେଳେ ଏବେ ପିସିବି କୋଟି କୋଟି ଟଙ୍କାର କ୍ଷତି ସହିବାକୁ ଯାଉଥିବା ଜଣାଯାଇଛି। ରିପୋର୍ଟ ମୁତାବକ ପାକ୍ ବୋର୍ଡ ଚାମ୍ପିଅନ୍ସ ଟ୍ରଫି ଆୟୋଜନ ପାଇଁ ପ୍ରାୟ ୮୫୫କୋଟି ଟଙ୍କା ଖର୍ଚ୍ଚ କରିଥିଲା। ଏଥିରେ ଷ୍ଟାଡିୟମର ନବୀକରଣ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଅନ୍ତର୍ଭୁକ୍ତ ଥିଲା। କିନ୍ତୁ ଶେଷରେ ଏହି କାର୍ଯ୍ୟକ୍ରମ ତାଙ୍କ ପାଇଁ ଏକ ବଡ଼ କ୍ଷତି ବୋଲି ପ୍ରମାଣିତ ହୋଇଛି। ଏଥିପାଇଁ ଖେଳାଳିଙ୍କ ପାରିଶ୍ରମିକ କମ କରିଛି ପାକିସ୍ତାନ। ପିସିବି କରାଚୀ, ଲାହୋର ଏବଂ ରାୱଲପିଣ୍ଡିରେ ଷ୍ଟାଡିୟମଗୁଡ଼ିକର ନବୀକରଣ ପାଇଁ ପ୍ରାୟ ୫୬୦କୋଟି ଟଙ୍କା ଖର୍ଚ୍ଚ କରିଥିଲା। ଏହା ସହ ଟୁର୍ଣ୍ଣାମେଣ୍ଟର ପ୍ରସ୍ତୁତି ପାଇଁ ୩୪୭କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା ପାକିସ୍ତାନ। ହେଲେ ଟିକେଟ୍ ବିକ୍ରୟରୁ ମାତ୍ର ୫୨କୋଟି ଟଙ୍କା ମିଳିବା ପରେ ପିସିବି ଏବେ ୮୫୫କୋଟିର କ୍ଷତି ସହିଛି। ଏହି କ୍ଷତି ପରେ ପିସିବି ଜାତୀୟ ଟି-୨୦ ଚାମ୍ପିଅନସିପ୍ ପାଇଁ ମ୍ୟାଚ୍ ଫିସ୍ ୯୦ପ୍ରତିଶତ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି ଏବଂ ରିଜର୍ଭ ଖେଳାଳିଙ୍କ ଦେୟ ୮୭.୫ ପ୍ରତିଶତ ହ୍ରାସ କରିଛି।

# ବଦଳିଲା ଆଇପିଏଲ୍ ନିୟମ

ନୂଆଦିଲ୍ଲୀ: ଆଇପିଏଲର ପ୍ରଥମ ମ୍ୟାଚ ମାର୍ଚ୍ଚ ୨୨ରେ ଇଡେନ ଗାର୍ଡେନରେ କେକେଆର ଓ ଆରସିବି ମଧ୍ୟରେ ଖେଳାଯିବ। ୫ ଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ନିକଟରେ ଆହତ ଖେଳାଳି ଲିଜାଦ ୱିଲିୟମ୍ସଙ୍କ ସ୍ଥାନରେ କୋର୍ବିନ ବୋଶଙ୍କୁ ଦଳରେ ସାମିଲ କରିଛି। ଏଥିପାଇଁ ବୋଶଙ୍କୁ ପିଏସଏଲ ଛାଡ଼ିବାକୁ ପଡ଼ିଥିଲା, ଯାହା ପରେ ପାକିସ୍ତାନ କ୍ରିକେଟ ବୋର୍ଡ ତାଙ୍କ ବିରୋଧରେ ଆଇନଗତ ନୋଟିସ ଜାରି କରିଥିଲା। ଏହା ନିୟମର ଉଲ୍ଲଂଘନ ବୋଲି ବୋର୍ଡ ଦାବି କରିଛି। ସୂଚନାଯୋଗ୍ୟ, ଏଥର ଏହି ନିୟମରେ ପରିବର୍ତ୍ତନ କରାଯାଇଛି। ଆଇପିଏଲ ଟିମ ଏବେ ଦ୍ୱାଦଶ ଲିଗ ମ୍ୟାଚ ପର୍ଯ୍ୟନ୍ତ ଆହତ ଖେଳାଳିଙ୍କ ସ୍ଥାନ ନେଇପାରିବ। ପୂର୍ବରୁ ଏହା ମାତ୍ର ୭ ମ୍ୟାଚ ପର୍ଯ୍ୟନ୍ତ ଥିଲା। ଏଥର ଏହାକୁ ବୃଦ୍ଧି କରାଯାଇଛି। ବଦଳ ଖେଳାଳି କେବଳ ସେହି ଖେଳାଳି ହୋଇପାରିବେ ଯିଏ ସିଜନ ପାଇଁ ପଞ୍ଜୀକୃତ ଉପଲବ୍ଧ ଖେଳାଳି ପୁଲରେ ଅନ୍ତର୍ଭୁକ୍ତ ହୋଇପାରିବେ। ସେମାନଙ୍କ ଲିଗ ଫି' ଦଳରେ ସ୍ଥାନ ପାଇଥିବା ଖେଳାଳିଙ୍କ ଠାରୁ ଅଧିକ ହୋଇପାରିବ ନାହିଁ। ଚଳିତ ସିଜନ୍ ପାଇଁ ଦଳର ବେତନ ସୀମାରେ ବଦଳ ଖେଳାଳିଙ୍କ ଲିଗ ଫି' ଗଣନା କରାଯାଏ ନାହିଁ। ଯଦି ବଦଳା ଯାଇଥିବା ଖେଳାଳିଙ୍କ ଚୁକ୍ତି ପରବର୍ତ୍ତୀ ସିଜିନ୍‌କୁ ବୃଦ୍ଧି କରାଯାଏ, ତେବେ ସେମାନଙ୍କ ଫି' ବେତନ ସୀମାରେ ଗଣାଯିବ। ଦଳର ଦ୍ୱାଦଶ ଲିଗ ମ୍ୟାଚ ସମୟରେ କିମ୍ବା ପୂର୍ବରୁ ଖେଳାଳିଙ୍କ ଆଘାତ କିମ୍ବା ଅସୁସ୍ଥତା ହେବା ଜରୁରୀ। ବିସିସିଆଇ ଦ୍ୱାରା ନିଯୁକ୍ତ ଜଣେ ଡାକ୍ତର ନିଶ୍ଚିତ କରିବେ ଯେ ଖେଳାଳି ସିଜିନ୍ ଶେଷ ପର୍ଯ୍ୟନ୍ତ ଆଘାତରୁ ସୁସ୍ଥ ହେବେ ନାହିଁ। ଆହତ ଏବଂ ବାଦ ପଡ଼ିଥିବା ଖେଳାଳି ସିଜନରେ ଆଉ କୌଣସି ମ୍ୟାଚ ଖେଳିପାରିବେ ନାହିଁ। ଖେଳାଳିଙ୍କ ବଦଳି ପରେ ମଧ୍ୟ ଦଳରେ ମୋଟ ଖେଳାଳିଙ୍କ ସଂଖ୍ୟା ୨୫ରୁ ଅଧିକ ନ ହୁଏ ସେଥିପ୍ରତି ଦଳକୁ ଧ୍ୟାନ ଦେବାକୁ ପଡ଼ିବ

**कार्यपालक अभियंता का कार्यालय**
**ग्रामीण विकास विशेष प्रमण्डल, जामताड़ा**
**Email Id:rdsdjmt@gmail.com**

**अल्पकालीन पुर्ननिविदा ई0–निविदा आमंत्रण संख्या–RDD/SD/JAMTARA/ RE4/09/2024-25/Gr.No.-04**

1. कार्य की विस्तृत विवरणी :–

| ग्रुप नं0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मुल्य | कार्य समाप्ति की अवधि |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 4 | जामताड़ा जिला अन्तर्गत प्रखण्ड नारायणपुर के पंचायत–सबनपुर में मंझलाडीह दाडंगडीह और आहारडीह के बीच जोरिया में पुल निर्माण। | 21687200.00 | 434000.00 | 10000.00 | 15 माह |

2. वेबसाईट में निविदा प्रकाशन की तिथि :– दिनांक–20.03.2025
3. ई0–निविदा प्राप्ति की तिथि एवं समय :– दिनांक–20.03.2025 से दिनांक–27.03.2025 (अपराह्न 5:00 बजे)
4. निविदा शुल्क एवं अग्रधन की राशि केवल Online Mode द्वारा की स्वीकार्य होगी।
5. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही संबंधित निविदादाता की होगी।
6. निविदा खोलने का स्थान :– e-Procurement Cell, कार्यपालक अभियंता का कार्यालय ग्रामीण विकास विशेष प्रमण्डल, जामताड़ा।
7. निविदा खुलने की तिथि एवं समय :–दिनांक–29.03.2025 (अपराह्न 2:00 बजे)
8. निविदा आमंत्रित करने वाले पदाधिकारी का नाम एवं पता:–कार्यपालक अभियंता, ग्रामीण विकास विशेष प्रमण्डल, जामताड़ा।
9. ई0–निविदा प्रकोष्ठ का दुरभाष संख्या:–9973957543
10. अधोहस्ताक्षरी / सक्षम पदाधिकारी को किसी भी निविदा को बिना कारण बताये रद्द करने का अधिकार सुरक्षित रहेंगा तथा निविदादाता को कारण पृच्छा का अधिकार मान्य नहीं होगा।
11. B.O.Q की राशि घट–बढ़ सकती है, तद्नुसार अग्रधन की राशि देय होगी।

विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय के सूचना पट्ट पर देखा जा सकता है।

ह0/–
कार्यपालक अभियंता
ग्रामीण विकास विशेष प्रमण्डल, जामताड़ा।

PR.NO.348605 Rural Development(24-25):D

# ଅମିତ ରୋହିଦାସଙ୍କୁ ଶ୍ରେଷ୍ଠ ଡିଫେଣ୍ଡର ପୁରସ୍କାର



ନୂଆଦିଲ୍ଲୀ : ହକି ଇଣ୍ଡିଆର ବାର୍ଷିକ ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଯାଇଥିବା ବେଳେ ଓଡ଼ିଶାର ଅମିତ ରୋହିଦାସ ବର୍ଷର ଶ୍ରେଷ୍ଠ ଡିଫେଣ୍ଡର ପୁରସ୍କାର ଲାଭ କରିଛନ୍ତି। ଭାରତର ଅଧିନାୟକ ହରମନପ୍ରୀତ୍ ସିଂ ଓ ସିନିୟର ଗୋଲ୍‌କିପର ସବିତା ପୁନିଆ ଯଥାକ୍ରମେ ପୁରୁଷ ଓ ମହିଳା ବିଭାଗ ହକି ଇଣ୍ଡିଆ ବଲ୍‌ବୀର ସିଂ ସିନିୟର ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପାଇଛନ୍ତି। ହରମନପ୍ରୀତ୍‌ଙ୍କ ନେତୃତ୍ୱରେ ଭାରତ ୨୦୨୪ରେ କ୍ରମାଗତ ଦ୍ୱିତୀୟ ଥର ବ୍ରୋଞ୍ଜ ପଦକ ହାସଲ କରିବାରେ ସଫଳ ରହିଥିଲା। ସେ ଆହୁରି ମଧ୍ୟ ଟୋକିଓ ଗେମ୍ସ ବ୍ରୋଞ୍ଜ ପଦକ ବିଜୟୀ ଦଳର ସଦସ୍ୟ ରହିଥିଲେ। ସବିତାଙ୍କ ଲାଗି ଏହାଥିଲା ଦ୍ୱିତୀୟ ଆନନ୍ଦର ବିଷୟ। ସେ ୨୦୨୪ ବର୍ଷ ପାଇଁ ହକି ଇଣ୍ଡିଆ ବଲ୍‌ଜିତ ସିଂ ଗୋଲ୍‌କିପର ଅଫ୍ ଦି ଇୟର ପୁରସ୍କାର ମଧ୍ୟ ଲାଭ କରିଛନ୍ତି। ସବିତା ତୃତୀୟ ଥର ପାଇଁ ଏହି ପୁରସ୍କାର ଜିତିବାର ଗୌରବ ଅର୍ଜନ କରିଛନ୍ତି। ଭାରତୀୟ ହକି ଶତବାର୍ଷିକୀ ପାଳନ ଅବସରରେ ୭ମ ହକି ଇଣ୍ଡିଆ ପୁରସ୍କାର ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ଆହୁରି ମଧ୍ୟ ୧୯୭୫ରେ କୁଆଲାଲମ୍ପୁରରେ ଦେଶର ବିଶ୍ୱକପ୍ ବିଜୟ ଉତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ ୧୯୭୫ ପୁରୁଷ ବିଶ୍ୱକପ୍ ବିଜୟୀ ଦଳକୁ ହକି ଇଣ୍ଡିଆ ମେଜର ଧ୍ୟାନଚାନ୍ଦ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା। ହାର୍ଦ୍ଦିକ ସିଂଙ୍କୁ ଫରୱାର୍ଡ ଅଫ୍ ଦି ଇୟର ପୁରସ୍କାର ମିଳିଥିବା ବେଳେ ହାର୍ଦ୍ଦିକ ସିଂ ମିଡ୍ ଫିଲ୍ଡର ଅଫ୍ ଦି ଇୟର ବିବେଚିତ ହୋଇଥିଲେ। ସେହିପରି ଯୁଗରାଜ ସିଂ ୨୧ ବର୍ଷରୁ କମ୍ ପୁରୁଷ ବିଭାଗରେ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପାଇଥିବା ବେଳେ ଦୀପିକାଙ୍କୁ ୨୧ ବର୍ଷରୁ କମ୍ ମହିଳା ବିଭାଗରେ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ମିଳିଛି। ଏହି ଆଡମ୍ବରପୂର୍ଣ୍ଣ ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ କ୍ରୀଡ଼ା ମନ୍ତ୍ରୀ କିରେନ୍ ରିଜିଜୁ, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ହକି ଇଣ୍ଡିଆ ସେକ୍ରେଟାରୀ ଜେନେରାଲ ଭୋଲାନାଥ ସିଂଙ୍କ ସମେତ ଅନ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

**झारखण्ड सरकार**
**कार्यपालक अभियंता का कार्यालय,**
**ग्रामीण कार्य विभाग, कार्य प्रमण्डल, चतरा**

**ई– अतिअल्पकालीन् पुनर्निविदा आमंत्रण सूचना**

ई–निविदा संख्या– 05/RIV/2024-25/RWD/CHATRA दिनांक– 17.03.2025

कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, चतरा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र॰ सं॰ | आईडेन्टि फिकेशन संख्या /पैकेज संख्या | कार्य का नाम | प्राक्कलित राशि | | कार्य समाप्ति की अवधि | टेण्डर कॉल सं॰ |
|---|---|---|---|---|---|---|
| | | | अंक में (लाख) | अक्षर में | | |
| 1 | RWD/ CHATRA/30/ 2024-25 | मयूरहण्ड प्रखण्ड के मंझगांवा पंचायत में पी॰डब्ल्यू॰डी॰ रोड महेशा से आर॰ई॰ओ॰ रोड तिलरा तक पथ का निर्माण कार्य (लं॰– 2.625 कि॰मी॰)। | 295.355 | दो करोड़ पन्चानबे लाख पैंतीस हजार पाँच सौ मात्र | 15 माह | पंचम् |

2. वेबसाईट में निविदा प्रकाशन की तिथि :– **20.03.2025**
3. ई–निविदा प्राप्ति की अंतिम तिथि एवं समय :– **26.03.2025 अपराह्न 5.00 बजे तक।**
4. ई–निविदा खोलने की तिथि एवं समय :– **28.03.2025 अपराह्न 3.30 बजे।**
5. ई–निविदा आमंत्रित करनेवाले पदाधिकारी का नाम एवं पता :– **कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, चतरा, द्वितीय तल, विकास भवन, चतरा।**
6. ई–निविदा प्रकोष्ठ का दूरभाष संख्या :– **06541-296208**

विस्तृत जानकारी के लिए वेबसाईट **www.jharkhandtenders.gov.in** में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमण्डल, चतरा

PR 348620 Rural Work Department(24-25)#D

# ସରପଦା ଫ୍ଲାଇଙ୍ଗ ହର୍ସ ୟୁଥ୍ କ୍ଲବ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍: ଏମ୍‌ବିଜେସ୍ ଚାମ୍ପିଅନ୍



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଭଣ୍ଡାରୀପୋଖରୀ ବ୍ଲକର ରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ସରପଦା ଖେଳ ପଡ଼ିଆରେ ଦିନିକିଆ ଫ୍ଲାଇଙ୍ଗ ହର୍ସ ୟୁଥ୍ କ୍ଲବର ରାତ୍ର କାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟ ଅତିଥି ସମାଜସେବୀ ସୁଶାନ୍ତ ସାହୁ ଉଦଘାଟନ କରିଥିଲେ। ୫ ଓଭର୍ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ମା' ବୁଢୀ ଜାଗୁଲାଇ କ୍ରିକେଟ୍ କ୍ଲବ୍ ଭାଗଡା ଓ ବରାହନୂଆପଡ଼ା ଏମବିଜେସ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମା' ବୁଢୀ ଜାଗୁଲାଇ କ୍ରିକେଟ୍ କ୍ଲବ୍ ଭାଗଡା ଟସ୍ ଜିଣି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବରାହନୂଆପଡ଼ା ଏମବିଜେସ ୮ ଓଭରରେ ୫ ୱିକେଟ ହରାଇ ୫୭ ରନ ସଂଗ୍ରହ କରିଥିଲା। ଜବାବରେ ମା' ବୁଢୀ ଜାଗୁଲାଇ କ୍ରିକେଟ୍ କ୍ଲବ୍ ଭାଗଡା ୮ ଓଭରରେ ୮ ୱିକେଟ ହରାଇ ୪୯ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦେବାଶିଷଙ୍କୁ ମ୍ୟାନ୍ ଅଫ ଦ ମ୍ୟାଚ ଓ ସିପୁଙ୍କୁ ମ୍ୟାନ ଅଫ ଦ ସିରିଜ୍ ଭାବେ ବିବେଚିତ ହୋଇଥିଲେ। ଉଦଯାପନୀ ଉତ୍ସବରେ ସରପଦା କ୍ରିକେଟ୍ ଟିମ୍‌ର ପୂର୍ବତନ ଅଧିନାୟକ ସୁଶାନ୍ତ ସାହୁ, ଚଇନ ସାହୁ, ସନ୍ତୋଷ ରାଉତ, କ୍ଷେତ୍ରମୋହନ ରାଉତ, ଦଧିଆ ରାଉତ ପ୍ରମୁଖ ବରାହନୂଆପଡ଼ା ଏମବିଜେସ କ୍ରିକେଟ ଟିମ୍‌କୁ ଚମ୍ପିୟାନ ଟ୍ରଫି ଓ ମା ବୁଢୀ ଜାଗୁଲାଇ କ୍ରିକେଟ୍ କ୍ଲବ୍ ଭାଗଡାକୁ ରନର୍ସ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେ। ଜୟନ୍ତ ଜେନା, ସନ୍ତୋଷ ରାଉତ, ଗୋକୁଳା ନନ୍ଦ ବେହୁରିଆ ଓ ସୁଶାନ୍ତ ସାହୁ ଅମ୍ପିୟାର, ଭାଷ୍ୟକାର ଭାବେ ଦଧିଆ ଓ ବିକି, ଗୁଡୁ, ସିତୁନୁ ସ୍କୋରର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ କ୍ରିକେଟ କ୍ଲବର କାହ୍ନୁ, ପପି, ଦିପୁ, ତପନ, ସିପୁନ, ରାଜା, ବିକାଶ, ବାସୁଦେବ ପଣ୍ଡା, ଆନ୍ଦ, ବିରଞ୍ଚି, ମନୋରଞ୍ଜନ, ସିପୁନା, ପାପନ, ବବୁଲା, ଜିତୁ, ପିଣ୍ଟୁ, ମୃତ୍ତୁ, ନେତ୍ରାନନ୍ଦ, ପ୍ରମୁଖ ପରିଚାଳନା କରିଥିଲେ।

# ସ୍ପୋର୍ଟ୍ସ ବୋର୍ଡ ଆନ୍ତଃ ଇସ୍ପାତ କବାଡି ଚାମ୍ପିଅନସିପ୍ ଉଦ୍‌ଘାଟିତ



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଆନୁକୂଲ୍ୟରେ ଆୟୋଜିତ ଷ୍ଟିଲ ପ୍ଲାଣ୍ଟ ସ୍ପୋର୍ଟ୍ସ ବୋର୍ଡ ଆନ୍ତଃ ଇସ୍ପାତ କବାଡି ଚାମ୍ପିଅନସିପ୍-୨୦୨୫ ମାର୍ଚ୍ଚ ୧୭ ତାରିଖରେ ସେକ୍ଟର-୬ ସ୍ଥିତ ଇସ୍ପାତ ବାସ୍କେଟବଲ୍ କମ୍ପ୍ଲେକ୍ସରେ ଆରମ୍ଭ ହୋଇଯାଇଛି । ଆରଏସପି ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ ଇନଚାର୍ଜ ପି କେ ସ୍ୱାଇଁ, ସହର ସେବା ବିଭାଗର ଜିଏମ ଇନ ଚାର୍ଜ ଟି ଜି କାନେକର ଏବଂ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ନିଜର ବକ୍ତବ୍ୟରେ ଶ୍ରୀ ମିଶ୍ର ଏହି ଟୁର୍ଣ୍ଣାମେଣ୍ଟ ଉଦୀୟମାନ ଖେଳାଳିମାନଙ୍କ ପାଇଁ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରେ ବୋଲି ଉଲ୍ଲେଖ କରିବା ସହ ଏହା ଦଳଗତ କାର୍ଯ୍ୟ ଓ ଦଳଗୁଡ଼ିକ ମଧ୍ୟରେ କ୍ରୀଡାସଂସ୍କୃତିର ଆଦାନପ୍ରଦାନକୁ ଉତ୍ସାହିତ କରେ ବୋଲି ମତବ୍ୟକ୍ତ କରିଥିଲେ। ମାର୍ଚ୍ଚ ୧୯ ତାରିଖରେ ଶେଷ ହେବାକୁ ଥିବା ଏହି ତିନି ଦିନିଆ ଚାମ୍ପିଅନସିପରେ ଆୟୋଜକ ଆରଏସପି ସହିତ ବୋକାରୋ ଷ୍ଟିଲ୍ ପ୍ଲାଣ୍ଟ, ଭିଲାଇ ଷ୍ଟିଲ୍ ପ୍ଲାଣ୍ଟ, ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟ, ଇସ୍କୋ ଷ୍ଟିଲ୍ ପ୍ଲାଣ୍ଟ, ଆଲୟ ଷ୍ଟିଲ୍ ପ୍ଲାଣ୍ଟ, ବର୍ନପୁର, ଆରଆଇଏନଏଲ, ଭିଆଇଏସଏଲ ଏବଂ ସାଲେମ୍ ଷ୍ଟିଲ୍ ପ୍ଲାଣ୍ଟର ଦଳ ଅଂଶଗ୍ରହଣ କରୁଛନ୍ତି। ପ୍ରଥମ ମ୍ୟାଚ୍‌ରେ, ଆରଏସପି ଦଳ ଆଲୟ ଷ୍ଟିଲ୍ ପ୍ଲାଣ୍ଟ ଦଳକୁ ୫୦-୩୩ ପଏଣ୍ଟରେ ପରାସ୍ତ କରିଥିଲା। ଭିଲାଇ ଷ୍ଟିଲ୍ ପ୍ଲାଣ୍ଟ ଦଳ ଦ୍ୱିତୀୟ ମ୍ୟାଚ୍‌ରେ ଆଇଏସପି ବର୍ନପୁର ଦଳକୁ ୮ ପଏଣ୍ଟରେ ପରାସ୍ତ କରି ବିଜୟୀ ହୋଇଛି। ଟି ଜି କାନେକର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଏସଏସଏମ ବିଭାଗର ଏମଓଏମଟି ଅନିଲ ମଲ୍ଲିକ ଉଦଘାଟନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କ୍ରୀଡା ବିଭାଗର ଡେପୁଟି ମ୍ୟାନେଜର ଆର ଏନ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।



# ବିବିଧବର୍ଣ୍ଣା





କଖାରୁଫୁଲ ଆମ ଶରୀର ପାଇଁ ବେଶ୍ ଉପକାରୀ। ଏଥିରେ ଅନେକ ପ୍ରକାର ଭିଟାମିନ୍ ଭରିରହିଛି। ଏହାକୁ ନିୟମିତ ଖାଇଲେ ତାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ ବୋଲି ଜଣାପଡ଼ିଛି। 'ରୋଗ ପ୍ରତିରୋଧକ ଶକ୍ତି ଓ କଖାରୁଫୁଲ' ଶୀର୍ଷକ ବିଷୟ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ପ୍ରାୟ ନିୟମିତ କଖାରୁଫୁଲ ଖାଉଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କର ରୋଗ ପ୍ରତିରୋଧକ ଶକ୍ତି ପୂର୍ବାପେକ୍ଷା ବୃଦ୍ଧି ପାଉଥିଲା ବୋଲି ସେମାନେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏହାକୁ ନିୟମିତ ଖାଇବା ଦ୍ୱାରା, ଶରୀରରେ ଭିଟାମିନ୍ 'ସି'ର ଅଭାବ କେତେକାଂଶରେ ପୂରଣ ହୋଇଯାଏ। ଏହା ଶରୀରରେ ଲୌହ ଓ ଖଣିଜ ଲବଣ ପରିମାଣକୁ ସନ୍ତୁଳିତ ରଖେ। ଏଥିରେ ଥିବା ଭିଟାମିନ୍ 'ଏ' ଦୃଷ୍ଟିଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଏହା ଶରୀରରେ ଶୁଦ୍ଧ ଅମ୍ଳଜାନ ମଧ୍ୟ ତିଆରି କରିଥାଏ। କଖାରୁଫୁଲ ଅସ୍ଥି ଓ ଦାନ୍ତକୁ ମଜବୁତ କରିବାରେ ସାହାଯ୍ୟ କରେ।



## ଟ୍ରୋଲର୍ସଙ୍କୁ କଡ଼ା ଜବାବ ଦେଲେ ହିନା

ଟେଲିଭିଜନ ଅଭିନେତ୍ରୀ ହିନା ଖାନ ସମ୍ପ୍ରତି କେମୋଥେରାପି ଯୋଗୁଁ ଶୁଖିଲା ଏବଂ ଦୁର୍ବଳ ହୋଇଯାଇଥିବା ତାଙ୍କ ନଖର ଏକ ଫଟୋ ସେୟାର କରିଛନ୍ତି। ହିନା ଖାନ ଇନଷ୍ଟାଗ୍ରାମରେ ତାଙ୍କ ନଖର ଏକ ଫଟୋ ସେୟାର କରି କ୍ୟାପସନରେ ଲେଖିଛନ୍ତି, 'ଆଚ୍ଛା, ଆପଣମାନେ ଅନେକ ମୋ ନଖ ବିଷୟରେ ପଚାରୁଛନ୍ତି। ଏହି ତାଲିକାରେ ମୋ କୋଠାର କିଛି ଲୋକ ବି ସାମିଲ ଅଛନ୍ତି... ମୁଁ କୌଣସି ନେଲପଲିସ୍ ଲଗାଇ ନାହିଁ ହାହାହାହା... । ମୁଁ ନେଲପଲିସ୍ ଲଗାଇ କିପରି ପ୍ରାର୍ଥନା କରିପାରିବି। ଏହା ରମଜାନ ମାସ ହୋଇଥିବାରୁ ଇସଲାମରେ ନଖରେ ରଙ୍ଗ ଲଗାଇ ନମାଜ ପଢ଼ାଯାଏ ନାହିଁ।ପ୍ରିୟ ବନ୍ଧୁଗଣ, ଆପଣମାନେ ନିଜର ବୁଦ୍ଧିକୁ ଟିକେ ବ୍ୟବହାର କରନ୍ତୁ। କେମୋଥେରାପିର ସବୁଠାରୁ ସାଧାରଣ ପାର୍ଶ୍ୱ ପ୍ରତିକ୍ରିୟା ହେଉଛି ନଖର ରଙ୍ଗ ବଦଳାଇ ଦେବ... ମୋର ନଖ ଦୁର୍ବଳ ଓ ଶୁଷ୍କ ହୋଇଗଲାଣି । କେତେକ ଆଙ୍ଗୁଳିରୁ ନଖ ଉପୁଡ଼ି ଗଲାଣି... କିନ୍ତୁ କିନ୍ତୁ... ଭଲ କଥା କ'ଣ ଜାଣନ୍ତି... ଏହା ସବୁ ଅସ୍ଥାୟୀ.. ଏବଂ ମନେରଖନ୍ତୁ ମୁଁ ଧୀରେଧୀରେ ସୁସ୍ଥ ହେଉଛୁ...।' ଗତ ବର୍ଷ ହିନା ଖାନଙ୍କ ତୃତୀୟ ପର୍ଯ୍ୟାୟ ସ୍ତନ କର୍କଟ ରୋଗ ଚିହ୍ନଟ ହୋଇଥିଲା। ସେବେଠାରୁ ସେ ତାଙ୍କ ଫ୍ୟାନ୍ସମାନଙ୍କ ସହିତ ସୋସିଆଲ ମିଡିଆରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ସେୟାର କରି ଚାଲିଛନ୍ତି।



## ପ୍ରିୟଙ୍କା-ଅଙ୍କିତଙ୍କ ବ୍ରେକ୍ଅପ୍

ବ୍ରେକ୍ଅପ୍ କରିନେଇଛନ୍ତି ଟେଲି ପରଦାର ଅନ୍ୟତମ ଚର୍ଚ୍ଚିତ ଯୋଡ଼ି ପ୍ରିୟଙ୍କା ଚାହର ଚୌଧୁରୀ ଏବଂ ଅଙ୍କିତ ଗୁପ୍ତା। ଉଭୟଙ୍କ ଅନ୍ସ୍କ୍ରିନ ଏବଂ ଅଫସ୍କ୍ରିନ୍ କେମେଷ୍ଟ୍ରି ମନ ଜିଣୁଥିଲା। ଧାରାବାହିକ 'ଉଡ଼ାରିଆ'ରୁ ଦୁହିଁଙ୍କୁ ପରିଚୟ ମିଳିଥିଲା। ଅନେକ ଥର ସେମାନେ ବିବାହ କରିବାକୁ ଯାଉଥିବା ଖବର ଶୁଣିବାକୁ ମିଳୁଥିଲା। ହେଲେ ଏବେ ସେମାନଙ୍କ ପ୍ରଶଂସକଙ୍କୁ ବଡ଼ ଝଟ୍କା ଲାଗିଛି। ପରସ୍ପରଠାରୁ ସେମାନେ ବାଟ ଅଲଗା କରିନେଇଛନ୍ତି। ଇନଷ୍ଟାଗ୍ରାମରେ ପ୍ରିୟଙ୍କା ଏବଂ ଅଙ୍କିତ ପରସ୍ପରକୁ ଅନଫଲୋ କରିଦେଇଛନ୍ତି। ହେଲେ ଦୁହେଁ ଏଯାବତ କୌଣସି ଆଧିକାରୀକ ବୟାନ ଜାରି କରିନାହାନ୍ତି। ତେବେ ପ୍ରିୟଙ୍କା ଏବଂ ଅଙ୍କିତ ସଲମାନଙ୍କ ଶୋ' ବିଗ୍ବସ୍ ୧୬ରେ ନଜର ଆସିଛନ୍ତି। ସେମାନେ ପରସ୍ପରକୁ କେତେ ଭଲ ପାଆନ୍ତି ତାହା ସେମାନଙ୍କ ଫଟୋ ଏବଂ ପୋଷ୍ଟରୁ ବାରି ହୋଇପଡେ। ଏଣୁ ଏଭଳି କ'ଣ ହେଲା ଯାହାକୁ ନେଇ ଦୁହେଁ ଏତେ ବଡ଼ ପଦକ୍ଷେପ ନେଇଛନ୍ତି ତାହା ଅନେକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



## ଏଠି ଘରେ ରଖାଯାଏ ଅଧାଜଳା ମୃତ ଶରୀର

କଥାରେ ଅଛି ଯେ ଦେଶ ଯାଇ ସେ ଫଳ ଖାଇ। ଅର୍ଥାତ୍ ଭିନ୍ନ ଭିନ୍ନ ସ୍ଥାନର ଭିନ୍ନ ଭିନ୍ନ ଜୀବନଶୈଳୀକୁ ନେଇ ଲୋକମାନେ ଜୀବନଧାରଣ କରି ଥାଆନ୍ତି। ହେଲେ ସାଧାରଣ ମଣିଷଙ୍କ ଜୀବନ ଯାପନ ଶୈଳୀଠାରୁ ଆଦିବାସୀମାନଙ୍କ ଜୀବନ ଶୈଳୀ ଟିକେ ଅଲଗା। ଆଧୁନିକ ସମାଜରେ ମନୁଷ୍ୟ ଚନ୍ଦ୍ର ପୃଷ୍ଠକୁ ଯାତ୍ରା କରୁଥିବା ସମୟରେ ଏମାନେ କିନ୍ତୁ ସେମାନଙ୍କ ପୂର୍ବ ପରମ୍ପରାକୁ ନେଇ ବଞ୍ଚିବାକୁ ପସନ୍ଦ କରିଥାଆନ୍ତି। ଏମିତିକି ପୂର୍ବଜମାନେ ତିଆରି କରି ଯାଇଥିବା ରୀତିନୀତିକୁ ମଧ୍ୟ ଏମାନେ ଆଜିବି ଅକ୍ଷରେ ଅକ୍ଷରେ ପାଳନ କରିଥାଆନ୍ତି। ଭିନ୍ନ ଭିନ୍ନ ଜନଜାତିର ନିୟମ ଅଲଗା ଅଲଗା ହୋଇଥାଏ। ଏମିତି ଏକ ଜନଜାତି ଅଛନ୍ତି ଯେଉଁମାନଙ୍କର ମୃତଦେହ ସଂସ୍କାର କଥା ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହୋଇଯିବ। ଏଠାରେ ଲୋକେ ମୃତ ବ୍ୟକ୍ତିର ଶରୀରକୁ ସମାଧି ଦିଅନ୍ତି ନାହିଁ। ଏଠାରେ ମୃତ ଶରୀରକୁ ପୋଡା ଯାଇଥାଏ। ହେଲେ ଏହା ସମ୍ପୂର୍ଣ୍ଣ ପୋଡିବା ପୂର୍ବରୁ ଅଧାଜଳା ଶରୀରକୁ ନିଆଁରୁ ବାହାର କରି ପରିଜନମାନେ ଘରକୁ ନେଇ ଆସନ୍ତି। ଏହାକୁ ମମି କରି ଘରେ ସାଇତି ରଖନ୍ତି। ପପୁଆ ନିଉ ଗିନିରେ ରହୁଥିବା ଦାନି ନାମକ ଏକ ଜନଜାତି ସେମାନଙ୍କ ପରିଜନଙ୍କ ମୃତ୍ୟୁ ହେଲେ ମୃତ ଶରୀରକୁ ଅଧା ପୋଡା କରି ଘରକୁ ଆଣି ମମି ପରି ବର୍ଷ ବର୍ଷ ଧରି ସାଇତି ରଖନ୍ତି। ତେବେ ପରିବାରର ଉକ୍ତ ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ଏପରି କରାଯାଏ ବୋଲି କୁହାଯାଏ। ଏପରି ନୀତିନିୟମରେ ପରିବର୍ତ୍ତନ ଆଣିବାକୁ ସେଠାକାର ସରକାର ଚେଷ୍ଟା ଚଳାଇଛନ୍ତି। ତେବେ ବର୍ତ୍ତମାନ କେତେ ଅଞ୍ଚଳରେ ଏପରି ଜନଜାତି ଆଉ ମୃତ ଶରୀରକୁ ଅଧା ପୋଡା କରି ଘରକୁ ଆଣୁ ନାହାନ୍ତି। ହେଲେ ପୂର୍ବରୁ ଘରେ ସାଇତା ହୋଇ ରହିଥିବା ମୃତ ଶରୀରକୁ ଦେଖିବାକୁ ଦୂରଦୂରାନ୍ତରରୁ ଅନେକ ଲୋକ ଏଠାକୁ ଆସୁଛନ୍ତି





## ଉପକାରୀ କଳା ଲୁଣ

*ଭାରତରେ କଳା ଲୁଣର ପ୍ରୟୋଗ ଚାଟ୍, ଚଟଣୀ, ରାଇତା ଓ ଅନେକ ଖାଇବାରେ ବ୍ୟବହାର କରାଯାଏ। ଚାଟ୍ ମସଲାର ସ୍ୱାଦ ବଢାଇବା ପାଇଁ ଆମେ କଳା ଲୁଣ ବ୍ୟବହାର କରିଥାଉ । ଜାଣିଛନ୍ତି କି, ଖାଇବା ସ୍ୱାଦିଷ୍ଟ କରିବା ବ୍ୟତୀତ କଳା ଲୁଣ ମୁହଁ ସଫାଠୁ ଆରମ୍ଭକରି ପାଚନ ପକ୍ରିୟା ପାଇଁ ମଧ୍ୟ କାମରେ ଆସିଥାଏ । ତେଣୁ ସବୁଦିନ ଡାଏଟରେ ଏହାକୁ ସାମିଲ୍ କରନ୍ତୁ ।*

### ଆସନ୍ତୁ ଜାଣିବା କଳା ଲୁଣର ଉପକାରିତା

- ଟମାଟୋ ରସ ସହ କଳା ଲୁଣକୁ ମିଶାଇ କେଶରେ ୧୫ମିନିଟ୍ ଲଗାଇ ରଖନ୍ତୁ । ତା'ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । ଏହା ୨ ସପ୍ତାହ କରିବା ଦ୍ୱାରା କେଶ ସୁସ୍ଥ ରହିଥାଏ ।
- ଗୋଟିଏ ଗ୍ଲାସ ଗରମ ପାଣିରେ ଲେମ୍ବୁ ରସ ଏବଂ କଳା ଲୁଣ ମିଶାଇ ଦିନକୁ ଦୁଇ ଥର ପିଇବା ଦ୍ୱାରା ମୋଟାପା ଦୂର ହୋଇଥାଏ ।
- ସେହିପରି କଳା ଲୁଣ ବ୍ୟବହାର କରିବା ଦ୍ୱାରା ଭୋକ ଲାଗିବା ସମସ୍ୟା ମଧ୍ୟ ଦୂର ହୋଇଥାଏ ।
- ଏକ ଚିମୁଟା କଳା ଲୁଣ ସହ ଚାରି ଚାମଚ ଜୁଆଁଣି ମିଶ୍ରଣ କରି ଖାଇବା ଦ୍ୱାରା ଗ୍ୟାସ୍ ଓ ପେଟ ଦରଜରୁ ଉପଶମ ମିଳିଥାଏ ।
- ଆହୁରିମଧ୍ୟ ଗରମ ପାଣିରେ ୨ ଚିମୁଟା କଳା ଲୁଣ ମିଶାଇ ସେହି ବାମ୍ପକୁ ଶୁଙ୍ଘିବା ଦ୍ୱାରା କାଶରୁ ଉପଶମ ମିଳିଥାଏ ।
- ଏଥିସହ ଉଷୁମ ପାଣିରେ ୧ଚାମଚ କଳା ଲୁଣ ମିଶାଇ ଦିନକୁ ୩ ରୁ ୪ ଥର ପିଇବା ଦ୍ୱାରା ଅଣ୍ଡାକାଶରୁ ଲାଘବ ମିଳିଥାଏ ।

## ପୁଣି ବଡ଼ ପରଦାରେ ବରୁଣଙ୍କ ସହ ନଜର ଆସିବେ ଜାହ୍ନବୀ

ବଡ଼ ପରଦାରେ ପୁଣିଥରେ ନଜର ଆସିବେ ଅଭିନେତା ବରୁଣ ଧାୱନ ଓ ଅଭିନେତ୍ରୀ ଜାହ୍ନବୀ କପୁର। ଏହି କେମେଷ୍ଟ୍ରିକୁ ଦେଖିବା ପାଇଁ ଉଭୟଙ୍କ ପ୍ରଶଂସକ ଉତ୍ସାହର ସହ ଅପେକ୍ଷା କରି ରହିଛନ୍ତି। ରୋମାଣ୍ଟିକ୍ କମେଡି ଫିଲ୍ମ 'ସନି ସଂସ୍କାରୀ କି ତୁଲସୀ କୁମାରୀ'ରେ ଏହି ଯୋଡ଼ିଙ୍କୁ ଦେଖିବାକୁ ମିଳିବ। ଏବେ ଏହି ଫିଲ୍ମର ନୂତନ ରିଲିଜ୍ ଡେଟ୍ ସାମ୍ନାକୁ ଆସିଛି। ପୂର୍ବରୁ ଏହି ଫିଲ୍ମ ଏପ୍ରିଲ ୧୮ରେ ରିଲିଜ୍ ହେବ ବୋଲି ଘୋଷଣା କରାଯାଇଥିଲା। ତେବେ କୌଣସି କାରଣବଶତଃ ଏହି ରିଲିଜ୍ ତାରିଖକୁ ୩ ମାସ ଯାଏ ଘୁଞ୍ଚାଯାଇଛି। ଆସନ୍ତା ସେପ୍ଟେମ୍ବର ୧୨ରେ ଏହି ଫିଲ୍ମ ରିଲିଜ୍ ହେବ ବୋଲି ରବିବାର ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଘୋଷଣା କରାଯାଇଛି। ଫିଲ୍ମ ନିର୍ମାତା କରନ ଜୋହରଙ୍କ ଧର୍ମା ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି ଶଶାଙ୍କ ଖେତନ। 'ସନି ସଂସ୍କାରୀ କି ତୁଲସୀ କୁମାରୀ'ରେ ଦ୍ୱିତୀୟଥର ପାଇଁ ବରୁଣ ଏବଂ ଜାହ୍ନବୀଙ୍କ କେମେଷ୍ଟ୍ରିକୁ ଦେଖିବାକୁ ମିଳିବ। ପୂର୍ବରୁ ୨୦୨୩ରେ ରିଲିଜ୍ ହୋଇଥିବା ରୋମାଣ୍ଟିକ୍ ଆକ୍ସନ ଫିଲ୍ମ 'ବୱାଲ'ରେ ଉଭୟ ବରୁଣ ଓ ଜାହ୍ନବୀଙ୍କ ଯୋଡ଼ିକୁ ଏକାଠି ଦେଖିବାକୁ ମିଳିଥିଲା। ଉକ୍ତ ଫିଲ୍ମ ଓଟିଟି ପ୍ଲାଟ୍ଫର୍ମ ଆମାଜନ ପ୍ରାଇମ ଭିଡିଓରେ ରିଲିଜ୍ ହୋଇଥିଲା। 'ସନି ସଂସ୍କାରୀ କି ତୁଲସୀ କୁମାରୀ' ଫିଲ୍ମରେ ବରୁଣ ଓ ଜାହ୍ନବୀଙ୍କ ବ୍ୟତୀତ ଅଭିନେତ୍ରୀ ସାନ୍ୟା ମାଲହୋତ୍ରା, ଅଭିନେତା ମନୀଷ ପଲ୍, ରୋହିତ ସରାଫ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜରକୁ ଆସିବେ। ଆଗାମୀ ଦିନରେ ବରୁଣ 'ବର୍ଡର ୨' ଏବଂ 'ଭେଡିୟା ୨' ଫିଲ୍ମରେ ନଜରକୁ ଆସିବେ। ସେହିପରି ଜାହ୍ନବୀ ଆଗାମୀ ଦିନରେ ଅଭିନେତା ସିଦ୍ଧାର୍ଥ ମାଲ୍ହୋତ୍ରାଙ୍କ ସହ 'ପରମ ସୁନ୍ଦରୀ' ଓ ସାଉଥ୍ ଷ୍ଟାର ରାମଚରଣଙ୍କ ସହ 'ଆରସି ୧୬' ଫିଲ୍ମରେ ନଜରକୁ ଆସିବେ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଏହି ବ୍ଲକ ଅଧିନ ଷୋଳମପୁର ଯାଦବ ସମିତିର ୫୧ ତମ ବାର୍ଷିକ ଦୋଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦୋଳ ଗୋବିନ୍ଦ ମୃଣ୍ମୟ ମୂର୍ତ୍ତିକୁ ବିଧିମତେ ପୂଜାର୍ଚ୍ଚନା କରାଯିବା ସହିତ ପରସ୍ପର ମଧ୍ୟରେ ରଙ୍ଗ ଅବିର ଲଗାଲଗି ହୋଇ ଲଉଡ଼ି ଖେଳା ଯାଇଥିଲା। ଏଥିସହିତ ଶଙ୍ଖବାଦନ, ହାଣ୍ଡିଫଟା, ହୁଳହୁଳି, ମହମବତୀପ୍ରଜ୍ୱଳନ, ବେଲୁନ ଫଟା, ଦଉଡ଼ି ଡିଆଁ, ସଙ୍ଗୀତ, ନୃତ୍ୟ, ଅଭିନୟ ଆଦି ପ୍ରତିଯୋଗିତା କରାଯାଇଥିଲା। ଏଥିନେଇ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଶିକ୍ଷାବିତ ବିଶ୍ୱମ୍ଭର ରାଉତ, ପୂଜକ ପରୀକ୍ଷିତ ପଣ୍ଡା, ସମ୍ପାଦକ ଘନଶ୍ୟାମ ପଲାଇ, ସଭାପତି ରବୀନ୍ଦ୍ର ଦାସ, ଉପଦେଷ୍ଟା ନଟବର ଖଟୁଆ, ସଂଯୋଜକ ନରେନ୍ଦ୍ର ନାୟକ, ସୁମନ୍ତ ଦାସ, ବାସୁଦେବ ନାୟକ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ ସମିତିର ଉଚ୍ଚ ପ୍ରଶଂସା କରିବା ସହିତ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଦେବେନ୍ଦ୍ର ପଲାଇ, ଗଦାଧର ଖଟୁଆ, ରଘୁନାଥ ଦାସ,ମଧୁସୂଦନ ନାୟକ,ବଂଶୀଧର ଖଟୁଆ, ବିଦ୍ୟାଧର ଖଟୁଆ, ରଞ୍ଜନ ଦାସ, ଅମ୍ରିତ ନାୟକ, ଶିବ ପ୍ରସାଦ ପଲାଇ, ସମ୍ବିତ ନାୟକ, ଜିତେନ୍ଦ୍ର ନାୟକ, କାଳନ୍ଦୀ ଦାସ, ପ୍ରକାଶ ଘଡ଼ାଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବାଇକ ଦୁର୍ଘଟଣାରେ ଜଣେ ମୃତ

କୋଇଡା, (ଭାସ୍କର ନ୍ୟୁଜ୍): ସୁନ୍ଦରଗଡ଼ ଜିଲ୍ଲା କୋଇଡା ଥାନା ଅନ୍ତର୍ଗତ ପାଟମୁଣ୍ଡା ଗ୍ରାମର ୬୧ ବର୍ଷ ବୟସ୍କ ନାରାୟଣ ବାରିକଙ୍କର ବାଇକ ଦୁର୍ଘଟଣାରେ ମୃତ୍ୟୁଘଟିଛି। ମିଳିଥିବା ସୂଚନା ଅନୁଯାଇ ସୋମବାର ଦିନ ଅପରାହ୍ନ ତିନି ଘଟିକା ସମୟରେ ନାରାୟଣ କୋଇଡାରୁ ନିଜ ଗ୍ରାମ ପାଟମୁଣ୍ଡାକୁ ଓଆର ୧୪ଭି ୯୨୪୬ ନମ୍ବର ବାଇକ ଯୋଗେ ଫେରୁଥିବା ସମୟରେ ବାଇକଟି ବଳଡ଼ିହି ଛକ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ରାସ୍ତାରେ ଯାଉଥିବା କିଛି ବ୍ୟକ୍ତି ଗୁରୁତର ନାରାୟଣଙ୍କୁ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ବନ୍ଧରେ ସୂଚନା ପାଇ ଘଟଣା ସ୍ଥଳରେ କୋଇଡା ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜ୍ଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛନ୍ତି।

## ପୂର୍ବତନ ଏଏସ୍ଆଇ ସୁରେନ୍ଦ୍ର ସେଠୀଙ୍କ ପରଲୋକରେ ଶୋକ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ଥାନାର ପୂର୍ବତନ ଏଏସ୍ଆଇ ସୁରେନ୍ଦ୍ର ସେଠୀଙ୍କର ଶୁକ୍ରବାର ସନ୍ଧ୍ୟାରେ ତାଙ୍କ ରାହାଞ୍ଜି ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କ ପରଲୋକରେ ତିହିଡ଼ି ଅଞ୍ଚଳର ବିଭିନ୍ନ ମହଲରୁ ଗଭୀର ଶୋକପ୍ରକାଶ କରାଯାଇଛି। ସ୍ୱର୍ଗତ ସେଠୀ ପ୍ରଥମେ ରାଇବଣିଆ, ଚାନ୍ଦବାଲି, ବାଂଶଡ଼ାରେ କନେଷ୍ଟବଳ ଭାବେ ସୁଚାରୁ ରୂପେ କାର୍ଯ୍ୟକରି ୨୦୦୫ରେ ତିହିଡ଼ି ଥାନାରେ କନେଷ୍ଟବଳ ଭାବେ ଯୋଗ ଦାନ କରିଥିଲେ। ଏଠାରେ ଥିବା ବେଳେ ତାଙ୍କର କାର୍ଯ୍ୟ ଦକ୍ଷତା ପାଇଁ ତାଙ୍କୁ ୨୦୧୦ରେ ଏଏସ୍ଆଇ ପଦକୁ ପଦୋନ୍ନତି ଦିଆଯାଇଥିଲା। ସେ ପଦୋନ୍ନତି ପାଇବା ପରେ ୨୦୧୦ରେ ବଦଳି ହୋଇ ଆଗରପଡ଼ା ଓ ଭଦ୍ରକ ଟାଉନ ଥାନାରେ ସଫଳତାର ସହ କାର୍ଯ କରି ପୁଣି ୨୦୧୮ରେ ତିହିଡ଼ିଥାନାରେ ଯୋଗ ଦେଇ ୨୦୧୯ ମାର୍ଚ୍ଚ ମାସରେ ଅବସର ନେଇଥିଲେ। ସେ ଜଣେ ସଚ୍ଚୋଟ ଓ କର୍ତ୍ତବ୍ୟନିଷ୍ଠ ଅଧିକାରୀ ଭାବେ ତିହିଡ଼ି ଅଞ୍ଚଳବାସୀଙ୍କ ନିକଟରେ ଆସ୍ଥାଭାଜନ ହୋଇ ପାରିଥିଲେ। ସେ ଜଣେ ଶାନ୍ତ, ସରଳ, ପରୋପକାରୀ ଧର୍ମପରାୟଣ ବ୍ୟକ୍ତି ଭାବେ ସମସ୍ତଙ୍କ ନିକଟରେ ପ୍ରିୟଭାଜନ ହୋଇପାରି ଥିଲେ। ମୃତ୍ୟୁବେଳକୁ ତାଙ୍କୁ ୬୬ବର୍ଷ ବୟସ ହୋଇଥିଲା। ସେ ଗତ କିଛିଦିନ ଧରି କାଡିନ୍ ରୋଗରେ ପୀଡ଼ିତ ଥାଇ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପରିବାର ସଦସ୍ୟ, ଆତ୍ମୀୟ ସ୍ୱଜନ, ଗ୍ରାମବାସୀ ଉପସ୍ଥିତ ଥିଲେ। ତାଙ୍କ ଏକମାତ୍ର ପୁତ୍ର ଦେବାଶିଷ ସେଠୀ ମୁଖାଗ୍ନି ଦେଇଥିଲେ।

## ଭରତପୁର ମକ୍କଦମ ଦୋଳମେଳଣ ଉଦ୍‌ଯାପିତ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ସହର ଉପକଣ୍ଠ ଭରତପୁର ଗ୍ରାମର ପ୍ରସିଦ୍ଧ ମକ୍କଦମ ଦୋଳମେଳଣ ମହାସମାରୋହରେ ଉଦଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଶ୍ରୀ ଗୋପାଳଜୀଉଙ୍କ ମକ୍କଦମ ଦୋଳମେଳଣ ଶ୍ରୀଦଧିବାବନଜୀଉଙ୍କ ମନ୍ଦିର ସମ୍ମୁଖ ଠାକୁରଦାଣ୍ଡରେ ରବିବାର ରାତିରେ ଅନୁଷ୍ଠିତ ହୋଇଥିବା ବେଳେ ସୋମବାର ସୀତାରାମ ମଠ ପଡ଼ିଆରେ ପ୍ରବୋଧ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଦୋଳ ମେଳଣରେ ୧୮ଟି ବିମାନ ବାଜା ବଜାଇ, ବାଣ ଫୁଟାଇ ରୋଷଣୀକରି ମେଳଣ ପଡ଼ିଆରେ ପହଞ୍ଚିଥିଲେ। ଗତ ୨ଶହ ୫୭ ବର୍ଷ ଧରି ଏହି ପରମ୍ପରା ଚାଲିଆସୁଥିବା ବେଳେ ଚଳିତ ବର୍ଷ ମଧ ରୀତିନୀତି ଅନୁଯାଇ ବିମାନ ମାନଙ୍କରେ ଥିବା ଠାକୁରମାନଙ୍କୁ ପୂଜାର୍ଚ୍ଚନା ପରେ ଭୋଗଲାଗି କରାଯାଇଥିଲା। ବିମାନ ପୂଜା କାର୍ଯ୍ୟକ୍ରମରେ ଅଧିକାରୀ ରାଜେନ୍ଦ୍ର ଚନ୍ଦ୍ର ଦାଶ, ଅଧିକାରୀ ରସାନନ୍ଦ ଦାଶ ଓ ସରୋଜ କାନ୍ତ ପତି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ମେଳଣରେ ରାମଲୀଳା ପରିବେଷଣ କରିଥିଲେ ଜଗତସିଂହପୁର ଜିଲ୍ଲାର ଫତେପୁରର ମା' ନିମସୁନ୍ଦରୀ ଓ ମା'ବଜ୍ରବୁଢ଼ୀ ରାମାୟଣ ଗୀତିନାଟ୍ୟର ସତ୍ତ୍ୱାଧିକାରୀ ତପନ କୁମାର ରଣା ଓ ସାଥିମାନେ ଏବଂ ପାରମ୍ପାରିକ ଲୋକକଳା ଘୋଡ଼ାନାଚ ପରିବେଷଣ କରିଥିଲେ ଆରିପଦାର ମା'ଦୁର୍ଗେ ସାହାରା ସୁନ୍ଦରୀ ଘୋଡ଼ାନାଚ ଦଳର ବିମ୍ବାଧର ବେହେରା ଓ ସାଥିମାନେ। ୨୫୭ବର୍ଷ ଦୋଳ ମେଳଣ ମହୋତ୍ସବ ଅବସରରେ ତପନ କୁମାର ମହାରଣାଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇ ଥିଲା। ଏହି ଉତ୍ସବରେ ବିଜୟ କିଶୋର ଦାସ, ଚିତ୍ତରଞ୍ଜନ ଦାସ, ସଞ୍ଜୟ କୁମାର ଦାସ, ସନ୍ତୋଷ କୁମାର ଦାସ, ସ୍ୱପ୍ନାଂଶୁ କୁମାର ଦାସ, ଅରବିନ୍ଦ ମହାନ୍ତି, ଶ୍ରୀଚରଣ ବେହେରା, ଆକୁଳାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅଠରଦେଉଳ ଯାତ୍ରାର ସୁବ୍ୟବସ୍ଥା ନିମନ୍ତେ ଦାବିପତ୍ର

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ପ୍ରତିବର୍ଷ ବାଥୁଡି ସମାଜର ଆରାଧ୍ୟ ବଡାମ ଠାକୁରଙ୍କ ବାର୍ଷିକ ଅଠରଦେଉଳ ସ୍ଥିତ ମାନବ ଦେଉଳ ବାର୍ଷିକ ପୂଜା ଚଳିତ ବର୍ଷ ମାର୍ଚ୍ଚ ୩୦ଠାରୁ ଏପ୍ରିଲ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି। ଯଶିପୁର ବ୍ଲକ ଶିମିଳିପାଳ ଆଭ୍ୟନ୍ତରୀଣ ଲେମ୍ବୁଗଡା ନିକଟରେ ପ୍ରତ୍ୟେକ ବର୍ଷ ଭଳି ମହାସମାରୋହରେ ରାଜ୍ୟ ଓ ରାଜ୍ୟ ବାହାରୁ ବାଥୁଡି ସମ୍ପ୍ରଦାୟର ହଜାର ହଜାର ଶ୍ରୀ ବଡାମ ବଡାମୁଣି ଭକ୍ତଙ୍କ ସାମଗମ ହୋଇଥାଏ। ଏହି ବାର୍ଷିକ ପୂଜାରେ ଯାତ୍ରାକାଳୀନ ସମସ୍ୟା ଯଥା ଚାରିଚକିଆ ଯାନ ଯାତାୟାତ ପାଇଁ ମାର୍ଚ୍ଚ ୩୧ ଠାରୁ ଏପ୍ରିଲ ୩ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଅଠରଦେଉଳ ଯିବାକୁ ଅନୁମତି ପ୍ରଦାନ, ପାନୀୟ ଜଳ ଯୋଗାଣ ନିମନ୍ତେ ପାଣି ଟ୍ୟାଙ୍କର ବ୍ୟବସ୍ଥା, ପ୍ରାଥମିକ ସ୍ୱାସ୍ଥ୍ୟ ଆବଶ୍ୟକ ସାଧାରଣ ଔଷଧ ଯୋଗାଣ, ଅସ୍ଥାୟୀ କୁଡ଼ିଆ ନିର୍ମାଣ ନିମନ୍ତେ ବାଉଁଶ ଯୋଗାଣ ସହିତ ଅନ୍ୟ ବ୍ୟବସ୍ଥା ନିମନ୍ତେ ପ୍ରଶାସନ ପକ୍ଷରୁ ସୁବ୍ୟବସ୍ଥା ନିମନ୍ତେ ଜିଲ୍ଲାପାଳ ହେମକାନ୍ତ ସୟଙ୍କୁ ଭେଟି ଅଠରଦେଉଳ ପରିଚାଳନା କମିଟିର ସଭାପତି ଦେବେନ୍ଦ୍ର ନାଥ ଦାସ ଓ ଉପଦେଷ୍ଟା ବିନୋଦ ବିହାରୀ ନାଏକଙ୍କ ନେତୃତ୍ୱରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ଉପସଭାପତି ମିନତୀ ନାଏକ, ରଞ୍ଜିତ କୁମାର ସଂକ୍ଷିଆଳ, ସହ ସମ୍ପାଦକ ବ୍ରହ୍ମାନନ୍ଦ ନାଏକ, କୋଷାଧ୍ୟକ୍ଷ ହୃଷିକେଶ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ହେମକାନ୍ତ ସୟ ଶୀଘ୍ର ତ୍ୱରିତ ପଦକ୍ଷେପ ନେବାକୁ ପ୍ରତିନିଧି ମଣ୍ଡଳୀକୁ ପ୍ରତିଶ୍ରୁତି ଦେଇଥିଲେ।

## ଉତ୍କଳ ଗୌରବ ମଧୁସୂଦନ ବିଦ୍ୟାପୀଠରେ ବନ୍ଧୁ ମିଳନ



କାକଟପୁର, (ଭାସ୍କର ନ୍ୟୁଜ୍): କାକଟପୁର ବ୍ଲକ୍ ଅନ୍ତର୍ଗତ ପାଟସୁନ୍ଦରପୁର ଗ୍ରାମ ପଞ୍ଚାୟତର ଉତ୍କଳ ଗୌରବ ମଧୁସୂଦନ ବିଦ୍ୟାପୀଠ, ମୁତୁଣିଆ-ଭଣ୍ଡିସାହିର ୧୯୮୪ ମସିହା ବ୍ୟାଚ୍‌ର ବନ୍ଧୁ ମିଳନ ଉକ୍ତ ବିଦ୍ୟାଳୟର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ଉତ୍ସବରେ ତତ୍କାଳୀନ ପ୍ରଧାନଶିକ୍ଷକ ଉମାକାନ୍ତ ବାରିକ, ସହକାରୀ ଶିକ୍ଷକ ରମେଶ ଚନ୍ଦ୍ର ପରିଡ଼ା, ବିକ୍ରମ କିଶୋର ନାୟକ, ବିଷ୍ଣୁ ଚରଣ ନାୟକ, ଶିକ୍ଷକ ବିଜୟ କୁମାର ଦଳାଇ, କିରାଣୀ ପ୍ରହଲ୍ଲାଦ ମଲ୍ଲିକ ଯୋଗଦାନ କରି ପୂରାତନ ଛାତ୍ର ଛାତ୍ରୀମାନଙ୍କୁ ଆଶିର୍ବାଦ ପ୍ରଦାନ କରିଥିଲେ। ଉକ୍ତ ସଭାରେ ସମସ୍ତ ୪୬ ଜଣ ପୁରାତନ ଛାତ୍ରଛାତ୍ରୀମାନେ ଯୋଗଦାନ କରି ପରସ୍ପର ସୁଖଦୁଃଖର ସହଭାଗୀ ହେବାର ସଂକଳ୍ପ ନେଇଥିଲେ। ଶେଷରେ କାଜୁଲ୍ୟ କୁମାର ସ୍ୱାଇଁ ମହୋଦୟ ଆଗାମୀ ସମୟରେ ହେବାକୁ ଥିବା ସୁବର୍ଣ୍ଣ ଜୟନ୍ତି ପାଳନ ପାଇଁ ପ୍ରସ୍ତୁତି ବୈଠକ ଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## କଣାସ +୨ ମହାବିଦ୍ୟାଳୟରେ ଖୋଲିଲା ଆଇ.ଟି ବିଷୟ

କଣାସ, (ଭାସ୍କର ନ୍ୟୁଜ୍): କଣାସ ବ୍ଲକ କଣାସ ଠାରେ ପ୍ରତିଷ୍ଠିତ କଣାସ +୨ ମହାବିଦ୍ୟାଳୟ ବିଜ୍ଞାନ ବିଭାଗ ପାଠ୍ୟକ୍ରମରେ ସୂଚନା/ପ୍ରଯୁକ୍ତି ବିଦ୍ୟା (ଆଇ.ଟି)ବିଷୟକୁ ଚଳିତ ଶିକ୍ଷାବର୍ଷ ୨୦୨୪-୨୫ଠାରୁ ଅନ୍ତର୍ଭୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ଅନୁମୋଦନ କ୍ରମେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ତରଫରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ତେଣୁ କଣାସ ଜୁନିୟର ମହାବିଦ୍ୟାଳୟର ଅଧକ୍ଷ ଡମ୍ବରୁଧର ଛୁଆଳସିଂହଙ୍କୁ ଅଂଚଳବାସୀଙ୍କ ତରଫରୁ ରାଜ୍ୟସରକାରଙ୍କୁ କୃତଜ୍ଞତା ଜଣାଇବା ସହିତ ଆଗାମୀ ବର୍ଷରେ ନୂତନ ଭାବେ ବିଜ୍ଞାନ ଶ୍ରେଣୀରେ ଆଇ.ଟି ବିଷୟରେ ନାମ ଲେଖାଇବାକୁ ଛାତ୍ରଛାତ୍ରୀମାନଙ୍କୁ ଅଧକ୍ଷ ଶ୍ରୀଛୁଆଳସିଂହ ଆହ୍ୱାନ କରିଛନ୍ତି।

## ଶଙ୍ଖଚିଲାର ଗାଁ'ହାଟ ମେଲଣ ଉତ୍ସବ ପାଳିତ

ବ୍ୟାସନଗର, (ଭାସ୍କର ନ୍ୟୁଜ୍): କୋରାଇ ବ୍ଲକ୍ ଅନ୍ତର୍ଗତ ଶଙ୍ଖଚିଲାର ଗାଁ'ହାଟ ମେଲଣ ଉତ୍ସବ ବହୁ ଆଡମ୍ବରରେ ରବିବାର ରାତିଠୁଁ ଆରମ୍ଭ ହୋଇ ୧୭ ତାରିଖ ଶେଷ ହୋଇଯାଇଛି। ଏହି ପାରମ୍ପରିକ ମେଲଣ ଉତ୍ସବ ଶଙ୍ଖଚିଲାର ସବୁଠୁ ଅଗ୍ରଣୀ ଗାଁ ରାଧାନଗର ପାଟଣାର ବୃନ୍ଦାବନ ଚନ୍ଦ୍ର ଜୀଉ ଓ ଗୋଡ଼ି ପାଟଣା ଗ୍ରାମର ମଦନମୋହନ ଜୀଉ ଦୁଇ ଭାଇ-ଗ୍ରାମବାସୀଙ୍କ ମିଳିତ ଆୟୋଜନରେ ଆୟୋଜିତ ଦୋଳପର୍ବ ମେଲଣ ପରିପ୍ରେକ୍ଷୀରେ ଶଙ୍ଖଚିଲା ହାଟ ଉପରକୁ ୫୦ରୁ ଊର୍ଦ୍ଧ୍ୱ ଛୋଟ ବଡ ବିମାନ ଆସି ଭାଇଚାରା ଭିତ୍ତିକ ଦୋଳ ଉତ୍ସବ ମନେଇଥିଲେ। ବିଶେଷକରି ମଠ ପାଟଣା ଗ୍ରାମର ରଘୁନାଥ ଜୀଉ ବଢେଇ ଟିକରର ରାଧାକୃଷ୍ଣ ଜୀଉ, ଠାକୁର ପାଟଣା ଗ୍ରାମର ରାଧାକୃଷ୍ଣ ଜୀଉ ଏବଂ ଲକ୍ଷ୍ମୀନାରାୟଣ ଠାକୁର ଅନୁଷ୍ଠାନ ମା ରବୀନ୍ଦ୍ର କୁମାର ପାଢ଼ୀଙ୍କ ବିମାନ ସହିତ ରାଜ୍ୟ ପୁରସ୍କାର ପ୍ରାପ୍ତ କାଇଁଚ ବିମାନ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା। ସମସ୍ତ ବିମାନଗୁଡିକରେ ଗ୍ରାମବାସୀମାନଙ୍କ ଦ୍ୱାରା ଠାକୁର ପୂଜା ପାଉଥିବା ତାଙ୍କର ଠାକୁରଙ୍କୁ ଅତି ଆଗ୍ରହ ସହକାରେ ଗତକାଲି ରାତିରୁ ଗ୍ରାମେ ଗ୍ରାମେ ଅଭିର ଖେଳି କରି ଘଣ୍ଟ, ରୂପା ବାଡି, ସଙ୍କୀର୍ତ୍ତନ ଦଳ, ମହିଳା ସଙ୍କର୍ତ୍ତିନିଆ ଦଳ, ବାଡି ଖେଳ, ଢୋଲ, ପଞ୍ଜାବି ବାଦ୍ୟଯନ୍ତ୍ର, ଓଡିଶି ନୃତ୍ୟ ଦଳ, ମୟୂର ନୃତିକା, ବ୍ରାସ ବ୍ୟାଣ୍ଡ ପାର୍ଟି, ଘୋଡ଼ା ନାଚ, ଷେଣ୍ଢ ଲଢେଇ ଖେଳ, ଶିବ ତାଣ୍ଡବ ନୃତ୍ୟ, ଅଘୋରୀ ତାଣ୍ଡବଲୀଳା, ଶିଙ୍ଗ ବାଜା ଦଳ ଆଦି ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ସହ ମେଲୋଡି ଦଳ ଏବଂ ରଙ୍ଗୀନ୍ ଆଲୋକମାଳାରେ ସଜେଇ ହୋଇ ଦର୍ଶକମାନଙ୍କୁ ମନୋରଞ୍ଜନ ଦେଇଥିଲେ। ବିଶେଷ କରି ରାଧାନଗର ପାଟଣା ବୃନ୍ଦାବନ ଜୀଉ ଯୁବ ପରିଷଦ ଆନୁକୂଲ୍ୟରେ ଅଘୋରୀ ନୃତ୍ୟଶିଳ୍ପୀଙ୍କର ତାଣ୍ଡବ ନୃତ୍ୟ ସମସ୍ତଙ୍କର ମନ ମୋହିଥିଲା। ଅଞ୍ଚଳର ସମସ୍ତ ସ୍ୱେଚ୍ଛାସେବୀଗଣ ଶାନ୍ତିଶୃଙ୍ଖଳାରେ କାର୍ଯକ୍ରମ ରେ ନିୟୋଜିତ ଥିଲାବେଳେ ସ୍ଥାନୀୟ ଫାଣ୍ଡି କର୍ମଚାରୀ ଗଣ ବିଶେଷ ସହଯୋଗ କରିଥିଲେ। ଏହି ମେଲଣ ଉତ୍ସବକୁ ମୁଖ୍ୟତଃ କୈଳାସ ଚନ୍ଦ୍ର ସାହୁ, ଜିତେନ୍ଦ୍ର କୁମାର ସାହୁ,କୃଷ୍ଣ ଚନ୍ଦ୍ର ସାହୁ, ଖଗେଶ୍ୱର ପୃଷ୍ଟି, ଅକ୍ଷୟ କୁମାର ଜେନା, ଶିଶିର କୁମାର ସାହୁ, ଦେବବ୍ରତ ସାହୁ, ପ୍ରଭାତ କୁମାର ପଥାଳ, ରଘୁନାଥ ସାହୁ, ବିଷ୍ଣୁ ଚରଣ ସାହୁ, ଦେବେଶ ପଥାଳ, ଗଜେନ୍ଦ୍ର ମହାକୁଡ଼, ଧନେଶ୍ୱର ନାଥ, ପ୍ରକାଶ ଚନ୍ଦ୍ର ପୃଷ୍ଟି, ଗୋପିନାଥ ନାୟକ, ପ୍ରମୋଦ କୁମାର ନାୟକ, ଶଙ୍କର୍ଷଣ ସାହୁ, ମଦନମୋହନ ସାହୁ, ପୂର୍ଣ୍ଣ ଚନ୍ଦ୍ର ସାହୁ, ଭାଗିରଥି ମହଲା, ଗଙ୍ଗାଧର ସାହୁ, ପରିକ୍ଷିତ ରାଉତ, ପରମେଶ୍ୱର ମଲ୍ଲିକ, ପୂର୍ଣ୍ଣ ଚନ୍ଦ୍ର ସାହୁ, ଦଶରଥ ସାହୁ, ରମାକାନ୍ତ ସାହୁ, ସୋମ୍ୟବ୍ରତ ସାହୁ, ପ୍ରଦିପ କମାର ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସମସ୍ତ ବିମାନ ଗୁଡିକୁ ଯଥାମାନ୍ୟ ବିଦାକି ସମ୍ମାନ ଦେଇ ଆୟୋଜକ କମିଟି ଭାଗନେଇ ଥିବା ଅନୁଷ୍ଠାନ ଗୁଡ଼ିକୁ ଧନ୍ୟବାଦ ଦେଇଥିଲେ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

### ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ନାଗପୁର ଗ୍ରାମର ନୀଳମଣି ସାହୁଙ୍କୁ ଗତ ୧୫ତାରିଖ ଦିନ ମରଣାତ୍ମକ ଆକ୍ରମଣ ହୋଇଛି। ଖବର ମୁତାବକ ନାଗପୁର ଗ୍ରାମର ନୀଳମଣି ସାହୁ (୫୫) ଘର ପାଖରେ ଥିବା ବିଜିପୁର ଛକରୁ ପାନ ଆଣିବା ପାଇଁ ସେଠାକୁ ଯାଇଥିଲେ। ଉକ୍ତ ସମୟରେ ପଦୁ କାଣ୍ଡି ଏବଂ ତା ସହିତ କେନ୍ଦ୍ରାପାଟି ଗ୍ରାମର ଫକୀର ଦୁଇ ଜଣ ମିଶି ଉକ୍ତ ଦୋକାନ ପାଖରେ ପହଞ୍ଚି ନୀଳମଣିଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ହାତରେ ମାରଣା ଅସ୍ତ୍ର ଧରି ଏଠାକୁ କାହିଁ ଆସୁଛୁ କହି ଦୁଇ ଚାପଡ଼ା ପକାଇଥିଲେ। ସେଠାରୁ ଯିବା ସମୟରେ ପଦୁ କାଣ୍ଡି ଧରିଥିବା ଧାରୁଆ ଅସ୍ତ୍ର ଛୁରୀରେ ନୀଳମଣିଙ୍କ ମୁଣ୍ଡକୁ ଆକ୍ରମଣ କରିବା ବେଳେ ମୁଣ୍ଡରେ ବାଜି କାନ କଟି ବେକ ମଧ ଶକ୍ତ ଆଘାତ ଲାଗିଛି। ନୀଳମଣି ସେଠାରେ ଅଚେତ୍ ହୋଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡିଯିବାରୁ ଉପସ୍ଥିତ ଲୋକେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ବେକରେ ପିନ୍ଧିଥିବା ଏକ ସୁନା ଚେନ୍ ମଧ ନେଇଯାଇଥିବା ନୀଳମଣି ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏ ନେଇ ଅସ୍ତରଙ୍ଗ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ କହିଛନ୍ତି।

## ମିଡିଆ ଫେଡେରେସନ ଅଫ୍ ଓଡିଶାର ସଭାପତି, ସମ୍ପାଦକ, ଉପଦେଷ୍ଟା ନିର୍ବାଚିତ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ମିଡିଆ ଫେଡ଼େରେସନ ଅଫ୍ ଓଡିଶାର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ଗୌରଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ତପନ ବିହାରୀ ଭଞ୍ଜ, ସଭାପତି, ଅମଲେନ୍ଦୁ ସିହ୍ନା, ଉପସଭାପତି, ସିଦ୍ଧାର୍ଥ ଶଙ୍କର ମିଶ୍ର, ସମ୍ପାଦକ, ସନ୍ତୋଷ ତ୍ରିପାଠୀ, ଯୁଗ୍ମ ସମ୍ପାଦକ, ସମୀର ରାୟ, ସହକାରୀ ସମ୍ପାଦକ, ସୌଭାଗ୍ୟ ମହାନ୍ତି, କୋଷାଧ୍ୟକ୍ଷ ଓ ବାରଜଣ ସଦସ୍ୟ କାର୍ଯ୍ୟକାରୀ କମିଟିକୁ ନିର୍ବାଚିତ ହୋଇଛନ୍ତି।ଗୌରଚନ୍ଦ୍ର ମହାପାତ୍ରଙ୍କୁ ପ୍ରତିଷ୍ଠାତା ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି। ଫେଡେରେସନର ସଭାପତି ଭଞ୍ଜ ଘୋଷାଣ କରିଛନ୍ତି ଯେ ଖୁବ୍ ଶୀଘ୍ର ନୂଆଦିଲ୍ଲୀ ସ୍ଥିତ ମିଡିଆ ଫେଡରେସନ ଅଫ୍ ଇଣ୍ଡିଆ ସହ ସହବନ୍ଧିତ ହେବ। ଫେଡେରେସନର ସଭାପତି ଓ ସମ୍ପାଦକ ଏକ ମିଳିତ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ଯେ ସାମ୍ବାଦିକମାନଙ୍କୁ ଲୋକସେବା ଭବନକୁ ପ୍ରବେଶ ପାଇଁ ମୋହନ ମାଝୀ ସରକାର ଯେଉଁ ଐତିହାସିକ ପଦକ୍ଷେପ ନେଇଛନ୍ତି ତାହା ସ୍ୱାଗତ ଜଣାଇବା ସହିତ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। କିନ୍ତୁ ଏହି ପ୍ରବେଶ ପାଇଁ ଯେଉଁ ପାସ ବ୍ୟବସ୍ଥା ରହିଛି ତାହା ଚିହ୍ନଟ ପ୍ରକ୍ରିୟା ଅତିକମରେ ତିନି ମାସ ସମୟ ଲାଗି ଯାଉଛି। ସେହି ଚିହ୍ନଟ ପ୍ରକ୍ରିୟାକୁ ପନ୍ଦରଦିନ ଭିତରେ ଶେଷକରି ପାସ୍ ପ୍ରଦାନ ପାଇଁ ବ୍ୟବସ୍ଥା କରିବା ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏଥି ସଙ୍ଗେସଙ୍ଗେ ସମସ୍ତ କାର୍ଯ୍ୟରତ ସାମ୍ବାଦିକଙ୍କ ସୁରକ୍ଷା ବ୍ୟବସ୍ଥା, ଅନ୍ୟ ରାଜ୍ୟ, ଭଳି ସାମ୍ବାଦିକମାନଙ୍କୁ ତୁରନ୍ତ ପେନସନ ପ୍ରଦାନ, ସାମ୍ବାଦିକଙ୍କ ପରିବାରଙ୍କୁ ସ୍ୱାସ୍ଥ୍ୟବୀମାରେ ବାପା ଓ ମା'ଙ୍କୁ ଅନ୍ତର୍ଭୁକ୍ତ କରିବା, ଯେଉଁ ନୂତନ ସାମ୍ବାଦିକ ମାନଙ୍କୁ ତୁରନ୍ତ ସ୍ୱାସ୍ଥ୍ୟ ବୀମା ପ୍ରଦାନ, ବିଜ୍ଞାପନ ନୀତିରେ ସମସ୍ତ ଖବରକାଗଜକୁ ବିଜ୍ଞାପନ ପ୍ରଦାନ, ଗୃହ ଓ ଗାଡି ଋଣରେ ସୁଧ ଛାଡ଼, ଅନ୍ୟ ରାଜ୍ୟ ଭଳି ସମସ୍ତ ସାମ୍ବାଦିକମାନଙ୍କୁ ସ୍ୱୀକୃତି ପ୍ରଦାନ କରିବା, ସ୍ୱୀକୃତି ଅପେକ୍ଷାରେ ସମ୍ବାଦପତ୍ରକୁ ତୁରନ୍ତ ସ୍ୱୀକୃତି ପ୍ରଦାନ କରିବା ସଙ୍ଗେ ସଙ୍ଗେ ଜିଲ୍ଲା ସୂଚନା ଅଧିକାରୀମାନଙ୍କୁ ଯେଉଁ ପ୍ରସାରଣ ପାଇଁ ଚିଠି ଦ୍ୱାରା ଯେଉଁ ରିପୋର୍ଟ ମଗାଯାଉଛି ତାହାକୁ ତୁରନ୍ତ ପ୍ରତ୍ୟାହାର କରାଯାଉ, ସରକାର ଏ ସବୁ ପ୍ରତି ଦୃଷ୍ଟି ଦେଇ ବିହୀତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

## ପୋଖରୀ ଖୋଳାରେ ଅନିୟମିତତା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅଧିନରେ ଫାର୍ମ ପୋଖରୀ ଖୋଳାରେ ଅନିୟମିତତା ହୋଇଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ବ୍ଲକ ଅନ୍ତର୍ଗତ କୁରୁଜଙ୍ଗା ଗ୍ରାମପଞ୍ଚାୟତର ମହେଶପୁର-ଶଙ୍କରପୁର ଗ୍ରାମରେ ୨୦୨୩-୨୪ଆର୍ଥିକ ବର୍ଷରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ମନରେଗା ଯୋଜନାରେ କୃଷ୍ଣଚନ୍ଦ୍ର ସାହୁ ଏବଂ ନବକିଶୋର ସାହୁଙ୍କ ଫାର୍ମ ପୋଖରୀ ଖୋଳାଯାଇଛି। କିନ୍ତୁ କୃଷ୍ଣଚନ୍ଦ୍ର କିମ୍ବା ନବକିଶୋରଙ୍କ ନିଜସ୍ୱ ଜମିରେ ଏହି ପୋଖରୀ ଖୋଳା ନହୋଇ ଏହା ସରକାରୀ ଜମିରେ ହୋଇଛି। ଯାହା ଆଇନର ପରିସରଭୁକ୍ତ ନୁହେଁ। କାରଣ ନିୟମ ଅନୁଯାୟୀ ଯେଉଁ ବ୍ୟକ୍ତିଙ୍କର ନିଜସ୍ୱ ଜମି ଥିବ ସେହି ସ୍ଥାନରେ ପୋଖରୀ ଖୋଳିବା ପାଇଁ ସରକାରୀ ସହାୟତା ମିଳିପାରିବ। କିନ୍ତୁ ଏଠାରେ ନିୟମ ଉଲ୍ଲଙ୍ଘନ କରାଯାଇ ପ୍ରତ୍ୟେକ ହିତାଧିକାରୀଙ୍କ ନାମରେ ୧ଲକ୍ଷ ୮୩ହଜାର ଟଙ୍କା ମଞ୍ଜୁର କରାଯାଇଛି। ହିତାଧିକାରୀ କୃଷ୍ଣଚନ୍ଦ୍ର ଏବଂ ନବକିଶୋର ଉଭୟ ଖାତା ନମ୍ବର ୬୦ ଓ ପ୍ଲଟ ନମ୍ବର- ୧୧୦ ଉପରେ ଯେଉଁ ପୋଖରୀ ଖୋଳିଛନ୍ତି ସେହି ଜମିଟି ଗ୍ରାମଦେବୀ ମା' ଅନନ୍ତକୁମାରୀ ଠାକୁରାଣୀଙ୍କ ନାମରେ ରେକର୍ଡ ଭୁକ୍ତ ରହିଛି। ଏହାଛଡା କେନ୍ଦ୍ର ସରକାରଙ୍କ ମନରେଗା ଯୋଜନାରେ ଖୋଳାଯାଇଥିବା ଏହି ପୋଖରୀ ନିମନ୍ତେ ଶ୍ରମିକ ବଦଳରେ ଜେସିବି ବ୍ୟବହାର କରାଯାଇଛି। ଯାହା ମଧ ନିୟମ ବହିର୍ଭୁତ କାର୍ଯ୍ୟ ବୋଲି ମହାନ୍ତି ଅଭିଯୋଗରେ ଦର୍ଶାଇଛନ୍ତି। ଏଥିନିମନ୍ତେ ହିତାଧିକାରୀଙ୍କୁ ମଞ୍ଜୁର ହୋଇଥିବା ଏକ ଲକ୍ଷ ୮୩ ହଜାର ଟଙ୍କାରୁ ପ୍ରତ୍ୟେକଙ୍କୁ ଏକଲକ୍ଷ ୧୭ ହଜାର ୨୪ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ଯାହା ସମ୍ପୂର୍ଣ୍ଣ ଆଇନର ବିରୋଧାଚରଣ କରୁଛି। ଏ ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯିବା ପରେ ସେହି ପୋଖରୀର କିଛି ଅଂଶକୁ ନିକଟସ୍ଥ ଜମିରୁ ମାଟି ଉଠାଇ ପୋତି ଦିଆଯାଇଛି। ଏହାବ୍ୟତୀତ ନବକିଶୋର ସାହୁଙ୍କ ପୋଖରୀ ଖୋଳାଯିବା ନିମନ୍ତେ ମଷ୍ଟର ରୋଲରେ ଜବକାର୍ଡଧାରୀ ମାନଙ୍କୁ ୯୫ହଜାର ୪ଶହ ଟଙ୍କା ୨୦୨୪ମସିହା ଫେବୃୟାରୀ ମାସରୁ ଜୁନ ମାସ ମଧ୍ୟରେ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପେମେଣ୍ଟ କରାଯାଇଥିବା ଦର୍ଶାଯାଇଛି। କିନ୍ତୁ ଏହି ପୋଖରୀ ଜେସିବି ସାହାଯ୍ୟରେ ଅର୍ଥ ପ୍ରଦାନର ୮ ମାସ ପରେ ଖୋଳାଯାଇଛି ବୋଲି ମହାନ୍ତି ଅଭିଯୋଗ କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ନବକିଶୋର ସାହୁ ଏବେ କୁରୁଜଙ୍ଗା ଗ୍ରାମପଞ୍ଚାୟତର ବିଜେଡି ସମର୍ଥିତ ସମିତିସଭ୍ୟ ଅଛନ୍ତି। ପୋଖରୀ ପୋତି ଦିଆଯିବା ପରେ ଏବେ ନବକିଶୋରଙ୍କ ପୋଖରୀ ଆଉ ନଥିବା ଦେଖାଯାଇଛି। କିନ୍ତୁ ମୃତ୍ତିକା ସଂରକ୍ଷଣ ବିଭାଗ ମିଥ୍ୟା ମାପ ଓ ପରିମାପ କରି ହିତାଧିକାରୀଙ୍କୁ ମିଛ ବିଲ ମାଧ୍ୟମରେ ଅର୍ଥ ପ୍ରଦାନ କରିଥିବା ମହାନ୍ତି ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ଅଭିଯୋଗକାରୀ ମହାନ୍ତି ମୁଖ୍ୟମନ୍ତ୍ରୀ ଓ କୃଷି ଓ କୃଷକ ଶସକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଅଭିଯୋଗ ପ୍ରଦାନ କରିଥିବା ସୂଚନା ଦେଇଛନ୍ତି। ଏଣୁ ଏହି ଫାର୍ମ ପୋଖରୀ ଖୋଳାରେ ମହାଦୁର୍ନୀତି ହୋଇଥିବା ନେଇ ଶଙ୍କରପୁର ଗ୍ରାମବାସୀଙ୍କ ପକ୍ଷରୁ ପ୍ରବୋଧ ମହାନ୍ତି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ଘଟଣାର ବିଧିବଦ୍ଧ ତଦନ୍ତ ପୂର୍ବକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ମହାନ୍ତି ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି।

## ଦୋଳ ମେଳଣ ଓ ନାଟକ ମହୋତ୍ସବ ଉଦ୍‌ଯାପିତ



ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍): ଛତିଆ ନିକଟ ଯଶୋରାଜପୁର ସ୍ଥିତ ଶ୍ରୀ ଶ୍ରୀ ବୃନ୍ଦାବନ ବିହାରୀ ନାଟ୍ୟ ସଂସଦ ଓ ଯଶୋରାଜପୁର ଶାସନ ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ଶ୍ରୀ ଶ୍ରୀ ବୃନ୍ଦାବନ ବିହାରୀଙ୍କ ଦୋଳ ମେଳଣ ଉତ୍ସବ ସହିତ ପାଞ୍ଚ ଦିନବ୍ୟାପି ନାଟକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ପରିଚାଳକ ଅନନ୍ତ ଚରଣ ସ୍ୱାଇଁଙ୍କ ତତ୍ତ୍ୱବଧାନରେ ଆୟୋଜିତ ନାଟକ ଉତ୍ସବରେ କଟକ ଜଗତପୁର, ଟାଙ୍ଗି କାହ୍ନପୁର, ଚମ୍ପାପୁର ଓ ଯଶୋରାଜପୁର ଆଦି ଚାରିଗୋଟି ଟିମର କଳାକାରମାନେ ନାଟକ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ଜଗତପୁର ଟିମ ଚମ୍ପିୟାନ ହୋଇଥିବା ବେଳେ କାହ୍ନପୁର ଟିମ ରନର୍ସ ଅଫ ହୋଇ ପୁରସ୍କୃତ ହୋଇଥିଲେ। ବିଚାରକ ଭାବେ ଦେବାଶିଷ ଓତା ଓ ପ୍ରଦ୍ୟୁମ୍ନ କୁମାର ବଳ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ସାମ୍ବାଦିକ ଭକ୍ତ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଏସ କଲେଜର ଅଧ୍ୟକ୍ଷ ପ୍ରଫେସର ପବିତ୍ର ମୋହନ ମାହାଲା, ବିଶିଷ୍ଟ ଅତିଥି ଭାବେ ଡ଼ଃ କୃଷ୍ଣଚନ୍ଦ୍ର ପାତ୍ର, ମୁଖ୍ୟବକ୍ତା ଭାବେ ଇଂ ଜ୍ୟୋତି ପ୍ରକାଶ ସାହୁ ଓ ସମ୍ମାନୀତ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ପ୍ରାଧାପକ ଦିଲ୍ଲିପ କୁମାର ସାମଲ ପ୍ରମୁଖ ଯୋଗଦେଇ ଦୀର୍ଘ ବର୍ଷ ଧରି ଏହି ଅନୁଷ୍ଠାନ ନାଟ୍ୟ ସଂସ୍କୃତି ଓ ପରମ୍ପରାକୁ ବଞ୍ଚେଇ ରଖି ଆସୁଥିବାରୁ ଅନୁଷ୍ଠାନର କର୍ମକର୍ତ୍ତା ମାନଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଫେସର ପବିତ୍ର ମୋହନ ମାହାଲା, ଦିଲ୍ଲୀପ କୁମାର ସାମଲ,ଅଭୟ ଦାସ, ଜ୍ୟୋତି ପ୍ରକାଶ ସାହୁ, ରାଜେନ୍ଦ୍ର କୁମାର ସାହୁ, ଡ଼ଃ ପବନେଶ୍ୱର ଜେନା ଓ ଶିବଚରଣ ବାରିକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବୋଡ଼କର ଦେଶଦୋଳ ଉଦ୍‌ଯାପିତ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବୋଡ଼କର ୩୩ବର୍ଷର ଦେଶଦୋଳ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଦେଶଦୋଳ ୧୫ ତାରିଖ ରାତିରୁ ଆରମ୍ଭ ହୋଇ ୧୬ ତାରିଖ ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଥିଲା। ଏହି ଦେଶ ଦୋଳକୁ ବଢ଼େଇ ଗଡ଼ିଆ ଗୋପୀନାଥ ଜୀଉ ଓ ରାଧାକୃଷ୍ଣ ଜୀଉ, ଦିଗିସାହିର ଗୋବର୍ଦ୍ଧନ ଜୀଉ, ବୋଡ଼କ ଶାସନର ରାଧାକୃଷ୍ଣ ଜୀଉ, ବୋଡ଼କ ଭଂଜସାହି ରାଧାକୃଷ୍ଣ ଜୀଉ ଇତ୍ୟାଦି ବିମାନ ଶୋଭାଯାତ୍ରାରେ ଆସି ପହଞ୍ଚି ଥିଲେ। ବୋଡ଼କ ଦଧିବାମନ ଜୀଉ ବିମାନ ପହଞ୍ଚିବା ପରେ ମେଳନ ଭାଙ୍ଗିଥିଲା। ଠାକୁର ସେବକ ରବିନରାୟଣ ଖଟୁଆ, ସମର ବିଳାସ ପାଢ଼ୀ, ହରିହର ପତି, ନୃସିଂହ ପଣ୍ଡା, କୁନି ପତି ପ୍ରମୁଖ ବିମାନ ସହିତ ଆସିଥିବା ବେଳେ ମେଳନ କମିଟି କର୍ମକର୍ତ୍ତା ଦେବେନ୍ଦ୍ର ଭଂଜ, ଗୋଲକ ଚନ୍ଦ୍ର ସାମଲ, ପ୍ରଶାନ୍ତ ଖୁଣ୍ଟିଆ, କ୍ଷିରସିନ୍ଧୁ ବାରିକ, ଜୟପ୍ରକାଶ ମଲିକଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ମେଳନ ପରିଚାଳନାରେ ସହଯୋଗ କରିଥିଲେ।

## ରାମାନୁଜ ବିଦ୍ୟାପୀଠରେ ଗୁରୁ ସମ୍ବର୍ଦ୍ଧନା ଓ ବନ୍ଧୁମିଳନ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ପାଳିଆବିନ୍ଧା ସ୍ଥିତ ରାମାନୁଜ ବିଦ୍ୟାପୀଠରେ ୧୯୯୬ ବ୍ୟାଚ୍ ଛାତ୍ରଛାତ୍ରୀ ମାନଙ୍କର ଏକ ବନ୍ଧୁମିଳନ ଓ ଗୁରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରାତନ ଛାତ୍ରୀ ଇତିଶ୍ରୀ କଳ୍ପନା ନାୟକଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରାତନ ଶିକ୍ଷକ ସୀତାକାନ୍ତ ଶତପଥି, ଜୟକୃଷ୍ଣ ନାୟକ, ମଦନ ମୋହନ ମୁଦୁଲି, ଆର.ଭି. ରାଓ, କିରାଣୀ ରଂଜିତ ପ୍ରସାଦ ଦାସ, ଶିକ୍ଷାକର୍ମୀ ବ୍ରଜକିଶୋର ନାଥ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବନ୍ଧୁ ମିଳନ ଉତ୍ସବ ପୂର୍ବ ସ୍ମୃତିକୁ ମନେପକାଇବା ସହ ଶିକ୍ଷକ ଏବଂ ଛାତ୍ରଛାତ୍ରୀମାଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରେ ବୋଲି କହିଥିଲେ। ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ସମସ୍ତ ଗୁରୁଜୀ ଓ ଶିକ୍ଷା କର୍ମଚାରୀଙ୍କୁ ଉପଢ଼ୌକନ, ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ରାମ ନାରାୟଣ ନାୟକ ଓ ପ୍ରଭାତ କୁମାର ରାଉଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ରବୁ ସଲିମ, ପ୍ରକାଶ ଦାସ, ରଂଜନ କୁମାର ବଳ, ସୁଶାନ୍ତ ଦାସ ମହାପାତ୍ର, ଗୋପୀନାଥ ସାମନ୍ତ, ପ୍ରଫୁଲ୍ଲ ସାମନ୍ତ, ଲକ୍ଷ୍ମୀନାରାୟଣ ଦାସ, ପ୍ରତିଭା ପହ୍ଲାର, ଅନସୂୟା ସାହୁ, ରଶ୍ମିତା ନାୟକ, ସୁଜାତା ପାତ୍ର, ଶ୍ରଦ୍ଧାଞ୍ଜଳି ନାୟକ, ଜୟସ୍ମିତା ମଲ୍ଲିକ, ପ୍ରୀତିସୁଧା ମହାପାତ୍ର ପ୍ରମୁଖଙ୍କ ସମେତ ୧୯୯୬ ବ୍ୟାଚ୍‌ର ବହୁ ଛାତ୍ରଛାତ୍ରୀ ଉପସ୍ଥିଥିଲେ।

## ଜଗନ୍ନାଥ ବିଦ୍ୟାପୀଠ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ସରପଦା ଗ୍ରାମ ପଂଚାୟତ ଖଣ୍ଡସାହିସ୍ଥିତ ଜଗନ୍ନାଥ ବିଦ୍ୟାପୀଠ ୧୯୭୬ ମସିହା ମାଟ୍ରିକ ବ୍ୟାଚ ପୁରାତନ ଛାତ୍ର ଛାତ୍ରୀଙ୍କର ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରାତନ ଛାତ୍ର ଛାତ୍ରୀମାନେ ସର୍ବପ୍ରଥମେ ମହାପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଦିବଙ୍ଗତ ଛାତ୍ର ଛାତ୍ରୀଙ୍କ ବିୟୋଗରେ ୨ମିନିଟ ନିରବ ପ୍ରାଥନା କରିଥିଲେ। ଏହି ଅବସରରେ ପୁରାତନ ଛାତ୍ର ଛାତ୍ରୀମାନେ ଏହି ଐତିହ୍ୟ ସମ୍ପନ୍ନ ବିଦ୍ୟାଳୟର ସମସ୍ୟା ସମାଧାନ କିପରି ସମାଧାନ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିବା ସହ ବନ୍ଧୁତ୍ୱର ଭାବ ଆଦାନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ବରଦା ପ୍ରସାଦ ରଥ, ଶ୍ରୀମତୀ ସନ୍ଧ୍ୟାରାଣୀ ପରିଡା, ଗଗନ ବିହାରୀ ସ୍ୱାଇଁ, ବିବେକାନନ୍ଦ ମିଶ୍ର, କୈଳାସ ଚନ୍ଦ୍ର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ସୁନାମଧନ୍ୟ ଶିକ୍ଷକଙ୍କ ୮୬ତମ ଜନ୍ମଦିନ ପାଳିତ



ଆଳି, (ଭାସ୍କର ନ୍ୟୁଜ୍): ଏକ ବିଶେଷ ମୁହୂର୍ତ୍ତରେ ସୁନାମ ଧନ୍ୟ ଆଦର୍ଶ ଶିକ୍ଷକ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ, ପ୍ରାଥମିକ ବିଦ୍ୟାଳୟ,ଘନଶ୍ୟାମ ସାହୁ, ବାଳକାଟି, ଆଳି, କେନ୍ଦ୍ରାପଡ଼ା ଙ୍କ ୮୬ ତମ ସ୍ୱ ନକ୍ଷତ୍ର ଦିବସ ପାଳନ ଅବସରରେ ନିଜ ଜିଲ୍ଲା କେନ୍ଦ୍ରାପଡ଼ା ଓ ପାଖ ଜିଲ୍ଲା ଯାଜପୁର ର ଅନେକ ଗୁଣୀ, ଜ୍ଞାନୀ ବ୍ୟକ୍ତି ବିଶେଷ ମାନେ ଯୋଗଦେଇ ଜନ୍ମ ଦିନରେ ପୂଜ୍ୟପୂଜାର ଏକ ନିଆରା ଢଙ୍ଗରେ ପାଳନ କରିବା ସହିତ ସମାଜର ଅବକ୍ଷୟ ସମୟରେ ଏକ ସ୍ୱତନ୍ତ୍ର ବାର୍ତ୍ତା ପ୍ରେରଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗୁରୁଙ୍କ ସ୍ୱରଚିତ ଏକ ପୁସ୍ତକ ସମର୍ପଣ ଉନ୍ମୋଚନ କରା ଯାଇଥିଲା। ବିଶିଷ୍ଟ ବ୍ୟକ୍ତିତ୍ୱ ମାନେ ଯଥା – ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପଣ୍ଡିତ ମହେଶ୍ୱର ନନ୍ଦ ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ, ମଞ୍ଚାସିନ ବ୍ୟକ୍ତିତ୍ୱମାନେ ସର୍ବଶ୍ରୀ ଧନେଶ୍ୱର ରାଉତ୍, ଆଳି ନାଗରିକ ମଞ୍ଚ ଆଳି, ହରେକୃଷ୍ଣ ପଣ୍ଡା, ଅଖିଳ ଚକ୍ର ଓଡ଼ିଶା ସଭାପତି, ଯାଜପୁର ଜିଲ୍ଲା, ଇଞ୍ଜିନିୟର ନୀଳାଦ୍ରି ଭୂଷଣ ମହାପାତ୍ର, ସମ୍ବାଦ ସାହିତ୍ୟ ଘର ସଭାପତି, ଆଳି ବ୍ଲକ୍, କାଳୀ ପ୍ରସାଦ ନାୟକ, ଅବସର ପ୍ରାପ୍ତ ବରିଷ୍ଠ ଶିକ୍ଷାବିତ୍, ରାଜ କନିକା, ଧରଣୀଧର ପାତ୍ର, ଅବସର ପ୍ରାପ୍ତ ଉଦ୍ୟାନ୍ୱିତ୍ , ଓଡ଼ିଶା, ନରହରି ପାତ୍ର ଅବସର ପ୍ରାପ୍ତ ସ୍କୁଲ ଇନ୍ସପେକ୍ଟର, ଗୋପାଳ ଚନ୍ଦ୍ର ବେହେରା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ, ହରିଶ୍ଚନ୍ଦ୍ର ରାଉତ୍, ରମାକାନ୍ତ ବିଶ୍ୱାଳ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ପ୍ରଧାନ ଶିକ୍ଷକ, ବାଳକାଟି, ସୁଶାନ୍ତ କୁମାର ନାୟକ, ସମ୍ବାଦ ସାହିତ୍ୟ ଘର ସମ୍ପାଦକ, ଆଳି ବ୍ଲକ୍, ଅଜୟ କୁମାର ସାହୁ, ବସନ୍ତ କୁମାର ବେହୁରା, ସମାଜ ସେବୀ ଯାଜପୁର ଜିଲ୍ଲା, କରୁଣାକର ସାମଲ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ, ସହଦେବ ସିଂହ, ଯୁଗ୍ମ ସମ୍ପାଦକ ଆଳି ନାଗରିକ ମଞ୍ଚ, ଆଳି, ସଡ଼କ ବନ୍ଧୁ ସୁଶାନ୍ତ କୁମାର ତରାଇ, ଲୋତକ ବିନ୍ଦୁ ଦାସ, ଦିଲୀପ କୁମାର ରାଉତ, ଶିକ୍ଷକ ରାଜ କନିକା, ଓ ଆହୁରି ଅନେକ ଶୁଭେଚ୍ଛୁ ଜ୍ଞାନୀ ଗୁଣୀ ବ୍ୟକ୍ତିତ୍ୱ ଉକ୍ତ ସ୍ୱନକ୍ଷତ୍ର ଉତ୍ସବରେ ଯୋଗ ଦେଇଥିଲେ। ସ୍ୱାଗତ ନୃତ୍ୟ ପରିବେଷଣ କରା ଯାଇଥିଲା। ଶେଷରେ କବି ଗୋବିନ୍ଦ ଚନ୍ଦ୍ର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଘନଶ୍ୟାମ ସାହୁଙ୍କ ୫ଜଣ ଝିଅ ଜ୍ୱାଇଁ, ଆତ୍ମୀୟ ସ୍ୱଜନ, ପୁତୁରା, ଝିଆରୀ, ନାତି, ନାତୁଣୀ, ବୋହୂ ଓ ପଡ଼ୋଶୀ ମାନେ ଉତ୍ସାହ ସହକାରେ କାର୍ଯ୍ୟକ୍ରମକୁ ସହଯୋଗ କରି ସମ୍ପାଦନ କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର



ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ ଆରିକମା ଗ୍ରାମ ସ୍ଥିତ ପ୍ରସିଦ୍ଧ ମା ଆକୋସଲାଶୁଣୀ ପୀଠ ଠାରେ ପଚାଶ ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ମହା ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସ ଅଧିବାସରେ ଅଙ୍କୁରାରୋପଣ, ସୂର୍ଯ୍ୟ ପୂଜା, ଗୋ ପୂଜା ଆଦି କରାଯାଇଥିଲା। ଦ୍ୱିତୀୟ ଦିବସ ମଙ୍ଗଳବାର କଳସ ଶୋଭାଯାତ୍ରା, କଳସ ସ୍ଥାପନ, କରାଯାଇଥିବା ବେଳେ ତୃତୀୟ ଦିବସରେ ପୂଜା ପାଠ, ମହା ଯଜ୍ଞ ଆରମ୍ଭ ଆଦି କରାଯାଇଥିଲା ଚତୁର୍ଥ ଦିବସରେ ସପ୍ତ ସତୀ ଚଣ୍ଡୀ ଆହୁତି ପଞ୍ଚମ ଦିବସ ରାମ ଗୀତା ଆହୁତି ସହିତ ରୀତିନୀତି ଅନୁସାରେ ସମସ୍ତ ପୂଜା ପାଠ କରାଯାଇ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇ ପୂର୍ଣ୍ଣାହୁତି କାର୍ଯ୍ୟ ସମାପନ କରାଯାଇଥିଲା। ଯଜ୍ଞାଦି ବରିଷ୍ଠ ବ୍ରାହ୍ମଣ ଚିନ୍ତା ମଣି ଦାସ, କେଶବ ଚନ୍ଦ୍ର ମିଶ୍ର ଓ ପୂଜକ ରବୀନ୍ଦ୍ର ନାଥ ମହାପାତ୍ରଙ୍କ ଦ୍ୱାରା ସମସ୍ତ ପୂଜା ପାଠ କାର୍ଯ୍ୟ କରାଯାଇଥିବା ବେଳେ କର୍ତ୍ତା ଭାବେ କିଶୋର ଚନ୍ଦ୍ର ରୟଗୁରୁ ମହାପାତ୍ର ମହାରାଜ କାର୍ଯ୍ୟ ତୁଲାଇଥିଲେ। ପାଞ୍ଚଦିନ ଧରି ପ୍ରତ୍ୟେହ ଦିବସରେ ସ୍ଥାନୀୟ ଅଞ୍ଚଳର ଗ୍ରାମ ଗୁଡିକର ହଜାର ହଜାର ଶ୍ରଦ୍ଧାଳୁମାନଙ୍କର ଜନ ସମାଗମ ହୋଇଥିଲା। ପାଞ୍ଚଦିନ ଧରି ପ୍ରତ୍ୟେହ ଦିବସରେ ଠାକୁରଙ୍କ ନିକଟରେ ପ୍ରାସାଦ ଲାଗୁ କରାଯାଇ ଅନ୍ନ ଛତ୍ର ବ୍ୟବସ୍ଥା କରାଯାଇଥିଲା।



## ମନ୍ଦିର ହୁଣ୍ଡୀରୁ ଚୋରି କରିଥିବା ଅପରାଧୀ ଗିରଫ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ୧୦ ତାରିଖର ମଧରାତ୍ରୀରେ କେନ୍ଦୁଝର ସଦର ଥାନା ଅନ୍ତର୍ଗତ ବୋଦାପଳସା ଗ୍ରାମର ଆରାଧ ଦେବତା ପ୍ରଭୁ ଶ୍ରୀ ଚନ୍ଦ୍ରଶେଖର ମହେଶ ମନ୍ଦିରରୁ ଚୋରି ହୋଇଥିଲା। ସୂଚନାଯୋଗ୍ୟ ଯେ, ମନ୍ଦିରର ମୁଖ୍ୟ ଫାଟକର ତାଲା ଭାଙ୍ଗି ମନ୍ଦିର ଭିତରେ ପଶି ମନ୍ଦିର ହୁଣ୍ଡିର ତାଲା ଭାଙ୍ଗି ପ୍ରାୟ ଟ.୨୫,୦୦୦ ଚୋରୀ କରିଥିବା ଚୋର ମାନଙ୍କୁ ସଦର ଥାନା ପୋଲିସ ଧରିବାରେ ସକ୍ଷମ ହୋଇଛି। ଏହି ବାବଦକୁ ସଦର ଥାନା କେସ ନମ୍ବର ୫୮୧/୨୦୨୪ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲା। ଉକ୍ତ ଚୋରମାନେ କେମ୍ପସଡା ଗ୍ରାମର ମଙ୍ଗଲୁ ମହନ୍ତ, ସୁନା ଓରଫ କୁନା ଓରଫ ସୁନାରାମ ମୁଣ୍ଡା, ଉପର କାଠ କରଞ୍ଜିଆ ଗ୍ରାମର ଟୁକୁ ଓରଫ ରବି ଓରଫ ରବୀନ୍ଦ୍ର ମୁଣ୍ଡା, ଠୁଙ୍ଗୁ ଓରଫ ସୁରେଶ ମୁଣ୍ଡା ଅଟନ୍ତି। ସଦର ପୋଲିସର ତଦନ୍ତ ସୂତ୍ରରୁ ଜଣାପଡ଼ିଛି ଯେ ଉପରୋକ୍ତ ଆସାମୀମାନେ ସଦର ଓ ଟାଉନ୍ ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନ ରେ ବିଭିନ୍ନ ସମୟରେ ବିଭିନ୍ନ ମନ୍ଦିର, ମାଲିକ ନଥିବା ସମୟରେ ଦୋକାନ ଓ ବାସଗୃହ ଭାଙ୍ଗି ଲକ୍ଷାଧିକ ଟଙ୍କା ଚୋରୀ କରିଥିବାର ସନ୍ଧାନ ପାଇଛି। ସେମାନେ ସଦର ଥାନାର ବିଭିନ୍ନ କେସରେ ସମ୍ପୃକ୍ତ ଥିବାର ପୋଲିସ ପାଖରେ ପ୍ରମାଣ ମିଳିଛି। ଉପାରୋକ୍ତ ଦୃର୍ବୁତମାନେ ଦିନବେଳେ ବିଭିନ୍ନ ଜାଗାରେ ବୁଲି ବୁଲି ଖବର ସଂଗ୍ରହ କରନ୍ତି ଓ ରାତ୍ରୀ ସମୟ କିମ୍ବା ନିଛାଟିଆ ର ସୁଯୋଗ ନେଇ ଘର, ମନ୍ଦିର ଓ ଦୋକାନରୁ ଚୋରୀ କରନ୍ତି। ସଦର ପୋଲିସ ଉପରୋକ୍ତ ଦୃର୍ବୁତମାନଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି।

## ଜିଲ୍ଲାପାଳ ଓ ଜିଲ୍ଲା ପୋଲିସ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣି



କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆରେ ମାସର ତୃତୀୟ ସମବାର ଦିନ ମୟୁରଭଞ୍ଜ ଜିଲାପାଳ ଓ ଏସ ପି ଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ପାଇଁ ପୂର୍ବ ରୁ ନିର୍ଦ୍ଧାରିତ ହୋଇଛି ସେହି ଅନୁଯାଇ ଚଳିତ ମାସ ତୃତୀୟ ସମବାର ଆଜି ସର୍ବସାଧାରଣଙ୍କ ଅଭିଯୋଗର ଶୁଣାଣି ପାଇଁ ଜିଲାପାଳ ହେମକାନ୍ତ କୁମାର ସୟ ଓ ଜିଲ୍ଲାଏସପି ବରୁଣ ଘୁଣ୍ଟୁପାଳି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଛନ୍ତି। ଏଥିରେ ମୋଟ ୧୦୫ ଗୋଟି ଅଭିଯୋଗ ଆଗତ ହୋଇଥଲା ସେଥିରୁ ୭୪ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୩୧ଟି ଗୋଷ୍ଠିଗତ ଥିଲା। ମୋଟ ଅଭିଯୋଗ କାରୀଙ୍କ ମଧ୍ୟରୁ ୨ ଗୋଟି ଅଭିଯୋଗର ତତ୍କାଳ ଶୁଣାଣୀ ହୋଇଥଲା ଓ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ଠାକୁରମୁଣ୍ଡା ବ୍ଲକର କଲମି ମହାନ୍ତଙ୍କୁ ୧୦ ହଜାର ଟଙ୍କା ଓ କରଞ୍ଜିଆ ଏନ୍ଏସିର ଚନ୍ଦନ ଟାଙ୍ଗରିଆଙ୍କୁ ରେଡକ୍ରସ୍ ପାଣ୍ଠିରୁ ୨ହଜାର ଟଙ୍କା ସହାୟତା ଦିଆ ଯାଇଥିଲା, ଏହି ଶିବିରରେ ସହକାରୀ ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ଦାସଙ୍କ ସହିତ ନୂତନ କରି ଯୋଗ ଦେଇଥିବା ଉପଖଣ୍ଡ ପୋଲିସ ଅଧିକାରୀ ନବ ରଂଜନ ନାୟକ, ପିଏଆଇଟିଡିଏ ଚିତ୍ତ ରଂଜନ ମହାନ୍ତ ଓ ଡିଏଫଓ ଶ୍ରୀକାନ୍ତ ନାଏକ, ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡାକ୍ତର ଅନିତା ସିଂ, ଶୁକୁଳି ତହସିଲଦାର ଯତୀନ୍ଦ୍ର ନାଥ ସେଠି, ଆରଡବ୍ଲୁଏସଏସର ନିର୍ବାହୀ ଯନ୍ତ୍ରୀ ଶ୍ରୀକାନ୍ତ ରାଉତ, ଦେଓ ବନ୍ଧ ଯୋଜନାର ଅଧିକ୍ଷଣ ଯନ୍ତ୍ରୀ ସୁରଜ କୁମାର ପାତ୍ର, ବିଦ୍ୟୁତ୍ ବିଭାଗ ଏସଡିଓ ଶୌରଶୁ ପରିଡା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ସହକାରୀ ଜିଲ୍ଲାପାଳ ନିହାର ରଂଜନ ସେଠୀ, ସହକାରୀ ଜିଲ୍ଲାପାଳ ରଶ୍ମିତା ଜେନା ପାଞ୍ଚ ବ୍ଲକ ର ବିଡିଓ ତଥା ସମସ୍ତ ବ୍ଲକ ଲାଇନ ବିଭାଗର ଅଧିକାରି ମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସେକ୍ସନ ଅଫିସର୍ ଧିରେନ କୁମାର ଭୋଇ, କ୍ଷୋମେଶ ମହନ୍ତ, ଦିଲ୍ଲିପ କୁମାର ପଳେଇ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ମାନେ ପରିଚାଳନା କରିଥିଲେ।

## ଜାତୀୟ ରାଜପଥ ନିର୍ମାଣରେ ମାଟି ବ୍ୟବହାରକୁ ବନ୍ଦ କରାଯାଉ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ପାରାଦୀପ ଜାତୀୟ ରାଜପଥକୁ ୮ଲେନ ବିଶିଷ୍ଟ ରାଜପଥରେ ପରିଣତ କରାଯିବା ପାଇଁ ରାସ୍ତା ନିର୍ମାଣ ଚାଲିଛି। ଏହି ରାସ୍ତା ନିର୍ମାଣରେ ବ୍ୟବହୃତ ହେଉଥିବା କେନ୍ଦ୍ରାପଡାର ମାଟି ଓ ବାଲିକୁ ବନ୍ଦ କରାଯିବା ନିମନ୍ତେ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛି ମାଟି ବାଲି ପାଣି ସୁରକ୍ଷା ମଞ୍ଚ, କେନ୍ଦ୍ରାପଡା। ମଞ୍ଚ ପକ୍ଷରୁ ଆଇନଜୀବୀ ବିଧୁଭୂଷଣ ମହାପାତ୍ର କହିଛନ୍ତି ଯେ ଏହି ରାସ୍ତା ନିର୍ମାଣରେ ମାଟି ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯିବା ସହିତ ଗତ ୫ମାସ ମଧ୍ୟରେ ଜିଲ୍ଲାର ବିଭିନ୍ନ ନଦୀରୁ ଚୋରି ହୋଇଥିବା ୪ଶହ କୋଟି ଟଙ୍କା ବାଲିର ତଦନ୍ତ ପାଇଁ ଖଣି ଅଧିକାରୀଙ୍କ ମୋବାଇଲ ଓ ସେ ବ୍ୟବହାର କରୁଥିବା ଗାଡିର ଲଗ୍‌ବୁକ୍‌କୁ ତଦନ୍ତ କରାଯିବା ସହ ଡ୍ରୋନସର୍ଭେ ପାଇଁ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରାଯାଉ। ଶ୍ରୀ ମହାପାତ୍ର ଆହୁରି କହିଛନ୍ତି ଯେ ଗତ ୭ତାରିଖରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଡକାଯାଇଥିଲା। ସେଥିରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଉଭୟ କହିଥିଲେ ଯେ ବେଆଇନ ଭାବେ ଚାଲିଥିବା ନାଳିଇଟା ନିର୍ମାଣକୁ ବନ୍ଦ କରାଯିବା, ଚୋରା ବାଲି ଚାଲାଣ ଓ ମାଟି ଖୋଳା ଉପରେ ରୋକ ଲଗାଇବା ନିମନ୍ତେ ୭ଟି ସ୍କ୍ୱାର୍ଡ ଗଠନ କରିଥିଲେ। ସେହି ସ୍କ୍ୱାର୍ଡ ୭ଟି ସାମାନ୍ୟ ଚଳଚଞ୍ଚଳ ହୋଇପଡିବାରୁ ରାସ୍ତାଘାଟ ଶୃଙ୍ଖଳା ରହିବା ସାଙ୍ଗକୁ ଦୁର୍ଘଟଣା କମିଯାଇଛି। ସମଗ୍ର ରାଜ୍ୟରେ ଫ୍ଲାଏ ଆସ, ମୋରମ ଓ ପଥରଗୁଣ୍ଡରେ ରାସ୍ତା ନିର୍ମାଣ କରାଯିବାକୁ ନିର୍ଦ୍ଦେଶ ରହିଥିବା ବେଳେ କେନ୍ଦ୍ରାପଡାରେ ନଦୀ ବାଲି, ଜାତୀୟ ରାଜପଥ ଓ ରେଳପଥ କଡରୁ ଲକ୍ଷ ଲକ୍ଷ ଟ୍ରିପ ମାଟି ଉଠା ଚାଲିଥିବା ମହାପାତ୍ର ଅଭିଯୋଗ କରିଛନ୍ତି। ୨୦୨୪ମସିହା ମାର୍ଚ୍ଚମାସ ୧୭ତାରିଖରୁ ପୂର୍ବତନ ଜିଲ୍ଲାପାଳ ମାଟି ଓ ବାଲି ପକାଇ ରାସ୍ତା ପୋତିବାକୁ ବନ୍ଦ କରିଥିବା ବେଳେ କିଭଳି ଭାବେ ଚଣ୍ଡିଖୋଲ- ପାରାଦୀପ ଜାତୀୟ ରାଜପଥ ନିର୍ମାଣରେ ଏବେବି ମାଟି ଓ ବାଲି ବ୍ୟବହାର କରାଯାଉଛି ବୋଲି ମହାପାତ୍ର ପ୍ରଶ୍ନ କରିଛନ୍ତି। ମାର୍ଶାଘାଇ, ଡେରାବିଶ ଓ କେନ୍ଦ୍ରାପଡା ସଦର ଥାନାରେ ଚୋରା ମାଟି ଓ ଚୋରା ବାଲିରେ ଏହି ଜାତୀୟ ରାଜପଥ ନିର୍ମାଣ କରାଯାଉଥିବା ନେଇ ଅଭିଯୋଗ କରାଯାଇଥିଲେବି ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବା ମହାପାତ୍ର କହିଛନ୍ତି। ଜିଲ୍ଲାର ପ୍ରତ୍ୟେକ ନଦୀକୁ ଡ୍ରୋନ ସାହାଯ୍ୟରେ ସର୍ଭେ କରାଗଲେ କେତେ ପରିମାଣର ବାଲି ସେଠାରୁ ଉତ୍ତୋଳନ କରାଯାଇଛି ଏବଂ ଜାତୀୟ ରାଜପଥର ଟୋଲଗେଟ ରେକର୍ଡ ଯାଞ୍ଚ କରାଗଲେ କେତେ ଫ୍ଲାଏଆସ ଆସିଛି ତାହାର ପ୍ରକୃତ ରହସ୍ୟ ଜଣାପଡିବ ବୋଲି ମହାପାତ୍ର କହିଛନ୍ତି। ଏ ସମସ୍ତ ଘଟଣାର ଏକ ବିଧିବଦ୍ଧ ତଦନ୍ତ କରାଯିବାକୁ ଆଇନଜୀବୀ ମହାପାତ୍ର ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

### ଓଜେଏସ୍ ପରୀକ୍ଷାରେ ସଫଳତା ପାଇ ତିହିଡ଼ିର ଗୌରବ ଆଣିଲେ ସ୍ନିଗ୍ଧା

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଅଚକ ଗ୍ରାମର ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଆଲୋକ ରଂଜନ ସାହୁଙ୍କ ପତ୍ନୀ ସ୍ନିଗ୍ଧା ବେହେରା ଓଡ଼ିଶା ଜୁଡିସିଆ ସର୍ଭିସ ପରୀକ୍ଷାରେ ୨୯ ତମ ସ୍ଥାନରେ ରହି ସଫଳତା ହାସଲ କରିଛନ୍ତି। ଏହି ସଫଳତା ପାଇ ସେ ତିହିଡ଼ିର ଗୌରବ ବଢ଼ାଇଛନ୍ତି। ସେ ଭଦ୍ରକ ଆଇନ କଲେଜରୁ ସ୍ନାତକ ପାସ୍ କରିବା ପରେ ୨୦୨୨ରେ ଓଡ଼ିଶା ଜୁଡ଼ିସିଆଲ ସର୍ଭିସ (ଓଜେଏସ୍) ପରୀକ୍ଷା ଦେଇ ବିଫଳ ହୋଇଥିଲେ। ସେଥିରେ ସେ ଭାଂଗି ନପଡ଼ି ୨୦୨୩-୨୪ରେ ପୁଣି ଥରେ ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଥିବା ଜଣା ପଡ଼ିଛି। ତାଙ୍କ ବାପ ଘର ବାଲିମେଳାରେ ହୋଇଥିବା ବେଳେ ବାପାଙ୍କ ନାମ ବିବେକାନନ୍ଦ ବେହେରା ଓ ମା’ ମିନତୀ ବେହେରା ଅଟନ୍ତି। ବାପା ଜଳବିଦ୍ୟୁତ୍ କେନ୍ଦ୍ରରେ କାର୍ଯ୍ୟ କରୁଥିବା ବେଳେ ମା’ ଜଣେ ଶିକ୍ଷୟିତ୍ରୀ ଅଟନ୍ତି। ଏହି ସଫଳତା ପାଇଁ ସ୍ୱାମୀ ଆଲୋକଙ୍କ ସମେତ ପରିବାର ବର୍ଗଙ୍କୁ ସେ ଶ୍ରେୟ ପ୍ରଦାନ କରିଛନ୍ତି। ଏହି ସଫଳତା ପାଇବା ପରେ ସ୍ନିଗ୍ଧାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଗହଣା ଦୋକାନରୁ ଫୋନ ପେ ପେମେଣ୍ଟ ଆପ୍ ଦ୍ୱାରା ଠକେଇ



ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ମୁଖ୍ୟ ବଜାରରେ ଥିବା ନିଉ ମା’ଦୂର୍ଗା ଜୁଏଲର୍ସ ନାମକ ଏକ ଗହଣା ଦୋକାନରୁ ରବିବାର ସନ୍ଧ୍ୟାରେ ସୁନା ଓ ରୂପା କିଣିବା ପରେ ନକଲି ଫୋନ-ପେ ପେମେଣ୍ଟ ଆପ୍ ଦ୍ୱାରା ଠକେଇ ହୋଇଥିବା ସୂଚନା ରହିଛି। ଅଭିଯୁକ୍ତ ଜଣଙ୍କ ହେଉଛନ୍ତି ବାରିପଦା ସହର ସ୍ଥିତ ଭଞ୍ଜପୁର ଥାନା ଅଧୀନ ବିଜୟ ରାମଚନ୍ଦ୍ରପୁର ଇଲାକାର ସସ୍ମିତା କରଙ୍କ ସମେତ ତାଙ୍କର ନାବାଳକ ପୁଅକୁ ଆଜି ଥାନାକୁ ଆଣିବା ସହିତ ସ୍କୁଟି ଏବଂ ଠକେଇରେ ବ୍ୟବହୃତ ଦୁଇଟି ମୋବାଇଲ ଜବତ କରିଛି ବେତନଟୀ ପୁଲିସ। ସସ୍ମିତା ବାଲେଶ୍ୱର ଜିଲ୍ଲା ଔପଦା ଅଞ୍ଚଳର ରଜତ କୁମାର କରଙ୍କୁ ବିବାହ କରିଥିବା ବେଳେ ବିଜୟ ରାମଚନ୍ଦ୍ରପୁର ଇଲାକାରେ ବାପା ନରେନ୍ଦ୍ର ପାଣିଗ୍ରାହୀ କରିଥିବା ଘର ଠିକଣାରେ ପୋଲିସ ପହଞ୍ଚି ସୁନାମୁଦୀ ଓ ରୂପାମୁଦୀ ଜବତ କରିବା ସହିତ ସସ୍ମିତା ଓ ତାଙ୍କର ନାବାଳକ ପୁଅକୁ ଥାନାକୁ ଆଣିଥିଲେ। ଘଟଣାରୁ ପ୍ରକାଶ ନିଜ ନାମରେ ପଞ୍ଜୀକୃତ ଓଡି ୧୧ଏଫ ୭୪୬୦ନମ୍ବର ବିଶିଷ୍ଟ ସ୍କୁଟି ଯୋଗେ ସସ୍ମିତା ନିଜର ୮ମ ଶ୍ରେଣୀରେ ପଢୁଥିବା ପୁଅ ସହିତ ରବିବାର ସନ୍ଧ୍ୟାରେ ବେତନଟୀ ଆସିଥିଲେ। ମୁଖ୍ୟବଜାରରେ ଥିବା ନିଉ ମା’ଦୂର୍ଗା ଜୁଏଲର୍ସ ନାମକ ଗହଣା ଦୋକାନରୁ ଗୋଟିଏ ସୁନାମୁଦୀ ଏବଂ ୨ଟି ରୂପାମୁଦୀ କିଣିଥିଲେ। ଏନେଇ ଦୋକାନୀ ଜଣକ ୨୪ ହଜାର ୨ଶହ ଟଙ୍କା ପୈଠ କରିବାକୁ କହିଥିଲେ। ପରେ ୨୪ହଜାର ଟଙ୍କା ପୈଠ କରିବାକୁ କହିବା ପରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ନାବାଳକ ଜଣକ ନକଲି ଫୋନ-ପେ ପେମେଣ୍ଟ ଆପ୍ ଦ୍ୱାରା ୨୪ ହଜାର ଟଙ୍କା ସଫଳତାର ସହିତ ପୈଠ ହୋଇଥିବା ନେଇ ଦୋକାନୀଙ୍କୁ ଦେଖାଇ ଥିଲେ। ଏହାପରେ ସସ୍ମିତା ଦୋକାନରୁ ଜିନିଷ ନେଇ ପଳାଇ ଆସିଥିବା ବେଳେ ମୋବାଇଲ ଯାଞ୍ଚ କରିବାରୁ ପେମେଣ୍ଟ ଆସିନଥିବା ନେଇ ଦୋକାନୀ ଜଣକ ଦୋକାନ ବାହାରକୁ ଦୌଡିଯାଇ ପଛରୁ ଡାକ ପକାଇଥିଲେ ସୁଦ୍ଧା ସସ୍ମିତା ପଳାଇ ଯାଇଥିଲେ। ଏହାପରେ ଦୋକାନୀ ଜଣକ ସିସିଟିଭି ଫୁଟେଜ ଯାଞ୍ଚ କରିବା ପରେ ଜିଣିଷ କିଣିବା ପୂର୍ବରୁ ଦୋକାନରେ ପଶୁପଶୁ ନାବାଳକ ଜଣକ ଅତ୍ୟନ୍ତ ଚତୁରତାର ସହିତ ଦୋକାନର କ୍ୟୁଆର କୋଡ ସ୍କାନ କରି ବ୍ୟାଙ୍କର ନାମ ହାତେଇ ନେଇଥିଲେ। ଆଉ ତଦନୁଯାୟୀ ନକଲି ଫୋନ-ପେ ପେମେଣ୍ଟ ଆପ୍ ଦ୍ୱାରା ଠକେଇ ପ୍ରକ୍ରିୟା ଆରମ୍ଭ କରିଥିଲେ। ଶେଷରେ ସୁନାମୁଦୀ ଓ ରୂପା ଗୋଡମୁଦୀ କିଣି ସାରିବା ପରେ ସଫଳତାର ସହିତ ୨୪ହଜାର ଟଙ୍କା ମେମେଣ୍ଟ ହୋଇଥିବା ନେଇ ଦୋକାନୀଙ୍କ ଦେଖାଇ ପଳାଇ ଯାଇଥିଲେ। ଦୋକାନୀ ଜଣକ ନିଜର ଫୋନ-ମେ ଏବଂ ପ୍ରକ୍ରିୟା ଆରମ୍ଭ କରିଥିଲେ। ଶେଷରେ ସୁନାମୁଦୀ ଓ ରୂପା ଗୋଡମୁଦୀ କିଣିସାରିବା ପରେ ସଫଳତାର ସହିତ ୨୪ହଜାର ଟଙ୍କା ପେମେଣ୍ଟ ହୋଇଥିବା ନେଇ ଦୋକାନୀଙ୍କୁ ଦେଖାଇ ପଳାଇ ଯାଇଥିଲେ। ଦୋକାନୀ ଜଣକ ନିଜର ଫୋନ-ପେ ଏବଂ ସିସିଟିଭି ଯାଞ୍ଚ କରିବାପରେ କିଭଳି ଠକାମୀର ଶୀକାର ହେଲେ ତାହା ଜଣାପଡିଥିଲା। ଏନେଇ ସେ ଏତଲା ଦାଏର କରିବାପରେ ବେତନଟୀ ପୁଲିସ ୭୯/୨୫ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ସୋମବାର ବାରିପଦା ଯାଇ ଭଞ୍ଜପୁର ପୁଲିସ ସହାୟତାରେ ବିଜୟ ରାମଚନ୍ଦ୍ରପୁର ଇଲାକାରୁ ସସ୍ମିତା କରଙ୍କ ସମେତ ୮ମ ଶ୍ରେଣୀରେ ପଢୁଥିବା ନାବାଳକ ପୁଅକୁ ନେଇ ଥାନାକୁ ଆଣିଥିଲେ। ବେତନଟୀ ପୁଲିସ ଅଧିକ ପଚରା ଉଚରା କରିବାପରେ କିଭଳି ବିଭିନ୍ନ ଦୋକାନରେ ଏହି ଫେନ - ପେ ଆପ୍ ଦ୍ୱାରା ଠକେଇକରି କିଣାକିଣି କରିଥାନ୍ତି ସେନେଇ ସବୁ ସତ ମାନିଥିଲା। ବେତନଟୀ ପୋଲିସ ଉଭୟ ମା’ପୁଅଙ୍କ ନାମରେ ମାମଲା ରୁଜୁ କରିଥିବା ବେଳେ ନୋଟିସ ବଳରେ ଘର ଲୋକଙ୍କ ଜିମା ଦେଇ ଛାଡିଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି।

## ଜିଲ୍ଲା ପ୍ରଶାସନ ଅଭିଯୋଗ ଶୁଣାଣି

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଗୋଚର, ଗୋଦଓନା,ଗୁହାଳ, କୁଣ୍ଡା, ଘାସ, ପଡିଆ, ଗୋଚରାଳୀର, ଗୋବରର ବିକ୍ରୟ ଅଭାବ, ପଞ୍ଚଗବ୍ୟ ଶିଳ୍ପ ପାଇଁ ଆବଶ୍ୟକ ଆନୁଷଙ୍ଗିକ ଅର୍ଥର ଅଭାବ, ଗୋପାଳଙ୍କୁ ଆବଶ୍ୟକ ସହୟଓତାର ଘୋର ଅଭାବ, ଯୋଜନା ଗୁଡିକ ଲୋକ ଅଭିମୁଖି ନହେବ, ସରକାରଙ୍କ ଆନ୍ତରିକ ଅଭାବ, କୁହ୍ନାର ଗୋଠ ଭାଙ୍ଗିବା, ପ୍ରତିଦିନ ଗୋଚଓଲାଣଓ ହେବା ମୁଖ୍ୟ କାରଣ ବୋଲି ଘୁମୁସରୀ ଗୋପାଳ ସମିତି ମୁଖ୍ୟ ଉପଦେଷ୍ଟା ବାବା ସତ୍ୟାନନ୍ଦ ମହାରାଜାଙ୍କ ନେତୃତ୍ୱରେ ଘୁମୁସରୀ ସମିତି ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ଓ ଉପଦେଷ୍ଟା ମୁରଲୀଧର ପଣ୍ଡା ଆଜି ଜିଲ୍ଲା ପ୍ରଶାସନ ଅଭିଯୋଗ ଶୁଣାଣି ପ୍ରୋକଷ୍ଠ ଅତିରିକ୍ତ ଉପଜିଲ୍ଲାପାଳ ଅଭିଯୋଗ ପତ୍ର ପ୍ରଦାନ କରି ବିଭିନ୍ନ ପ୍ରସ୍ତାବ ପ୍ରଦାନ କରାଯାଇଛି। ଘୁମୁସର ଉପଖଣ୍ଡ ଅଞ୍ଚଳରେ ସରକାରଙ୍କ ଜନମଙ୍ଗଳ ଯୋଜନା ଓ ଘୁମୁସରୀ ଗୋବଂଶ ମହତ୍ୱର ବ୍ୟାପକ ଜନସଚେତନା କରିବା, ଅବାଧ ଗୋ ଚାଲାଣ ବନ୍ଦକରିବା ଓ ଆଇନ ଶୃଙ୍ଖଳା ସମୀକ୍ଷା ସହ ଗୋ-ଗ୍ରାମ ସୃଷ୍ଟି କରିବା, ଜୈବିକ ଖେତି, ପାରମ୍ପରିକ କୃଷିର ବିକାଶରେ ସ୍ଥାନୀୟ ଚାଷୀ ସମ୍ପୂର୍ଣ୍ଣ ଭାଗୀଦାରୀ ଓ ବଜାର ସୃଷ୍ଟି କରିବା, ଗୋଚର ଭୂମିର ବିକାଶ, ଘାସ ଚାଷ ସହ ଜୀବଜଗତର କଲ୍ୟାଣ, ପ୍ରତି ଘୁମୁସରୀ ଗୋପାଳଙ୍କୁ ଗୁହାଳ, ପ୍ରତି ବ୍ଲକରେ ଗୋଶାଳଓ ନିର୍ମାଣ, ଗୋବର ଶିଳ୍ପ, ଘୁମୁସରୀ ଗବ୍ୟସିଦ୍ଧି ବିକାଶ ପାଇଁ ଅପଚୟ ଗୋବର ଓ ଗୋମୁତ୍ରର ଉପଯୁକ୍ତ ବିନିଯୋଗ ଦ୍ୱାରା ବ୍ୟାପକ ନିଯୁକ୍ତି, ଗୋଆଧାରିତ କୃଷି, ଶିଳ୍ପ ମାଧ୍ୟମରେ ସ୍ଥାନୀୟ ଯୁବକଯୁବତୀ ଓ ମହିଳାଙ୍କୁ ଆତ୍ମ ନିଯୁକ୍ତି ସୃଷ୍ଟି କରିବା, ପଞ୍ଚଗବ୍ୟ ସିଦ୍ଧି, ନିଯୁକ୍ତି ସୃଷ୍ଟି କରିବା, ଘୁମୁସର କ୍ଷେତ୍ରର ଜାତୀୟ ମାନ୍ୟତା ଘୁମୁସରୀ ଗୋବଂଶ ବିକାଶ ସହ ଗୋ ସମର୍ଦ୍ଧାନ ହେବା ସହ ଓଡିଆ ଅସ୍ମିତା ସୁରକ୍ଷାରେ ସହାୟକ ହୋଇ ଦୀର୍ଘମିଆଦି ଯୋଜନା କରିବା ପାଇଁ ସମିତି ବାରମ୍ବାର ଶାସନପ୍ରଶାସନ ଅଭିଯୋଗ କଲେ ବି ଜିଲ୍ଲାପାଳ ଦୃଷ୍ଟି ଦେଉନାହାନ୍ତି। ଯାହାଫଳରେ ଘୁମୁସର ଗୋମୁକ୍ତ ହେବ ବୋଲି ମହାରାଜା ପ୍ରେସକୁ ଜଣାଇଛନ୍ତି ଓ ମୁଖ୍ୟମନ୍ତ୍ରୀ, ବିଧାୟକ, ଜିଲ୍ଲାପାଳ ଓ ଉପ ଜିଲ୍ଲାପାଳଙ୍କ ଆଦେଶକୁ କ୍ଷେତ୍ର ଅଧିକାରୀ ମାନେ ଅଣଦେଖା କରୁଛନ୍ତି ଓ ଉପଯୁକ୍ତ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଭଞ୍ଜନଗର ଉପ-ଜିଲ୍ଲାପାଳ ଅଧକ୍ଷତାରେ ସ୍ୱତନ୍ତ୍ର କମିଟି ଗଠନ କରାଯାଉ। ଭଞ୍ଜନଗର ଉପଖଣ୍ଡର ସମସ୍ତ ବିଡିଓ, ତହସିଲଦାର, ଏସଡ଼ିଭିଓ, ଭଞ୍ଜନଗର, ଡିଏଫ, ଦକ୍ଷିଣ ଓ ଉତ୍ତର, ଭଞ୍ଜନଗର, ଏସଡ଼ିପିଓ ଭଞ୍ଜନଗର ଓ ଆସ୍କା, କୃଷି ଜିଲ୍ଲା ଅଧିକାରୀ ଭଞ୍ଜନଗର ଓ ଆସ୍କା, ଜିଲ୍ଲା ଡ଼ିପିଏମ, ଡ଼ିପିସି,ଓଏଲଏମ, ଓରମାସ ଅଧିକାରୀ ଓ ଘୁମୁସରୀ ଗୋପାଳ ସମିତିଙ୍କୁ କମିଟିର ସଭ୍ୟ ରଖାଯାଉ। ପ୍ରତି ତିନିମାସରେ ବୈଠକ ବସି ଆପଣଙ୍କ ପରାମର୍ଶରେ ବିଭିନ୍ନ ଯୋଜନା ଖସଡା କରାଯାଉ। କେରଳ, ବାଙ୍ଗାଲକୁ ଗୋମାଂସ ନିମିତ ଗୋ ଚାଲାଣ ହେଉଥିବା ବେଳେ ଗତ ଦୁଇ ଦିନରେ ୨୦୦ ଗାଈଗୋରୁଙ୍କୁ ଉଧାର କରି ଭଞ୍ଜନଗର ପୁଲିସ ଚାଲାଣକାରୀଙ୍କୁ ଧରିବା ସହ ଗାଡି ଜବତ କରି ସବୁ ଗାଈଗୋରୁଙ୍କୁ ପଶୁ ଡାକ୍ତର ମେଡିକାଲ ଚେକଅପ ପରେ ମହାରାଜାଙ୍କ ଆନନ୍ଦ ଟ୍ରଷ୍ଟ ଗୋଶାଳାକୁ ଜିମା ଦିଆଯାଇଛି ଯଦି ସ୍ଥାନୀୟ ପ୍ରଶାସନ ଅଭିଯୋଗକୁ ଗୁରୁତ୍ୱ ଯଦି ନନିଏ ଜିଲ୍ଲାରେ ଆଗକୁ ଯାହା ଆଇନଶୃଙ୍ଖଳ ପରିସ୍ଥିତି ହେବ ସରକାର ଦାୟୀରହିବେ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଗୁଜରଣ ହଉଛି।

### ଗାଁ ସାଥୀଙ୍କ ବିଶାଳ ଗଣ ଧାରଣା

ମାଲକାନାଗିରି, (ଭାସ୍କର ନ୍ୟୁଜ୍): ଓଡ଼ିଶା ରାଜ୍ୟ ସଭାପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ଆହ୍ୱାନକ୍ରମେ ଆଜି ମାଲକାନଗିରି ଜିଲ୍ଲାର ଗାଁସାଥୀ (ମେଟ) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସହରର ହାଟପଦା ନିକଟରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାଲିରେ ଜାଇ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ବିଭିନ୍ନ ଦାବି ପୂରଣ ପାଇଁ ଆନ୍ଦୋଳନ କରାଯାଇଥିବା ଦେଖିବାକୁ ମିଳିଛି। ଉକ୍ତ ସଂଘର ମାଲକାନଗିରି ଜିଲ୍ଲା ସଂଯୋଜକ ହରି ନାୟକ ଓ ଆବାହକ ରାମଚନ୍ଦ୍ର ମାଡ଼କାମୀଙ୍କ ନେତୃତ୍ୱରେ ଜିଲ୍ଲାରେ ଥିବା ସମସ୍ତ ନ୍ୟାୟ ଆଶାୟୀ ଲିଗାଲ୍ ଗାଁସାଥୀ (ମେଟ)ମାନଙ୍କ ଆବଶ୍ୟକୀୟ ବୟସ କୋହଳ ସହିତ +୨ରୁ ଉର୍ଦ୍ଧ ଶିକ୍ଷାଧାରୀ ମାନଙ୍କୁ ସ୍ଥାୟୀ ନିଯୁକ୍ତି ଓ +୨ରୁ କମ ପାଠ ପଢିଥିବା ଆଶାୟୀ ଗାଁସାଥୀ (ମେଟ)ଙ୍କୁ ସର୍ବନିମ୍ନ ମାସିକ ୧୨ହଜାର ଟଙ୍କାରୁ ଉର୍ଦ୍ଧ ପ୍ରୋତ୍ସାହନ ରାଶି ପ୍ରଦାନ ଦାବିରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ଭାରତର ପ୍ରଧାନମନ୍ତ୍ରୀ ଏବଂ ମହାମହୀମ ରାଷ୍ଟ୍ରପତିଙ୍କ ସମେତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ୧୧ ଜଣ ଅଧିକାରୀ, ପଦାଧିକାରୀ ଓ ସାମ୍ବିଧାନିକ ମୁଖ୍ୟମାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସରକାର ଦେଇଥିବା ତାଙ୍କ ପ୍ରତିଶ୍ରୁତି ଖୁବଶୀଘ୍ର ରକ୍ଷାକରି ସଂଘର ଦାବି ପୂରଣ ନକଲେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ବ୍ୟାପକ କରାଯିବ ବୋଲି ସଂଘ ତରଫରୁ କୁହାଯାଇଛି।

## ଦ୍ୱିତୀୟ ଆରିକମା ପ୍ରିମିୟର ଲିଗ୍: ଲିଟିଲ୍ ଷ୍ଟାର ବିଜୟୀ



ବୋଲଗଡ଼ (ଭାସ୍କର ନ୍ୟୁଜ୍) : ବୋଲଗଡ଼ ବ୍ଲକ ଆରିକମା ଗ୍ରାମର ମା’ କୋଶଳକ୍ଷସୁଣୀ କ୍ରିକେଟ କ୍ଲବ ଆନୁକୁଲ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମା କୋଶଳାଶୁଣି କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଯାଇଛି। କୋଶଳାଶୁଣି ଖେଳ ପଡ଼ିଆରେ ସ୍ଥାନୀୟ ଅଞ୍ଚଳର ୮ ଟି ଦଳକୁ ନେଇ ଗତ ଏକ ସପ୍ତାହ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟ ର ଫାଇନାଲ ମ୍ୟାଚରେ ସ୍ଥାନୀୟ ଫ୍ରେଣ୍ଡସ ଇଲେଭେନ୍ ଓ ଲିଟିଲ୍ ଷ୍ଟାର ଦଳ ମଧ୍ୟରେ ମୁକାବିଲା ହୋଇଥିଲା। ଲିଟିଲ୍ ଷ୍ଟାର ଦଳ ଟସ ଜିତି ବୋଲିଂ ନିଷ୍ପତି ନେଇଥିଲା। ଫ୍ରେଣ୍ଡସ ଇଲେଭେନ୍ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୫ ଉଇକେଟ ବିନିମୟରେ ୧୧୦ ରନ ସଂଗ୍ରହ କରିଥିଲା।ଏହାର ଜବାବ ରେ ଲିଟିଲ୍ ଷ୍ଟାର ଦଳ ୧୦.୨ ଓଭରରେ ୫ ଉଇକେଟ ହରାଇ ୧୧୨ ରନ କରି ମ୍ୟାଚ୍ ବିଜୟ ସହ ଚଳିତ ଥର ଚମ୍ପିୟାନ ହୋଇଥିଲା।ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ସରପଞ୍ଚ ପ୍ରମୋଦ ରାଉତରାୟ ମୁଖ୍ୟଅତିଥି ଓ ସାମାଜିକ କର୍ମୀ ରବି ମହାପାତ୍ର ଅତିଥି ଭାବେ ଯୋଗଦେଇ ଚମ୍ପିୟାନ ଲିଟିଲ୍ ଷ୍ଟାର ଦଳକୁ ଟ୍ରଫି ସହ ୫୦୦୦ ଟଙ୍କା ଓ ରନର ଅପ ଫ୍ରେଣ୍ଡସ ଇଲେଭେନ ଦଳକୁ କପ ସହ ୩ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରିଥିଲେ। ଏହି ଅବସରରେ ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ଗୁଗୁଲାଙ୍କୁ ପୁରସ୍କୃତ କରାଯାଇ ଥିଲା।

## ବାରୁଣାବନ୍ତ ଜଙ୍ଗଲରେ ଲାଗିଲା ନିଆଁ

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍): ବଡ଼ଚଣା ବ୍ଲକ ଅନ୍ତର୍ଗତ ବୈରୀ ବନାଞ୍ଚଳ ତଥା ଚଣ୍ଡିଖୋଲ ସେକ୍ସନ ଅଧୀନରେ ଥିବା ବାରୁଣାବନ୍ତ ଜଙ୍ଗଲରେ ଆଜି ସକାଳେ କୌଣସି କାରଣରୁ ହଠାତ ନିଆଁ ଲାଗି ଯାଇଥିଲା। ତେବେ ଜଙ୍ଗଲରେ ନିଆଁ ଜଳୁଥିବା ଦେଖି ସ୍ଥାନୀୟ ଅଞ୍ଚଳର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ସଂଗେ ସଂଗେ ଚଣ୍ଡିଖୋଲ ବନ ବିଭାଗକୁ ଖବର ଦେଇଥିଲେ। ହେଲେ ବନ ବିଭାଗର ଜଣେ ହେଲେ କର୍ମଚାରୀ ଘଟଣା ସ୍ଥଳକୁ ଆସି ନଥିଲେ। ବିଳମ୍ବ ହେବାରୁ ନଆସିବାରୁ କର୍ମକର୍ତ୍ତା ମାନେ ଚଣ୍ଡିଖୋଲ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳକୁ ଆସି ନିଆଁକୁ ଆୟତ୍ତ କରିଥିଲେ। ତେବେ ବନ ବିଭାଗ କର୍ମଚାରୀ ଖବର ପାଇବାର ଦୁଇଘଣ୍ଟା ବିଳମ୍ବରେ ଆସି ଘଟଣା ସ୍ଥଳରେ ପହଞ୍ଚିଥିବା ଦେଖିବାକୁ ମିଳିଥିଲା। ସେତେବେଳକୁ ନିଆଁ ଲିଭି ସାରିଥିଲା। ଏଠାରେ ପ୍ରଶ୍ନ ଉଠୁଛି, ଏଭଳି ଏକ ସମ୍ବେଦନଶୀଳ ଘଟଣା ସମ୍ପର୍କରେ ଖବର ପାଇ ବନ ବିଭାଗ କାହିଁକି ଠିକଣା ସମୟରେ ନପହଞ୍ଚି ଦୁଇ ଘଣ୍ଟା ବିଳମ୍ବରେ ଆସିଲା। ରାଜ୍ୟ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରି ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱ ଦେବା ସହିତ ସଚେତନ କରୁଥିବା ବେଳେ ବନ ବିଭାଗ କାହିଁକି ଏହାକୁ ଆଜି ଏଡାଇ ଦେଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ଦାବି କରାଯାଇଛି। ତେବେ ଏନେଇ ବୈରୀ ବନାଞ୍ଚଳ ଅଧିକାରୀଙ୍କ ସହିତ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନଥିଲେ।

### ଅସ୍ମିତା ଖେଲୋ ଇଣ୍ଡିଆ ୧୭ ବର୍ଷରୁ କମ ବାଳିକା ଫୁଟବଲ ଚାମ୍ପିଅନ୍‌ସିପ୍

## ତାରିଣୀ ଫୁଟବଲ୍ ଏକାଡେମୀ ଚାମ୍ପିଅନ୍



କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଅଲ ଇଣ୍ଡିଆ ଫୁଟବଲ ଫେଡେରେସନ, ଫୁଟବଲ ଆସୋସିଏସନ ଅଫ ଓଡିଶା ଏବଂ ଜିଲ୍ଲା କ୍ରୀଡା ସଂସ୍ଥା, କେନ୍ଦୁଝର ମିଳିତ ସହଯୋଗରେ କେନ୍ଦୁଝର ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅସ୍ମିତା ଖେଲୋ ଇଣ୍ଡିଆ ୧୭ ବର୍ଷରୁ କମ ବାଳିକା ଫୁଟବଲ ଚମ୍ପିୟାନସିପ ଗତକାଲି ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ଗତ ୬ ତାରିଖ ଠାରୁ ୧୬ ତାରିଖ ପର୍ଯ୍ୟନ୍ତ ପ୍ରଥମ ଥର ପାଇଁ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଜିଲ୍ଲା ବିଭିନ୍ନ ଅଞ୍ଚଳରୁ ସମୁଦାୟ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ଦଳଗୁଡିକ ହେଲା ଟାଟା ଷ୍ଟିଲ ଫାଉଣ୍ଡେସନ-ଯୋଡ଼ା, ଜେଏସଡବ୍ଲୁ ଫାଉଣ୍ଡେସନ-ବନ୍ଧୁଆବେଡା, ବଡ଼ବିଲ ଏଫସି, ତାରିଣୀ ଫୁଟବଲ ଏକାଡେମୀ-କେନ୍ଦୁଝର, ଜିନ୍ଦଲ ଫାଉଣ୍ଡେସନ ବଡ଼ବିଲ-ଏ ଏବଂ ଆଡମିନ ଏଫସି। ଡବଲ ରାଉଣ୍ଡ ଲିଗ ପଦ୍ଧତିରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ପ୍ରତ୍ୟେକ ଦଳ ପ୍ରତ୍ୟେକଙ୍କ ସହ ଦୁଇ ଥର ଲେଖାଏଁ ମ୍ୟାଚ ଖେଳିଥିଲେ। ଅନ୍ତିମ ପର୍ଯ୍ୟାୟରେ ତାରିଣୀ ଫୁଟବଲ ଏକାଡେମୀ-କେନ୍ଦୁଝର ସମୁଦାୟ ୧୦ଟି ମ୍ୟାଚ ଖେଳି ୯ଟି ବିଜୟ ଏବଂ ଗୋଟିଏ ଡ୍ର ସହ ୨୮ ପଏଣ୍ଟ ହାସଲ କରି ଚମ୍ପିୟାନ ହେବାର ସୌଭାଗ୍ୟ ଅର୍ଜନ କରିଥିବା ବେଳେ ଜେଏସଡବ୍ଲୁ ଫାଉଣ୍ଡେସନ ବନ୍ଧୁଆବେଡା ୮ଟି ବିଜୟ, ଗୋଟିଏ ପରାଜୟ ଏବଂ ଗୋଟିଏ ଡ୍ର ସହ ୨୫ ପଏଣ୍ଟ ହାସଲ କରି ରନର୍ସ ଅପ ଆଖ୍ୟା ଅର୍ଜନ କରିଛି। ଖେଳ ଶେଷରେ ଏକ ସ୍ୱତନ୍ତ୍ର ଉତ୍ସବରେ ଜିଲ୍ଲା କ୍ରୀଡ଼ା ସଂସ୍ଥା, କେନ୍ଦୁଝରର ସାଧାରଣ ସମ୍ପାଦକ ଡ଼. ଜନାର୍ଦ୍ଦନ ଦାଶ ମୁଖ୍ୟଅତିଥି ରୂପେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଚମ୍ପିଅନ ତାରିଣୀ ଫୁଟବଲ ଏକାଡେମୀ ଟ୍ରଫି ସହ ନଗଦ ପଚାଶ ହଜାର ଟଙ୍କା ପୁରସ୍କାର ପାଇବାର ସୁଯୋଗ ପାଇଥିବା ବେଳେ ରନର୍ସ ଅପ ଜେଏସଡବ୍ଲୁ ଫାଉଣ୍ଡେସନ- ବନ୍ଧୁଆବେଡା ଟ୍ରଫି ସହ ନଗଦ ତିରିଶ ହଜାର ଟଙ୍କା ପୁରସ୍କାର ପାଇବାର ସୌଭାଗ୍ୟ ଅର୍ଜନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ସଂସ୍ଥା କୋଷାଧ୍ୟକ୍ଷ ସରୋଜ କୁମାର ରଣା ଏବଂ ବାଲେଶ୍ୱରରୁ ଫୁଟବଲ ଆସୋସିଏସନର କୋଚ ଏମ ବାପି ପ୍ରମୁଖ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ରେଫରୀ ଭାବେ ପ୍ରଥମ ଥର ପାଇଁ ମହିଳା ରେଫରୀ ଆରତୀ କିଷାନ, ସବିତା ଦାସ, ମାଳତୀ ମାଝୀ ଏବଂ ଗାୟତ୍ରୀ ଦାସ ଖେଳ ପରିଚାଳନା କରିଥିଲେ। ଫୁଟବଲ ଆସୋସିଏସନ ଅଫ ଓଡିଶା ପକ୍ଷରୁ ବୀରେନ୍ଦ୍ର ମହାନ୍ତ ମ୍ୟାଚ କମିଶନର ଭାବେ ନିଯୁକ୍ତି ପାଇଥିବା ବେଳେ କୃଷ୍ଣ ଚନ୍ଦ୍ର ମହାନ୍ତ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

## ‘ଅନ୍ତୋଦୟ ଗୃହ ଯୋଜନା’ର ଶୁଭାରମ୍ଭ ପାଇଁ ପ୍ରସ୍ତୁତି ବୈଠକ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ରାଜ୍ୟରେ ବିଜେପି ସରକାରଙ୍କ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଗରିବ ପରିବାରକୁ ପକ୍କା ଘର ଯୋଗାଇବା ପାଇଁ ସାତ ହଜାର ପାଞ୍ଚ ଶହ ପଚାଶ କୋଟି ଟଙ୍କାର ବ୍ୟୟ ଅନୁଦାନରେ ଚଳିତ ବଜେଟ୍‌ରେ ଏକ ନୂଆ ଯୋଜନା ‘ଅନ୍ତୋଦୟ ଗୃହ ଯୋଜନା’ର ଶୁଭାରମ୍ଭ କରିବାକୁ ଯାଉଛନ୍ତି ମୋହନ ସରକାର। ଏହି ବହୁ ପ୍ରତୀକ୍ଷିତ ଯୋଜନାର ଶୁଭାରମ୍ଭ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନିଜେ କଳାହାଣ୍ଡି ଭଳି ଏକ ଆକାଂକ୍ଷୀ ଜିଲ୍ଲାରେ ଆସନ୍ତା ୩୦ ମାର୍ଚ୍ଚ ରବିବାର ଦିନ ଭବାନୀପାଟଣା ଠାରେ ଶୁଭାରମ୍ଭ କରିବା ପାଇଁ ସ୍ଥିର କରିଥିବାରୁ ଜିଲ୍ଲା ଭାରତୀୟ ଜନତା ପାର୍ଟି ଆନ୍ତରିକ ପକ୍ଷରୁ କୃତଜ୍ଞତା ଓ ଧନ୍ୟବାଦ୍ ଅର୍ପଣ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଏହା ପ୍ରଥମ କଳାହାଣ୍ଡି ଗସ୍ତ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ବିଜେପି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଭବାନୀପାଟଣା ସର୍କିଟ ହାଉସ ଠାରେ ଦଳର ସଭାପତି ଯୁଗଳ କିଶୋର ପୋଦ୍ଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଧର୍ମଗଡ଼ ବିଧାୟକ ସୁଧୀର ପଟ୍ଟଯୋଷି, ପୂର୍ବତନ ସଭାପତି ଦେବେନ୍ଦ୍ର ମହାନ୍ତି, ଭବେନ୍ଦ୍ର ପଣ୍ଡା, ହିମାଂଶୁ ମେହେର, ଆର୍ତ୍ତତ୍ରାଣ ମହାପାତ୍ର, ଜିଲ୍ଲା ଉପସଭାପତ ପ୍ରଶାନ୍ତ କୁମାର ସାହୁ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନମିତା ରାଣୀ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନିରୁଦ୍ଧ ପ୍ରଧାନ, ମନୋଜ ମେହେର, ରମେଶ ମାଝୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ଦେଇଥିଲେ। ଜିଲ୍ଲା ସଂଗଠନର ସମସ୍ତ କର୍ମକର୍ତ୍ତା, ସମସ୍ତ ମୋର୍ଚ୍ଚାର ସଭାପତି ଓ ଛାମୁଆ ସଂଗଠନର କର୍ମକର୍ତ୍ତା ଓ ବରିଷ୍ଠ ସଦସ୍ୟ ସଦସ୍ୟା ମାନେ ସଂଘବଦ୍ଧ ଭାବେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତକୁ ସଫଳ କରିବା ପାଇଁ ଧର୍ମଗଡ ବିଧାୟକ ଶ୍ରୀ ସୁଧୀର ପଟ୍ଟଯୋଷି ସମସ୍ତଙ୍କୁ ଅନୁରୋଧ କରିଥିଲେ। ସମସ୍ତ କର୍ମକର୍ତ୍ତା ଓ ତୃଣମୂଳ ସ୍ତର କର୍ମୀ ଏଥିରେ ସକ୍ରିୟ ସହଯୋଗ ପାଇଁ ସହମତି ପ୍ରକାଶ କରିଥିଲେ।

## ‘ରିୟଲ ଆନାଲିସିସ୍’ ପୁସ୍ତକ ଉନ୍ମୋଚିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ପ୍ରାରମ୍ଭ ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ସଭାପତି କୁଳପତି ଡା. ନିବେଦିତା ନାଥ, ମୁଖ୍ୟ ଅତିଥି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଏବଂ କଳାହାଣ୍ଡି ସହିଦ ରେଣ୍ଡୋ ମାଝୀ ମେଡିକାଲ କଲେଜର ଡିନ୍ ପ୍ର. ବସନ୍ତ କୁମାର ପ୍ରଧାନ, ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ର. ଶୁଭ୍ରାଂଶୁ ଶେଖର ଦାସ, କୁଳସଚିବ ପିତାମ୍ବର ଭୋଇ, ଉପକୁଳସଚିବ ମେଜର ଜୟଦେବ ସାହୁ ଆଦି ଅତିଥି ଭାବେ ଯୋଗ ଦେଇ ଏହି ବିଶ୍ୱବିଦ୍ୟାଳୟର ଗଣିତ ବିଭାଗର ଅଧ୍ୟାପକ ପ୍ରଦୀପ ପ୍ରଧାନଙ୍କ ଦ୍ୱାରା ଲିଖିତ ପୁସ୍ତକ ‘ରିୟଲ୍ ଆନାଲିସିସ୍’କୁ ଉନ୍ମୋଚନ କରିଥିଲେ। ଉକ୍ତ ପୁସ୍ତକଟି ଭାରତର ନୂତନ ଶିକ୍ଷାନୀତି ଅନୁସାରେ ପ୍ରସ୍ତୁତ ହୋଇଛି ଏବଂ ଓଡ଼ିଶାର ସମସ୍ତ ବିଶ୍ୱବିଦ୍ୟାଳୟରେ ଚଳିତ ଦ୍ୱିତୀୟ ସେମିଷ୍ଟର ଗଣିତ ସମ୍ମାନର କୋର -୩ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଛି। ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ ଏବଂ କମ୍ ସମୟ ମଧ୍ୟରେ ନୂତନ ଶିକ୍ଷାନୀତି ଅନୁସାରେ ପୁସ୍ତକ ପ୍ରସ୍ତୁତି ପାଇଁ ଏହି ବିଶ୍ୱବିଦ୍ୟାଳୟ ଗର୍ବିତ ବୋଲି କୁଳପତି ଡ. ନିବେଦିତା ନାଥ ମତ ରଖିଥିବା ବେଳେ ଏଭଳି ସ୍ୱତନ୍ତ୍ର କୃତିତ୍ୱ ପାଇଁ ଜିଲ୍ଲାପାଳ ପୁସ୍ତକର ରଚୟିତା ଅଧ୍ୟାପକ ପ୍ରଦୀପ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।



## କୁନି ଶିଶୁ ରଙ୍ଗ ଖେଳି ଜିତିଲେ ପୁରସ୍କାର



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ଭାରତୀୟ ସଂସ୍କୃତିରେ ରଙ୍ଗର ପର୍ବ ଭାବେ ବହୁ ପରିଚିତ ଦୋଳପର୍ବ ବା ହୋଲି ଉତ୍ସବ ସମଗ୍ର ଦେଶରେ ପାଳିତ ହେଉଥିବା ବେଳେ ଭବାନୀପାଟଣାର ଶ୍ରଦ୍ଧାଳୁ ଦେବଭକ୍ତ ଓ ରଙ୍ଗପିପାସୁ ମାନେ ମଧ ରଂଗ ଖେଳରୁ ବାଦ୍ ପଡିନାହାଁନ୍ତି। ୪୦ ଡିଗ୍ରୀ ଖରା ତାତିର କଷ୍ଟକୁ ଖାତିର ନ କରି ଘରେ ଓ ରାସ୍ତାରେ ପରସ୍ପର ମଧ୍ୟରେ ସ୍ନେହ ଶ୍ରଦ୍ଧା ବାଣ୍ଟି ରଙ୍ଗ ବୋଳାବୋଳି ହେଉଥିବାର ଅଭୂତପୂର୍ବ ଦୃଶ୍ୟ ଦେଖିବାକୁ ମିଳିଛି। ବିଶେଷ କରି ସ୍ଥାନୀୟ ସହରର ପୁରୁଣାପଡା ଥିବା ରାଧାକୃଷ୍ଣ ମନ୍ଦିର ପକ୍ଷରୁ ପାରମ୍ପରିକ ନୀତିରେ ଛଅଦିନ ଧରି ଠାକୁରଙ୍କ ବିଭିନ୍ନ ନିତିକାନ୍ତି ସହ ବିମାନରେ ନଗର ପରକ୍ରମା ଓ ରଙ୍ଗଖେଳ ସମସ୍ତଙ୍କୁ ବେଶ୍ ଆକର୍ଷିତ କରିଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ସହ ଶିଶୁ କଳାକାର ମାନଙ୍କୁ ନେଇ ଭଜନ, ନୃତ୍ୟ ଓ ନାଟକ ‘ରାଧା ମାଜିଷ୍ଟ୍ରେଟ କୃଷ୍ଣ ମୁଦାଲା’ ମଧ ମଞ୍ଚସ୍ଥ କରାଯାଇଥିଲା।

## ■ ଦୀର୍ଘ ୭ବର୍ଷ ବିବାଦର ସମାଧାନ

## ବଡଘୁମେର ପଞ୍ଚାୟତ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଧର୍ମଗଡ ବ୍ଲକ ବଡଘୁମେର ଠାରେ ବହୁ ପ୍ରତିକ୍ଷିତ ନୂତନ ଗ୍ରାମପଞ୍ଚାୟତ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମାନ୍ୟବର ଧର୍ମଗଡ ବିଧାୟକ ସୁଧିର ରଂଜନ ପଟ୍ଟଯୋଷୀ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ବବିତା ପଟ୍ଟଯୋଷୀ, ଧର୍ମଗଡ ବିଡିଓ ସଦାସିବ ନାୟକ, ଜିଲ୍ଲା ପରିଷଦ ସଭ୍ୟ ଯୋନ ନଂ-୨ ଶଙ୍କର ପ୍ରସାଦ ଯୁଏଡ, ସମିତି ସଭ୍ୟା କୌଶଲ୍ୟା ନାଏକ, ଡେପୁଟି କଲେକ୍ଟର ନୂଆପଡା ଗରିବ ଦୀପ, ବିଧାୟକ ପ୍ରତିନିଧି ଶ୍ରୀ ହିମାଂଶୁ ପଣ୍ଡା, ରାଜ୍ୟ ପରିଷଦ ସଭ୍ୟ ତଥା ବରିଷ୍ଠ ବିଜେପି ନେତା ଅପ୍ରେସ ସ୍ୱାଇଁ ମୁଖ୍ୟବକ୍ତା ଭାବରେ ବରିଷ୍ଠ ଓଟିଭି ପ୍ରତିନିଧି ତଥା ଖୁଟୁଲୁଗୁଡା ଗଉନ୍ତିଆ ଇଙ୍ଗିତ କୁମାର ପଣ୍ଡା, ବଡ଼ଘୁମେର ଗୌନ୍ତିଆ ଲକ୍ଷ୍ମୀକାନ୍ତ ଗୋପାଳ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ ସ୍ଥାନୀୟ ସରପଞ୍ଚ ଜନ୍ମେଜୟ ଗୋପାଳ। ଏହି କାର୍ଯ୍ୟକ୍ରମଟିକୁ ସୁଧିର ରଞ୍ଜନ ଗୋପାଳ ପରିଚାଳନା କରିଥିଲେ। ଗତ ୨୦୧୭ ମସିହାରେ ପଞ୍ଚାୟତ ପୁନର୍ଗଠନ ହୋଇଥିଲା। ହେଲେ ସ୍ଥାନ ନିରୂପଣକୁ ନେଇ ସ୍ଥାନୀୟ ପଞ୍ଚାୟତର ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ହୋଇ ମାମଲା ହାଇକୋର୍ଟରେ ପହଞ୍ଚି ଥିଲା। କୋର୍ଟ ଜିଲ୍ଲା ପ୍ରଶାସନ ଉପରେ ଦାୟିତ୍ୱ ଦେଇଥିବା ବେଳେ ସମସ୍ୟା ସମାଧାନ ହେବାକୁ ଅନେକ ବର୍ଷ ବିତି ଯାଇଥିଲା। ବଡଘୁମେର ପଞ୍ଚାୟତ ମାନ୍ୟତା ପାଇବା ପରେ ମଧ ପଞ୍ଚାୟତର ନିଜସ୍ୱ ଗୃହ ନଥିବାରୁ ସ୍ଥାନୀୟ ଲୋକେ ଅନେକ ହଇରାଣ ହେଉଥିଲେ। ଏଥିରେ ବିଧାୟକ ସୁଧିର ପଟ୍ଟଯୋଷୀ ହସ୍ତକ୍ଷେପ କରି ପ୍ରଶାସନ ଏବଂ ସରକାରୀ ସ୍ତରରେ ଚାପ ପ୍ରୟୋଗ କରିବା ପରେ ଜିଲ୍ଲାପାଳ କଳାହାଣ୍ଡି ଏହାକୁ ଗୁରୁତର ସହ ନେଇଥିଲେ। ପରେ ତହସିଲଦାର ଧର୍ମଗଡ ତରଫରୁ ବଡ଼ଘୁମେର ଓ ଖୁଟୁଲୁଗୁଡାର ଯୋଗାଯୋଗ ପାଇଁ ମଧ୍ୟବର୍ତ୍ତୀ ସ୍ଥଳ ମୌଜା-ଖୁଟୁଲୁଗୁଡା ଖାତାନଂ-୩୦୬ ପ୍ଲଟ ନମ୍ବର-୧୭୯୯ ଓ ୧୯୦୯ରୁ ରକବା ୦୧ ଏକର ଜାଗା ନିର୍ମାଣ ପାଇଁ ପ୍ରଦାନ କରାଯାଇଥିଲା ପରେ ଆଜି ଏହାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହି କାର୍ଯ୍ୟକ୍ରମରେ ବଡ଼ଘୁମେର ଓ ଖୁଟୁଲୁଗୁଡାର ଅନେକ ବୁଦ୍ଧିଜୀବୀ ଓ ଜନସାଧାରଣ ଓ ଜନପ୍ରତିନିଧି ଉପସ୍ଥିତ ରହି ଏହି କାର୍ଯ୍ୟପାଇଁ ମାନ୍ୟବର ବିଧାୟକଙ୍କୁ ପ୍ରଶଂସା କରିଥିଲେ । ସମସ୍ତ ଗ୍ରାମ ପଞ୍ଚାୟତବାସୀ ସହଯୋଗ କରିଥିଲେ ।

## ରାଧାକୃଷ୍ଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ



ନର୍ଲା, (ଭାସ୍କର ନ୍ୟୁଜ୍) : ଉଦ୍‌ଯାପିତ ହେଲା ରେଖପୂର୍ ଠାରେ ହେଉଥିବା ରାଧାକୃଷ୍ଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ। ଦୀର୍ଘ ୨୮ ବର୍ଷ ପରେ ନର୍ଲା ବ୍ଲକ୍ ଅନ୍ତର୍ଗତ ରେଖପୂର ବାସୀଙ୍କ ସ୍ୱପ୍ନ ସାକାର୍ ହୋଇଛି। ଏଠାରେ ଯାଦବ ସମ୍ପ୍ରଦାୟର ଲୋକେ ବସବାସ କରୁଥିବା ବେଳେ ରେଖପୁର ମାଟି ଏକ କଳାର ମାଟି, ଏହି ମାଟି ସର୍ବେଶ୍ୱର ଭୋଇଙ୍କ ଭଳି ଏକ ଲୋକପ୍ରିୟ କଳାକାରକୁ ଜନ୍ମ ଦେଇ ନର୍ଲା ଅଞ୍ଚଳକୁ ଗୌରବାନ୍ୱିତ କରିଛି। ପୂର୍ବରୁ ଏହି ଗାଁରେ ରାଧାକୃଷ୍ଣଙ୍କୁ ଅସ୍ଥାୟୀ ମଣ୍ଡପରେ ସ୍ଥାପନ କରି ଦୋଳ ପୂର୍ଣ୍ଣିମା ପାଳନ କରାଯାଉଥିଲା। ଗାଁ ଲୋକଙ୍କ ପ୍ରଚେଷ୍ଟାରୁ ଏଠାରେ ଏକ ଭବ୍ୟ ରାଧାକୃଷ୍ଣ ମନ୍ଦିର ନିର୍ମାଣ କରି ମହା ସମାରୋହରେ ତାର ପ୍ରତିଷ୍ଠା ଉତ୍ସବ ପାଳନ କରାଯାଇଛି। ମନ୍ଦିରକୁ ଅଶୁରଗଡ଼ରେ ବାସ କରୁଥିବା ସୁନାମଧନ୍ୟ ମହାରଣା ଗୌରଚନ୍ଦ୍ର ମହାରଣା ନିର୍ମାଣ କରିଥିବା ବେଳେ ଗଞ୍ଜାମ୍ ଜିଲ୍ଲା ଛତ୍ରପୁରର ପଣ୍ଡିତ ମନୋଜ୍ କୁମାର୍ ଶତପଥୀ ଓ ତାଙ୍କ ସହଯୋଗୀ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନା କରିଥିଲେ। ୯ ଦିନ ଧରି ଆୟୋଜିତ ଉକ୍ତ ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମର ପ୍ରଥମ ଦିନରେ ଶହ ଶହ ମହିଳା ନର୍ଲା ସାନ୍ଦୁଲ୍ ନଦୀରୁ କଳସରେ ପାଣି ଧରି ଶୋଭାଯାତ୍ରାରେ ଯାଇ ନବ ନିର୍ମିତ ମନ୍ଦିରରେ କଳସ ସ୍ଥାପନ କରି ଥିଲେ। ଏହି ପ୍ରତିଷ୍ଠା ଉତ୍ସବରେ ଆଖ ପାଖ ଅଞ୍ଚଳରୁ ହଜାର୍ ହଜାର ଶ୍ରଦ୍ଧାଳୁ ଓ ଦର୍ଶକ ଯୋଗ ଦେଇ ନବ ନିର୍ମିତ ମନ୍ଦିର ଭିତରେ ବିରାଜିତ ରାଧାକୃଷ୍ଣଙ୍କୁ ଦର୍ଶନ କରିବା ସହିତ ମୀନା ବଜାରର ମଜା ଉଠେଇ ଥିଲେ। ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ୨୪ ପ୍ରହର ନାମ ଯଜ୍ଞ ମଧ ଅନୁଷ୍ଠିତ ହୋଇଥିଲା। ଉକ୍ତ ନାମଯଜ୍ଞରେ ଚାରିଗୋଟି ମହିଳା ସଙ୍କୀର୍ତ୍ତନ ଦଳ ସହିତ ୧୨ ଗୋଟି ସଙ୍କୀର୍ତ୍ତନ ଦଳ ଯୋଗ ଦେଇ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲେ। ଉକ୍ତ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ନର୍ଲା ବ୍ଲକ୍ ଅଧକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ମଧ ଯୋଗଦେଇ ଥିଲେ। ନର୍ଲା ଅଞ୍ଚଳର ସମସ୍ତଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାର ସହିତ ସମାପନ ହୋଇଥିଲା।

## କଲ୍ୟାଣ ମଣ୍ଡପ ନିର୍ମାଣରେ ଦୁର୍ନୀତି ଅଭିଯୋଗ



ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : ପୂର୍ବ ବିଜେଡି ସରକାର ଗ୍ରାମ ମାନଙ୍କରେ ସାମୁହିକ ବିକାଶ ତଥା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଉତ୍ସବ, ମାଙ୍ଗଳିକ କାର୍ଯ୍ୟକ୍ରମ ଭଳି ଅନେକ ସୁବିଧାକୁ ଦୃଷ୍ଟିରେ ରଖି କଲ୍ୟାଣ ମଣ୍ଡପ ନିର୍ମାଣ କରିବାକୁ ସରକାରୀ ଅର୍ଥ ବରାଦ କରିଥିଲେ। ୨୦୧୬-୧୭ବର୍ଷରେ ପ୍ରତ୍ୟେକ ପଞ୍ଚାୟତ ମହକୁମାରେ ପ୍ରଥମ ପର୍ଯ୍ୟାୟ କଲ୍ୟାଣ ମଣ୍ଡପ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେତେବେଳେ ବ୍ଲକ ଜରିଆରେ ବିଭିନ୍ନ ଗ୍ରାମ ପଞ୍ଚାୟତ ମାନଙ୍କରେ କଲ୍ୟାଣ ମଣ୍ଡପ ନିର୍ମାଣ କରିବାକୁ କାର୍ଯାଦେଶ ଦିଆଯାଇଥିଲା। ହେଲେ ଏଥିରେ ବି ଅର୍ଥ ବରାଦକୁ ନେଇ ବିଭିନ୍ନ ପଞ୍ଚାୟତ ମଧ୍ୟରେ ପାତରଅନ୍ତର ହୋଇଥିବା ନେଇ ଅସନ୍ତୋଷ ଦେଖା ଦେଇଥିଲା। କେଉଁଠି ଏହାର ଅର୍ଥ ବିନିଯୋଗ ଲାଗି ୧୦ଲକ୍ଷ ଥିବା ବେଳେ କେଉଁଠି ୧୫-୨୫ଲକ୍ଷରେ ନିର୍ମାଣ କରିବାକୁ ନିର୍ଦ୍ଦେଶ ଥିବା କୁହା ଯାଉଥିଲା। ତେବେ ଅନେକ ସ୍ଥାନରେ କଲ୍ୟାଣ ମଣ୍ଡପ ନିର୍ମାଣ କାମ ଆରମ୍ଭ ହୋଇଥିଲା। ଦୀର୍ଘ ୯ବର୍ଷ ବିତି ଯାଇଥିଲେ ହେ ସେହି ନିର୍ମାଣ କାମ ଅଧାରୁ ଅଟକି ରହିଥିବା ଜଣାପଡେ। ସବୁଠି ଆଶ୍ଚର୍ଯ୍ୟ ବିଷୟ ଅନେକ ସ୍ଥାନରେ ନିର୍ମାଣ ହୋଇଥିବା କଲ୍ୟାଣ ମଣ୍ଡପ କେବଳ ଚାରିପଟେ ବିମ୍ ଉଠି ସେମିତି ପଡି ରହିଛି। ହେଲେ ତାହା ବି ଠିକାଦାର ଓ ବିଭାଗୀୟ ଯନ୍ତ୍ରୀ ମିଶି ଅଧିକକାମ ହୋଇଥିବା ବିଲ ଦର୍ଶାଇ ସରକାରୀ ଅର୍ଥ ହଡପ କରିଥିବା ଆଲୋଚନା ହେଉଛି। ବର୍ତ୍ତମାନ ଅଧା ନିର୍ମାଣ କାମ ବି ଏବେ ଅନେକ ସ୍ଥାନରୁ ଭାଙ୍ଗି ପଡିଥିବା- କୋଉଠି ଛଡ଼ କାଟି ନେଇଥିବା ଦେଖା ଦେଇଛି। ପୂର୍ବ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସେତେବେଳେ ଗଣମାଧ୍ୟମକୁ କଲ୍ୟାଣ ମଣ୍ଡପ ନିର୍ମାଣ କାମର ସରକାରୀ ଅର୍ଥ କୋଭିଡ ମୁକାବିଲା ବାବଦରେ ଖର୍ଚ୍ଚ ହୋଇଥିବା ପ୍ରତିକ୍ରିୟା ରଖିଥିଲେ। କୋଭିଡ ବାବଦରେ ସେହି ଅର୍ଥ ଖର୍ଚ୍ଚ ହୋଇ ଆଜକୁ ୯ବର୍ଷ ବିତିଯାଇଥିଲେ ବି ଅର୍ଥ ଆସି ନ ଥିବା ନେଇ ବୁଦ୍ଧିଜୀବୀ ମହଲରେ ଏବେ ସମାଲୋଚନା ଜୋର ଧରିଛି। ସରକାର ଲୋକଙ୍କ ବିକାଶ ମୂଳକ ଗାଁର ଉନ୍ନୟନ ପାଇଁ ଅର୍ଥ ବିନିଯୋଗ କରୁଥିବା ବେଳେ ତାହା ଅର୍ଧ ନିର୍ମାଣରେ ପଡି ରହିବା -ସରକାରୀ ଅର୍ଥ ଖତ ଗଦାରେ ପରିଣତି ସ୍ପଷ୍ଟ ବୁଝାପଡ଼େ। ଏଣେ ଗାଁ ମାନଙ୍କରେ ଅର୍ଧ ନିର୍ମିତ କଲ୍ୟାଣ ମଣ୍ଡପ ଗୁଡିକ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ବିଭିନ୍ନ ଗାଁ କମିଟି ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ପ୍ରକାଶ କରିଛନ୍ତି। ଏନେଇ ଧର୍ମଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକଙ୍କୁ ପଚାରିବାରୁ ଏ ବିଷୟ କିଛି ଜାଣି ନାହାନ୍ତି କେବଳ କୋଭିଡରେ ଟଙ୍କା ଖର୍ଚ୍ଚ ହୋଇଥିବା ଶୁଣିଛି- ତେବେ ଜିଲ୍ଲା ମିଟିଂରେ ଏନେଇ ଜିଲ୍ଲାପାଳଙ୍କୁ କହି ତାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ଗ୍ରାମାଞ୍ଚଳ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ବେହେରା ଚମ୍ପିୟାନ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଟେଣ୍ଡାପାଲି ପଞ୍ଚାୟତ ପଦ୍ମପୁର ଠାରେ ରବିବାର ଦିନ ମାଁ ଭଣ୍ଡାରଘରଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ହୋଇଯାଇଛି। ଉଦିତ ନାରାୟଣ ଠାକୁରଙ୍କ ସଭାପତିତ୍ୱ ଓ ନେତୃତ୍ୱରେ ମୁଖ୍ୟଅତିଥି ଭାବେ ତେଣ୍ଡାପାଲି ସରପଞ୍ଚ ଗୌଲୋଚନ ଗୋପାଳ, ସମ୍ମାନିତ ଅତିଥିଭାବେ ଧର୍ମଗଡ଼ ବ୍ଲକ କେନ୍ଦ୍ରୀୟ ମାନବ ଅଧିକାର ସୁରକ୍ଷା କମିଟି ସଭାପତି ମାଧବ ଠାକୁର, ଶିକ୍ଷକ ବିଘ୍ନେସ୍ୱର ଗୋପାଳ, ଶୁଭେନ୍ଦୁ ପଣ୍ଡା, ବୈକୁଣ୍ଠ କାଣ୍ଡ, କପିଳାସ ଗୋପାଳ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ଖେଳରେ ଅମ୍ପାୟାର ଭାବେ ଜଗନ୍ନାଥ, ସୁଦର୍ଶନ, ଧାରବିବରଣୀରେ ରଜତ ପଟ୍ଟନାୟକ, ଚୌବନ, ତୁଳା ଓ ସ୍କୋରିଂରେ ରିଙ୍କୁ, ହିମାଂଶୁ ଥିବାବେଳେ, ବିଟୁ, ଦୀନବନ୍ଧୁ, ନବୀନ, ସୁଧୀର ସମସ୍ତେ କମିଟିର ସଦସ୍ୟ ମାନେ ସହଯୋଗ କରିଥିଲେ। ବେହେରା ପ୍ରଥମେ ଟସ୍ ଜିତି ବ୍ୟାଟିଂ ନିଷ୍ପତି ନେଇ ୧୨ଓଭରରେ ୮ ୱିକେଟ ବିନିମୟରେ ୨୦୨ରନ ସଂଗ୍ରହ କରିଥିବାବେଳେ ସାନ କେନ୍ଦୁଗୁଡା ଦଳ ୧୨ ଓଭରରେ ୭ୱିକେଟ ହରାଇ ୧୨୨ରନ କରି ପରାଜୟ ହୋଇଥିଲା। ବେହେରା ଟିମକୁ ସରପଞ୍ଚ ଗୌଲୋଚନ ଗୋପାଳ ଚମ୍ପିୟାନ ଟ୍ରଫି ପ୍ରଦାନ କରିଥିଲେ ଏବଂ କେମାସ୍‌ର ସଭାପତି ମାଧବ ଠାକୁର କେନ୍ଦୁଗୁଡା ଟିମକୁ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। ବେହେରା ଟିମର ସଂଜୀବଙ୍କୁ ଶୁଭେନ୍ଦୁ ପଣ୍ଡା ମ୍ୟାନ ଅଫ ଦ ସିରିଜ ଏବଂ କେନ୍ଦୁଗୁଡା ଟିମର ବଳିୟାରଙ୍କୁ କମିଟିର ସଦସ୍ୟ ଦୀନବନ୍ଧୁ ଗୋପାଳ ମ୍ୟାନ ଅଫ ଦ ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ ।



## ନାମ ଯଜ୍ଞ ପାଇଁ ଶୁଭଖମ୍ଭ ସ୍ଥାପନ ଓ ଅଙ୍କୁରରୋପଣ କାର୍ଯ୍ୟକ୍ରମ



ଜୁନାଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜୁନାଗଡ ବ୍ଲକ ଅନ୍ତର୍ଗତ ମହିଭର ଗ୍ରାମରେ ଚବିଶ ପ୍ରହର ନାମଜଜ୍ଞ ପାଇଁ ଶୁଭଖମ୍ଭ ସ୍ଥାପନ ଓ ଅଙ୍କୁର ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଜ୍ଞକର୍ତ୍ତା ଭାବେ ଜିତେନ୍ଦ୍ର ପାତ୍ର ଓ ତାଙ୍କର ସହଧର୍ମିଣି ଇତିଶ୍ରୀ ପାତ୍ରଙ୍କ ବାସଭବନକୁ ଯାଇ, ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଶଙ୍ଖ, ଘଣ୍ଟ ଓ ସଂକିର୍ତ୍ତନ୍ ଦଳ ସହିତ ଯାଇ ବନ୍ଦାପନା କରି ଯଜ୍ଞ ସ୍ଥଳକୁ ପାଛୋଟି ଆଣିଥିଲେ। ପୂଜାର୍ଚ୍ଚନା କରିବାପାଇଁ, ପୂଜକ ସୁନିଲ ପଣ୍ଡା ଯଜ୍ଞର ରିତି ନିତି ହିସାବରେ, ପୂଜାର୍ଚ୍ଚନା କରି ଶୁଭଖମ୍ଭ ଓ ଅଙ୍କୁରରୋପଣ ନିର୍ଘଣ୍ଟ ସମୟରେ କରିଥିଲେ। ଏଥିରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଯୋଗଦେଇ ଥିବାବେଳେ, ପିଲିକିଆ ଜିପିର ସରପଞ୍ଚ ପ୍ରତିନିଧି ନିରଞ୍ଜନ ସୁନାନୀ, ନାଏବ ସରପଞ୍ଚ ରାହାସ ନାଏକ, ଝାଙ୍କର ପବିତ୍ର ଗୁରୁ, ଘେନୁପ୍ରଶାଦ ଗୁରୁ, ବିଶ୍ୱନାଥ ନାଏକ, ସାମ୍ବାଦିକ ବାଲେଶ୍ୱର ସୁନାନୀ, ବସନ୍ତ ଗହିର, ଦେବିପ୍ରସାଦ ନାଏକ, ବିଦ୍ୟାଧର ଗୁରୁ, ରାଜକିଶୋର ଗୁରୁ, ସତ୍ୟନାରାୟଣ ନାଏକ, ଦାମୋଦର ନାଏକ, ହରିଶ୍ଚନ୍ଦ୍ର ନାଏକ, ନୀଳକଣ୍ଠ ଗୁରୁ, ଅଚ୍ୟୁତ ନାଏକ, ସହଜୋଗ କରିଥିଲେ। ସ୍କୁଲ ଛାତ୍ରଛାତ୍ରୀ ମାନେ ନାମ ସଙ୍କୀର୍ତ୍ତନ ଗାନ କରିଥିଲେ। ଦୀର୍ଘ ତିରିଶି ବର୍ଷପରେ ଏହି ପ୍ରହରି ନାମଯଜ୍ଞ ଅନୁଷ୍ଠିତ ହେଉଥିବାରୁ ଲୋକ ମାନଙ୍କ ମଧ୍ୟରେ ବହୁତ ଉତ୍ସାହ ଓ ଉଦ୍ଦିପନା ସହ ଖୁଶି ଦେଖିବାକୁ ମିଳିଥିଲା।

## ରାଶିଫଳ

**ମଙ୍ଗଳବାର, ୧୮ ମାର୍ଚ୍ଚ ୨୦୨୫**



**ମେଷ:** ପରିବାରରେ ସୁଖ ଏବଂ ଧନ ବୃଦ୍ଧି ପାଇବ। ଚାକିରିରେ ପଦୋନ୍ନତିର ସମ୍ଭାବନା। ଯଦି ଆପଣ ଯତ୍ନର ସହିତ ଖାଦ୍ୟ ଗ୍ରହଣ କରନ୍ତି ତେବେ ସ୍ୱାସ୍ଥ୍ୟ ଭଲ ରହିବ । ଶରୀରରେ ଅଧିକ ଶକ୍ତି ଯୋଗୁଁ ସମସ୍ତ ସ୍ଥଗିତ କାର୍ଯ୍ୟ ସମାପ୍ତ କରିବାକୁ ସକ୍ଷମ ହେବେ।



**ବୃଷ:** ବ୍ୟବସାୟରେ ଲାଭ ପାଇବା ସମ୍ଭାବନା ଅଛି । ଆର୍ଥିକ ବିନିଯୋଗ ଲାଭଦାୟକ ହେବ । ଟଙ୍କା ସମ୍ବନ୍ଧୀୟ ସମସ୍ୟା ସମାପ୍ତ ହେବ । ମାନସିକ ଶାନ୍ତି ଅନ୍ୱେଷଣରେ ଆଧ୍ୟାତ୍ମିକତାରେ ଯୋଗଦେବାର ଏକ ସୁଯୋଗ ରହିବ । ଏକ ଦୀର୍ଘ ରୋଗରୁ ମୁକ୍ତି ପାଇବାର ସମ୍ଭାବନା ରହିଛି ।



**ମିଥୁନ:** ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ପ୍ରାପ୍ତ ହେବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚର ମଧ୍ୟ ଅଧିକ ମଧ୍ୟ ହେବ । ସ୍ୱାସ୍ଥ୍ୟ ଖରାପ ହେତୁ, ଆପଣ ଜରୁରୀ କାର୍ଯ୍ୟ କରିବାକୁ ସକ୍ଷମ ହେବେ ନାହିଁ। ଯାହାଫଳରେ ତୁମେ ସତେଜ ଅନୁଭବ କରିପାରିବ। ଆପଣ ଆପଣଙ୍କର ଜୀବନଶୈଳୀକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରନ୍ତୁ।



**କର୍କଟ:** ଅର୍ଥନୈତିକ ଲାଭର ରାଶି ସୃଷ୍ଟି ହେଉଛି । ବ୍ୟବସାୟରେ ନୂତନ ଯୋଜନା ଆରମ୍ଭ ହୋଇପାରେ । ସମୟ ଅନୁସାରେ ଖାଦ୍ୟ ଗ୍ରହଣ ଆପଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ, କିନ୍ତୁ ଆପଣ ବାହାରେ ଖାଦ୍ୟ ଖାଇବା ଠାରୁ ଦୂରେଇ ରହିବା ଉଚିତ୍ ।



**ସିଂହ:** ବ୍ୟବସାୟରେ ଲାଭ ହେବ । ସମାଜରେ ଖ୍ୟାତି ଏବଂ ସମ୍ମାନ ବୃଦ୍ଧି ପାଇବ । ସରକାରୀ କାର୍ଯ୍ୟରେ ସଫଳତା ମିଳିବ, କିନ୍ତୁ ଲୋକଙ୍କ ଆଚରଣ ଆପଣଙ୍କ ପାଇଁ ନିରାଶାଜନକ ହେବ । ଖାଦ୍ୟ ଏବଂ ପାନୀୟର ଯତ୍ନ ନେବାକୁ ପଡ଼ିବ, ନଚେତ୍ ହଜମ ପ୍ରକ୍ରିୟା ଖରାପ ହୋଇପାରେ।



**କନ୍ୟା:** ଆପଣଙ୍କର ବୁଝାମଣା ଦ୍ୱାରା ବ୍ୟବସାୟରେ ଭଲ ଲାଭ ଆଣିବ। ପରିବାର ଏବଂ ସାଙ୍ଗମାନଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିବ । ଚାକିରିରେ ପଦୋନ୍ନତି ହେବାର ସମ୍ଭାବନା ଅଛି। ଯୋଜନା ଅନୁଯାୟୀ କାର୍ଯ୍ୟ କରିବା ସଫଳତା ଦେବ, କିନ୍ତୁ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା ଆବଶ୍ୟକ ।



**ତୁଳା:** ବ୍ୟବସାୟରେ ଆର୍ଥିକ ଲାଭ ହେବ ଏବଂ ସେଠାରେ ଅର୍ଥର ପରିମାଣ ମଧ୍ୟ ରହିବ, କିନ୍ତୁ ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେତୁ ଚିନ୍ତା ମଧ୍ୟ ହେବ । ପରିବାରରେ ଖୁସିର ବାତାବରଣ ରହିବ । ସ୍ୱାସ୍ଥ୍ୟଗତ ଅଭିଯୋଗ ଥାଇପାରେ, ତେଣୁ ଡାକ୍ତରଙ୍କ ସହିତ ପରାମର୍ଶ କରି ନିଶ୍ଚିତ ହୁଅନ୍ତୁ।



**ବିଛା:** କ୍ୟାରିୟର ବିଷୟରେ ଚିନ୍ତିତ ହେବେ। କିନ୍ତୁ ପାରିବାରିକ ଦାୟିତ୍ୱକୁ ଭଲ ଭାବରେ ପୂରଣ କରିବାକୁ ସମର୍ଥ ହେବେ । ମୁଣ୍ଡବିନ୍ଧା ସମସ୍ୟା ବିରକ୍ତିକର ହୋଇପାରେ । କୌଣସି କାରଣ ବିନା ମନ ଅସ୍ଥିର ରହିବ, ଯେଉଁ କାରଣରୁ, କୌଣସି କାମ କରିବାକୁ ଇଚ୍ଛା ହେବ ନାହିଁ ।



**ଧନୁ:** ବ୍ୟବସାୟରେ ଭଲ ଲାଭ ହେବ । କଣ୍ଟିଜେନ୍ସି ସୁବିଧା ମଧ୍ୟ ମିଳିବ, କିନ୍ତୁ ଅନାବଶ୍ୟକ ଏବଂ ଅପଚୟ ଖର୍ଚ୍ଚ ମଧ୍ୟ ଅଧିକ ହେବ, ଯାହା ପରିବାରରେ ଅସନ୍ତୋଷ ସୃଷ୍ଟି କରିପାରେ। କଥାବାର୍ତ୍ତାକୁ ନିୟନ୍ତ୍ରଣ କରିବାକୁ ପଡିବ । ହଠାତ୍ ଏକ ନିର୍ଦ୍ଦିଷ୍ଟ ବନ୍ଧୁଙ୍କ ଖରାପ ଖବର ଶୁଣି ମନ ଦୁଃଖଦାୟକ ହେବ । ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପଡ଼ିବ । ଅତ୍ୟଧିକ ଭାରାକ୍ରାନ୍ତ ହେବା ଆପଣଙ୍କୁ ବ୍ୟସ୍ତ ରଖିବ ।



**ମକର:** ବ୍ୟବସାୟର ଦୃଢ ଆର୍ଥିକ ଲାଭ ଅଛି। ସାମାଜିକ କାର୍ଯ୍ୟରେ ସଫଳତା ମିଳିବ ଏବଂ ସମାଜରେ ପ୍ରତିଷ୍ଠା ଏବଂ ପ୍ରଭାବ ବୃଦ୍ଧି ପାଇବ। ଆପଣ କର୍ମକ୍ଷେତ୍ରରେ ଏକ ନୂତନ ଯୋଜନା ଆରମ୍ଭ କରିପାରିବେ, ଯାହା ସମସ୍ତେ ଆଲୋଚନା କରିବେ । ସ୍ୱାସ୍ଥ୍ୟ ବିଷୟରେ ସତର୍କ ରୁହନ୍ତୁ ଏବଂ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ । ପିଲାମାନଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ।



**କୁମ୍ଭ:** ଧନ ପାଇବା ସମ୍ଭାବନା ରହିବ, କିନ୍ତୁ ଆପଣ ଅନାବଶ୍ୟକ ଖର୍ଚ୍ଚ ବିଷୟରେ ଚିନ୍ତିତ ହେବେ । ଚାକିରିକୁ ପଦୋନ୍ନତି ମିଳିପାରେ । ସେଠାରେ ଅଧିକ କାର୍ଯ୍ୟ ଭାର ରହିବ। ସାଙ୍ଗ ଏବଂ ସହକର୍ମୀଙ୍କଠାରୁ ପୂର୍ଣ୍ଣ ସମର୍ଥନ ମିଳିବ। ପରିବାର ସହିତ ସମୟ ଭଲ ବ୍ୟବହାର ହେବ ।



**ମୀନ:** ବ୍ୟବସାୟରେ ଭଲ ଲାଭ ହେବ । ପାରିବାରିକ ସୁଖ ଏବଂ ଧନ ବୃଦ୍ଧି ପାଇବ । ସମାଜର କାର୍ଯ୍ୟରେ ଉତ୍ସାହର ସହିତ ଅଂଶଗ୍ରହଣ କରିବେ । ଚାକିରିରେ ପଦୋନ୍ନତି ହୋଇପାରେ। ଯେ କୌଣସି କ୍ରନିକ ରୋଗରୁ ମୁକ୍ତି ମିଳିପାରେ। ପରିବାରରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ । ଧାର୍ମିକ ଯାତ୍ରାକୁ ଯାଇପାରନ୍ତି । ସ୍ୱାସ୍ଥ୍ୟ ଭଲ ହେବ। ଖାଦ୍ୟର ଯତ୍ନ ନିଅନ୍ତୁ ଏବଂ କ୍ରୋଧରୁ ଦୂରେଇ ରୁହନ୍ତୁ ।



ଜ୍ୟୋତିଷ ଗୁରୁ

**ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ**
**ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧**
**ମୋ: ୯୪୩୮୩୮୯୦୩୯**